R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୫୪
ତିଥି : ଚତୁର୍ଦ୍ଦଶୀ
୦୮ ମାର୍ଚ୍ଚ ୨୦୨୪, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur | Jeypore




## ମେଣ୍ଟ ଚର୍ଚ୍ଚା ଜୋରଦାର

# ଆସନ ବୁଝାମଣା ନେଇ ଚାଲିଛି କସରତ

ଭୁବନେଶ୍ୱର, ୭।୩ (ସବ୍ୟୁ) : ସାଧାରଣ ନିର୍ବାଚନ ଓ ରାଜ୍ୟ ବିଧାନସଭା ନିର୍ବାଚନ ପୂର୍ବରୁ ଓଡ଼ିଶାରେ ବିଜେଡି ଓ ବିଜେପି ମଧ୍ୟରେ ରାଜନୈତିକ ବୁଝାମଣା ହେବାନେଇ ଏବେ ଚର୍ଚ୍ଚା ଜୋର ଧରିଛି । ତଥ୍ୟଭିଜ୍ଞ ମହଲର କହିବାନୁଯାୟୀ ଉଭୟ ଦଳ ମଧ୍ୟରେ ମେଣ୍ଟ ହେବା ଚୂଡାନ୍ତ । ତେବେ କେଉଁ ଦଳ କେତେ ଆସନରେ ଲଢ଼ିବ ସେନେଇ ଏବେ ବିଚାର ବିମର୍ଶ ଆରମ୍ଭ ହୋଇଛି । ୧୨ ତାରିଖରେ ବିଧିବଦ୍ଧ ଭାବେ ମେଣ୍ଟ ସମ୍ପର୍କରେ ଘୋଷଣା ହୋଇପାରେ । ଇତି ଅବସରରେ ଭିକେ ପାଣ୍ଡିଆନ ଓ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଆଜି ସନ୍ଧ୍ୟାରେ ଦିଲ୍ଲୀ ଯାଇଛନ୍ତି । ବିଜେପିର ଶୀର୍ଷ ନେତୃତ୍ୱ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଓ ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡାଙ୍କ ସହ ଆଲୋଚନା ହେବା ସମ୍ଭାବନା ରହିଛି ।

ଗତକାଲି ଉଭୟ ଦଳର ନେତାମାନଙ୍କର ବୈଠକ ହୋଇଥିଲା । ନବୀନ ନିବାସରେ ବିଜେଡିର ପ୍ରାୟ ୨୦ ନେତାଙ୍କ ବୈଠକ ବସିଥିବାବେଳେ ମେଣ୍ଟ ହେବାନେଇ ଏକ ଅଲିଖିତ ନିଷ୍ପତ୍ତି ହୋଇଥିବା ସୂଚନା ମିଳିଥିଲା । ଗତକାଲି ଠାରୁ ମେଣ୍ଟକୁ ନେଇ ଚର୍ଚ୍ଚା ଜୋର ଧରିଛି । ତେବେ କେଉଁ ଦଳ କେତେ ଆସନରେ ଜିତିବ ତାହା ଉପରେ ସଭିଙ୍କ ନଜର ରହିଛି । ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବିଜେଡି

### ଦିଲ୍ଲୀ ଗଲେ ପାଣ୍ଡିଆନ, ବବି !

### ଲୋକସଭାରେ ୧୩:୮, ବିଧାନସଭାରେ ୧୦୬:୪୧

ନୂଆଦିଲ୍ଲୀରେ ରାଜ୍ୟ ବିଜେପି ନେତୃମଣ୍ଡଳୀ କେନ୍ଦ୍ରୀୟ ନେତୃତ୍ୱ ସହ ବୈଠକ କରିଥିଲେ । ତେବେ ଉଭୟ ବୈଠକରେ ଆଗାମୀ ନିର୍ବାଚନରେ ୧୩ ଓ ବିଜେପି ୮ ଲୋକସଭା ଆସନରେ ଲଢ଼ିପାରେ । ସେହିଭଳି ବିଧାନସଭାରେ ବିଜେଡି ୧୦୬ ଓ ବିଜେପି ୪୧ (୯ ପୃଷ୍ଠାରେ)

### ଦିନକରେ ସମ୍ବଲପୁର, ଦେବଗଡ ଲାଗି ୬୦୨ ପ୍ରକଳ୍ପ ମଞ୍ଜୁର

# ଭିଡ଼ିଓ କନ୍‌ଫରେନ୍ସିଂରେ ଅଭିଯୋଗ ଶୁଣିଲେ ୫-ଟି ଅଧ୍ୟକ୍ଷ

ଭୁବନେଶ୍ୱର, ୭।୩ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସମ୍ବଲପୁର ଏବଂ ଦେବଗଡ ଜିଲ୍ଲାର ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଛନ୍ତି । ଗୋଟିଏ ଦିନରେ ଆପତ୍ତି ଅଭିଯୋଗ ଶୁଣିବା ମାତ୍ରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଏହି ଦୁଇ ଜିଲ୍ଲା ପାଇଁ ୬୦୨ ପ୍ରକଳ୍ପ ଲାଗି ୧୮.୪୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି ।

ସମ୍ବଲପୁର ଜିଲ୍ଲାର ନାକଟିଦେଉଳଠାରେ ମିନି ଷ୍ଟାଡିୟମ୍ ଓ ଜମନକିରାସ୍ଥିତ ସୁବର୍ଣ୍ଣପାଲି ଧନୁଯାତ୍ରା ପଡିଆ ଏବଂ ଦେବଗଡ ଜିଲ୍ଲାର ତେଲେଇବଣି ହାଇସ୍କୁଲ ପଡିଆ ଓ ବାରକୋଟ୍‌ରେ ବାହାଡାକୋଷି ପଡିଆରେ ଆୟୋଜିତ ଜନଶୁଣାଣିରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଶ୍ରୀ ପାଣ୍ଡିଆନ ଯୋଗ ଦେଇଥିଲେ । ଲୋକଙ୍କର ଆପତ୍ତି ଅଭିଯୋଗ ଶୁଣିବା ସହ ମତ ବିନିମୟ କରିଥିଲେ ସେ ।

ଗୋଟିଏ ଦିନରେ ଆପତ୍ତି ଅଭିଯୋଗ ଶୁଣି ସେହିଦିନ ପ୍ରକଳ୍ପ ମଞ୍ଜୁର କରିବା ନୀତିର ଆଜି ଦ୍ୱିତୀୟ ଦିବସ । ଶ୍ରୀ ପାଣ୍ଡିଆନ ସମ୍ବଲପୁର ଜିଲ୍ଲାର ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ । ଏହାପରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ୩୧୦ ପ୍ରକଳ୍ପ ଲାଗି ୧୦.୨୭ କୋଟି ଟଙ୍କା ଏବଂ ଦେବଗଡ ଜିଲ୍ଲାର ୨୯୨ ପ୍ରକଳ୍ପ ଲାଗି ୮.୧୮କୋଟି ଟଙ୍କା ମଞ୍ଜୁର କରିଛନ୍ତି ।

ଗତବର୍ଷ ଜୁଲାଇରେ ସମ୍ବଲପୁର ଓ ଦେବଗଡ ଗସ୍ତ କରିଥିଲେ ଶ୍ରୀ ପାଣ୍ଡିଆନ । ସେହି ସମୟରେ ଲୋକଙ୍କ ଆପତ୍ତି ଅଭିଯୋଗ କ୍ରମେ ଉଭୟ ଜିଲ୍ଲା ପାଇଁ ୬୩୦ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରାଯାଇଥିଲା । ସେହିପରି ସାମାଜିକ ସୁରକ୍ଷା ପେନସନ କ୍ଷେତ୍ରରେ ସମସ୍ତ ବର୍ଗଙ୍କ ପାଇଁ ୫୦୦ ଟଙ୍କା ଲେଖାଏଁ ବୃଦ୍ଧି କରିଛନ୍ତି ମୁଖ୍ୟମନ୍ତ୍ରୀ । (୯ ପୃଷ୍ଠାରେ)

## ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ପାରିଶ୍ରମିକ ୨୫% ବଢ଼ିବ

ଭୁବନେଶ୍ୱର, ୭।୩ (ସବ୍ୟୁ) : ସର୍ଭିସ୍ ପ୍ରୋଭାଇଡର ଏଜେନ୍ସି ଦ୍ୱାରା ବିଭିନ୍ନ ସରକାରୀ ବିଭାଗରେ କାର୍ଯ୍ୟ କରୁଥିବା ଆଉଟ୍‌ସୋର୍ସିଂ କର୍ମଚାରୀମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଅନେକ ପଦକ୍ଷେପ ବିଷୟରେ ଘୋଷଣା କରିଛନ୍ତି । ଏହି କର୍ମଚାରୀ ମାନଙ୍କ ପାରିଶ୍ରମିକରେ ୨୫ ପ୍ରତିଶତ ବୃଦ୍ଧି ଘୋଷଣା ସହିତ ଅଭିଜ୍ଞତା ଭିତ୍ତିରେ ପାରିଶ୍ରମିକ, ଅଭିଯୋଗ ଶୁଣାଣୀ ବ୍ୟବସ୍ଥା ତଥା ଠିକ୍ ସମୟରେ ପ୍ରାପ୍ୟ ପ୍ରଦାନ ଆଦି ବିଷୟ ଅନ୍ତର୍ଭୁକ୍ତ ।

ସୂଚନାଯୋଗ୍ୟ ଯେ ଏହି ଆଉଟ୍‌ସୋର୍ସିଂ କର୍ମଚାରୀମାନେ ସେମାନଙ୍କର ବିଭିନ୍ନ ଅସୁବିଧା ସଂପର୍କରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ଜଣାଇଥିଲେ । ତଦନୁଯାୟୀ ରାଜ୍ୟ ସରକାର ନିମ୍ନୋକ୍ତ ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

ସେମାନଙ୍କ ମାସିକ ପାରିଶ୍ରମିକରେ ୨୫ ପ୍ରତିଶତ ବୃଦ୍ଧି କରାଗଲା । ସେମାନେ ଯେପରି ମାସ ଶେଷକୁ ସେମାନଙ୍କର ପାରିଶ୍ରମିକ ଠିକ୍ ସମୟରେ ପାଇପାରିବେ, ଏହା ସୁନିଶ୍ଚିତ କରିବା ପାଇଁ ବ୍ୟବସ୍ଥା ଗ୍ରହଣ (୯ ପୃଷ୍ଠାରେ)

## ୧୧ରୁ ତାପମାତ୍ରା ୪୦ଡିଗ୍ରୀ ଛୁଇଁପାରେ

ଭୁବନେଶ୍ୱର, ୭।୩ (ସବ୍ୟୁ) : ରାଜ୍ୟରେ ତାତିକୁ ବ୍ରେକ ଦେଲା ବର୍ଷା। ଗୁରୁବାର ଅପରାହ୍ଣରେ ନୟାଗଡ ସମେତ ଖୋର୍ଦ୍ଧା, କଟକ, ବରଗଡ, ଗଞ୍ଜାମ, ବରଗଡ, ସମ୍ବଲପୁର, କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବିଜୁଳି ଘଡ଼ଘଡ଼ି ସହ ହୋଇଛି । ବହୁ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି । ଖୋର୍ଦ୍ଧାରେ ୩୫ ମିମି ବର୍ଷା ହୋଇଥିବା ବେଳେ କେଟକରେ ୧୮ ମିମି, ଭୁବନେଶ୍ୱରରେ ୧୦ ମିମି ଓ ଢେଙ୍କାନାଳରେ ୨ ମିମି ବର୍ଷା ରେକର୍ଡ ହୋଇଛି । ଆସନ୍ତା ୯ ତାରିଖ ଯାଏ ରାଜ୍ୟର କିଛି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

ଅନ୍ୟପକ୍ଷରେ କୃଷି ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି, ଆସନ୍ତାକାଲି (ଶୁକ୍ରବାର) ମହାଶିବରାତ୍ରୀ । ଆଭ୍ୟନ୍ତର ଓଡ଼ିଶାରେ ତାପମାତ୍ରା ବିଶେଷ ବଢିବନି । ତେବେ (୯ ପୃଷ୍ଠାରେ)

## କେନ୍ଦ୍ର କର୍ମଚାରୀଙ୍କ ଡିଏ ବଢ଼ିଲା

ନୂଆଦିଲ୍ଲୀ, ୭।୩ : କେନ୍ଦ୍ର ସରକାରୀ କର୍ମଚାରୀଙ୍କ ଡିଏ ବା ମହଙ୍ଗା ଭତ୍ତା ବୃଦ୍ଧି କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । କେନ୍ଦ୍ର ସରକାର କର୍ମଚାରୀଙ୍କ ଡିଏକୁ ଅତିରିକ୍ତ ୪% ବୃଦ୍ଧି ହୋଇଛି । ୨୦୨୪ ଠାରୁ ପିଛିଲା ଭାବେ ଏହା ଲାଗୁହେବ । ପୂର୍ବରୁ କେନ୍ଦ୍ର କର୍ମଚାରୀମାନେ ମୂଳ ଦରମା ଓ ଅବସର କର୍ମଚାରୀମାନେ ପେନ୍‌ସନର ୪୬% ଡିଏ ଓ ଡିଆର୍ ପାଉଥିଲେ । ଅତିରିକ୍ତ ୪% ବୃଦ୍ଧି ପରେ ଏହା ୫୦%ରେ ପହଞ୍ଚିଛି । ଏଥିଲାଗି ରାଜକୋଷ ଉପରେ ବାର୍ଷିକ ୧୨,୮୬୮.୭୨ କୋଟି ଟଙ୍କାର ବୋଝ ପଡିବ । ୪୯.୧୮ ଲକ୍ଷ କେନ୍ଦ୍ର ସରକାରୀ କର୍ମଚାରୀ ଓ ୬୭.୯୫ ଲକ୍ଷ ପନ୍‌ସନ୍‌ଭୋଗୀ ଉପକୃତ ହେବେ ।

## ଆଶାକର୍ମୀମାନଙ୍କ ପାରିଶ୍ରମିକ ୭ ହଜାରକୁ ବୃଦ୍ଧି

ଭୁବନେଶ୍ୱର, ୭।୩ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ରାଜ୍ୟର ଆଶା କର୍ମୀ ମାନଙ୍କର ମାସିକ ପାରିଶ୍ରମିକରେ ବୃଦ୍ଧି ଘୋଷଣା କରିଛନ୍ତି । ଏହା ସହିତ ଆଶା କର୍ମୀଙ୍କର ସେବା ନିବୃତ୍ତି ପ୍ରୋତ୍ସାହନ ରାଶିରେ ମଧ୍ୟ ବୃଦ୍ଧି କରିଛନ୍ତି । ଏହାଦ୍ୱାରା ରାଜ୍ୟର ୪୯,୫୨୨ ଆଶା କର୍ମୀ ଉପକୃତ ହେବେ । ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ଅତିରିକ୍ତ ୧୪୮.୫୭ କୋଟି ଟଙ୍କା ଖର୍ଚ୍ଚ କରିବେ ।

ସୂଚନାଯୋଗ୍ୟ ଯେ ୫-ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ବିଭିନ୍ନ ଜିଲ୍ଲାଗସ୍ତ ସମୟରେ ଆଶା କର୍ମୀ ତଥା ସେମାନଙ୍କ ସଙ୍ଗଠନ ଗୁଡିକ ତାଙ୍କୁ ଭେଟି ଏହି ପାରିଶ୍ରମିକ ବୃଦ୍ଧି ସମ୍ପର୍କରେ ଅନୁରୋଧ ଓ ପ୍ରସ୍ତାବ ଦେଇଥିଲେ ।

ଏହି ନୂତନ ଘୋଷଣା ଅନୁଯାୟୀ, ଆଶା କର୍ମୀ ମାନଙ୍କ ମାସିକ ପାରିଶ୍ରମିକ ୪,୫୦୦ ଟଙ୍କାରୁ ୭,୦୦୦ ଟଙ୍କାକୁ (୯ ପୃଷ୍ଠାରେ)





# ମହାଶିବରାତ୍ରି





**ଫାଲଗୁନ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀରେ ଦେବ ଦେବ ମହାଦେବଙ୍କ ଉଦ୍ଦେଶ୍ୟରେ ପାଳିତ ହୋଇଥାଏ ମହାଶିବରାତ୍ରି । ହିନ୍ଦୁମାନଙ୍କର ଏହା ଏକ ବିଶେଷ ପର୍ବ ହୋଇଥିବାରୁ ଭାରତର କୋଣ ଅନୁକୋଣରେ ଭକ୍ତି ସହକାରେ ଶିବଭକ୍ତମାନେ ଉଜାଗର ରହି ଏହି ଦିବସକୁ ପାଳିଥାଆନ୍ତି ।**

ଋଷି ସନତ କୁମାରଙ୍କ ମତରେ ମହାଦେବଙ୍କୁ ପ୍ରସନ୍ନ କରିବା ପାଇଁ ଦଶଟି ବ୍ରତ ମଧ୍ୟରୁ ଶିବରାତ୍ରି ସର୍ବଶ୍ରେଷ୍ଠ ଓ ସର୍ବକର୍ମପ୍ରଦ ରୂପେ ପରିଚିତ । ସେହିପରି ଜାବାଳି ଶ୍ରୁତି ଅନୁସାରେ ଦଶ ଶୈବବ୍ରତ ମଧ୍ୟରେ ଶିବରାତ୍ରି ବ୍ରତ ଅତ୍ୟନ୍ତ ସିଦ୍ଧିଦାୟକ । ଭାରତରେ ବିଭିନ୍ନ ସ୍ଥାନରେ ଥିବା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ କ୍ଷେତ୍ରରେ ଏହି ପର୍ବ ବେଶ୍ ଭକ୍ତି ଓ ଉଲ୍ଲାସ ସହକାରେ ପାଳିତ ହୋଇଥାଏ । ଭାରତ ସମେତ ମରିସସ୍, ପାକିସ୍ତାନ, ନେପାଳ ଭଳି ଅନ୍ୟ ଦେଶରେ ମଧ୍ୟ ଏହି ଦିବସକୁ ଭଗବାନ ଶିବଙ୍କ ଉଦ୍ଦେଶ୍ୟରେ ସମର୍ପଣ କରାଯାଇଥାଏ । କୋଣ ଅନୁକୋଣରେ ଥିବା ବିଭିନ୍ନ ଶୈବପୀଠଗୁଡ଼ିକ ଏହି ଦିନ ଉତ୍ସବମୁଖର ହୋଇଉଠେ, ଯେଉଁଠି ଅଗଣିତ ଦର୍ଶକଙ୍କର ଭିଡ଼ ଜମିଥାଏ । ଭୁବନେଶ୍ୱରସ୍ଥିତ ଶ୍ରୀଲିଙ୍ଗରାଜ ମନ୍ଦିର, କଟକ ଆଠଗଡ଼ସ୍ଥିତ ଧବଳେଶ୍ୱର ମନ୍ଦିର, କପିଳାସ ଶିବମନ୍ଦିର, ପୁରୀସ୍ଥିତ ଲୋକନାଥ ମନ୍ଦିର ଇତ୍ୟାଦି ଶୈବପୀଠଗୁଡ଼ିକରେ ମହାଶିବରାତ୍ରି ଖୁବ୍ ଧୁମ୍‌ଧାମରେ ପାଳିତ ହୋଇଥାଏ । ଏହି ଅବସରରେ ଶିବରାତ୍ରି ପୂର୍ବ ଏକାଦଶୀରେ ଲୋକନାଥଙ୍କ ନିକଟରେ ବିଧିବିଧାନ ପୂର୍ବକ ପଙ୍କୋଦ୍ଧାର ନୀତି ସମ୍ପନ୍ନ ହୋଇଥାଏ । ସ୍କନ୍ଦ ପୁରାଣ, ଲିଙ୍ଗ ପୁରାଣ ଓ ପଦ୍ମ ପୁରାଣ ଭଳି ବିଭିନ୍ନ ପୁରାଣରେ ମହାଶିବରାତ୍ରି ବିଷୟରେ ବର୍ଣ୍ଣିତ ରହିଛି । ଏହି ଦିନ ମହାଦେବଙ୍କ ଦ୍ୱାରା ସଂସାର ପ୍ରକଟ ହୋଇଥିଲା ବୋଲି ଲୋକବିଶ୍ୱାସ ରହିଛି । ସେହିପରି ପୁରାଣର ଭିନ୍ନ ଆଖ୍ୟାନ ଅନୁସାରେ ଦେବ ଓ ଅସୁରମାନଙ୍କ ଦ୍ୱାରା ସମୁଦ୍ର ମନ୍ଥନ ସମୟରେ ସେଥିରୁ ବାହାରିଥିବା ସମସ୍ତ ବିଷକୁ ପାନ କରିବା ପରେ ବିଷର ଜ୍ୱାଳାରେ ଭଗବାନ ମୂର୍ଚ୍ଛା ହୋଇଯାଇଥିଲେ । ତାଙ୍କର ସଂଜ୍ଞା ନଫେରିବା ପର୍ଯ୍ୟନ୍ତ ଦେବଗଣ ଅଖଣ୍ଡ ପ୍ରଦୀପ ଜାଳି ଉଜାଗରରେ ବସିଥିଲେ । ସେହି ଦିନକୁ ସ୍ମରଣ କରି ଶ୍ରଦ୍ଧାଳୁମାନେ ମହାଶିବରାତ୍ରି ପାଳନ କରିଥାଆନ୍ତି । ଏହି ଦିନ ରାତ୍ରପ୍ରହରରେ ଶିବଙ୍କ ଉପାସନା କରାଯାଇଥାଏ । ବ୍ରତଚାରୀମାନେ ଏହି ଦିନ ଉପବାସ କରନ୍ତି ଓ ସନ୍ଧ୍ୟାରେ ଶିବ ମନ୍ଦିର ଯାଇ ଅଖଣ୍ଡ ଦୀପ ଜାଳି ଉଜାଗର ରୁହନ୍ତି । ତେଣୁ ମହାଶିବରାତ୍ରି ଜାଗର ନାଁରେ ମଧ୍ୟ ସର୍ବତ୍ର ପରିଚିତ । ସାରା ସଂସାରରୁ ଅଜ୍ଞାନରୂପକ



ଅନ୍ଧକାର ଦୂର କରି ଆଲୋକ ପ୍ରଦାନ କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ଶୈବପୀଠର ଅଗ୍ରଭାଗରେ ମହାଦୀପ ଉଠାଯାଏ । ତେବେ ମହାଦୀପ ଉଠାଯିବା ପରେ ହିଁ ବ୍ରତଚାରୀମାନେ ସେମାନଙ୍କର ଉପବାସ ଭାଙ୍ଗନ୍ତି ।

## ପଲିଷ୍ଟିକ୍ ଓଭାରୀ ସିଣ୍ଡ୍ରୋମ

**ମହିଳାମାନଙ୍କର ଅନେକ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟରେ ପଲିଷ୍ଟିକ୍ ଓଭାରୀ ସିଣ୍ଡ୍ରୋମ ବା ପିସିଓଏସ୍ ଖୁବ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଏହା ପ୍ରାୟ ମହିଳାଙ୍କ ନିକଟରେ ଦେଖିବାକୁ ମିଳିଥାଏ । ତେବେ ଆମେ ଘରେ ବ୍ୟବହାର କରୁଥିବା କିଛି ସାମଗ୍ରୀକୁ ପିସିଓଏସ୍‌ର ଉପଚାର ଭାବେ ବ୍ୟବହାର କରିପାରିବା । ଆସନ୍ତୁ ଜାଣିବା ସେହିଭଳି କିଛି ସାମଗ୍ରୀ ସମ୍ବନ୍ଧରେ..**

**ମେଥି–** ମେଥି ଆମ ଶରୀର ପାଇଁ ଖୁବ ଉପକାରୀ ହୋଇଥାଏ । ଏହା ଆମର ଋତୁସ୍ରାବକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ । ଏହାସହିତ ମେଥି ଖାଇବା ପିସିଓସି ପାଇଁ ଖୁବ ଉପକାରୀ ସାବସ୍ତ୍ୟ ହୋଇଥାଏ ।

**ଡାଲ୍‌ଚିନି–** ଡାଲଚିନି ଯେ କେବଳ ତରକାରୀର ସ୍ୱାଦ ବଢାଇଥାଏ ଏପରି ନୁହେଁ, ଏହା ଆମର ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଖୁବ ଉପକାରୀ । ଏହା ଋତୁସ୍ରାବ ଅନିୟମିତ ହେଉଥିଲେ ଏହାକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ । ଆମ ଶରୀରରେ ଇନ୍ସୁଲିନ୍ ରେଜିଷ୍ଟାନ୍ସ ବଢାଇଥାଏ ।

**ପିପ୍ପଳି–** ପିପ୍ପଳି ମହିଳାମାନଙ୍କ ପାଇଁ ଖୁବ ଉପକାରୀ । ଏହା ଏକ ଆଣ୍ଟି ଅକ୍ସିଡାଣ୍ଟ ଭଳି କାର୍ଯ୍ୟ କରିଥାଏ । ଏହା ଏକ ସୁସ୍ଥ ସେଲ୍‌ର ଅକ୍ସିଡେସନ୍‌କୁ ରୋକିଥାଏ । ଏହା ଆମର ଇନ୍‌ସୁଲିନ୍ ଲେବଲ ସହିତ ହର୍ମୋନ ଲେବଲକୁ ମଧ୍ୟ ନିୟନ୍ତ୍ରଣରେ ରଖିଥାଏ । ସେହିଭଳି ଏହା ମହିଳାଙ୍କର ଓଜନ ନିୟନ୍ତ୍ରଣରେ ମଧ୍ୟ ସହାୟକ ହୋଇଥାଏ ।

## ଅନ୍ତର୍ଜାତୀୟ ମହିଳା ଦିବସ




ମହିଳା ଯେ କେବଳ ଜଣେ ମହିଳା ତାହା ନୁହେଁ, ସେ ହେଉଛି ଜଣେ ଝିଅ, ପତ୍ନୀ, ମା' ଓ ଭଗିନୀ । ଏଭଳି ଭାବେ ଜଣେ ମହିଳାର ଅନେକ ପରିଚୟ ରହିଛି । ଯେଉଁଥିପାଇଁ ଏ ସମସ୍ତ ପରିଚୟରେ ସେ ସମସ୍ତ କର୍ତ୍ତବ୍ୟକୁ ନିଷ୍ଠାର ସହିତ ସମ୍ପାଦନ କରିଥାଏ । ହେଲେ ଅନେକ ବର୍ଷ ହେବ ମହିଳାକୁ ଅବଳା ଓ ଦୁର୍ବଳା ଭାବି ତା'ରି ଉପରେ ଅକଥନୀୟ ଅନ୍ୟାୟ ଓ ଅତ୍ୟାଚାର କରାଯାଉଛି । ଏହି ଅନ୍ୟାୟ ଓ ଅତ୍ୟାଚାରକୁ ଲୋପ କରିବା ଲାଗି ପ୍ରତିବର୍ଷ ମାର୍ଚ୍ଚ ମାସ ୮ ତାରିଖରେ ପାଳିତ ହୋଇଥାଏ ଅନ୍ତର୍ଜାତୀୟ ମହିଳା ଦିବସ । ଆମେରିକାରେ ସୋସିଆଲିଷ୍ଟ ପାର୍ଟିର ଆହ୍ୱାନକ୍ରମେ ଏବଂ ଆକ୍ଟିଭିଷ୍ଟ ଥେରେସା ମାଲକେଲ୍‌ଙ୍କ ପରାମର୍ଶକ୍ରମେ ପ୍ରଥମଥର ପାଇଁ ୧୯୦୯ ମସିହା ଫେବୃଆରୀ ୨୮ରେ ଜାତୀୟ ମହିଳା ଦିବସ ପାଳିତ ହୋଇଥିଲା । ଏହାର ବର୍ଷକ ପରେ ଅର୍ଥାତ୍ ୧୯୧୦ରେ ସୋସିଆଲିଷ୍ଟ ଇଣ୍ଟରନାସ୍‌ନାଲ କୋପେନହେଗନ ସମ୍ମିଳନରେ ଏହାକୁ ଅନ୍ତର୍ଜାତୀୟ ସ୍ତରର ମାନ୍ୟତା ଦିଆଗଲା । ହେଲେ ପ୍ରାରମ୍ଭିକ ସ୍ତରରେ ଏହି ଦିବସକୁ ପାଳନ କରିବା ଲାଗି କୌଣସି ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟ କରାଯାଇନଥିଲା । ତେଣୁ ଫେବୃଆରୀ ଶେଷ କିମ୍ବା ମାର୍ଚ୍ଚ ପ୍ରାରମ୍ଭରୁ ଏହି ଦିବସ ପାଳନ କରାଯାଉଥିଲା । ଆମେରିକାରେ ଫେବୃଆରୀ ମାସ ଶେଷ ରବିବାର ଜାତୀୟ ମହିଳା ଦିବସ ପାଳନ କରାଯାଇଥିବାବେଳେ ଋଷିଆରେ ୧୯୧୩ ମସିହାରେ ପ୍ରଥମ ଥର ପାଇଁ ଅନ୍ତର୍ଜାତୀୟ ସ୍ତରରେ ଫେବୃଆରୀ ଶେଷ ଶନିବାର ଏହି ଦିବସ ପାଳନ କରାଯାଇଥିଲା । ଜୁଲିଆନ୍ କ୍ୟାଲେଣ୍ଡରକୁ ଅନୁକରଣ କରି ଋଷିଆ ଏହି ଦିନ ମହିଳା ଦିବସ ପାଳିଥିବାବେଳେ ଗ୍ରେଗୋରିଆନ୍ କ୍ୟାଲେଣ୍ଡର ଅନୁସାରେ ମାର୍ଚ୍ଚ ୮ରେ ଏହି ଦିନ ପଡ଼ିଥିଲା । ଏହାକୁ ସମର୍ଥନ ଜଣାଇ ୧୯୧୪ ମସିହା ମାର୍ଚ୍ଚ ୮ରେ ଜର୍ମାନୀ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କଲା । ସେହି ସମୟରେ ଦେଶରେ ମହିଳାମାନଙ୍କୁ ମତଦାନ ପାଇଁ ଅଧିକାର ଦିଆଯାଇନଥିଲା । ତେଣୁ ମହିଳାଙ୍କୁ ମତାଧିକାର ଦେବା ଉଦ୍ଦେଶ୍ୟରେ ଜର୍ମାନୀରେ ଅନ୍ତର୍ଜାତୀୟ ସ୍ତରରେ ଏହି ଦିବସ ପାଳନ କରାଗଲା । ଏହା ପରଠାରୁ ହିଁ ଅଧିକାଂଶ ଦେଶରେ ମାର୍ଚ୍ଚ ୮ ତାରିଖକୁ ଅନ୍ତର୍ଜାତୀୟ ସ୍ତରରେ ମହିଳା ଦିବସ ରୂପେ ପାଳନ କରାଯାଇଥାଏ ।

## ପ୍ରେରଣା

**ଆଜିକାଲି ମହିଳାମାନେ ସବୁକ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଇବାରେ ଲାଗିଛନ୍ତି । ତେବେ ଏଭଳି କିଛି ମହିଳା ଅଛନ୍ତି ଯେଉଁମାନେ ବିଭିନ୍ନ କ୍ଷେତ୍ରରେ ପ୍ରେରଣା ପାଲଟିଛନ୍ତି । ଅନେକ ମହିଳା ଏମାନଙ୍କ କାହାଣୀ ଶୁଣି ଜୀବନରେ କିଛି କରିବାର ପ୍ରେରଣା ପାଇଥାଆନ୍ତି । ଆସନ୍ତୁ ଜାଣିବା ସେହିଭଳି କିଛି ପ୍ରେରଣାଙ୍କ ବିଷୟରେ ।**



**ସୁମନ କୁମାରୀ:** ହିମାଚଳର ସୁମନ କୁମାରୀ ହେଉଛନ୍ତି ଭାରତର ପ୍ରଥମ ମହିଳା ଯିଏ ବିଏସ୍‌ଏଫ୍‌ରେ ସ୍ନିପର ଭାବେ କାମ କରୁଛନ୍ତି । ଏହା ଦ୍ୱାରା ସେ ଅନେକ ମହିଳାଙ୍କ ପାଇଁ ପ୍ରେରଣା ସାଜିଛନ୍ତି । ପୁରୁଷ କୈନ୍ଦ୍ରିକ ଏହି ବୃତ୍ତିରେ ସେ ନିଜର ସାହସିକତା ଦେଖାଇଛନ୍ତି । ସେ ଏହି ବୃତ୍ତିରେ ଯୋଗଦେବା ସହିତ ପ୍ରଥମ ମହିଳାଭାବେ ଆଠ ସପ୍ତାହର ଟ୍ରେନିଂ ମଧ୍ୟ ସମ୍ପୂର୍ଣ୍ଣ କରିଛନ୍ତି । ଏହି ଟ୍ରେନିଂ ବିଏସ୍‌ଏଫ୍‌ର ସବୁଠାରୁ କଷ୍ଟ ଟ୍ରେନିଂ ଅଟେ, ଯାହାକୁ ସାରି ସୁମନ କୁମାରୀ ବିଏସ୍‌ଏଫ୍‌ର ପ୍ରଥମ ମହିଳା ସ୍ନିନର ସାଜିଛନ୍ତି ।



**ନବଜୋତ୍ କୌର:** ନବଜୌତ୍ ପ୍ରଥମ ପଞ୍ଜାବୀ ଝିଅ ଯିଏ ନ୍ୟୁଜିଲାଣ୍ଡକୁ ମିସ୍ ୱାର୍ଲ୍ଡ ପ୍ରତିଯୋଗିତାରେ ରିପ୍ରେଜେଣ୍ଟ କରିବେ । ତାଙ୍କ ବାପା ମା' ପଞ୍ଜାବ ତେଣୁ ସେ ପ୍ରଥମ ପଞ୍ଜାବୀ ଝିଅ ଭାବେ ଏହି ଗୌରବ ଅର୍ଜନ କରିଛନ୍ତି । ସେ ନ୍ୟୁଜିଲାଣ୍ଡରେ ଜନ୍ମ ହୋଇଥିବାବେଳେ ସେଠାରେ ବଢିଛନ୍ତି ମଧ୍ୟ । ପାଠପଢା ସରିବା ପରେ ସେ ଜଣେ ପୋଲିସ ଅଫିସର ଭାବେ କାମ କରିଥିଲେ । ପରେ ସେ ଜଣେ ପର୍ସନାଲ ଟ୍ରେନର ଭାବେ କାର୍ଯ୍ୟ କରିଥିଲେ । ଏହାପରେ ତାଙ୍କର ମଡେଲିଂ ପ୍ରତି ଦୁର୍ବଳତା ବଢିଥିଲା, ଏବଂ ସେ ଏଥିରେ କ୍ୟାରିୟର କରିବା ଆରମ୍ଭ କରିଥିଲେ । ବିଦେଶ ମାଟିରେ ନିଜର ଦକ୍ଷତା ବଳରେ ସେ ଆଜି ମିସ୍ ୱାର୍ଲ୍ଡ ପ୍ରତିଯୋଗିତାରେ ପହଞ୍ଚି ପାରିଛନ୍ତି । ଭାରତୀୟ ହୋଇ ମଧ୍ୟ ସେ ଗୋଟିଏ ଅନ୍ୟ ଦେଶକୁ ରିପ୍ରେଜେଣ୍ଟ୍ ମଧ୍ୟ କରୁଛନ୍ତି, ଯାହା ଅନେକ ମହିଳାଙ୍କ ପାଇଁ ପ୍ରେରଣା ପାଲଟିଛି ।



**ନିରୁ ସାଲୁଜା:** ନିଜର ପରିଣତ ବୟସରେ ସମସ୍ତେ ଚାହାଁନ୍ତି ଆରାମ କରିବାକୁ । ତେବେ ଏଭଳି କମ ଲୋକ ଦେଖିବାକୁ ମିଳନ୍ତି ଯେଉଁମାନେ ବୟସର ବାଧାକୁ ନମାନି ଜୀବନରେ କିଛି ଅଲଗା କରନ୍ତି । ସେହିଭଳି ଜଣେ ମହିଳା ହେଲେ ଜୟପୁରର ଅବସରପ୍ରାପ୍ତ ଅଧ୍ୟାପକ ନିରୁ ସଲୁଜା, ଯିଏ ୭୦ ବର୍ଷ ବୟସରେ ୮୦ଟି ଦେଶ ବୁଲିଛନ୍ତି । ତାହା ପୁଣି କାହା ସହିତ ନୁହେଁ, ନିଜେ ଏକାକୀ । ସେ ନିଜର ଯୁବାଅବସ୍ଥାର ବକେଟ୍‌ଲିଷ୍ଟକୁ ବର୍ତ୍ତମାନ ପୂରଣ କରୁଥିବା ପ୍ରକାଶ କରିଛନ୍ତି । ତେବେ ତାଙ୍କର ଏଭଳି ସାହସକୁ ସୋସିଆଲ ମିଡିଆରେ ସମସ୍ତେ ପ୍ରଶଂସା କରିବାରେ ଲାଗିଛନ୍ତି । ଅନେକଙ୍କ ପାଇଁ ସେ ପ୍ରେରଣା ସାଜିଛନ୍ତି ।

## ନିଜକୁ ଗ୍ରହଣ କରନ୍ତୁ



ସବୁବେଳେ ନିଜକୁ ଗ୍ରହଣ କରିବାର ଆବଶ୍ୟକତା ରହିଥାଏ । ନିଜେ ଯାହା କରୁଛନ୍ତି ଏବଂ କରିବାକୁ ଯାଉଛନ୍ତି ତାହାକୁ ସବୁବେଳେ ଗ୍ରହଣ କରି ଆଗକୁ ବଢିଲେ ସଫଳତା ମିଳିବ ବୋଲି ଆଲିଆ ଭଟ୍ଟ ମତ ଦେଇଛନ୍ତି । ଏକ ସାକ୍ଷାତକାରରେ ସେ ଦେଇଥିବା ଏହି ମତ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ଜଣେ କଳାକାର ଯେ ସବୁ ଚରିତ୍ରରେ ଫିଟ୍ ହେବ ଏଭଳି ନୁହେଁ ବୋଲି ଆଲିଆ ମତ ଦେଇଛନ୍ତି । ସେ ମଧ୍ୟ କିଛି ଚରିତ୍ର ପାଇଁ ଫିଟ୍ ନୁହେଁ, ଯାହାକୁ ସେ ସବୁବେଳେ ଗ୍ରହଣ କରିଥାଆନ୍ତି ବୋଲି ଆଲିଆ କହିଛନ୍ତି । ସେ ଏହାସହ କହିଛନ୍ତି ପ୍ରଥମେ ନିଜକୁ ଗ୍ରହଣ କରିବାର ଅଛି । ନିଜର ପାରଦର୍ଶିତା କଣ ତାହା ଜାଣି ସେହି ହିସାବରେ କାର୍ଯ୍ୟ କରିଲେ ଆମେ ଜୀବନରେ ନିଶ୍ଚିତ ସଫଳତା ପାଇବା ବୋଲି ଆଲିଆ ନିଜ ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ତେଣୁ ସେ ସବୁବେଳେ ଯେ ଅଭିନୟରେ ହିଁ ନିଜ ଭାଗ୍ୟ ପରୀକ୍ଷା କରିବେ ଏପରି ନୁହେଁ । ବର୍ତ୍ତମାନ ସେ ପ୍ରଯୋଜନାରେ ନିଜ ଭାଗ୍ୟ ପରୀକ୍ଷା କରୁଥିବା ପ୍ରକାଶ କରିଛନ୍ତି । ସୂଚନା ଅନୁସାରେ ଆମାଜନରେ ପ୍ରସାରିତ ସିରିଜ୍ 'ପୋଚର'ର ପ୍ରଯୋଜକ ଭାବେ ଆଲିଆ ଦାୟିତ୍ୱ ତୁଲାଇଛନ୍ତି ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୫୪
ତିଥି : ଚତୁର୍ଦ୍ଦଶୀ
୦୮ ମାର୍ଚ୍ଚ ୨୦୨୪, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 154
08 March 2024, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

## ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ ଅନୁଷ୍ଠିତ

କଟକ (ସବ୍ୟୁ): ତୃଣମୂଳ ସ୍ତରରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆଶା କର୍ମୀ, ଅଙ୍ଗନବାଡି କର୍ମୀ ଓ ଗାଁ କଲ୍ୟାଣ ସମିତିଗୁଡିକର ମହତ୍ୱପୂର୍ଣ୍ଣ ଭୂମିକା ରହିଛି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସେମାନଙ୍କୁ ମୂଳଦୁଆ ଭାବରେ ବିବେଚନା କରାଯାଏ। କଟକ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସାରଳା ଭବନଠାରେ ଆଜି ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ ୨୦୨୩-୨୪ ଅବସରରେ ଏହି ମତ ପ୍ରକାଶ ପାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ମକରନ୍ଦ ବେଉରା ପ୍ରଦୀପ ପ୍ରଜ୍ୱଳନ କରି ସମ୍ମିଳନୀର ଉଦଘାଟନ କରିବା ସହ ଗ୍ରାମାଂଚଳର ଆଶା କର୍ମୀ ଓ ଅଙ୍ଗନବାଡି ଦିଦିଙ୍କୁ ସଠିକ୍ ସହଯୋଗ, ସହାନୁଭୂତି ଓ ଉଚିତ୍ ପାରିଶ୍ରମିକ ମିଳିପାରିଲେ ସେମାନେ ଉତ୍ସାହିତ ହୋଇ ସମସ୍ତ କାର୍ଯ୍ୟକୁ ସହଜରେ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଶ୍ରୀ ଦୀପକ କୁମାର ସାହୁ ଅତିଥିମାନଙ୍କ ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଶା କର୍ମୀ ଓ ଅଙ୍ଗନବାଡି ଦିଦିମାନେ ଉଲ୍ଲେଖନୀୟ ପ୍ରଦର୍ଶନ କରୁଥିବାରୁ ସେମାନଙ୍କ କାର୍ଯ୍ୟ ପ୍ରଶଂସନୀୟ ବୋଲି ଶ୍ରୀ ସାହୁ କହିଥିଲେ । ଏହି ଅବସରରେ ୫ଜଣ ଆଶା କର୍ମୀ, ୧୪ଟି ଗାଁ କଲ୍ୟାଣ ସମିତିକୁ ସୁସ୍ଥ ଗାଁ ପୁରସ୍କାର, ୧୩ଟି ଏନକିଏଏସ୍ ଏବଂ ୧୧୫ଟି କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଇଥିଲା।

### ଆଜି ମହାଶିବରାତ୍ରି, ଚଳଚଞ୍ଚଳ ଶୈବ ପୀଠ

## ରାତି ୧୦ରେ ଉଠିବ ଶ୍ରୀଲିଙ୍ଗରାଜଙ୍କ ମହାଦୀପ



ଭୁବନେଶ୍ୱର(ସବ୍ୟୁ): ରାତି ପାହିଲେ ମହାଶିବରାତ୍ରି । ଚଳଚଞ୍ଚଳ ହୋଇଛି ଶୈବ ପୀଠ । ଭୁବନେଶ୍ୱର ଶ୍ରୀ ଲିଙ୍ଗରାଜ, କଟକ ବାବା ଧବଳେଶ୍ୱର, ପୁରୀ ବାବା ଲୋକନାଥ, କପିଳାସର ବାବା ଚନ୍ଦ୍ରଶେଖର, ଭଦ୍ରକର ବାବା ଆଖଣ୍ଡଳମଣୀ ମନ୍ଦିର ଏବେ ଉତ୍ସବ ମୁଖର । ନୀତି ନିର୍ଘଣ୍ଟ ନିର୍ଦ୍ଧାରି ହୋଇଛି । ଭକ୍ତ ବି ଉଜାଗର ରହି ମହାଦେବଙ୍କୁ ମନାସିବା ପାଇଁ ପ୍ରସ୍ତୁତ । ଏକାମ୍ର କ୍ଷେତ୍ରରେ ଜାଗର ପାଇଁ ସଜେଇ ହୋଇଛି ଶ୍ରୀଲିଙ୍ଗରାଜଙ୍କ ମନ୍ଦିର । ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦେଇଛି ମନ୍ଦିର ପ୍ରଶାସନ । ଶୁକ୍ରବାର ଭୋର ୩ଟାରୁ ନୀତିକାନ୍ତି ଆରମ୍ଭ ହେବ । ରାତି ୧୦ରୁ ୧୧ଟା ଭିତରେ ମହାଦୀପ ଉଠିବା ନେଇ ନୀତି ନିର୍ଘଣ୍ଟ ହୋଇଛି । ଶ୍ରୀଲିଙ୍ଗରାଜ ଓ କପିଳେଶ୍ୱରଙ୍କ ଶୃଙ୍ଖଳିତ ଜାଗରଯାତ୍ରା ଲାଗି ବିଏମସି ମାର୍ଗଦର୍ଶିକା ଜାରି କରିଛ । ଅତିରିକ୍ତ କମିସନରଙ୍କୁ ପରିଚାଳନା ଦାୟିତ୍ୱ ଦିଆଯାଇଛି । ସେହିପରି ବିଏମସି ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ୨ ମନ୍ଦିରର ନୋଡାଲ୍ ଅଫିସର ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି । ତିନି ସିଫ୍ଟରେ ପୂରା ଏକାମ୍ର କ୍ଷେତ୍ରରେ ସଫେଇ କରାଯିବ । ଏଥିଲାଗି ଶ୍ରୀଲିଙ୍ଗରାଜ ମନ୍ଦିର ଓ କପିଳେଶ୍ୱର ମନ୍ଦିର ଅଞ୍ଚଳରେ ଅତିରିକ୍ତ ସଫେଇକର୍ମୀ ନିୟୋଜିତ କରିବାକୁ ବିଏମସି ଘରୋଇ ସଫେଇ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛି । ସେହିପରି ବିନ୍ଦୁସାଗର ଘାଟ ସଫା କରିବାକୁ ସଫେଇ ସଂସ୍ଥାକୁ କୁହାଯାଇଥିବାବେଳେ ଗୁରୁବାର ସୁଦ୍ଧା ସଫେଇ ଶେଷ କରିବାକୁ କୁହାଯାଇଛି । ବିନ୍ଦୁସାଗରର ଆଲୋକୀକରଣ କରିବାକୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ମନ୍ଦିର ଚାରିପଟେ ଲିଚୁ ମାଳ ପକାଯାଇ ସୌନ୍ଦର୍ଯ୍ୟକରଣ କରାଯାଉଛି ।

### ଆଗକୁ ଲୋକସଭା, ବିଧାନସଭା ନିର୍ବାଚନ

## ଜବତ ହେଲାଣି ୨୯୦୭୮.୨୧ କେଜିର ମାଦକ ଦ୍ରବ୍ୟ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ହେବାକୁ ଥିବା ଏକକାଳୀନ ଲୋକସଭା ଓ ବିଧନାସଭା ନିର୍ବାଚନ ହେବ । ନିର୍ବାଚନକୁ ସ୍ୱଚ୍ଛ ଓ ନିରପେକ୍ଷ ଲାଗି ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ସାରା ରାଜ୍ୟରେ ବିଭିନ୍ନ ବିଭାଗର ଜବତକାରୀ ସଂସ୍ଥା ଅନେକ ସ୍ଥାନରେ କଡ଼ାକଡ଼ି ଭାବେ ଚଢ଼ାଉ ଜାରି ରହିଛି । ଗତ ଦୁଇମାସ ମଧ୍ୟରେ ଉପରୋକ୍ତ ଜବତକାରୀ ସଂସ୍ଥା ନଗଦ ୪.୪୬ କୋଟି ଟଙ୍କା, ୬୩୬୮୯୪.୧୧ ଲିଟର ମଦ (ଯାହାର ମୂଲ୍ୟ ୧୩.୭୩ କୋଟି ଟଙ୍କା), ୨୯୦୭୮.୨୧ କିଗ୍ରାର ମାଦକ ଦ୍ରବ୍ୟ (ଯାହାର ମୂଲ୍ୟ ୩୩.୪୦ କୋଟି ଟଙ୍କା), ୮.୦୬ କିଗ୍ରାର ମୂଲ୍ୟବାନ ଧାତୁ (ଯାହାର ମୂଲ୍ୟ ୪.୯୨ କୋଟି ଟଙ୍କା) ଓ ୧୯.୮୯ କୋଟି ଟଙ୍କାର ଶାଢ଼ି, ଗହଣା ଇତ୍ୟାଦି ମୂଲ୍ୟବାନ ଉପହାର ସାମଗ୍ରୀ ଇତ୍ୟାଦି ଜବତ କରାଯାଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି । ଗତ ଜାନୁଆରୀ ମାସ ୧ ତାରିଖଠାରୁ ଫେବୃଆରୀ ମାସ ୨୯ ତାରିଖ ଦୁଇମାସ ମଧ୍ୟରେ ଆୟକର ବିଭାଗ ଦ୍ୱାରା ୩.୬୧ କୋଟି ନଗଦ ଟଙ୍କା ଓ ୭.୮୦ କିଗ୍ରାର ମୂଲ୍ୟବାନ ଧାତୁ ଯଥା-ସୁନା, ରୂପା, ହୀରା ଇତ୍ୟାଦି ଦ୍ରବ୍ୟ, ଯାହାର ଆନୁମାନିକ ମୂଲ୍ୟ ୪.୭୩ କୋଟି ଟଙ୍କା ହେବ ଜବତ କରାଯାଇଛି । ସେହିପରି ଗତ ଦୁଇମାସ ମଧ୍ୟରେ ପ୍ରବର୍ତ୍ତନ କାର୍ଯ୍ୟାଳୟ ଦ୍ୱାରା ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୫୨ ଲକ୍ଷ ଟଙ୍କା ଜବତ କରାଯାଇଥିବାବେଳେ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷାବଳ (ସିଆଇଏସ୍ଏଫ୍) ଦ୍ୱାରା ୧୩ ଲକ୍ଷ ଟଙ୍କା ଜବତ କରାଯାଇଛି । ରାଜ୍ୟ ପୁଲିସ ବିଭାଗ ଦ୍ୱାରା ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୮ ଲକ୍ଷ ନଗଦ ଟଙ୍କା, ୨୨୪୩୯୬.୩୦ ଲିଟର ମଦ, ଯାହାର ଆନୁମାନିକ ମୂଲ୍ୟ ୫.୧୮ କୋଟି ଟଙ୍କା, ୨୪୮୨୫ କିଗ୍ରାର ମାଦକ ଦ୍ରବ୍ୟ, ଯାହାର ଆନୁମାନିକ ମୂଲ୍ୟ ୨୫.୧୭ କୋଟି ଟଙ୍କା, ୦.୨୭ କିଗ୍ରାର ମୂଲ୍ୟବାନ ଧାତୁ, ଯାହାର ମୂଲ୍ୟ ୦.୧୯ କୋଟି ଟଙ୍କା ହେବ ଜବତ କରାଯାଇଛି ।

ସେହିପରି ରାଜ୍ୟ ଅବକାରୀ ବିଭାଗ ଦ୍ୱାରା ସମସ୍ତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ନଗଦ ୨ ଲକ୍ଷ ଟଙ୍କା, ୪୧୨୪୦୮.୬୬ ଲିଟର ମଦ (ଯାହାର ମୂଲ୍ୟ ୮.୫୪ କୋଟି ଟଙ୍କା), ୩୭୩୩.୫୦ କି.ଗ୍ରାର ମାଦକ ଦ୍ରବ୍ୟ (ଯାହାର ମୂଲ୍ୟ ୭.୫୪ କୋଟି ଟଙ୍କା) ଜବତ କରାଯାଇଛି ଓ ରେଳବାଇ ସୁରକ୍ଷା ବଳଙ୍କ ଦ୍ୱାରା ୮୯.୧୫ ଲିଟର ମଦ, ୪୪୬.୫୧ କିଗ୍ରାର ମାଦକ ଦ୍ରବ୍ୟ (ଯାହାର ମୂଲ୍ୟ ୦.୪୧ କୋଟି ଟଙ୍କା) ଜବତ କରାଯାଇଛି ।ରାଜ୍ୟ ସିଟି ଓ ଜିଏସ୍‌ଟି ବିଭାଗ ଦ୍ୱାରା ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୬.୦୫ କୋଟି ଟଙ୍କାର ଶାଢ଼ି, ଗହଣା ଇତ୍ୟାଦି ମୂଲ୍ୟବାନ ଉପହାର ସାମଗ୍ରୀ ଜବତ କରାଯାଇଥିବାବେଳେ ଜଙ୍ଗଲ ବିଭାଗ ତରଫରୁ ୩.୮୪ କୋଟି ଟଙ୍କାର ମୂଲ୍ୟବାନ ଆସବାବପତ୍ର ଓ କାଠ ସାମଗ୍ରୀ ଜବତ କରାଯାଇଛି ।

## ୱାଲାବି ଅସୁସ୍ଥ, ଓୟୁଏଟି ଗଲା ରକ୍ତନମୁନା

ବାରଙ୍ଗ,(ସବ୍ୟୁ) :ପ୍ରାଣିଉଦ୍ୟାନ ନନ୍ଦନକାନନରେ ଏକ ଅଣ୍ଡିରା ୱାଲାବି ଅସୁସ୍ଥ ହୋଇଛି ।ଗତ କିଛିଦିନହେବ ୱାଲାବିଟି ଖାଇବା କମାଇଦେଇଛି ।ଯାହାକୁ ନେଇ ଜନ୍ତୁବିଭାଗର ଚିନ୍ତାବଢିଯାଇଛି ।ଏଠାକାରଡାକ୍ତରମାନେ ତାର ଚିକିତ୍ସାଆରମ୍ଭ କରିଥିଲେ ସୁଦ୍ଧା ୱାଲାବିର ସ୍ୱାସ୍ଥ୍ୟରେ ଉନ୍ନତି ହୋଇପାରିନାହିଁ।ୱାଲାବିଟିକୁ ବାଧହୋଇ ଗୁରୁବାରଦିନ ପରିସରରେ ଥିବା ଚିକିତ୍ସାଳୟକୁ ଅଣାଯାଇ ସାଲାଇନି ଲଗାଯାଇଥିଲା ।ଏହାସହ ତାର ରକ୍ତନମୁନା ସଂଗ୍ରହ କରାଯାଇ ଓୟୁଏଟିକୁ ପରୀକ୍ଷାପାଇଁ ପଠାଯାଇଥିବାର ଜଣାପଡିଛି ।

### ଏଚ୍ଏଲ୍‌ସିଏରେ ୮୦,୧୨୫ କୋଟି ଟଙ୍କାର ପ୍ରକଳ୍ପ ଅନୁମୋଦନ

## ୨୪,୫୫୨ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ

ଭୁବନେଶ୍ୱର (ସବ୍ୟୁ) : ହାଇଲେବଲ୍ କ୍ଲିୟରାନ୍ସ ଅଥରିଟି (ଏଚ୍ଏଲ୍‌ସିଏ) ବୈଠକରେ ୭ଟି ପୁଞ୍ଜି ନିବେଶ ପ୍ରକଳ୍ପକୁ ଅନୁମୋଦନ ମିଳିଛି । ଏହି ଶିଳ୍ପ ପ୍ରକଳ୍ପରେ ୮୦,୧୨୫ କୋଟି ଟଙ୍କା ବିନିଯୋଗ ହେବ ଓ ୨୪,୫୫୨ ଜଣଙ୍କ ଲାଗି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଆଜି ଅନୁଷ୍ଠିତ ବୈଠକରେ ଇସ୍ପାତ, ଗ୍ରୀନ୍ ଏନର୍ଜି, ଫାର୍ମାସିଟିକାଲ ଏବଂ କେମିକାଲ୍‌ର ପ୍ରକଳ୍ପଗୁଡିକୁ ଅନୁମୋଦନ ମିଳିଛି । ଏହି ପ୍ରକଳ୍ପ ମୁଖ୍ୟତଃ ଖୋର୍ଦ୍ଧା, ଜଗତସିଂହପୁର, ଝାରସୁଗୁଡା, ଗଞ୍ଜାମ, ଭଦ୍ରକ ଜିଲ୍ଲାରେ ପ୍ରତିଷ୍ଠା ହେବ । ଏହାଦ୍ୱାରା ରାଜ୍ୟ ଆର୍ଥିକ ବିକାଶ ବେଶ୍ ତ୍ୱରାନ୍ୱିତ ହେବ । ଆଜିର ବୈଠକରେ ଗ୍ରାନୁଇଲ୍ସ ଲାଇଫ୍ ସାଇନ୍ସ, ଗ୍ରାନୁଇଲ୍ ସିନ୍ତ୍ରୋ ପ୍ରାଇଭେଟ୍ ଲିମିଟେଡ୍, ଏସିଏମ୍‌ଇ ଗ୍ରୀନ୍‌ଟେକ୍ ଉର୍ଜ୍ଜା, ୱାରି କ୍ଲିନ୍ ଏନର୍ଜି ସଲ୍ୟୁସନ୍, ଇଜି ସଲ୍ୟୁନି ହାଇଡ୍ରୋ ପ୍ରାଇଭେଟ୍ ଲିମିଟେଡ୍, ଆକ୍ମନ୍ ଇସ୍ପାତ, ଓଏଫ୍‌ବିଟେକ୍ ପ୍ରାଇଭେଟ୍ ଲିମିଟେଡ୍‌ର ପୁଞ୍ଜି ନିବେଶ ପ୍ରକଳ୍ପକୁ ଅନୁମୋଦନ ଦିଆଯାଇଛି ।





ଚନ୍ଦ୍ରଶେଖରପୁର ଗଙ୍ଗାଧର ମେହେର ଭବନର ଶିଳାନ୍ୟାସ କରୁଛନ୍ତି ମୁଖ୍ୟମନ୍ତ୍ରୀ



ଚନ୍ଦ୍ରଶେଖରପୁରରେ ଅଘରିଆ ଭବନର ଶିଳାନ୍ୟାସ ଉତ୍ସବରେ ମୁଖ୍ୟମନ୍ତ୍ରୀ

### ଚିଲିକା ମଝିରେ ଫସିଲା ଯାତ୍ରୀବାହୀ ଡ଼ଙ୍ଗା

# ୬ ଯାତ୍ରୀଙ୍କୁ ସୁରକ୍ଷିତ ଉଦ୍ଧାର

ବାଲୁଗାଁ ,(ସବ୍ୟୁ) : ଗୁରୁବାର ସକାଳେ କାଳିଜାଇ ଦର୍ଶନ ନିମନ୍ତେ ୬ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଡ଼ଙ୍ଗା ମଝି ଚିଲିକାରେ ଫସିଯାଇଥିଲା । ଡ଼ଙ୍ଗା ମେସିନରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡିଛି। ତେବେ ପରବର୍ତ୍ତୀ ସମୟରେ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଖବର ନେବାରେ ଜଣାଯାଇଛି, ଗଞ୍ଜାମ ଅଞ୍ଚଳର ୬ ଜଣ ଯାତ୍ରୀଙ୍କୁ ନେଇ ବାଲୁଗାଁ ଚିଲିକା କୁଳ ଜେଟିରୁ ଏକ ଘରୋଇ ଯାତ୍ରୀବାହୀ ଡ଼ଙ୍ଗା ସକାଳ ୮ଟାରେ କାଳିଜାଇ ମନ୍ଦିର ଅଭିମୁଖେ ବାହାରିଥିଲା । କିଛି ଦୂର ଅତିକ୍ରମ ପରେ ହଠାତ ଗଭୀର ଜଳ ଥିବା ମଝି ଚିଲିକାରେ ଡ଼ଙ୍ଗାଟି ଅଚଳ ହୋଇପଡ଼ିଥିଲା । ଚାଳକ ଚେଷ୍ଟା କରି ସଜାଡ଼ି ପାରିନଥିଲେ । ମଝି ଚିଲିକାରେ ଡ଼ଙ୍ଗାଟି ଫସି ରହିଥିବା ବେଳେ ଯାତ୍ରୀ ମାନେ ଭୟଭୀତ ହୋଇ ଠାକୁରଙ୍କୁ ସ୍ମରି ଥିଲେ । ଖବର ପାଇ ବୋଟ ଆସୋସିଏସନ ପକ୍ଷରୁ ଅନ୍ୟ ଏକ ଡ଼ଙ୍ଗା ଯାଇ ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରିବା ସହ ମା କାଳିଜାଇଙ୍କ ଦର୍ଶନ କରାଇ ସୁରକ୍ଷିତ ଭାବେ ଛାଡିଥିବା ସମ୍ପାଦକ କୃଷ୍ଣଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି ।

# ଜଟଣୀର ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ

ଜଟଣୀ(ଆପ୍ର): ଆଗାମୀ ସାଧାରଣ ନିର୍ବାଚନକୁ ସୁରକ୍ଷିତ, ଅବାଧ ଓ ହିଂସାମୁକ୍ତ କରିବା ପାଇଁ ଜଟଣୀର ବିଭିନ୍ନ ସ୍ଥାନରେ ସ୍ଥାନୀୟ ପୁଲିସ କର୍ମଚାରୀଙ୍କ ସହିତ ଗୋଟିଏ କଂପାନୀ ସିଏପିଏଫ୍ ଯବାନ ଆଜି ଫ୍ଲାଗମାର୍ଚ୍ଚ କରିଥିଲେ । ପୌରାଂଚଳ ସମେତ ବେଣାପଞ୍ଜରୀ ଓ ତିରିମଲ ଅଂଚଳରେ ଏହି ଫ୍ଲାଗମାର୍ଚ୍ଚ କରାଯାଇଥିଲା । ଜଟଣୀ ଥାନା ଇନ୍ସପେକ୍ଟର ସୌମ୍ୟକାନ୍ତ ବଳିଆରସିଂହଙ୍କ ନେତୃତ୍ୱରେ ଏହା ହୋଇଥିଲା ।

# ଭାରତୀୟ ଷ୍ଟେଟ ବ୍ୟାଙ୍କ ଦ୍ୱାରା ଆନ୍ତର୍ଜାତିକ ମହିଳା ଦିବସ

ଭୁବନେଶ୍ୱର (ସବ୍ୟୁ): ଭାରତୀୟ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱରମଣ୍ଡଳର ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ ଓ ସମସ୍ତ କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ ଠାରେ ଆନ୍ତର୍ଜାତୀୟ ମହିଳା ଦିବସ ୨୦୨୪ ପାଳିତ ହୋଇଯାଇଛି । ଚଳିତ ବର୍ଷ ମିଳିତ ଜାତିସଂଘ ଆନ୍ତର୍ଜାତୀୟ ମହିଳା ଦିବସ ୨୦୨୪ ପାଇଁ ମହିଳାମାନଙ୍କରେ ବିନିଯୋଗ : ପ୍ରଗତି ତ୍ୱରାନ୍ୱିତଶୀର୍ଷକ ଘୋଷଣା କରିଛ । ଏହି ପରିପ୍ରେକ୍ଷୀରେ,ମୁଖ୍ୟ ମହାପ୍ରବନ୍ଧକ ଦୀନେଶ ପରୁଥିଙ୍କ ନେତୃତ୍ୱରେ ଭୁବନେଶ୍ୱର ମଣ୍ଡଳ ତାହାର ୨୧ଟି କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ ଦ୍ୱାରା କର୍ପୋରେଟ ସାମାଜିକ ଦାୟିତ୍ୱ ପାଳନ ଅନ୍ତର୍ଗତ ଯୋଗ୍ୟ ମହିଳା ପ୍ରାର୍ଥୀମାନଙ୍କୁ ୬୩୦ ଟି ସିଲେଇ ମେସିନ୍ ଏବଂ ଛତା ପ୍ରଦାନ କରିଛନ୍ତି । ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ ଭୁବନେଶ୍ୱର ଠାରେ ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ପରୁଥି ଉକ୍ତ ମହିଳାମାନଙ୍କୁ ସିଲେଇ ମେସିନ୍ ଓ ଛତା ପ୍ରଦାନ କରି ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଷ୍ଟେଟ ବ୍ୟାଙ୍କ ନେଟୱର୍କ-୧ ମହାପ୍ରବନ୍ଧକ ପୋନ୍ନମବଲମ ମୁରୁଗନ , ନେଟୱର୍କ-୨ ମହାପ୍ରବନ୍ଧକ ଉତ୍ତମ କୁମାର ହାଜରା ଚୌଧୁରୀ, ମଣ୍ଡଳ ବିକାଶ ଅଧିକାରୀ ମନୋଜ କୁମାର ସିଂଙ୍କ ସମେତ ବହୁ ଅଧିକାରୀ ଓ କର୍ମଚାରୀବର୍ଗ ଉପସ୍ଥିତ ଥିଲେ । ସହାୟକ ମହାପ୍ରବନ୍ଧକ (ମାନବ ସମ୍ବଳ) ପୂର୍ଣ୍ଣେନ୍ଦୁ ମହାପାତ୍ର ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ।



### ରାଜ୍ୟସ୍ତରୀୟ ବିଶ୍ୱ ମହିଳା ଦିବସ

# ମା'ମାନଙ୍କ ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ଅଧିକାରର ସୁରକ୍ଷା ପାଇଁ ଆମର ଉଦ୍ୟମ ଜାରି ରହିଛି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର (ସବ୍ୟୁ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ରାଜ୍ୟସ୍ତରୀୟ ବିଶ୍ୱ ମହିଳା ଦିବସ ପାଳନ ଅବସରରେ କହିଛନ୍ତି ଯେ ଗତ ୨୦ ବର୍ଷ ମଧ୍ୟରେ ଓଡିଶାର ମହିଳାମାନେ ବହୁତ ଉପରକୁ ଉଠି ପାରିଛନ୍ତି । ରାଜ୍ୟ ସରକାର ସେମାନଙ୍କ ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ଅଧିକାରର ସୁରକ୍ଷା ପାଇଁ ପ୍ରତିବଦ୍ଧତାର ସହ ଉଦ୍ୟମ ଜାରି ରଖିଛନ୍ତି । ସ୍ଥାନୀୟ ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ୍ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମହିଳାମାନଙ୍କୁ ସମ୍ମାନ ଦେବା ଉପରେ ଗୁରୁତ୍ୱ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଆମ ଶାସ୍ତ୍ରମାନଙ୍କରେ ବର୍ଣ୍ଣନା ଅଛି ଯେ ଯେଉଁଠାରେ ମା' ମାନଙ୍କୁ ସମ୍ମାନ ମିଳେ, ସେଠାରେ ଦେବତାମାନେ ବାସ କରନ୍ତି । ଓଡିଶାରେ ମହିଳାମାନଙ୍କର ପ୍ରଗତି ଉପରେ ନିଜର ମତାମତ ରଖି ମୁଖ୍ୟମନ୍ତ୍ରୀ କହିଲେ ଯେ ରାଜ୍ୟରେ ମହିଳାମାନେ ଏବେ ରାଜନୈତିକ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଛନ୍ତି । ସେ କହିଲେ ଯେ ରାଜ୍ୟର ୩୦ଟି ଜିଲ୍ଲା ପରିଷଦ ମଧ୍ୟରୁ ୨୦ଟିରେ ମହିଳାମାନେ ନେତୃତ୍ୱ ନେଉଛନ୍ତି । ପଞ୍ଚାୟତ ଓ ପୌର ସଂସ୍ଥା ଗୁଡିକରେ ୫୦ ପ୍ରତିଶତରୁ ଅଧିକ ମହିଳା ପ୍ରତିନିଧିତ୍ୱ କରୁଛନ୍ତି । ସେହିପରି ଅର୍ଥନୈତିକ ଉନ୍ନତି କ୍ଷେତ୍ରରେ ମିଶନ ଶକ୍ତିର ଉଦାହରଣ ଦେଇ ସେ କହିଥିଲେ ଯେ ଏହା ଦ୍ୱାରା ମା'ମାନେ ଛୋଟ ଛୋଟ ବ୍ୟବସାୟ କରି ଅର୍ଥ ରୋଜଗାର କରି ନିଜ ପରିବାର ପାଇଁ ଅବଦାନ ରଖୁଛନ୍ତି । ଏହା ଏକ ବହୁତ ବଡ ପରିବର୍ତ୍ତନଛ ଏହା ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବା ସହିତ ସେମାନଙ୍କୁ ବଡ ସ୍ୱପ୍ନ ଦେଖିବାକୁ ପ୍ରେରଣା ଦେଇଛି । ରାଜ୍ୟସରକାର ମଧ୍ୟ ମିଶନ ଶକ୍ତି ଜରିଆରେ ମହିଳାମାନଙ୍କୁ କୋଟି କୋଟି ଟଙ୍କାର ସରକାରୀ କାମ ଦେଉଛନ୍ତିଛ ସେମାନେ ମଧ୍ୟ ଏହି ଦାୟିତ୍ୱ ବହୁତ ଭଲ ଭାବରେ ତୁଲାଉଛନ୍ତି ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ ଏଥି ପାଇଁ ଖୁସି ପ୍ରକାଶ କରିଥିଲେ । ବର୍ତ୍ତମାନ ମହିଳାମାନେ ଆଉ ଏକ ପାଦ ଆଗକୁ ଯାଇ ଉଦ୍ୟୋଗୀ ହେବା ପାଇଁ ଅଭିଯାନ ଆରମ୍ଭ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ରାଜ୍ୟସରକାର ଏଥିପାଇଁ ୧୦ ଲକ୍ଷ ଟଙ୍କାର ଋଣ ବିନା ସୁଧରେ ଦେଉଛନ୍ତି । ମା' ମାନଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଲେ, 'ଆପଣମାନେ ଆଗକୁ ବଢନ୍ତୁ , ମୁଁ ଆପଣମାନଙ୍କ ସହିତ ଅଛି' । ସେହିପରି ମହିଳାମାନଙ୍କ ସାମାଜିକ ଅଧିକାରର ସୁରକ୍ଷା ଓ ପ୍ରତିଷ୍ଠା ବୃଦ୍ଧି ପାଇଁ ମଧ୍ୟ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।



ସେ କହିଥିଲେ ଯେ ବିଭିନ୍ନ ଯୋଜନାରେ ରାଜ୍ୟ ସରକାର ମହିଳାମାନଙ୍କୁ ଗୁରୁତ୍ୱ ଦେଇ ଅଧିକ ସୁବିଧା ଦେଉଛନ୍ତିଛ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସମସ୍ତଙ୍କ ପାଇଁ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ସେବା ମିଳୁଥିବା ବେଳେ ମହିଳାମାନଙ୍କୁ ୧୦ ଲକ୍ଷ ଟଙ୍କାର ସୁବିଧା ମିଳୁଛି । ନୂଆ-ଓ ଛାତ୍ରବୃତ୍ତିରେ ଝିଅମାନଙ୍କୁ ଅଧିକ ୧ ହଜାର ଟଙ୍କା ମିଳୁଛି । ଲକ୍ଷ୍ମୀ ବସ୍‌ରେ ମା'ମାନେ ଅଧା ଦାମରେ ମାତ୍ର ୫ ଟଙ୍କାରେ ଯିବାଆସିବା କରୁଛନ୍ତି । କେବଳ ସେତିକି ନୁହେଁ, ରେସନ କାର୍ଡ, ଆଧାର କାର୍ଡ, ପକ୍କା ଘର ଆଦି ସବୁ ମା'ମାନଙ୍କ ନାଁରେ ରହୁଛି । ମହିଳାମାନଙ୍କ ନାଁରେ ଜମି କିଣାହେଲେ ରେଜିଷ୍ଟ୍ରେସନରେ ବହୁତ ରିହାତି ଦିଆ ଯାଉଛି । ଏହି ସବୁ ପଦକ୍ଷେପ ଦ୍ୱାରା ସମାଜରେ ମା'ମାନଙ୍କ ଗୁରୁତ୍ୱ ବୃଦ୍ଧି ପାଇଛି ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମା'ମାନଙ୍କ ପାଖରେ ବହୁତ ସମ୍ଭାବନା ରହିଛି । ସେମାନେ ଦୃଢ ନିଷ୍ଠୟ ହେଲେ ଜୀବନରେ ବହୁତ କିଛି ହାସଲ କରି ପାରିବେ ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମହିଳାମାନଙ୍କ ଜୀବନରେ ସଫଳତା କାମନା କରିବା ସହିତ ସେମାନେ ସବୁ କ୍ଷେତ୍ରରେ ସୁନାମ କରନ୍ତୁ ବୋଲି କହିଥିଲେ । ନୂଆ ଓଡିଶା ଗଠନରେ ମା'ମାନେ ସେମାନଙ୍କ ଅବଦାନ ରଖିବାକୁ ସେ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ବାସନ୍ତୀ ହେମ୍ବ୍ରମ ଯୋଗଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମହିଳା ଓ ଶିଶୁ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ମହିଳାମାନଙ୍କୁ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ ।

### ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ

# ପିଏନ୍‌ବି ବ୍ରହ୍ମପୁର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ସିଏସ୍‌ଆର୍ କାର୍ଯ୍ୟକ୍ରମ



ଭୁବନେଶ୍ୱର (ସବ୍ୟୁ): ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ମଣ୍ଡଳ କାର୍ଯ୍ୟାଳୟ, ବ୍ରହ୍ମପୁର ଦ୍ୱାରା ହେଲେନ୍ କେଲର ରେଡ୍‌କ୍ରସ୍ ସ୍କୁଲ ଫର୍ ଦି ଡେଫ୍‌ରେ ଏକ ସିଏସ୍‌ଆର୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ମଣ୍ଡଳର ମଣ୍ଡଳ ମୁଖ୍ୟ ଡଃ ଆଲୋକ ରଞ୍ଜନ ସେନାପତିଙ୍କ ଦ୍ୱାରା ସ୍କୁଲକୁ ଏକ ୱାଟର ପ୍ୟୁରିଫାୟାର ପ୍ରଦାନ କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ସ୍କୁଲର ପ୍ରଧାନ ଶିକ୍ଷକ ବାଉରି ବନ୍ଧୁ ନାୟକ, ମୁଖ୍ୟ ପ୍ରବନ୍ଧକ ସୁବ୍ରତ ସେଠୀ, ବରିଷ୍ଠ ପ୍ରବନ୍ଧକ ଆନନ୍ଦ ଶ, ଉପ-ପ୍ରବନ୍ଧକ ରାମଶଙ୍କର ପାଣିଗ୍ରାହୀ, ଉପ-ପ୍ରବନ୍ଧକ କୁମୁଦ ଚନ୍ଦ୍ର ପଣ୍ଡା, ପ୍ରବନ୍ଧକ ମାନସ ରଞ୍ଜନ ସ୍ୱାଇଁ ଏବଂ ମଣ୍ଡଳ କାର୍ଯ୍ୟାଳୟର ମହିଳା କର୍ମଚାରୀଗଣ ଉପସ୍ଥିତ ଥିଲେ ।

### ସୁଡାର ୨୩ତମ ଗଭର୍ଣ୍ଣିଂ ବଡି ବୈଠକ

# ୨୦୨୪-୨୫ ପାଇଁ ୨୫୫.୪୬ ଲକ୍ଷ ବଜେଟକୁ ଅନୁମୋଦନ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟ ନଗର ଉନ୍ନୟନ ସଂସ୍ଥା (ସୁଡା)ର ୨୩ତମ ଗଭର୍ଣ୍ଣିଂ ବଡି ବୈଠକ ଅନୁଷ୍ଠିତ ହୋଇଯାଇଛି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀଙ୍କ ଅଧକ୍ଷତାରେ ବସିଥିବା ବୈଠକରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୨୫୫.୪୬ ଲକ୍ଷ ଟଙ୍କାର ବଜେଟ୍ ଅନୁମୋଦନ ସମେତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି ।

ବୈଠକରେ ସୁଡା ପକ୍ଷରୁ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯିବା ସହ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା । ମୁକ୍ତା ଯୋଜନା ଅଧୀନରେ ପ୍ରକଳ୍ପ କାର୍ଯ୍ୟକାରିତାରେ ନିୟୋଜିତ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚଜି)ଙ୍କୁ ଦିଆଯାଉଥିବା ପ୍ରଶିକ୍ଷଣ ଉପରେ ଆଲୋଚନା କରାଯାଇଥିଲା । ୩୦ଟି ଜିଲ୍ଲାରେ ୧୨ଟି ଟିମ୍ ୧୯୭୨୦ଟି ଗୋଷ୍ଠୀର ପ୍ରତିନିଧିତ୍ୱ କରୁଥିବା ଏମଏସଜିର ୫୯୧୬୦ ଜଣ ସଦସ୍ୟଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଏହାବ୍ୟତୀତ ଓଡିଶା ସହରାଞ୍ଚଳ ରୂପାନ୍ତରଣ କାର୍ଯ୍ୟକ୍ରମ ଅଧୀନରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ଏମଏସଜି ଗୋଷ୍ଠୀ ସହଯୋଗୀମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଏକ ବ୍ୟାପକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଗ୍ରହଣ କରିବା ଉପରେ ବୈଠକରେ ଆଲୋଚନା ହୋଇଥିଲା । ମୁଖ୍ୟମନ୍ତ୍ରୀଙ୍କ ୫-ଟି ଆଧାର ଅନୁଯାୟୀ ଓଡ଼ିଶାରେ ସହରାଞ୍ଚଳ ରୂପାନ୍ତରଣ ନେତୃତ୍ୱ ନେବାପାଇଁ ଦାୟିତ୍ୱରେ ଥିବା ସୁଡା ପ୍ରଶଂସନୀୟ ପ୍ରଦର୍ଶନ ଜାରି ରଖିଛି । ବୈଠକରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି ମାଥିଭାଥନନ, ପୌର ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ, ସ୍ୱତନ୍ତ୍ର ସଚିବ ଶୁଭେନ୍ଦୁ କାନୁନଗୋ, ଓଏସଡି-ସ୍ୱତନ୍ତ୍ର ସଚିବ ସଞ୍ଜୟ ପରମାଣିକ, ଅତିରିକ୍ତ ସଚିବ ତଥା ନିର୍ଦ୍ଦେଶକ ସୁଡା ଶାରଦା ପ୍ରସାଦ ପଣ୍ଡାଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ ।



# ଓଟିଡିସି ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ପକ୍ଷରୁ ଭୁବନେଶ୍ୱରସ୍ଥିତ ଏହାର ମୁଖ୍ୟ କାର୍ଯ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଓଟିଡିସି ଅଧକ୍ଷ ଡ. ଲେନିନ୍ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳା ଦିବସ ପାଳନ ସଂପର୍କରେ ଆଲୋକପାତ କରିଥିଲେ । ମହିଳାମାନେ ସମାଜର ପ୍ରତ୍ୟେକ କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରତିପାଦିତ କରିପାରିବା ସହ ସମାଜ ପରିବର୍ତ୍ତନ କ୍ଷେତ୍ରରେ ନିଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବାରେ ସକ୍ଷମ ହେଉଥିବା ଡ. ମହାନ୍ତି ଉଲ୍ଲେଖ କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-'ଟି' ଅଧକ୍ଷ ଭି.କେ. ପାଣ୍ଡିଆନ୍‌ଙ୍କ ପରାମର୍ଶରେ ରାଜ୍ୟ ସରକାର ମହିଳା ସଶକ୍ତିକରଣ କ୍ଷେତ୍ରରେ ଐତିହାସିକ ପଦକ୍ଷେପ ଗ୍ରହଣ କରିଛନ୍ତି । ବର୍ତ୍ତମାନ ପ୍ରତିଟି କ୍ଷେତ୍ରରେ ମହିଳାମାନଙ୍କ ଅବଦାନ ଅବିସ୍ମରଣୀୟ ବୋଲି ସେ ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଟିଡିସି ଜେନେରାଲ ମ୍ୟାନେଜର ଡ. ଲଲାଟେନ୍ଦୁ ସାହୁ କହିଲେ ଯେ ବର୍ତ୍ତମାନ ପରିବର୍ତ୍ତିତ ସମୟରେ ମହିଳାମାନେ ନିଜର ବ୍ୟକ୍ତିଗତ ଏବଂ ପେଶାଗତ ଜୀବନ ମଧ୍ୟରେ ସନ୍ତୁଳନ ରକ୍ଷା କରି ପ୍ରଗତିର ବାହକ ଭାବେ କାର୍ଯ୍ୟ କରୁଛନ୍ତି । ମହିଳାମାନଙ୍କ ନେତୃତ୍ୱ ନେବା ଓ କାର୍ଯ୍ୟ କରିବାର ଶୈଳୀ ବର୍ତ୍ତମାନ ପ୍ରେରଣାଦାୟୀ ରହିଥିବା ସେ କହିଥିଲେ । ଏହି ଅବସରରେ ଓଟିଡିସିରେ କାର୍ଯ୍ୟରତ ମହିଳାମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଓଟିଡିସିର ବରିଷ୍ଠ ଅଧିକାରୀ ଏବଂ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ

### ଆର୍ସେଲରମିତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ ଦ୍ୱାରା

# କେନ୍ଦ୍ରାପଡ଼ା ମହାକାଳପଡ଼ା ବ୍ଲକରେ ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର (ସବ୍ୟୁ): ଆର୍ସେଲରମିଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍ / ଏନ୍‌ଏସ୍ ଇଣ୍ଡିଆ) ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ପଦକ୍ଷେପ ପ୍ରକଳ୍ପ 'ଆରୋଗ୍ୟ' ର ଏକ ଅଂଶ ଭାବରେ ମହାକାଳପଡ଼ା ବ୍ଲକର ୧୧ ଟି ଗ୍ରାମରେ ମଲ୍ଟି-ସ୍ପେସିଆଲିଟି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଛି ।

ଏହାର ଅପରେଟିଂ ଅଚଂଳର କରାଯାଇଥିଲା। ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଫିସର ଇନ୍-ଚ଼ାର୍ଜ ଡାକ୍ତର ନିରଂଜନ ଷଡ଼ଙ୍ଗୀ, ଖରିନାସିର ସରପଞ୍ଚ ବନିତା ରାଉତ , ଏଏମ୍ / ଏନ୍‌ଏସ୍ ଇଣ୍ଡିଆ- ଓଡିଶା ଅପରେସନ୍ସ ଫାଇନାନ୍ସ ମୁଖ୍ୟ ସଞ୍ଜୀବ ସିଂ , ଏଏମ୍ / ଏନ୍‌ଏସ୍ ଇଣ୍ଡିଆ ସିଏସଆର ମୁଖ୍ୟ ଡକ୍ଟର ବିକାଶ ଯାଦଭେନ୍ଦୁ, କମ୍ପାନୀର ଅନ୍ୟ ଅଧିକାରୀ ଏବଂ ଖରିନାସୀ ପଦକ୍ଷେପ । ଖରିନାସୀରେ ଏହି ଶିବିର ପରେ ଏଏମ୍ / ଏନ୍‌ଏସ୍ ଇଣ୍ଡିଆ ବତୀଘର ଏବଂ ରାମନଗର ପଚାଂୟତ ଅଧୀନରେ ଥିବା ଦଶଟି ଗ୍ରାମରେ ସମାନ ମଲ୍ଟି ସ୍ପେସିଆଲିଟି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଥିଲା। ମୋଟ ୧୬୨୯ ସ୍ଥାନୀୟ ବାସିନ୍ଦା ଏହି ଶିବିରଗୁଡିକରୁ ଉପକୃତ ହୋଇଥିଲେ । ପ୍ରତିଷେଧକ ସ୍ୱାସ୍ଥ୍ୟ ସେବା, ଶୀଘ୍ର



ଲୋକମାନଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସୁବିଧା ଯୋଗାଇଦେବା ଲକ୍ଷ୍ୟରେ, ଖରିନାସୀ ଗ୍ରାମରେ ପ୍ରଥମ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା, ଯେଉଁଥିରେ ସ୍ତ୍ରୀ ରୋଗ, ଚ଼ର୍ମରୋଗ, ଚ଼କ୍ଷୁ ଚ଼ିକିତ୍ସକ ଓ ଶିଶୁ ବିଶେଷଜ୍ଞମାନେ ଯୋଗଦେଇଥିଲେ । ଔଷଧ ବିଶେଷଜ୍ଞଙ୍କ ଏକ ଟିମ୍ ମାଗଣା ଚ଼ିକିତ୍ସା ଏବଂ ପରାମର୍ଶ ପ୍ରଦାନ କରିଥିଲେ। ପ୍ରେସକ୍ରିପସନ୍ ଆଧାରରେ ରୋଗୀମାନଙ୍କୁ ମାଗଣା ଔଷଧ ବଣ୍ଟନ ଗ୍ରାମବାସୀଙ୍କ ଉପସ୍ଥିତିରେ ଏହି ଶିବିର ଉଦଘାଟିତ ହୋଇଥିଲା । ଏହି ଅବସରରେ ଡକ୍ଟର ବିକାଶ ଯାଦଭେନ୍ଦୁ କହିଛନ୍ତି ଯେ, ଆମର ସିଏସ୍‌ଆର କାର୍ଯ୍ୟକ୍ରମଗୁଡିକ ଏଭଳି ଡିଜାଇନ୍ କରାଯାଇଛି ଯାହା ଦ୍ୱାରା ସମସ୍ତଙ୍କର ସାମଗ୍ରିକ ବିକାଶ ହୋଇପାରିବ, ଏବଂ କେନ୍ଦ୍ରାପଡା ଅଚଂଳର ଲୋକଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାରେ ସହଯୋଗ କରିବା ଆମର ଲକ୍ଷ୍ୟର ଏହା ଆଉ ଏକ ଚ଼ିହ୍ନଟ ଏବଂ ଶିକ୍ଷା ପାଇଁ ଏକ ପ୍ରତିବଦ୍ଧତା ସହିତ ଏହି ସ୍ୱାସ୍ଥ୍ୟ ଶିବିରଗୁଡିକ ମେଡିକାଲ୍ ଚେକ୍ ଅପ୍, ସ୍କ୍ରିନିଂ, ଔଷଧ ଏବଂ ସ୍ୱାସ୍ଥ୍ୟ ପରାମର୍ଶ ସହିତ ବିଭିନ୍ନ ପ୍ରକାରର ସେବା ପ୍ରଦାନ କରିଛି । ହେଲ୍ଥଏଜ ଇଣ୍ଡିଆ ଦ୍ୱାରା ପରିଚ଼ାଳିତ ଏହି ଶିବିରଗୁଡ଼ିକରେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣକାରୀମାନଙ୍କୁ ଉତ୍ସର୍ଗୀକୃତ ସେବା ପ୍ରଦାନ କରିଥିଲେ ।

### ବେଦାନ୍ତ ଆଲୁମିନିୟମ୍ ମହିଳା ଦିବସ ୨୦୨୪ ଅବସରରେ

# ଦ ଫ୍ୟୁଚର ଅଫ ମେଟାଲ୍' ଅଭିଯାନର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ଆନ୍ତର୍ଜାତୀୟ ମହିଳା ଦିବସ ୨୦୨୪ ପୂର୍ବରୁ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଧାତୁ ଏବଂ ଖଣି କ୍ଷେତ୍ରରେ ମହିଳାଙ୍କ ଉପରେ ଆକୃଷ୍ଟ କରୁଥିବା ମିଡିଆ ଅଭିଯାନର ଶୁଭାରମ୍ଭ କରିଛି । ଏହା ଅଧିକ ମହିଳାଙ୍କୁ ଏହି ଶିଳ୍ପଗୁଡିକରେ ପୁରସ୍କୃତ କ୍ୟାରିଅର୍ ଅନ୍ୱେଷଣ କରିବାକୁ ଉତ୍ସାହିତ କରିବା ପାଇଁ ଜେନେରେଟିଭ୍ ଏଆଇ ଏବଂ କ୍ଷୁଦ୍ର ଚଳଚ୍ଚିତ୍ରଗୁଡିକୁ ବ୍ୟବହାର କରିଥାଏ । ଏହି ଅଭିଯାନ କ୍ଷେତ୍ରଗୁଡିକରେ ମହିଳା ପ୍ରତିନିଧୀତ୍ୱତା ବୃଦ୍ଧି ପାଇଁ ଶିଳ୍ପ ପ୍ରୟାସର ପ୍ରତିକ୍ରିୟା ଭାବରେ ଆସିଛି ।

ଦ ଫ୍ୟୁଚର ଅଫ ମେଟାଲ୍ ଅଭିଯାନର ଏହି ଚ୍ୟାଲେଞ୍ଜକୁ ଦୁଇ ପ୍ରକାରରେ ସୃଜନଶୀଳ ଭାବରେ ମୁକାବିଲା କରେ । ପ୍ରଥମତ ଏହା ପ୍ରାରମ୍ଭିକ ଶିଳ୍ପ ମହିଳା ବୃତିଗତମାନଙ୍କ ପାଇଁ ଏକ ଆକର୍ଷଣୀୟ ଗନ୍ତବ୍ୟସ୍ଥଳ ଭାବରେ ସାମଗ୍ରିକ ଶିଳ୍ପକୁ ସ୍ଥାନିତ କରେ । ଦ୍ୱିତୀୟତ ଏହା ବେଦାନ୍ତ ଆଲୁମିନିୟମର ମୂଳ କାର୍ଯ୍ୟ ପରିଚାଳନା କରୁଥିବା ବ୍ୟକ୍ତିଙ୍କ ଜୀବନର ଏକ ଅଂଶ ଭାବରେ ମଧ୍ୟ ଉପସ୍ଥାପନ କରିଥାଏ, ଯାହାକି କମ୍ପାନୀର ନିଜସ୍ୱ କର୍ମଚାରୀଙ୍କ ଠାରୁ ଦୃଢ଼ ମଡେଲ୍ ରୂପେ ଆଲୋକିତ କରିଥାଏ । ଅଧିକ ମହିଳାଙ୍କୁ ଶିଳ୍ପରେ କ୍ୟାରିୟର କିପରି ଗଢାଯାଏ ତାହା କଳ୍ପନା କରିବାରେ ସାହାଯ୍ୟ କରିଥାଏ। ଏହି ଅଭିଯାନଗୁଡିକ ମାଧ୍ୟମରେ, ବେଦାନ୍ତ ଆଲୁମିନିୟମ୍ ଏହାର ଲକ୍ଷ୍ୟକୁ ତ୍ୱରାନ୍ୱିତ କରିବାକୁ ଲକ୍ଷ୍ୟ ରଖିଛି ଯେ ନିକଟ ଭବିଷ୍ୟତରେ ମହିଳାମାନେ ଏହାର ସମସ୍ତ କର୍ମଚାରୀଙ୍କ ଅତିକମରେ ଯେପରି ଏକ ତୃତୀୟାଂଶ ଗଠନ କରିବେ ।



ଏହି ଅଭିଯାନର ପ୍ରଥମ ଭାଗରେ ଓମେନ ଅଫ୍ ମେଟଲ୍ ଶୀର୍ଷକ, ବେଦାନ୍ତ ଆଲୁମିନିୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଥିବା ଯୁବତୀ ବୃତିଗତମାନଙ୍କୁ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରିଥାଏ । ଅନନ୍ୟ ଭାବରେ ଭାରତ, ସେମାନେ ପୁରୁଷ ସହକର୍ମୀଙ୍କ ସହ ସମାନ ପଦକ୍ଷେପରେ ନାଇଟ୍ ସିଫ୍ଟରେ କାମ କରି ଏକ ପାଦ ଆଗକୁ ବଢୁଛନ୍ତି । 'ଭବିଷ୍ୟତ ମହିଳା ସିରିଜ୍' ଶୀର୍ଷକ ଦ୍ୱିତୀୟ ଭାଗରେ କମ୍ପାନୀର ମୂଳ କାର୍ଯ୍ୟରୁ ମହିଳା ପ୍ରଫେସନାଲମାନେ ଖଣି କାର୍ଯ୍ୟ, ଧାତୁ ଉତ୍ପାଦନ, ବିଦ୍ୟୁତ୍ ଉତ୍ପାଦନ, ପ୍ଲାଂଟ ପରିଚାଳନା ଏବଂ ସମ୍ପତି ସୁରକ୍ଷା ଭଳି ବୈଶିଷ୍ଟ୍ୟ ରହିଛି । ଜେନେରେଟିଭ୍ ଏଆଇ ଟେକ୍ନୋଲୋଜି ବ୍ୟବହାର କରି, ଏହା ଏହି କର୍ମଚାରୀମାନଙ୍କୁ ସେମାନଙ୍କର ସାମ୍ପ୍ରତିକ ସେଟିଂସମୂହରୁ ଏକ ବୈଷୟିକ ଜ୍ଞାନ କୌଶଳରେ ଉନ୍ନତ ଭବିଷ୍ୟତକୁ ସ୍ଥାନାନ୍ତର କରୁଥିବା ଚିତ୍ରଣ କରିଥାଏ, ଯାହାକି ଏହି କ୍ୟାରିୟରଗୁଡିକ ଆଗାମୀ ସମୟରେ ମଧ୍ୟ ଆକାଂକ୍ଷାପୂର୍ଣ୍ଣ ହୋଇ ରହିବ। ଏହି ପରିପ୍ରେକ୍ଷୀରେ, ଫ୍ୟୁଚର ଅଫ ମେଟାଲ୍ ଉତ୍ପାଦନ କ୍ଷେତ୍ରର ଏକ ସଠିକ୍ ଚିତ୍ର ଉପସ୍ଥାପନ କରେ । ବେଦାନ୍ତ ଆଲୁମିନିୟମରେ ଅଗ୍ରଣୀ ମହିଳା କର୍ମଚାରୀ ଅଛନ୍ତି ଏବଂ ଏହା ନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛି ଯେ ସମସ୍ତ ନୂତନ ନିଯୁକ୍ତିର ୫୦% ମହିଳା ଅଟନ୍ତି । ଯେଉଁମାନେ ଏହାର ରୋଲରେ ଅଛନ୍ତି, ସେମାନେ ଆଦର୍ଶରେ ଉପଯୁକ୍ତ ଅଟନ୍ତି, ଯେଉଁମାନେ ଉତ୍ପାଦନରେ କ୍ୟାରିଅର୍ ଅନ୍ୱେଷଣ କରିବାକୁ ଅସଂଖ୍ୟ ଅନ୍ୟମାନଙ୍କୁ ପ୍ରେରଣା ଦେଇପାରନ୍ତି । ଏହି ଅଭିଯାନ ଏକ ଅତ୍ୟାବଶ୍ୟକ ତଥା ଦ୍ରୁତଗତିରେ ବଢୁଥିବା ଶିଳ୍ପରେ ମହିଳାଙ୍କ ବୃଦ୍ଧିରେ ଅଂଶଗ୍ରହଣ ପାଇଁ ଏକ ସ୍ୱତନ୍ତ୍ର ସୃଜନଶୀଳ କାର୍ଯ୍ୟ ଅଟେ, ଅଧିକ ମହିଳା ପ୍ରତିନିଧିତ୍ୱ ପାଇଁ ଓକିଲାତି କରିବାକୁ ଏହାର ମହିଳା ବୃତିଗତଙ୍କ ଉତ୍ସାହଜନକ ଅଭିଜ୍ଞତାକୁ ଉପଯୋଗ କରିଥାଏ ।

## ଆଜି ଜାଗର: ଉତ୍ସବମୁଖର ବାବା ଆଖଣ୍ଡଳମଣିଙ୍କ ପୀଠ

# ୧ଟାରେ ସୁନାବେଶ : ଭୋର ୫ଟାରେ ମନ୍ଦିରଚୂଡ଼ାକୁ ଉଠିବ ମହାଦ୍ୱୀପ

ଭଦ୍ରକ/ଆରଡ଼ି, (ସବ୍ୟୁ): ଶୁକ୍ରବାର ପବିତ୍ର ମହାଶିବରାତ୍ରି (ଜାଗର) ଏଥିପାଇଁ ଉତ୍ସବମୁଖର ବାବା ଆଖଣ୍ଡଳମଣିଙ୍କ ପୀଠ । ଗୁରୁବାର ଏକବାର ନୀତି ନିମନ୍ତେ ସମସ୍ତ ନୀତିକାନ୍ତି ନିର୍ଦ୍ଧାରିତ ସମୟରେ ସରିବା ପରେ ମଧ୍ୟାହ୍ନ ନୀତି, ଯୋଗୀବେଶ,ବଡସିଂହାର ବେଶ ଅନୁଷ୍ଠିତ ହୋଇଥିଲା । ପରମ୍ପରା ଅନୁଯାୟୀ ମଣିବାବାଙ୍କ ପାଖରୁ ଆଜ୍ଞାମାଳ ଓ ନୂଆନେତ ଆସିବା ପରେ ସେବାୟତଙ୍କ ଦ୍ୱାରା ମନ୍ଦିର ଚୂଡାରେ ଲାଗି କରାଯାଇଥିଲା । ତାହାସହ ନୂଆ ଚାନ୍ଦୁଆ ଗର୍ଭଗୃହରେ ଲାଗି କରାଯାଇଥିଲା । ମହାଶିବରାତ୍ରି ନୀତି ନିମନ୍ତେ ଭୋର ୪ଟାରେ ପହଡ ଖୋଲିବା ପରେ ମଙ୍ଗଳ ଆଳତୀ, କନିକାରାଜାଙ୍କ ପକ୍ଷରୁ ପହିଲି ଘର୍ଷଣ ଲାଗି ସରିବା ପରେ ସକାଳ ୫ଟାରେ ବଡାଭାତ (ଖେଚୁଡି ଅନ୍ନ) ନୀତି ଭୋଗ ଲାଗି କରାଯିବ । ପରେ ସକାଳ ୫ଟାରୁ ରାତ୍ର ୧୧ଟା ଯାଏଁ ଭକ୍ତଙ୍କ ଦର୍ଶନ ପାଇଁ ସାହଣମେଲା କରାଯିବ । ପରେ ସଂଧ୍ୟା ୬ରୁ ରାତ୍ର ୧୨ଟା ଯାଏଁ ୪ପ୍ରହର ଘର୍ଷଣ ନୀତି ସମ୍ପନ୍ନ ହେବ । ପରେ ରାତ୍ର ୧ଟାରେ ସୁନାବେଶ ସମ୍ପନ୍ନ ହେବା ସହ ଭୋର ୫ଟାରେ ମନ୍ଦିର ଚୂଡାକୁ ମହାଦ୍ୱୀପ ଉଠିବ । ଏଥିପାଇଁ ସମସ୍ତ ପ୍ରସ୍ତୁତି ଉଭୟ ପ୍ରଶାସନ ଓ ସେବାୟତଙ୍କ ପକ୍ଷରୁ ସମ୍ପନ୍ନ ହୋଇଛି । ଭକ୍ତମାନଙ୍କ ଭିଡକୁ ଦୃଷ୍ଟିରେ ରଖି ପୁଲିସ ବିଭାଗ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି ।

ଜାଗରଯାତ୍ରାରେ ଦୂରଦୂରାନ୍ତରୁ ଆଗନ୍ତୁକ ଲକ୍ଷାଧିକ ଭକ୍ତ ଯେପରି ଭାବେ ମଣିବାବାଙ୍କୁ ଶୃଙ୍ଖଳିତ ଦର୍ଶନ କରିବେ ଉଜାଗର ରହି ଜାଗରଦୀପ ଜାଳିବା ସହିତ ମହାଦୀପ ଦର୍ଶନ କରିବେ ସେଥିପାଇଁ ଗତକାଲି ଅପରାହ୍ଣରେ ଭଦ୍ରକ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦୋର, ଉପଜିଲାପାଳ ତଥା ମନ୍ଦିର ଟ୍ରଷ୍ଟି ମନୋଜ ପାତ୍ର, ଚାନ୍ଦବାଲି ତହସିଲଦାର ଅଶ୍ୱିନି ଭୂୟାଁ, ବିଡିଓ ଅଶିତ ମହାନ୍ତି, ପୂର୍ତ୍ତ ବିଭାଗର ଉଚ୍ଚ ପ୍ରଦାଧିକାରୀ ଦୀପକ ପାଣିଗ୍ରାହୀ, ଅମ୍ବିକା ସ୍ୱାଇଁ, ଜଳପରିମଳ ବିଭାଗର ନିର୍ବାହୀ ଓ କନିଷ୍ଠଯନ୍ତ୍ରୀ ପ୍ରମୁଖଙ୍କ ସହ ଜିଲାର ବିଭିନ୍ନ ବିଭାଗର ଅଧିକାରୀ କ୍ଷେତ୍ର ପରିଦର୍ଶନ କରିବା ସହ ପୀଠରେ ସମୀକ୍ଷା କରିଥିଲେ । ବିଶେଷକରି ଭକ୍ତମାନେ ଯେପରି ଶୃଙ୍ଖଳିତ ଦର୍ଶନ କରିବେ ସେଥିପାଇଁ ନିର୍ମାଣଧିନ ବ୍ୟାରିକେଡ ଦେଖିବା ସହ ଅସ୍ଥାୟୀ କ୍ୟାମ୍ପ, ପରିମଳ, ପାନୀୟଜଳ, ସ୍ୱାସ୍ଥ୍ୟ ଆଦି ଯେପରି ୨୪ଘଣ୍ଟିଆ ବ୍ୟବସ୍ଥା କରାଯିବ ସେଥିପାଇଁ ସମସ୍ତ ବିଭାଗର ଅଧିକାରୀଙ୍କ ସହ ଜିଲ୍ଲାପାଳ ଆଲୋଚନା କରିଥିଲେ ।

ଏପଟେ ସେବାୟତଙ୍କ ପକ୍ଷରୁ ଏକବାର ନୀତି ସହ ଜାଗର ନୀତିକାନ୍ତି ନିମନ୍ତେ ସମସ୍ତ ପ୍ରସ୍ତୁତି ଆଗେଇ ଚାଲିଛି । ଚଳିତବର୍ଷ ଜାଗରଯାତ୍ରା ମହୋତ୍ସବ ୩ଦିନ ଧରି ପାଳନ ହେଉଥିବାରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ ଶ୍ରୀ ବନ୍ଦୋର କହିଥିଲେ ।

---


## ଚୌଦ୍ୱାର ପୌର ପରିଷଦ କାର୍ଯ୍ୟାଳୟ, ଚୌଦ୍ୱାର
## OFFICE OF THE MUNICIPAL COUNCIL, CHOUDWAR

C- 3274

Govt. of Odisha (H&U.D Deptt) CUTTACK (ODISHA) PIN-754071
Phone No- 0671-2394272(0) e-mail: choudwarmunicipality@gmail.com

Letter No.1122 | Date: 07.03.2024

**QUOTATION CALL NOTICE**

Sealed quotations are invited from interested reputed Travel Agencies/Tour Operators/ Private individuals for providing one no of AC Petrol driven vehicles Tiago/Bolt/Celerio having sitting capacity not more than 05 excluding driver which shall confirm to the Terms and Conditions (AppendixA) for official use in Choudwar Municipality on monthly rent basis.

1. The service provider shall have a valid OGST registration to participate in the tendering.
2. The service provider, participating in the bidding process under the jurisdiction of Municipal area shall be registered on GeM platform.
3. The vehicle must be in road worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, Pollution Certificate, valid Contract Carriage Permit, proof of up-to-date tax payment etc. mandatory for plying of vehicle.
4. A sum of Rs.5000/- shall be deposited by the intending bidders in shape of Account Payee Bank Draft drawn in favour of the Executive Officer, Choudwar Municipality and submitted along with the quotation as security deposit. After completion of quotation process, the amount will be refunded to unsuccessful bidders.
5. The monthly rate of hire charge be quoted separately in the general bid information (excluding fuel and lubricants).
6. The vehicle must achieve a fuel efficiency of 17 K.M per Litre.
7. The details of the make and year of manufacture of the vehicle, registration no., mileage (KM covered per litre).
8. The quotation completed in all respect should reach the undersigned on or before 18.03.2024 by 1.00 P.M and shall be opened on the same day at 3.30 P.M in presence of the bidders or their authorized representatives.
9. The application form of quotation containing General Bid information and Terms and conditions for Hiring of Vehicles etc. will be available with Choudwar Municipality on payment of Rs. 1000/-from 10 A.M to 5.30 P.M (Excluding Govt. Holidays).
10. The monthly rent should not be exceed Rs. 10,000/- (Rupees Ten thousand)only per month excluding GST.

OIPR: 13138/11/0022/2324

Sd/- Executive Officer, Choudwar Municipality


---

## ଓଡ଼ିଶା ସରକାର
## ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଘୋଷଣା

**File No. 52 Dt. 31.01.2024**

**XXIX-21 :** ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act. 2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, **ମୌଜା-ବୁଢ଼ାପଙ୍କ, ଥାନା-ଅନୁଗୋଳ, ତହସିଲ-ବଁଅରପାଳ, ଜିଲ୍ଲା-ଅନୁଗୋଳ**ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଅନୁଗୋଳ–ଢୁବୁରି–ସୁକିନ୍ଦା ନୂତନ ରେଳପଥ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act. 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୧୧ ତା. ୨୧.୦୪.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, **ମୌଜା-ବୁଢ଼ାପଙ୍କ, ଥାନା-ଅନୁଗୋଳ, ଜିଲ୍ଲା-ଅନୁଗୋଳ**ରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ ।

### ତଫସିଲ 'କ'
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା : ଅନୁଗୋଳ | ତହସିଲ : ବଁଅରପାଳ

| ଖାତା ନଂ | ସତ୍ୱ | ପ୍ଲଟ ନଂ | କିସମ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | ରୟତଙ୍କ ନାମ |
|---|---|---|---|---|---|---|
| ୧୯୫ | ରୟତି | ୧୨୭୫ | ଶାରଦ ଅଣଜଳସେଚିତ ଦୁଇ | ୦.୫୪୦ | ୦.୦୬୦ | କାହ୍ନୁରୁ ବେହେରା, କାଳିଆ ବେହେରା, ପି: କପିଳ ବେହେରା, ତଅଁଳୁ ବେହେରା, ପି: ମୁଳିଆ ବେହେରା, ଜା: ଚଷା, ବା: ନିଜଗାଁ |
| ୨୪୮ | ରୟତି | ୫୭୨ | ଶାରଦ ଅଣଜଳସେଚିତ ଦୁଇ | ୦.୧୯୦ | ୦.୧୧୦ | କୃପାସିନ୍ଧୁ ବେହେରା, ପି: କୁମର ବେହେରା, ଜା: ଚଷା, ବା: ନିଜଗାଁ |
| ୨୪୮ | ରୟତି | ୫୬୪ | ଶାରଦ ଅଣଜଳସେଚିତ ଏକ | ୦.୧୦୦ | ୦.୦୫୦ | କୃପାସିନ୍ଧୁ ବେହେରା, ପି: କୁମର ବେହେରା, ଜା: ଚଷା, ବା: ନିଜଗାଁ |
| ୨୪୮ | ରୟତି | ୫୬୩ | ଶାରଦ ଅଣଜଳସେଚିତ ଏକ | ୦.୪୦୦ | ୦.୨୦୦ | କୃପାସିନ୍ଧୁ ବେହେରା, ପି: କୁମର ବେହେରା, ଜା: ଚଷା, ବା: ନିଜଗାଁ |
| ୨୪୯ | ରୟତି | ୫୮୨ | ଶାରଦ ଅଣଜଳସେଚିତ ଦୁଇ | ୦.୫୦୦ | ୦.୦୧୦ | କୃପାସିନ୍ଧୁ ବେହେରା, ମକୁନ୍ଦ ବେହେରା, ପି: କୁମର ବେହେରା, ଜା: ଚଷା, ବା: ନିଜଗାଁ |
| ୨୪୯ | ରୟତି | ୫୮୦ | ଶାରଦ ଅଣଜଳସେଚିତ ଦୁଇ | ୦.୧୯୦ | ୦.୦୩୦ | କୃପାସିନ୍ଧୁ ବେହେରା, ମକୁନ୍ଦ ବେହେରା ପି: କୁମର ବେହେରା, ଜା: ଚଷା, ବା: ନିଜଗାଁ |
| ୨୪୯ | ରୟତି | ୧୨୫୭ | ଶାରଦ ଅଣଜଳସେଚିତ ଦୁଇ | ୦.୩୦୦ | ୦.୦୨୦ | କୃପାସିନ୍ଧୁ ବେହେରା, ମକୁନ୍ଦ ବେହେରା, ପି: କୁମାର ବେହେରା, ଜା: ଚଷା, ବା: ନିଜଗାଁ |
| ୨୯୨ | ରୟତି | ୧୨୮୦ | ଶାରଦ ଅଣଜଳସେଚିତ ତିନି | ୨.୯୨୦ | ୦.୧୫୦ | ଗଙ୍ଗାଧର ଦେହୁରୀ, ରବି ଦେହୁରୀ, ପି: ପାଣ୍ଡୁ ଦେହୁରୀ ଜା: ଚଷା, ବା: ନିଜଗାଁ |
| ୨୯୨ | ରୟତି | ୭୬୩ | ତଇଳା | ୧.୮୦୦ | ୦.୨୦୦ | ଗଙ୍ଗାଧର ଦେହୁରୀ, ରବି ଦେହୁରୀ, ପି: ପାଣ୍ଡୁ ଦେହୁରୀ ଜା: ଚଷା, ବା: ନିଜଗାଁ |
| ୪୧୯ | ରୟତି | ୫୮୧ | ଶାରଦ ଅଣଜଳସେଚିତ ଦୁଇ | ୦.୪୪୦ | ୦.୧୫୦ | ଚକ୍ରଧର ବେହେରା, ପି: ମିଲୁ ବେହେରା ଜା: ଚଷା, ବା: ନିଜଗାଁ |
| ୪୨୦ | ରୟତି | ୧୨୫୬ | ଶାରଦ ଅଣଜଳସେଚିତ ଦୁଇ | ୦.୧୮୦ | ୦.୦୨୦ | ଚକ୍ରଧର ବେହେରା, ଶଙ୍କର ବେହେରା, ଦୁରୁଜ ବେହେରା, ଦୁଃଶା ବେହେରା, ପି: ମିଲୁ ବେହେରା, ଜା: ଚଷା, ବା: ନିଜଗାଁ |
| ୪୨୦ | ରୟତି | ୫୧୧ | ତଇଳା | ୦.୨୦୦ | ୦.୦୬୦ | ଚକ୍ରଧର ବେହେରା, ଶଙ୍କର ବେହେରା, ଦୁରୁଜ ବେହେରା, ଦୁଃଶା ବେହେରା, ପି: ମିଲୁ ବେହେରା, ଜା: ଚଷା, ବା: ନିଜଗାଁ |
| ୪୨୦ | ରୟତି | ୫୧୩ | ତଇଳା | ୦.୨୧୦ | ୦.୦୯୦ | ଚକ୍ରଧର ବେହେରା, ଶଙ୍କର ବେହେରା, ଦୁରୁଜ ବେହେରା, ଦୁଃଶା ବେହେରା, ପି: ମିଲୁ ବେହେରା, ଜା: ଚଷା, ବା: ନିଜଗାଁ |
| ୪୩୫ | ରୟତି | ୧୩୮୪ | ଶାରଦ ଅଣଜଳସେଚିତ ଦୁଇ | ୦.୧୨୦ | ୦.୦୬୦ | ଚମ୍ପା ପଧାନ, ବାଳୀ ପଧାନ, ବିଳାସ ପଧାନ, ସ୍ୱା: ବୈରାଗି ଚରଣ ପଧାନ, ଜାହ୍ନବୀ ପଧାନ, ସ୍ୱା–ଜୟ ପଧାନ, ଜା: ମାଟିଆ, ବା: ନିଜଗାଁ |
| ୪୯୪ | ରୟତି | ୬୪୭ | ଶାରଦ ଅଣଜଳସେଚିତ ଏକ | ୦.୪୮୦ | ୦.୦୬୦ | ଝୁଗି ବେହେରା, ପି: କ୍ଷେତ୍ର ବେହେରା, ଜା: ଚଷା, ବା: ବଇଣ୍ଡା, ଥା–କଳିୟରି |
| ୪୯୪ | ରୟତି | ୬୪୪ | ଶାରଦ ଅଣଜଳସେଚିତ ତିନି | ୧.୪୪୦ | ୦.୧୫୦ | ଝୁଗି ବେହେରା, ପି: କ୍ଷେତ୍ର ବେହେରା, ଜା: ଚଷା, ବା: ବଇଣ୍ଡା, ଥା–କଳିୟରି |
| ୪୯୪ | ରୟତି | ୫୮୩ | ଶାରଦ ଅଣଜଳସେଚିତ ଏକ | ୧.୭୪୦ | ୦.୪୦୦ | ଝୁଗି ବେହେରା, ପି: କ୍ଷେତ୍ର ବେହେରା, ଜା: ଚଷା, ବା: ବଇଣ୍ଡା, ଥା–କଳିୟରି |
| ୫୦୦ | ରୟତି | ୧୧୫୯ | ଶାରଦ ଅଣଜଳସେଚିତ ଦୁଇ | ୦.୨୦୦ | ୦.୦୪୦ | ଯୁଧିଷ୍ଠିର ସାମଲ, ପି: କୁଞ୍ଜ ସାମଲ, ଜା: କ୍ଷେତ୍ରିୟ, ବା: ନିଜଗାଁ |
| ୫୨୨ | ରୟତି | ୭୬୪ | ତଇଳା | ୦.୦୮୦ | ୦.୦୨୦ | ଧନେଶ୍ୱର ଭୁତିଆ, ପି: ଜଗବନ୍ଧୁ ଭୁତିଆ, ଜା : ଗଉଡ, ବା: ନିଜଗାଁ |
| ୫୮୧ | ରୟତି | ୧୨୬୬ | ଶାରଦ ଅଣଜଳସେଚିତ ଦୁଇ | ୦.୦୩୦ | ୦.୦୨୦ | ଦିବାକର ବେହେରା, ପି : କିର୍ତ୍ତନ ବେହେରା, ଜା : ଚଷା, ବା: ନିଜଗାଁ |
| ୫୯୪ | ରୟତି | ୧୧୬୦ | ଶାରଦ ଅଣଜଳସେଚିତ ଏକ | ୦.୨୦୦ | ୦.୦୧୦ | ଦୁର୍ଯ୍ୟୋଧନ ସାମଲ, ପି: କୁଞ୍ଜ ସାମଲ, ଜା : କ୍ଷେତ୍ରିୟ, ବା: ନିଜଗାଁ |
| ୭୧୨ | ରୟତି | ୧୨୭୮ | ଶାରଦ ଅଣଜଳସେଚିତ ଦୁଇ | ୦.୦୩୦ | ୦.୦୩୦ | ନିଳମଣି ବେହେରା, ପି: କିର୍ତ୍ତନ ବେହେରା ଜା : ଚଷା, ବା: ନିଜଗାଁ |
| ୭୯୪ | ରୟତି | ୧୨୬୮ | ଶାରଦ ଅଣଜଳସେଚିତ ଦୁଇ | ୦.୦୭୦ | ୦.୦୬୦ | ପ୍ରଭାକର ବେହେରା, ପି: କିର୍ତ୍ତନ ବେହେରା, ଜା : ଚଷା, ବା: ନିଜଗାଁ |
| ୮୧୦ | ରୟତି | ୫୬୮ | ଶାରଦ ଅଣଜଳସେଚିତ ଦୁଇ | ୦.୭୨୦ | ୦.୨୦୦ | ପ୍ରମୋଦ ଚନ୍ଦ୍ର ବେହେରା, ଜୟକୃଷ୍ଣ ବେହେରା, ସୁଧାକର ବେହେରା, ପି: କୃପାସିନ୍ଧୁ ବେହେରା, ଜା : ଚଷା, ବା: ନିଜଗାଁ |
| ୮୧୫ | ରୟତି | ୧୨୭୪ | ଶାରଦ ଅଣଜଳସେଚିତ ଦୁଇ | ୦.୨୬୦ | ୦.୦୬୦ | ପ୍ରସନ୍ନ କୁମାର ବେହେରା, ପି: ଧୋବେଇ ବେହେରା ଜା : ଚଷା, ବା: ନିଜଗାଁ |
| ୮୭୦ | ରୟତି | ୫୧୨ | ତଇଳା | ୦.୫୫୦ | ୦.୨୩୦ | ଫକୀର ବେହେରା, ପି: ଟଙ୍କଧର ବେହେରା ଜା : ଚଷା, ବା: ନିଜଗାଁ |
| ୮୯୦ | ରୟତି | ୧୧୫୪ | ଶାରଦ ଅଣଜଳସେଚିତ ଏକ | ୦.୬୭୦ | ୦.୦୬୦ | ବନମାଳୀ ସାହୁ, ପି: ପବିତ୍ର ସାହୁ, ଜା : ଚଷା, ବା: ନିଜଗାଁ |
| ୮୯୦ | ରୟତି | ୧୨୬୯ | ଶାରଦ ଅଣଜଳସେଚିତ ଏକ | ୦.୭୧୦ | ୦.୧୮୦ | ବନମାଳୀ ସାହୁ, ପି: ପବିତ୍ର ସାହୁ, ଜା : ଚଷା, ବା: ନିଜଗାଁ |
| ୯୩୩ | ରୟତି | ୧୩୮୫ | ଶାରଦ ଅଣଜଳସେଚିତ ଦୁଇ | ୦.୩୧୦ | ୦.୦୭୦ | ବାଳି ପଧାନ, ବୈରାଗି ଚରଣ ପଧାନ, ଜୟକୃଷ୍ଣ ପଧାନ, ପି: ଧନୁ ପଧାନ, ଜା : ମାଟିଆ, ବା: ନିଜଗାଁ |
| ୧୦୧୪ | ରୟତି | ୧୩୯୩ | ଶାରଦ ଅଣଜଳସେଚିତ ଦୁଇ | ୦.୬୫୦ | ୦.୧୨୦ | ବୁଧିଆ ପଧାନ, ପି: ଫକିର ପଧାନ, ଜା : ମାଟିଆ, ବା: ନିଜଗାଁ |
| ୧୦୪୨ | ରୟତି | ୬୪୯ | ଶାରଦ ଅଣଜଳସେଚିତ ତିନି | ୦.୧୭୦ | ୦.୦୩୦ | ଭ୍ରମରବର ପଧାନ, ପି: କଲ୍ୟାଣ ପଧାନ, ମରୁଆ ପଧାନ, ସ୍ୱା: କଲ୍ୟାଣ ପଧାନ, ଜା : ମାଟିଆ, ବା: ନିଜଗାଁ |
| ୧୦୮୧ | ରୟତି | ୧୩୭୭ | ଶାରଦ ଅଣଜଳସେଚିତ ଦୁଇ | ୦.୬୦୦ | ୦.୦୬୦ | ଭିକାରୀ ପଧାନ, ପି: ନେଙ୍ଗୁରୀ ପଧାନ, ପି: ମହନ ପଧାନ, ଜା : ମାଟିଆ, ବା: ନିଜଗାଁ |
| ୧୦୮୧ | ରୟତି | ୫୭୦ | ଶାରଦ ଅଣଜଳସେଚିତ ତିନି | ୦.୪୧୦ | ୦.୦୮୦ | ଭିକାରୀ ପଧାନ, ପି: ନେଙ୍ଗୁରୀ ପଧାନ, ପି: ମହନ ପଧାନ, ଜା : ମାଟିଆ, ବା: ନିଜଗାଁ |
| ୧୦୯୭ | ରୟତି | ୫୬୨ | ଶାରଦ ଅଣଜଳସେଚିତ ଦୁଇ | ୦.୩୯୦ | ୦.୨୨୦ | ମକୁନ୍ଦ ବେହେରା, ପି: କୁମାର ବେହେରା, ଜା : ଚଷା, ବା: ନିଜଗାଁ |
| ୧୦୯୭ | ରୟତି | ୫୭୩ | ଶାରଦ ଅଣଜଳସେଚିତ ଦୁଇ | ୦.୦୯୦ | ୦.୦୩୦ | ମକୁନ୍ଦ ବେହେରା, ପି: କୁମାର ବେହେରା, ଜା : ଚଷା, ବା: ନିଜଗାଁ |
| ୧୦୯୭ | ରୟତି | ୫୭୬ | ତଇଳା | ୦.୦୭୦ | ୦.୦୨୦ | ମକୁନ୍ଦ ବେହେରା, ପି: କୁମାର ବେହେରା, ଜା : ଚଷା, ବା: ନିଜଗାଁ |
| ୧୧୫୪ | ରୟତି | ୫୧୪ | ତଇଳା | ୦.୪୪୦ | ୦.୦୨୦ | ମାୟାଧର ବେହେରା, ପି: ପଂଚୁ ବେହେରା, ଜା : ଚଷା, ବା: ନିଜଗାଁ |
| ୧୧୫୪ | ରୟତି | ୫୧୪ | ତଇଳା | ୦.୪୪୦ | ୦.୧୩୦ | ମାୟାଧର ବେହେରା, ପି: ପଂଚୁ ବେହେରା, ଜା : ଚଷା, ବା: ନିଜଗାଁ |
| ୧୧୫୪ | ରୟତି | ୫୧୦ | ତଇଳା | ୦.୪୦୦ | ୦.୦୩୦ | ମାୟାଧର ବେହେରା, ପି: ପଂଚୁ ବେହେରା, ଜା : ଚଷା, ବା: ନିଜଗାଁ |
| ୧୧୭୩ | ରୟତି | ୬୪୧ | ଶାରଦ ଅଣଜଳସେଚିତ ଏକ | ୦.୮୦୦ | ୦.୧୪୦ | ମାନସ କୁମାର ପ୍ରଧାନ, ପି: ଦିନବନ୍ଧୁ ପ୍ରଧାନ, ଜା : ଚଷା, ବା: ବାଲୁଗାଁ, ଥା–ତାଳଚେର |
| ୧୧୭୩ | ରୟତି | ୬୪୩ | ଶାରଦ ଅଣଜଳସେଚିତ ତିନି | ୦.୧୬୦ | ୦.୦୩୦ | ମାନସ କୁମାର ପ୍ରଧାନ, ପି: ଦିନବନ୍ଧୁ ପ୍ରଧାନ, ଜା : ଚଷା, ବା: ବାଲୁଙ୍ଗା, ଥା–ତାଳଚେର |
| ୧୧୯୪ | ରୟତି | ୧୪୦୫ | ଶାରଦ ଅଣଜଳସେଚିତ ଦୁଇ | ୦.୫୬୦ | ୦.୦୬୦ | ମୋଗଲ ଗୋଛାୟତ, ଶମ୍ଭୁଆ ଗୋଛାୟତ, ନେମ୍ଭୁଆ ଗୋଛାୟତ, ପି: ଦୁଃଖିଆ ଗୋଛାୟତ, ଫଗୁଆ ଗୋଛାୟତ, ପି: ବନ୍ଧୁଆ ଗୋଛାୟତ, ଡମଣୀ ଗୋଛାୟତ, ସ୍ୱା: ବନ୍ଧୁଆ ଗୋଛାୟତ, ଜା: ହାଡି, ବା: ନିଜଗାଁ |
| ୧୩୬୧ | ରୟତି | ୧୧୫୮ | ଶାରଦ ଅଣଜଳସେଚିତ ଏକ | ୦.୨୦୦ | ୦.୦୪୦ | ଶଶି ସାମଲ, ପି: କୁଞ୍ଜ ସାମଲ, ଜା : କ୍ଷେତ୍ରିୟ, ବା: ନିଜଗାଁ |
| ୧୪୮୨ | ରୟତି | ୬୪୨ | ଶାରଦ ଅଣଜଳସେଚିତ ତିନି | ୦.୨୮୦ | ୦.୦୯୦ | ହାଡିବନ୍ଧୁ ସାମଲ, ପି: ଭାଗିରଥି ସାମଲ, ଜା : କ୍ଷେତ୍ରିୟ, ବା: ନିଜଗାଁ |
| ୧୫୦୫/୪୫ | ରୟତି | ୧୪୦୪ | ଶାରଦ ଅଣଜଳସେଚିତ ତିନି | ୦.୫୮୦ | ୦.୦୪୦ | ଦିନବନ୍ଧୁ ପ୍ରଧାନ, ପି: ନନ୍ଦ ପ୍ରଧାନ, ଜା : ଚଷା, ବା: ବୁଢ଼ାପଙ୍କ |
| | | | ମୋଟ | | ୩.୯୪୦ | |

* ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ ଏ. ........................ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

### ତଫସିଲ 'ଖ'
(ପୁନର୍ବାସ ନିମିତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା : ଅନୁଗୋଳ | ତହସିଲ : ବଁଅରପାଳ

| ଗ୍ରାମର ନାମ | ଗ୍ରାମୀଣ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ମୋଟ ରକବା | ପୁନର୍ବାସ ନିମନ୍ତେ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

¢ ଅଧିସୂଚନାର ବୈଧ ତାରିଖ ............................. ।

ସ୍ୱା/– ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, ଅନୁଗୋଳ

OIPR : 24012/14/0020/2324

---

## ଓଡ଼ିଶା ସରକାର
## ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଘୋଷଣା

**File No. 46 Dt. 31.01.2024**

**XXIX-20 :** ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act. 2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, **ମୌଜା-ପନ୍ଦରଭରଣିଆ, ଥାନା-ଅନୁଗୋଳ, ତହସିଲ-ବଁଅରପାଳ, ଜିଲ୍ଲା-ଅନୁଗୋଳ**ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଅନୁଗୋଳ–ଢୁବୁରି–ସୁକିନ୍ଦା ନୂତନ ରେଳପଥ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act. 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୧୭ ତା. ୨୧.୦୪.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, **ମୌଜା-ପନ୍ଦରଭରଣିଆ, ଥାନା-ଅନୁଗୋଳ, ତହସିଲ-ଜିଲ୍ଲା-ଅନୁଗୋଳ** ରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ ।

### ତଫସିଲ 'କ'
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା : ଅନୁଗୋଳ | ତହସିଲ : ବଁଅରପାଳ

| ଖାତା ନଂ | ସତ୍ୱ | ପ୍ଲଟ ନଂ | କିସମ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | ରୟତଙ୍କ ନାମ |
|---|---|---|---|---|---|---|
| ୮ | ରୟତି | ୫୩ | ଶାରଦ ତିନି/୧୨ | ୧.୬୨୦ | ୦.୧୦୦ | କୁଳମଣି ପଧାନ, ପି: ରଘୁ ପଧାନ, ଦୂତିକା ଦେଇ, ପି: ହରି ପଧାନ, ଚନ୍ଦ୍ର ପ୍ରଧାନ, ପି : ଅର୍ଜୁନ ପଧାନ, ଜା: ମାଟିଆ, ବା: ବୁଢ଼ାପଙ୍କ (ପନ୍ଦରଭରଣିଆ) |
| ୧୨ | ରୟତି<br>ରୟତି | ୫୨/୧୧୬<br>୫୨ | ଶାରଦ ତିନି/୬<br>ଶାରଦ ତିନି/୧୬ | ୨,୩୦୦<br>୧.୮୮୦ | ୦.୨୪୦<br>୦.୦୩୦ | ଜଗବନ୍ଧୁ ଭୁତିଆ, ପି: ସୁବୁଧି ଭୁତିଆ, ଜା: ଗଉଡ, ବା : ବୁଢ଼ାପଙ୍କ (ପଡା) ପନ୍ଦରଭରଣିଆ |
| ୧୬ | ରୟତି | ୫୪ | ଶାରଦ ତିନି/୭ | ୦.୭୦୦ | ୦.୨୭୦ | ଫକୀର ପଧାନ, ପି: ସନୁ ପଧାନ, ଜା: ମାଟିଆ, ବା: ବୁଢ଼ାପଙ୍କ |
| ୧୯ | ରୟତି | ୨୦ | ଶାରଦ ତିନି/୭ | ୦.୬୬୦ | ୦.୦୮୦ | ବୈକୁଣ୍ଠ ନାଏକ, ଶିରିଆ ନାୟକ, ପି: ସପନି ନାୟକ, ଜା: ପାଣ, ବା: ମଝିକା, ବେଆଇନ ସାଦା କାଗଜ ଖରିଦ ସୂତ୍ରେ ଦଖଲ, ବା: ଅଥାନି ସାହୁ, ପି: ରୁଷିଆ ସାହୁ, ଜା: ଗଉଡ, ବା: ବୁଢ଼ାପଙ୍କ (ପଡା) ପନ୍ଦରଭରଣିଆ, ତା.୧୦.୦୫.୫୪ ଜରସମନ ଟଙ୍କା ୬୮/– ବା: |
| | | | ମୋଟ | | ୦.୬୭୦ | |

¢ ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ ଏ. ......................... ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

### ତଫସିଲ 'ଖ'
(ପୁନର୍ବାସ ନିମିତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା : ଅନୁଗୋଳ | ତହସିଲ : ବଁଅରପାଳ

| ଗ୍ରାମର ନାମ | ଗ୍ରାମୀଣ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

¢ ଅଧିସୂଚନାର ବୈଧ ତାରିଖ ............................. ।

ସ୍ୱା/- ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, ଅନୁଗୋଳ

OIPR : 24012/14/0021/2324

---

## ଓଡିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର

XXIV-56

## ଅଧିସୂଚନା

File No. COL/JAJ/VIIL-33/2022/856 LA/ (Civil) dated. 20/01/2024

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାରେ ଆଙ୍କୁଲା ଠାରୁ ଅବଦଲପୁର (ଗୋଖନା) ପର୍ଯ୍ୟନ୍ତ ଚାରିଥାକ ବିଶିଷ୍ଟ ରାସ୍ତାର ଉନ୍ନତିକରଣ ନିମନ୍ତେ (Appropriate Goverment) ସରକାରୀ ବ୍ୟୟରେ ମୌଜା– ଅବଦଲପୁର, ଥାନା– ଯାଜପୁର ନଂ ୧୯୧, ତହସିଲ– ଯାଜପୁର, ଜିଲ୍ଲା– ଯାଜପୁରରେ ନିମ୍ନ ତଫସିଲ ମତେ ପ୍ରାୟ ଏ୧.୦୧୫ଡି. ଭୂମି ଅର୍ଜନ ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act. 2013) ର ୧୧(୧) ଧାରାରେ ଭାରାପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚିରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଇଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଆଙ୍କୁଲା ଠାରୁ ଅବଦଲପୁର (ଗୋଖନା) ପର୍ଯ୍ୟନ୍ତ ଚାରିଥାକ ବିଶିଷ୍ଟ ରାସ୍ତାର ଉନ୍ନତିକରଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧିକ୍ଷଣ ଯନ୍ତ୍ରୀ, ପାଣିକୋଇଲି (ରାସ୍ତା ଓ କୋଠାବାଡ଼ି) ବିଭାଜନ, ପାଣିକୋଇଲି ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ଆଙ୍କୁଲାଠାରୁ ଅବଦଲପୁର (ଗୋଖନା) ପର୍ଯ୍ୟନ୍ତ ଚାରିଥାକ ବିଶିଷ୍ଟ ରାସ୍ତାର ଉନ୍ନତିକରଣ ନିମନ୍ତେ ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ– ଓଡ଼ିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା ୪୩୪୭୬/୧୨.୧୨.୨୦୨୩ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ-ଜିଲ୍ଲାପାଳ, ଯାଜପୁର ।
୬. ଜମିର ବିବରଣୀ ।

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଯାଜପୁର | ଯାଜପୁର | ଅବଦଲପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ୧.୫୩୦ ଡି | ଏ.୧.୦୧୫ ଡି | ଏଥି ସହିତ ସଂଲଗ୍ନ |

ଉକ୍ତ ଜମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ(ସିଭିଲ), ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁରରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇ ପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, ଯାଜପୁର

### ଭୂମି ଅନୁସୂଚୀ
**ପ୍ରକଳ୍ପ- ଆଙ୍କୁଲା ଠାରୁ ଅବଦଲପୁର (ଗୋଖନା) ପର୍ଯ୍ୟନ୍ତ ଚାରିଥାକ ବିଶିଷ୍ଟ ରାସ୍ତାର ଉନ୍ନତିକରଣ**
**ମୌଜା- ଅବଦଲପୁର, ଥାନା ନଂ-୧୯୧, ଥାନା/ତହସିଲ/ ଜିଲ୍ଲା- ଯାଜପୁର**

| କ୍ରମିକ ନଂ | ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୯୧୯ | ୩୨୮୪ | ୦.୩୦୦ | ୦.୨୪ | ଶାରଦ ଜଳ ଦୋଫସଲ | ରାଜକିଶୋର ତ୍ରିପାଠୀ, ପି: କଣ୍ଡୁରୀ ତ୍ରିପାଠୀ, ଜା: ବ୍ରାହ୍ମଣ, ବା: ବିବିସରାଇ, (ଯାଜପୁର ଟାଉନ) | |
| ୨ | ୬୩୬ | ୨୮୮୬ | ୦.୦୩୦ | ୦.୦୩ | ଶାରଦ ଜଳ ଦୋଫସଲ | ପ୍ରିୟ କିଶୋର ପଣ୍ଡା, ଜଗତ କିଶୋର ପଣ୍ଡା, ପି: ବିଦ୍ୟାଧର ପଣ୍ଡା, ଅଭୟ କୁମାର ପଣ୍ଡା, ଅକ୍ଷୟ କୁମାର ପଣ୍ଡା, ବିଚିତ୍ରାନନ୍ଦ ପଣ୍ଡା, ଅଚ୍ୟୁତାନନ୍ଦ ପଣ୍ଡା, ପି: ପରମାନନ୍ଦ ପଣ୍ଡା, ବ୍ରଜକିଶୋର ପଣ୍ଡା ନରେନ୍ଦ୍ର ପଣ୍ଡା, ରବିନ୍ଦ୍ର ପଣ୍ଡା, ଜ୍ଞାନେନ୍ଦ କିଶୋର ପଣ୍ଡା, ପି: ମୁରଲିଧର ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୩ | ୬୩୫ | ୨୮୯୦ | ୦.୦୫୦ | ୦.୦୫ | ଶାରଦ ଜଳ ଦୋଫସଲ | ପ୍ରିୟ କିଶୋର ପଣ୍ଡା, ଜଗତ କିଶୋର ପଣ୍ଡା, ପି: ବିଦ୍ୟାଧର ପଣ୍ଡା, ଅଭୟ ପଣ୍ଡା, ଅକ୍ଷୟ ପଣ୍ଡା, ପି: ଶରତ ପଣ୍ଡା, ଅହଲ୍ୟା ପଣ୍ଡା, ସ୍ୱା: ଶରତ ପଣ୍ଡା, ବିଚିତ୍ରାନନ୍ଦ ପଣ୍ଡା, ଅଚ୍ୟୁତାନନ୍ଦ ପଣ୍ଡା, ପି: ପରମାନନ୍ଦ ପଣ୍ଡା, ବ୍ରଜକିଶୋର ପଣ୍ଡା, ନରେନ୍ଦ୍ର ପଣ୍ଡା, ରବିନ୍ଦ୍ର କୁମାର ପଣ୍ଡା, ଜ୍ଞାନେନ୍ଦ୍ର କିଶୋର ପଣ୍ଡା, ପି: ମୁରଲିଧର ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୪ | ୫୬୫ | ୨୮୯୨ | ୦.୧୧୦ | ୦.୦୩ | ଶାରଦ ଜଳ ଦୋଫସଲ | ନୃସିଂହ ସାହୁ, ପି: ଫକୀର ସାହୁ, ଜା: ତେଲି, ବା: ବାରବାଟୀ | |
| ୫ | ୯୧୯ | ୨୯୦୯ | ୦.୦୩୦ | ୦.୦୩ | ଶାରଦ ଜଳ ଦୋଫସଲ | ରାଜକିଶୋର ତ୍ରିପାଠୀ, ପି: କଣ୍ଡୁରୀ ତ୍ରିପାଠୀ, ଜା: ବ୍ରାହ୍ମଣ, ବା: ବିବିସରାଇ, (ଯାଜପୁର ଟାଉନ) | |
| ୬ | ୯୧୯ | ୨୯୧୦ | ୦.୦୯୦ | ୦.୦୯ | ଶାରଦ ଜଳ ଦୋଫସଲ | ରାଜକିଶୋର ତ୍ରିପାଠୀ, ପି: କଣ୍ଡୁରୀ ତ୍ରିପାଠୀ, ଜା: ବ୍ରାହ୍ମଣ, ବା: ବିବିସରାଇ, (ଯାଜପୁର ଟାଉନ) | |
| ୭ | ୯୧୯ | ୨୯୧୧ | ୦.୦୩୦ | ୦.୦୧ | ଶାରଦ ଜଳ ଦୋଫସଲ | ରାଜକିଶୋର ତ୍ରିପାଠୀ, ପି: କଣ୍ଡୁରୀ ତ୍ରିପାଠୀ, ଜା: ବ୍ରାହ୍ମଣ, ବା: ବିବିସରାଇ, (ଯାଜପୁର ଟାଉନ) | |
| ୮ | ୯୧୯ | ୨୯୧୨ | ୦.୦୪୦ | ୦.୦୪ | ଶାରଦ ଜଳ ଦୋଫସଲ | ରାଜକିଶୋର ତ୍ରିପାଠୀ, ପି: କଣ୍ଡୁରୀ ତ୍ରିପାଠୀ, ଜା: ବ୍ରାହ୍ମଣ, ବା: ବିବିସରାଇ, (ଯାଜପୁର ଟାଉନ) | |
| ୯ | ୯୧୯ | ୨୯୧୩ | ୦.୦୨୦ | ୦.୦୨ | ଶାରଦ ଜଳ ଦୋଫସଲ | ରାଜକିଶୋର ତ୍ରିପାଠୀ, ପି: କଣ୍ଡୁରୀ ତ୍ରିପାଠୀ, ଜା: ବ୍ରାହ୍ମଣ, ବା: ବିବିସରାଇ, (ଯାଜପୁର ଟାଉନ) | |
| ୧୦ | ୯୧୯ | ୨୯୧୪ | ୦.୦୪୦ | ୦.୦୪ | ଶାରଦ ଜଳ ଦୋଫସଲ | ରାଜକିଶୋର ତ୍ରିପାଠୀ, ପି: କଣ୍ଡୁରୀ ତ୍ରିପାଠୀ, ଜା: ବ୍ରାହ୍ମଣ, ବା: ବିବିସରାଇ, (ଯାଜପୁର ଟାଉନ) | |
| ୧୧ | ୯୧୯ | ୨୯୧୫ | ୦.୦୫୦ | ୦.୦୫ | ଶାରଦ ଜଳ ଦୋଫସଲ | ରାଜକିଶୋର ତ୍ରିପାଠୀ, ପି: କଣ୍ଡୁରୀ ତ୍ରିପାଠୀ, ଜା: ବ୍ରାହ୍ମଣ, ବା: ବିବିସରାଇ, (ଯାଜପୁର ଟାଉନ) | |
| ୧୨ | ୯୧୯ | ୩୨୮୩ | ୦.୫୦୦ | ୦.୨୮ | ଶାରଦ ଜଳ ଦୋଫସଲ | ରାଜକିଶୋର ତ୍ରିପାଠୀ, ପି: କଣ୍ଡୁରୀ ତ୍ରିପାଠୀ, ଜା: ବ୍ରାହ୍ମଣ, ବା: ବିବିସରାଇ, (ଯାଜପୁର ଟାଉନ) | |
| ୧୩ | ୭୪୭ | ୩୨୫୨ | ୦.୧୨୦ | ୦.୦୪୯ | ଶାରଦ ଜଳ ଦୋଫସଲ | ବିଣାପାଣି ନାୟକ, ସ୍ୱା: ବିଚିତ୍ରାନନ୍ଦ ନାୟକ, ଜା: ଖଣ୍ଡାୟତ, ବା: ସିମିଳିଆ | |
| ୧୪ | ୧୧୪୮/ ୧୨୦ | ୩୨୫୨/ ୫୦୩୫ | ୦.୦୩୦ | ୦.୦୧୧ | ଶାରଦ ଜଳ ଦୋଫସଲ | ମନତୋଷ ନାୟକ, ପି: ବିଚିତ୍ରାନନ୍ଦ ନାୟକ, ଜା: ଖଣ୍ଡାୟତ, ବା: ସିମିଳିଆ | |
| ୧୫ | ୧୧୪୮/ ୧୨୦ | ୩୨୫୩ | ୦.୦୯୦ | ୦.୦୪୫ | ଶାରଦ ଜଳ ଦୋଫସଲ | ମନତୋଷ ନାୟକ, ପି: ବିଚିତ୍ରାନନ୍ଦ ନାୟକ, ଜା: ଖଣ୍ଡାୟତ, ବା: ସିମିଳିଆ | |
| | | | ମୋଟ | ୧.୦୧୫ | | | |

OIPR: 24163/14/0066/2324

ଭୂ-ଅର୍ଜନ ଅଧିକାରୀ (ସିଭିଲ), ଯାଜପୁର

## ବନ୍ଦ କୋଠରୀରୁ ଯୁବତୀଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

କାମାକ୍ଷାନଗର, (ସବ୍ୟୁ) : କାମାକ୍ଷାନଗର ଥାନା ଲୋକନାଥପୁର ଶାସନ ଗାଁରେ ବନ୍ଦ କୋଠରୀ ଭିତରୁ ଯୁବତୀଙ୍କ ମୃତଦେହ ଉଦ୍ଧାର କରାଯାଇଛି । ତେବେ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି । ମୃତ ଯୁବତୀ ଜଣଙ୍କ ଗାଁର ଲକ୍ଷ୍ମୀପ୍ରିୟା ଖୁଣ୍ଟିଆ । ଲକ୍ଷ୍ମୀପ୍ରିୟା ଗତ କାଲି ରାତିରେ ମାନସିକ ଅନଗ୍ରସର ଭଉଣୀ ନମିତାଙ୍କ ସହିତ ଶୋଇଥିବା ବେଳେ ଘଟିଛି ଅଘଟଣ । ମାଆ ମଞ୍ଜୁଲତା ଖୁଣ୍ଟିଆ ଏକ ବିବାହ କାର୍ଯ୍ୟରେ ବଣସିଂହ ଗାଁକୁ ଯାଇଥିଲେ । ମାନସିକ ଅନଗ୍ରସର



ଭଉଣୀ ସହିତ ରହିଥିଲେ ଲକ୍ଷ୍ମୀପ୍ରିୟା । ଲକ୍ଷ୍ମୀପ୍ରିୟାଙ୍କ ବେକରେ କଟା ଦାଗ ରହିଥିବା ଜଣାପଡିଛି । ତାଙ୍କୁ ହତ୍ୟା ପରେ କେହି ଦୁର୍ବୃତ୍ତ ଛାତ ଉପର କବାଟ ଖୋଲି ଫେରାର ହୋଇଥିବା ସନ୍ଦେହ କରାଯାଉଛି । ଯାହାକୁ ନେଇ ହତ୍ୟା ଅଭିଯୋଗ କରିଛନ୍ତି ପରିବାର ଲୋକେ । ତେବେ ବର୍ଷେ ତଳେ ବାପା ଶିବ ପ୍ରସାଦ ଖୁଣ୍ଟିଆଙ୍କ ମୃତ୍ୟୁ ହୋଇ ସାରିଛି । ସେ ମାନସିକ ଅନଗ୍ରସର ଥିବା ସୂଚନା ରହିଛି । ମାଆ ମଞ୍ଜୁଲତା ପରଘରେ ଖଟି ଛୁଆଙ୍କୁ ପୋଷି ଆସୁଥିଲେ। ତେବେ ଲକ୍ଷ୍ମୀପ୍ରିୟାଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ କରି ପାରୁ ନାହାନ୍ତି ସମ୍ପର୍କୀୟ ଏବଂ ପଡୋଶୀ । ଯାହାକୁ ନେଇ ଖବର ପାଇ ଘଟଣା ସ୍ଥଳରେ କାମାକ୍ଷାନଗର ପୋଲିସ ପହଞ୍ଚି ମୃତ ଦେହ ଉଦ୍ଧାର କରିବା ସହ ଅଧିକ ତଦନ୍ତ ଜାରି ରଖିଛି ।

## ଡାକ୍ତରଖାନା ବାରଣ୍ଡାରେ ଅପରିଚିତା ବୃଦ୍ଧା : ପ୍ରଶାସନିକ ସହାୟତା ଦାବି

ବୁଗୁଡ଼ା , (ସବ୍ୟୁ) : ଦୀର୍ଘ ଦିନ ଧରି ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବାରଣ୍ଡାରେ ପଡି ରହିଛନ୍ତି ଜନୈକା ବୃଦ୍ଧା। ବାଧକ ସାଜିଛି ତାଙ୍କର ପରିଚୟ । ତେବେ, କିଏ ଏହି ମହିଳାଙ୍କୁ ଆଣି ମେଡିକାଲ ବାରଣ୍ଡାରେ ଛାଡିଯାଇଛି ତାହାର କୌଣସି ଖବର ନାହିଁ । କିନ୍ତୁ, ମାନବିକତା ଦେଖାଇ ମେଡିକାଲ କର୍ମଚାରୀମାନେ ଏହି ମହିଳା ଜଣଙ୍କର ସେବା କରୁଥିବା ଦେଖିବାକୁ ମିଳିଛି ।ଏପରିକି ମେଡ଼ିକାଲ କର୍ମଚାରୀମାନେ ଏହି ବୃଦ୍ଧା ଜଣଙ୍କର ଖାଦ୍ୟପେୟର ବନ୍ଦୋବସ୍ତ କରୁଛନ୍ତି । ସେ ମହିଳା ଜଣକ ଖାଉଥିଲେ ହେଁ ସ୍ମରଣ ଶକ୍ତି ଅଭାବରୁ ନିଜର ପରିଚୟ ସମ୍ପର୍କରେ



କିଛି କହିପାରୁ ନାହାଁନ୍ତି । ଅସ୍ପଷ୍ଟ ସ୍ୱରରେ କି ପ୍ରକାର ଭାଷା କହୁଛନ୍ତି ତାହା ବୁଝି ହେଉନାହିଁ । ଏହି ବୃଦ୍ଧା ଜଣକର ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ସେଥିରୁ ପୋକ ବାହାରୁଛି । ଜୀବନ ଯନ୍ତ୍ରଣାରେ ଛଟପଟ ହୋଇ ଏହି ବୃଦ୍ଧା ଜଣକ ମେଡିକାଲ ବାରଣ୍ଡାରେ ସେମିତି ପଡି ରହିଛନ୍ତି ।ଯଦି ଏହି ବୃଦ୍ଧା ଜଣକର ପରିଚୟ ମିଳିପାରନ୍ତା , ତେବ ସେ ଚିକିତ୍ସା ସୁବିଧା ପାଇବା ସହ ନିଜର ସ୍ମରଣ ଶକ୍ତି ଫେରି ପାଇପାରନ୍ତେ ବୋଲି କୁହାଯାଉଛି । ଏହି ଘଟଣାକୁ ନେଇ ମେଡିକାଲ ଡାକ୍ତର କହିଛନ୍ତି ଯେ, କୌଣସି ଅଜଣା ଲୋକ ଏହି ବୃଦ୍ଧା ଜଣକୁ ଆଣି ମେଡିକାଲ ବାରଣ୍ଡାରେ ଛାଡି ଚାଲିଯାଇଥିବା ବେଳେ ଆମର କର୍ମଚାରୀମାନେ ତାହାର ଯତ୍ନ ନେଉଛନ୍ତି । ଯଦି ଏହି ବୃଦ୍ଧାଙ୍କର ପରିବାର ଲୋକ କେହି ଆସିଥାନ୍ତେ, ତାହାହେଲେ ବୃଦ୍ଧା ଜଣକ ସଂପୂର୍ଣ୍ଣ ଭାବେ ଭଲ ହୋଇ ପାରନ୍ତେ ।ତେବେ ଏ ଦିଗରେ ପ୍ରଶାସନିକ ସହାୟତା ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## କଲଭର୍ଟ ଉପରେ ଚଢିଗଲା ଯାତ୍ରୀବାହୀ ବସ

ନୀଳଗିରି, (ସବ୍ୟୁ) : ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ କଲଭର୍ଟ ଉପରେ ଚଢିଗଲା ଯାତ୍ରୀ ବାହୀ ବସ୍, ଅଳ୍ପକେ ବର୍ତ୍ତିଲେ ୩୦ରୁ ଉର୍ଦ୍ଧ୍ୱ ଯାତ୍ରୀ । ସୂଚନା ମୁତାବକ ନୀଳଗିରି ଏନ୍ଏସି ଅଧିନ ଘାଟଘର ସାହି ଛକ ନିକଟରେ ଓଡି୧୧ଖ-୧୭୮୮ ବାସୁଦେବ ନାମକ ଘରୋଇ ଯାତ୍ରୀବାହୀ ବସ୍ଟି ଭୁବନେଶ୍ୱରରୁ ଯାତ୍ରୀ ମାନଙ୍କୁ ନେଇ ଆସୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଖସିଯାଇଥିବା ବେଳେ ବସ୍ଟିର ପଛପଟର ଚକ ଗୁଡ଼ିକ ଝୁଲନ୍ତା ଅବସ୍ଥାରେ ରହିଛି । କୁହୁଡ଼ି ଓ ରାସ୍ତା କାର୍ଯ୍ୟ ଚାଲୁରହିଥିବାରୁ ଏଭଳି ଘଟଣା ଘଟିଥିବା ବସ୍ଯାତ୍ରୀମାନେ କହିଛନ୍ତି । ବସ୍ରେ ଥିବା ୩୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି ।

## ବାଇକ୍କୁ ଧକ୍କା ଦେଲା ଟ୍ରାକ୍ଟର : ଜଣେ ମୃତ, ଜଣେ ଗୁରୁତର

ଅନୁଗୁଳ, (ସବ୍ୟୁ) : ଅନୁଗୁଳ ସଦର ଥାନା ଅନ୍ତର୍ଗତ କୁମଣ୍ଡ ଠାରେ ଟ୍ରାକ୍ଟର ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି । ଆଜି ସକାଳେ ରାଜକିଶୋରପଡାର ରାକେଶ ମହାପାତ୍ର (୨୬) ଏବଂ କେନ୍ଦ୍ରାପଡା ଅଞ୍ଚଳର ଦିବ୍ୟଜ୍ୟୋତି ନାୟକ (୨୭) ବୁଲେଟ ଯୋଗେ ମୋନେଟକୁ କାର୍ଯ୍ୟ କରିବା ପାଇଁ ଯାଉଥିବା ବେଳେ କୁମଣ୍ଡ ଠାରେ ସାମ୍ନା ପଟରୁ ଆସୁଥିବା ଏକ ଟ୍ରାକ୍ଟର ସହ ଧକ୍କା ହୋଇଥିଲେ । ଫଳରେ ଘଟଣାସ୍ଥଳରେ ରାକେଶଙ୍କ ମୃତ୍ୟୁ ହୋଇଥିଲା । ଦିବ୍ୟଜ୍ୟୋତିଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟବାସୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଏ ପଟେ ସ୍ଥାନୀୟ ବାସୀ ଏବଂ ପରିବାର ଲୋକେ କ୍ଷତି ପୂରଣ ପାଇଁ ରାସ୍ତା ଅବରୋଧ କରିଛନ୍ତି । ଖବର ପାଇ ସଦର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଅନ୍ୟପଟେ ଟ୍ରାକ୍ଟର ଡ୍ରାଇଭର ଫେରାର୍ ହେଇଯାଇଥିବା ପୋଲିସ ସୂଚନା ଦେଇଛି ।

## ଏମ୍ପିସି କଲେଜରେ 'ମେରା ପହେଲା ଭୋଟ ଦେଶ କେ ଲିୟେ' କାର୍ଯ୍ୟକ୍ରମ

ବାରିପଦା, (ସବ୍ୟୁ) : ତକତପୁର ସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ସାରା ରାଜ୍ୟରେ ଚାଲି ଆସୁଥବା ଭୋଟର ସଚେତନତା କାର୍ଯ୍ୟକ୍ରମ 'ମେରା ପହେଲା ଭୋଟ ଦେଶ କେ ଲିୟେ' ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷ ମୁକ୍ତିକାନ୍ତ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଣତନ୍ତ୍ର ଶାସନରେ ନିର୍ବାଚନରେ ମତଦାନ କିପରି ମହତ୍ତ୍ୱ ପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ସେ ସଂପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ। ପ୍ରଥମ କରି ଭୋଟ ଦେବାକୁ ଯାଉଥିବା ଭୋଟର ମାନେ କିପରି ସଠିକ୍ ଓ ନିରପେକ୍ଷ ଭାବରେ ମତଦାନ କରି ଦେଶ ଗଠନରେ ସହାୟକ ହେବେ ସେଥିପାଇଁ ଶପଥ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନାର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ତଥା ବାଣିଜ୍ୟ ବିଭାଗର ସହକାରୀ ଅଧାପକ ଡଃ ଅନାମ ଚରଣ ରାଉଳ ସଂଯୋଜନା କରିଥିଲେ। ଅତିଥି ମାନଙ୍କ ମଧରେ ଭୂତତ୍ତ୍ୱ ବିଭାଗ ମୁଖ୍ୟ ଡଃ ପ୍ରମୋଦ ଚନ୍ଦ୍ର ସାହୁ, ଦର୍ଶନ ବିଭାଗ ମୁଖ୍ୟ ଡଃ ଦୀପକ ବେହେରା ଓ ରାଜନୀତି ବିଭାଗ ମୁଖ୍ୟ ଡଃ ଆଲବର୍ଟିନା ତିର୍କି ସାମିଲ ହୋଇଥିଲେ। ପରିଶେଷରେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ଡଃ ପ୍ରିୟବ୍ରତ ବେହେରା ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

## ପୁଣି ଦୁଆରଶୁଣୀ ଘାଟିରେ ବସ୍-ଟ୍ରକ ଦୁର୍ଘଟଣା



ବାରିପଦା, (ସବ୍ୟୁ) : ପୁଣି ଦୁଆରଶୁଣୀ ଘାଟିରେ ଯାତ୍ରୀବାହୀ ବସ ଓ ଟ୍ରକ ଦୁର୍ଘଟଣା । ଦୁର୍ଘଟଣାରେ କେହି ଆହତ ହୋଇନଥିବା ବେଳେ ଯାତ୍ରୀମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଘଟଣାରୁ ପ୍ରକାଶ ଯେ, ରାଧାମାଧବ ବସଟି ବାରିପଦାରୁ କରଞ୍ଜିଆ ଅଭିମୁଖେ ଘାଟି ଚଢୁଥିଲା। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ ବୁଲାଣି ରାସ୍ତାରେ ପଛ ପାଶର୍ବ ଘଷି ହୋଇ ଅଟକି ଯାଇଥିଲା। ଫଳରେ ଯାତ୍ରୀମାନେ ସୁରକ୍ଷିତ ଭାବେ ବସରୁ ଓହ୍ଲାଇ ପଡିଥିଲେ। ରାସ୍ତା ଜାମ ହୋଇ କିଛି ସମୟ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଘଟଣାସ୍ଥଳରେ ବାଙ୍ଗିରିପୋଷି ଦମକଳ ବାହିନୀ ଓ ପୁଲିସ ପହଞ୍ଚି ଥିଲେ ।

## ମାଗଣା ସ୍ୱାସ୍ଥ୍ୟ ଶିବିର

ଠାକୁରଗଡ଼, (ସବ୍ୟୁ) : କିଶୋରନଗର ଉଚ୍ଚ ବିଦ୍ୟାଳୟ ପରିସର ରେ ଗୁରୁବାର ଦିନ ବାମୁର ବନବିଭାଗ ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରଟି ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପର୍ଯ୍ୟାୟ-୨ କର୍ମକର୍ତ୍ତା, କିଶୋରନଗର ବନପାଳ ଓ ତାଙ୍କ କର୍ମକର୍ତ୍ତା ଙ୍କ ମିଳିତ ସହାୟତାରେ ଆୟୋଜନ କର । ଯାଇଥିଲା । ସ୍ୱାସ୍ଥ୍ୟ ଶିବିରକୁ କିଶୋରନଗର ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ସୁପ୍ରଭା ସାହୁ ଉଦଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବରେ କ୍ଷେତ୍ର ପରିଚାଳନା ସଂଯାଜକ ତାପସ ରଂଜନ କର ଓ ବାସୁଦେବ ରାୟଗୁରୁ, ଉନ୍ନୟନ ଅଧିକାରୀ ମନଗୁଡୁ ଜୁଆଡି, ଦଳପତି ଅମିୟ ରଞ୍ଜନ ରାଉଳ ଓ କିଶୋରନଗର ବନପାଳ ଶୁଭେନ୍ଦୁ କୁମାର ପ୍ରଧାନ, କିଶୋରନଗର ବିଟ ଦାୟିତ୍ୱରେ ଥିବା ବନପାଳ ବାବୁଲି ପ୍ରଧାନ ଯୋଗ ଦେଇଥିଲେ । ଏଥିରେ ବିଦ୍ୟାଳୟ ର ୩୩୨ ଜଣ ଛାତ୍ରୀ ଛାତ୍ର ଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କିଶୋର ନଗରର ଡାକ୍ତର ତରୁଣ କୁମାର ଭଞ୍ଜ, ଦନ୍ତ ରୋଗ ବିଶେଷଜ୍ଞ ଜେଓ୍ୱା ତ୍ରିପାଠୀ, ଡାକ୍ତର ବିନୟ ମିଶ୍ର ଯୋଗ ଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ସମସ୍ତଙ୍କୁ ମାଗଣା ଔଷଧ ଯୋଗାଇ ଦିଆଯାଇଥିଲା ।

## ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୩ଟି ରାସ୍ତା ନିର୍ମାଣର ଭୂମି ପୂଜନ

ତାଳଚେର, (ସବ୍ୟୁ) : ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଡ଼କ ଯୋଜନାରେ ତାଳଚେର ତିନୋଟି ରାସ୍ତା ନିର୍ମାଣ ର ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଢ଼ଅଁରା ଠାରୁ କର୍ଣ୍ଣପୁର ଭାୟା ନାଡିଡି, ସାଉଥ ବଲଣ୍ଡା ଠାରୁ ଭାୟା ଟେଣ୍ଟୁଲେଇ, ଥର୍ମାଲ ଏନ ଏଚ ଠାରୁ ଭାୟା ସନ୍ତପଡ଼ା କମଲାଙ୍ଗ ବ୍ରିଜ ରାସ୍ତା କୁ ମୁଖ୍ୟମନ୍ତ୍ରୀ ସଡକ ଯୋଜନା ରେ ଅନ୍ତର୍ଭୁକ୍ତ କରାଯାଇ ଆଜି ତାର ଭୂମି ପୂଜନ ଉତ୍ସବ ପାଳନ କରାଯାଇଛି । ଏହି ୩ଟି ରାସ୍ତା ନିର୍ମାଣ ଭୂମିପୂଜନ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୧୮ନଂ ଜୋନ ଜିଲ୍ଲା ପରିଷଦ ଅମିୟ କୁମାର ପ୍ରଧାନ, ଢ଼ଅଁରା ଗ୍ରାମ ପଞ୍ଚାୟତର ସରପଞ୍ଚ ନନ୍ଦକିଶୋର ବେହେରା, ସମିତିସଭ୍ୟା ଶ୍ରୀମତୀ ଅଶାନ୍ତି ପ୍ରଧାନ, କର୍ଣ୍ଣପୁର ସମିତିସଭ୍ୟ ପ୍ରଦିପ ବେହେରାଏବଂ ଟେଣ୍ଟୁଲେଇ ଗ୍ରାମ ପଞ୍ଚାୟତର ସରପଞ୍ଚ ସୁରେଶ ଚନ୍ଦ୍ର ବେହେରା, ସମିତି ସଭ୍ୟ ଦୟାନିଧି ବେହେରା ଓ ସେହିପରି ସନ୍ତାପଡ଼ା ପଂଚାୟତ ରେ ସନ୍ତପଡା ସରପଞ୍ଚ ଓ ସମିତିସଭ୍ୟ, ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ ।



ବ୍ରହ୍ମପୁର : ମହାଶିବରାତ୍ରୀ ଅବସରରେ ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣାଙ୍କ କାଠ ରେ କଳା କୃତି ଭଗବାନ ଶିବଙ୍କ ଭୁନାଥ ରୂପ କରିଛନ୍ତି। ଏହାର ଉଚ୍ଚତା ୩.୮ ସେମି ଓ ଓସାର ୨.୬ ସେମି ରହିଛି। ଏହି କଳା କୃତି କରିବା ପାଇଁ ସତ୍ୟଙ୍କୁ ଅଢ଼େଇ ଘଣ୍ଟା ସମୟ ଲାଗିଥିଲା ।

## ସଡକ ଦୁର୍ଘଟଣା, ୪ ଆହତ

ଭଣ୍ଡାରିପୋଖରୀ,(ସବ୍ୟୁ):ଭଣ୍ଡାରିପୋଖରୀ-ମଣିନାଥପୁର ପୁର୍ତ୍ତ ରାସ୍ତାର ଖୋଲାମୁହଁ ନିକଟ ନଟିଆ ଜେନା ବାଙ୍କରେ ବୁଧବାର ବିଳମ୍ବିତ ରାତ୍ରରେ ସଡକ ଦୁର୍ଘଟଣା ହୋଇ ୪ ଆରୋହୀ ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାଯାଇଛି। ଓଡି ୨୩ କେ ୬୯୪୨ ନଂ ଭଦ୍ରକ ଆଡୁ ଯାଜପୁରକୁ ଫେରୁଥିବା ବେଳେ କୁହୁଡି ପ୍ରଭାବରେ ରାସ୍ତା ଅଦୃଶ୍ୟ ଥିଲା। ଅତିଶୟ ବାଙ୍କ ଥିବା ଓ କୌଣସି ସୂଚନା ଫଳକ ନଥିବାରୁ କାର ଚାଳକ କିଛଇ ବୁଝିବା ଆଗରୁ ୪ଫୁଟ ନିଚ୍ଚା ରାସ୍ତା ତଳକୁ ଖସିଯାଇଥିଲା। ଫଳରେ ଚାଳକ ମୁଣ୍ଡରେ ଆଘାତପ୍ରାପ୍ତ ହେବା ସହ ଅନ୍ୟ ୩ଆରୋହୀ ଆହତ ହୋଇଥିଲେ। ଆହତଙ୍କୁ ଯାଜପୁର ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିବା ବେଳେ କାରକୁ ଉଠାଇ ଯାଜପୁରକୁ ନିଆଯାଇଥିବା ଜଣାଯାଇଛି। ଏଥିନେଇ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଜଣାଯାଇଛି।

## ବନ୍ଧୁକ ସହିତ ସୁନା ଅଳଙ୍କାର ଜବତ

ବାସୁଦେବପୁର,(ସବ୍ୟୁ):ବାସୁଦେବପୁର ବ୍ଲକର ସୁଗୋ ଓ ବରଣ୍ଡୁଆ ଅଂଚଳରେ ଚୋରୀ ହୋଇଥିବା ସୁନା ଅଳଙ୍କାର ଖୋଜିବାକୁ ଯାଇ ପୋଲିସକୁ ମିଳିଛି ବଡ ସଫଳତା। ଚୋରୀ ଜିନିଷ ଉଦ୍ଧାର କରିବାକୁ ଯାଇ ଜଣକୁ ଗିରଫ କରିବା ସହିତ ଗୋଟିଏ ବନ୍ଧୁକ,ବାଇକ୍ ଓ ସୁନା ଚେନ ବାସୁଦେବପୁର ପୋଲିସ ଉଦ୍ଧାର କରିଛି । ଗତ କିଛି ଦିନ ତଳେ ସୁଗୋ ଗୋପାଳ ଜୀଉ ଓ ରମେଶ ଚନ୍ଦ୍ର ପୋହିଙ୍କ ସ୍ତ୍ରୀ ବାଟରେ ଯାଉଥିବା ବେଳେ ବନ୍ଧୁକ ଦେଖାଇ ସୁନା ଚେନ ଲୁଟି ନେଇଥିଲେ । ପୋଲିସ ତଦନ୍ତ କରି ଗୋଟିଏ ଗ୍ୟାଙ୍ଗ୍କୁ ଠାବ କରିଥିଲେ । ତା ମଧ୍ୟରୁ କମଳାକାନ୍ତ ଦାସ ଓରଫ୍ ବୁଦ୍ଧିଆକୁ ଧରି ସୁନା ଚେନ୍ ଜବତ କରିବା ସହିତ ଏକ ବାଇକ୍,ବନ୍ଧୁକ ଓ ଦୁଇଟି ମୋବାଇଲ ଜବତ କରିଛି । ବୁଦ୍ଧିଆ ନାମରେ ସୋର ଥାନାରେ ୫ଟି କେଶ ଓ ଖଇରା ଥାନାରେ ୫ଟି କେଶ ରହିଛି । ପୂର୍ବରୁ ମଧ ପୋଲିସ ବୁଦ୍ଧିଆ ଠାରୁ ବନ୍ଧୁକ୍ ଜବତ କରିଥିଲା । ବାସୁଦେବପୁର ପୋଲିସ ବୁଦ୍ଧିଆକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ବୋଲି ଏସଡିପିଓ ସୌରଭ କୁମାର ଓତା ଓ ଆଆଇସି ଲୋପାମୁଦ୍ରା ନାୟକ ବାସୁଦେବପୁର ଥାନା ପରିସର ମଧରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ । ଏହି ଗ୍ୟାଙ୍ଗରେ ଆହୁରି ବହୁ ଲୁଟେରା ସଂପୃକ୍ତି ଥିବାର ପୋଲିସ ଜାଣିବାକୁ ପାଇଛି।

## ନାବାଳିକା ଗର୍ଭବତୀ
## ଶିକ୍ଷୟିତ୍ରୀ ଗିରଫ, ମୁଖ୍ୟ ଅଭିଯୁକ୍ତ ଫେରାର

ଭଣ୍ଡାରିପୋଖରୀ, (ସବ୍ୟୁ) : ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ଜନୈକ ନବମ ଶ୍ରେଣୀ ଛାତ୍ରୀ ଅନ୍ତଃସତ୍ତ୍ୱା ହେବା ଘଟଣାରେ ଜଣେ ଅଭିଯୁକ୍ତ ବୁଧବାର ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ଜଣାଯାଇଛି। ଅଭିଯୁକ୍ତ ଜଣକ ବିରିଡି ଗ୍ରାମରେ ଅବସ୍ଥିତ ଘରୋଇ ସ୍କୁଲ ଶିକ୍ଷୟିତ୍ରୀ ତଥା ହଷ୍ଟେଲ ୱାଡେନ ଝୁନା ଓରଫ ଆରତୀ ସାହୁ ବୋଲି ଜଣାପଡିଛି। ବିରିଡିସ୍ଥିତ ସଂପୃକ୍ତ ଘରୋଇ ସ୍କୁଲର ହଷ୍ଟେଲରେ ରହି ନିର୍ଗୁଣ୍ଡି ପଞ୍ଚାୟତ ଅଞ୍ଚଳର ପୀଡିତା ସପ୍ତମ ଶ୍ରେଣୀ ପାସ କରିବା ପରେ ସ୍ଥାନୀୟ ସରକାରୀ ସ୍କୁଲରେ ଅଷ୍ଟମ ଶ୍ରେଣୀରେ ନାମ ଲେଖାଇ ପାଠ ପଢୁଥିଲେ ହେଁ ଘରୋଇ ସ୍କୁଲ ହଷ୍ଟେଲରେ ପୂର୍ବଭଳି ରହୁଥିଲେ। ଛାତ୍ରୀଙ୍କ ଅସହାୟତାର ସୁଯୋଗ ନେଇ ଏହି ଫାଣ୍ଡି ଅନ୍ତର୍ଗତ ନୂଆପାଟଣା ବାବଲପୁର ଗ୍ରାମର ଅମର ସାହୁ ଘରୋଇ ସ୍କୁଲ ପରିସରରେ ବାରମ୍ବାର ଦୁଷ୍କର୍ମ କରି ଅନ୍ତଃସତ୍ତ୍ୱା କରିଥିଲା। ଘରୋଇ ସ୍କୁଲ କର୍ତ୍ତୃପକ୍ଷ ସବୁ ଜାଣି ଅଜଣା ରହିଥିଲେ। ଛାତ୍ରୀଙ୍କ ଦେହ ଅସୁସ୍ଥ ହେବାରୁ ଚିକିତ୍ସା ପାଇଁ ଶ୍ରମିକ ପିତାଙ୍କ ଠାରୁ ଅର୍ଥ ସ୍କୁଲ କର୍ତ୍ତୃପକ୍ଷ ନେଇଥିଲେ । ମାତ୍ର ଅତିଶୟ ଯନ୍ତ୍ରଣା ହେବାରୁ ତାଙ୍କୁ ଘରକୁ ନେଇ ଚିକିତ୍ସା କରିବାକୁ ବୋର୍ଡିଂ ସ୍କୁଲ ପକ୍ଷରୁ କୁହାଯାଇଥିଲା। ଡାକ୍ତରୀ ପରୀକ୍ଷା ପରେ ଛାତ୍ରୀ ଜଣକ ଗର୍ଭବତୀ ଥିବା ଜଣାପଡିଥିଲା । ଏ ସମ୍ପର୍କରେ ଛାତ୍ରୀଙ୍କ ଅଭିଭାବକ ପକ୍ଷରୁ ଫାଣ୍ଡିରେ ଜାନୁୟାରୀ ୫ ତାରିଖ ଶୁକ୍ରବାର ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ଥାନାରେ ୮/୨୪ନଂ ମାମଲା ମୁଖ୍ୟ ଅଭିଯୁକ୍ତ ଅମର ସମେତ ଝୁନୁ ଓ ଅନ୍ୟମାନଙ୍କ ନାମରେ ରୁଜୁ ହୋଇ ସଂପୃକ୍ତ ଛାତ୍ରୀଙ୍କୁ ଭଦ୍ରକ ସତ୍ର ଷ୍ଟେ ହୋମକୁ ପଠାଯାଇଥିଲା। ପୁଲିସ ଘଟଣାକୁ ନେଇ ଅସମ୍ଭବ ନିରବତା ଅବଲମ୍ବନ କରିଥିଲା। ଜଣେ ସହ ଅଭିଯୁକ୍ତ ଗିରଫ ହୋଇଥିଲେ ବି ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଅନ୍ୟମାନଙ୍କୁ ପୁଲିସ ପଛଘୁଞ୍ଚା ଦେଉଛି ବୋଲି ସମାଲୋଚନା କରାଯାଇଛି।

## ଘର ଭିତରୁ ହରିଣ ଉଦ୍ଧାର

ପାଟଣା, (ସବ୍ୟୁ) : ଜଙ୍ଗଲ କାଟିବା ଦ୍ୱାରା ବନ୍ୟଜନ୍ତୁ ମାନେ ଖାଦ୍ୟ ଅନ୍ୱେଷଣରେ ପାଇଁ ଏବେ ଗାଁ ମୁହାଁ ହେଉଛନ୍ତ।ଏହିପରି ଦେଖିବାକୁ ମିଳିଛିଛ କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ସାହାରପଡା ସେକ୍ସନ ଅନ୍ତର୍ଗତ କଟୁପଡା ଗାଁ ଭିତରକୁ ଏକ ହରିଣ ଖାଦ୍ୟ ଅନ୍ୱେଷଣର କରିବା ପାଇଁ ଆସି ଥିବା ବେଳେ କିଛି କୁକୁର ହରିଣ ଟିକୁ ଗୋଡାଇବାର ରୁ ସେହି ଗାଁର ବାସୁ ନାଏକ ଙ୍କ ଘର ଭିତରକୁ ପଶି ଯାଇଥିଲା।ଏହି ଖବର ପାଇ ସାହାରପଡା ବନପାଳ ଭୂପତି ସେଠୀ ଓ ଅନ୍ୟ ବନ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଘର ଭିତରୁ ହରିଣଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ । ଉଦ୍ଧାର ପରେ ହରିଣଟିକୁ ନିକଟସ୍ଥ ଜଙ୍ଗଲରେ ଛଡା ଯାଇଛିଛ ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ନାବାଳିକା ଗର୍ଭବତୀ : ଜେଲ ଗଲେ ଯୁବକ

ସିମୁଳିଆ, (ସବ୍ୟୁ) : ସିମୁଳିଆ ଥାନା ଅଞ୍ଚଳର ଜନୈକା ନାବାଳିକାକୁ ଅସଦାଚରଣ କରିବା ସହ ଗର୍ଭବତୀ କରିବାକୁ ନେଇ ନାବାଳିକାର ମାଆ ସିମୁଳିଆ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ସିମୁଳିଆ ପୋଲିସ ଅଭିଯୁକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଥିବାର ପୋଲିସ ସୂତ୍ରରୁ ପ୍ରକାଶ । ସୂଚନାରୁ ପ୍ରକାଶ ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର ପଞ୍ଚାୟତ ଅଞ୍ଚଳର ଜନୈକା ନାବାଳିକା ସହିତ ଭଦ୍ରକ ଜିଲ୍ଲା ସାବରଙ୍ଗ ଥାନା ଅଞ୍ଚଳର ରମାକାନ୍ତ ବନ୍ଧଙ୍କ ପୁଅ କୃତ୍ତିବାସ(୨୬) ଅବୈଧ ସଂପର୍କ ରଖିବା ସହ ୩ମାସର ଗର୍ଭବତୀ କରିବା ନେଇ ନାବାଳିକାର ମାଆ ସିମୁଳିଆ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ଉଭୟ ପାର୍ଶ୍ୱରୁ କିଛି ଭଦ୍ର ବ୍ୟକ୍ତି ଏହାର ସମାଧାନ ନିମନ୍ତେ ବହୁ ଚେଷ୍ଟା କରି ବିଫଳ ହୋଇଥିଲେ । ଏହି ଅଭିଯୋଗ ପାଇ ସିମୁଳିଆ ପୋଲିସ ନାବାଳିକାର ଡାକ୍ତରୀ ମାଇନା କରିବା ସହ କୃତ୍ତିବାସକୁ ଗିରଫ କରି କୋର୍ଟ ଚାଲାଣ କରିଥିବାର ପୋଲିସ ନିକଟରୁ ସୂଚନା ମିଳିଛି ।

## ଦୁଇ ଦୁଷ୍କର୍ମକାରୀଙ୍କୁ ୨୦ ବର୍ଷ ଜେଲ୍

କେନ୍ଦୁଝର , (ସ୍ୱପ୍ର) : କେନ୍ଦୁଝର ଜିଲ୍ଲା ଦୌରାଜଜ୍ ଅଶୋକ କୁମାର ପଣ୍ଡା ଏକ ଦୁଷ୍କର୍ମ ମାମଲାର ବିଚାର କରି କେନ୍ଦୁଝର ସଦର ଥାନା ଅଞ୍ଚଳର ସଂଜୟ ନାଏକ (୨୩) ଓ ସିପୁନ ଓରଫ କଳ୍ପତରୁ ମହାନ୍ତ (୨୨)କୁ ଦୋଷୀ ସାବ୍ୟସ୍ତ କରିବା ସହ ଉଭୟଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୩ ମାସ ଜେଲ୍ ବୋଲି କୋର୍ଟ ରାୟ ଦେଇଛନ୍ତି।ଲକ୍ଷ୍ମୀପୂଜା ଭସାଣି ଉତ୍ସବ ଚାଲିଥିବା ସମୟରେ ଜଣେ ଯୁବତୀ ପରିସ୍ରା କରିବାକୁ ନିଜ ଘର ପଛକୁ ଯାଇଥିଲେ।ଏହିସମୟରେ ଅଭିଯୁକ୍ତମାନେ ତାଙ୍କ ପିଛା କରିଥିଲେ।ଯୁବତୀଙ୍କ ପାଟିକୁ ଚାପି ଧରି ଆମ୍ବଡ଼ାଗଛ ମୂଳକୁ ଟେକି ନେଇଥିଲେ। ଯୁବତୀଙ୍କ ଦୁଇହାତ ବାନ୍ଧି ଜଣକ ପରେ ଜଣେ ଦୁଷ୍କର୍ମ କରି ଫେରାର ହୋଇଯାଇଥିଲେ ।

## ବୁଗୁଡ଼ାରେ ବିଏସକେୱାଇ ନବୀନ କାର୍ଡ ବଣ୍ଟନ

ବୁଗୁଡା , (ସବ୍ୟୁ) : ସ୍ଥାନୀୟ ପିପୁଲ୍ସ ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ବିଏସକେୱାଇ ନବୀନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ବ୍ଲକ ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ ଓ ଏନ୍ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଏ ଅବସରରେ ବୁଗୁଡା ବ୍ଲକର ୨୧ଟି ପଞ୍ଚାୟତର ୫୧୨୦ ଜଣ ହିତାଧିକାରୀଙ୍କ ମଧରୁ ୨୦୨୭ ଜଣ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟବୀମା କାର୍ଡ ବଣ୍ଟନ କରାଯାଇଥିଲା ବେଳେ ପର୍ଯ୍ୟାୟ କ୍ରମେ ଅନ୍ୟ ହିତାଧିକାରୀଙ୍କୁ ବିତରଣ କରାଯିବ ବୋଲି ପ୍ରକାଶ ପାଇଥିଲା ।ଏହି କାର୍ଯ୍ୟକ୍ରମ ପରିଚାଳନାରେ ଜିପିଇଓ ମନୋଜ କୁମାର ସାହୁ ସକ୍ରିୟ ସହଯୋଗ କରିଥିଲେ । ପ୍ରକାଶ ଯୋଗ୍ୟ ଯେ, ଏହି ପର୍ଯ୍ୟାୟରେ କେବଳ ସରକାରୀ କର୍ମଚାରୀ ଏବଂ ଆୟକରଦାତାଙ୍କୁ ବାଦ୍ ଦେଇ ଗ୍ରାମାଞ୍ଚଳର ସବୁ ପରିବାର ଏହି ଯୋଜନାରେ ସାମିଲ ହୋଇଥିବା ବେଳେ ହିତାଧିକାରୀମାନେ ରାଜ୍ୟ ତଥା ରାଜ୍ୟ ବାହାରେ ସମସ୍ତ ପଞ୍ଜିକୃତ ହସ୍ପିଟାଲରେ ର୍ନିଦ୍ଧାରିତ ଜଟିଳ ରୋଗଗୁଡିକର ଚିକିତ୍ସା ସୁବିଧା ହାସଲ କରିପାରିବେ ।

## ମଧ୍ୟାହ୍ନଭୋଜନ କର୍ମୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦାବି

ବାରିପଦା, (ସବ୍ୟୁ) : ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକା ସଂଘ(ସିଆଇଟିୟୁ) ପକ୍ଷରୁ ସରକାରୀ କର୍ମଚାରୀ ମାନ୍ୟତା ଦାବୀରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଗଣ ବିକ୍ଷୋଭ ସଂଗଠିତ କରାଯାଇଥିଲା । ନିକଟରେ ରାଜ୍ୟ ସରକାର ପାଚିକା ମାନଙ୍କ ଭତ୍ତା ମାସିକ ୨ହଜାର ଟଙ୍କା ଘୋଷଣାକୁ ପାଚିକାଙ୍କ ପ୍ରତି ଅନ୍ୟାୟ ବୋଲି କହିଥିଲେ । ଓଡିଶା ରାଜ୍ୟ ସରକାର ୨୦୧୮ ମସିହାରେ ମାସିକ ୨ହଜାର ଟଙ୍କା ଦେବା ପାଇଁ ଘୋଷଣା କରିଥିଲେ । ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ କରିନାହାନ୍ତି । ମଧ୍ୟାହ୍ନ ଭୋଜନ କର୍ମୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ମାସିକ ୨୬ହଜାର ଟଙ୍କା ହିସାବରେ ୧୨ମାସର ଦରମା, ପୋଷାକ ଭତ୍ତା ଏକ ହଜାର ଟଙ୍କା, ସଫେଇ ଭତ୍ତା ମାସିକ




୨ଶହ ଟଙ୍କା, ପେନସନ, ବୀମା ସହିତ ଶ୍ରମ କୋଡ ଆଦି ଦାବୀକୁ ସରକାର ମାନିନେବା ପାଇଁ ବକ୍ତାମାନେ ଦାବୀ କରିଥିଲେ । ବାରିପଦା ରେଳଷ୍ଟେସନରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମବେତ ହୋଇଥିଲେ । ଆୟୋଜିତ ସଭାକୁ ସଂଘର ଜିଲ୍ଲା ସଭାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ସହ ସମ୍ପାଦିକା କ୍ଷୀରମଣୀ ମହାନ୍ତ, ମାଧୁରୀ ସିଂହ, ସନ୍ଧ୍ୟାରାଣୀ ବେହେରା, ମାଳତି ମହାନ୍ତ, କୁଞ୍ଜଲତା ମହାନ୍ତ, ଜ୍ୟୋସ୍ନାରାଣୀ ବେହେରା, ସୌଭାଗ୍ୟ ମହାନ୍ତ, ମେରିୟା ହାଁସଦାଃ, ବାସନ୍ତୀ ମହାନ୍ତ, ଜୟନ୍ତ ଦାସ ଆଦି ନେତୃତ୍ୱକାରୀ ପାଚିକାମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସିଆଇଟିୟୁର ଜିଲ୍ଲା ସଭାପତି ରବି ଗୋସ୍ୱାମୀ, ସିପିଆଇ(ଏମ) ଜିଲ୍ଲା ନେତା ମୃତ୍ୟୁଞ୍ଜୟ ବେହେରା, ଓଡିଶା କ୍ଷେତ ମଜଦୁର ୟୁନିୟନର ରାଜ୍ୟ ସମ୍ପାଦକ ନିର୍ମଳ ନାୟକ, ରାଜ୍ୟ ସଭାପତି ବିବର୍ତ୍ତନ କବି ଇତ୍ୟାଦି ବକ୍ତବ୍ୟ ରଖି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ କାର୍ଯ୍ୟ ବିରୋଧରେ ବକ୍ତବ୍ୟ ରଖିଥିଲେ।

## ଚାଳଗଡ଼କୁ ରାଜସ୍ୱ ଗ୍ରାମ ଘୋଷଣା ନିମନ୍ତେ ଜିଲ୍ଲାପାଳଙ୍କୁ ଦାବିପତ୍ର

ସାଉଥବଲଣ୍ଡା , (ସବ୍ୟୁ) : ତାଳଚେର ବ୍ଲକ ଘଣ୍ଟପଡ଼ା ଗ୍ରାମ ପଂଚାୟତ ଚାଳଗଡ଼ ଗ୍ରାମକୁ ରାଜସ୍ୱ ଗ୍ରାମ ଭାବେ ଘୋଷଣା କରିବାକୁ ଗ୍ରାମ୍ୟ କମିଟି ପକ୍ଷରୁ ଆଜି ଅନୁଗୋଳ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଚାଳଗଡ଼ ଗ୍ରାମର ଲୋକସଂଖ୍ୟା ୨୫୦୦ରୁ ଅଧିକ ଏବଂ ଭୋଟରଙ୍କ ସଂଖ୍ୟା ୧୫୦୦ ଅଟେ । ସରକାରୀ ନିୟମ ଅନୁଯାୟୀ ଚାଳଗଡ଼ ଗ୍ରାମ ସମସ୍ତ ମାପଦଣ୍ଡ ରଖୁଥିଲେ ମଧ୍ୟ ଆଜି ପର୍ଯ୍ୟ' ରାଜସ୍ୱ ଗ୍ରାମ ମାନ୍ୟତାରୁ ବଂଚିତ ହୋଇଛି। ଯେତେବେଳେ ରାଜା ରାଜୁଡା ଶାସନ ଚାଲୁଥିଲା ରାଜା ସେତେବେଳେ ଏହି ଗ୍ରାମକୁ ଗଡ଼ର ଆଖ୍ୟା ଦେଇ ଚାଳଗଡ଼ ନାମରେ ନାମିତ କରି ଏକ ସମ୍ମାନଜନକ ପରିଚୟ ଦେଇଥିଲେ। କିନ୍ତୁ ଆଜି ସ୍ୱାଧୀନତାର ଛଅସ୍ତରୀ ବର୍ଷ ପରେ ମଧ୍ୟ ଯେଉଁ ଗ୍ରାମ ଦିନେ ଗଡ଼ର ଆଖ୍ୟା ପାଇଥିଲା ଆଜି ସେହି ଗ୍ରାମ ନିଜ ପରିଚୟ ପାଇବା ପାଇଁ ତଥା ରାଜସ୍ୱ ଗ୍ରାମ ପାଇଁ ସଂଘର୍ଷ କରୁଛି ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ।

ଚାଳଗଡ଼ ଗ୍ରାମକୁ ଖୁବ ଶୀଘ୍ର ଏକ ନୂତନ ରାଜସ୍ୱ ଗ୍ରାମ ଭାବେ ଘୋଷଣା କରି ସରକାରୀ ସ୍ତରରେ ପରିଚୟ ଦେଇ ନ୍ୟାୟ ପ୍ରଦାନ କରାଇଲେ ଗ୍ରାମବାସୀ ଉପକୃତ ହେବେ ବୋଲି ଦାବୀ ପତ୍ର ଯୋଗେ ନିବେଦନ କରାଯାଇଛି। ଏହି ଦାବୀପତ୍ର ପ୍ରଦାନ ସମୟରେ ଚାଳଗଡ଼ ଗ୍ରାମ୍ୟ କମିଟି ସଭାପତି କାର୍ତିକ ଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ଶିବାନନ୍ଦ ଥମ୍ବ, ସହ କୋଷାଧକ୍ଷ କିଶୋର ଧୀର, ନାଏବ ସରପଂଚ ରାଜୀବ ଦାସ, ସହ ସମ୍ପାଦକ ବିରଂଚି ସାମଲ ଓ କମିଟି ସଦସ୍ୟ ଗଣେଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## କାର୍ତ୍ତିକେଶ୍ୱର ପାତ୍ରଙ୍କୁ ବିଜୁ ରତ୍ନ ଆୱାର୍ଡ଼

ତାଳଚେର, (ସବ୍ୟୁ) : ତାଳଚେର ଅଞ୍ଚଳରେ ଗଢି ଉଠିଥିବା ଗ୍ଲୋବାଲ କୋଲ ଆଣ୍ଡ ମାଇନିଙ୍ଗ ଶିଳ୍ପ ସଂସ୍ଥାର ପ୍ରତିଷ୍ଠାତା କାର୍ତ୍ତିକେଶ୍ୱର ପାତ୍ର ସୁଚାରୁ ରୂପେ ନିଜର କାର୍ଯ୍ୟ ଦକ୍ଷତା ପ୍ରତିପାଦନ କରି ଜନମାନସରେ ଆପଣାର ହେବା ସାଙ୍ଗକୁ ନିଜକୁ ଶିଳ୍ପପତି ଭାବେ ପରିଚୟ ସୃଷ୍ଟି କରି ବିଜୁ ରତ୍ନ ଆୱାର୍ଡ଼ ପାଇଛନ୍ତ । ପ୍ରବାଦ ପୁରଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ତିଥିରେ ଗତ ୦୫.୦୩.୨୦୨୪ ରେ ଏକ ଇଂରାଜୀ ପତ୍ରିକା ଦି ଇଣ୍ଟଭ୍ୟୁ ଟାଇମ୍ସ ଆନୁକୁଲ୍ୟରେ ସମାବେଶର ଆୟୋଜନ କରାଯାଇଥିଲା । ଏହି ଆଲୋଚନା ସଭାରେ ସମାଜର ବିଭିନ୍ନ ବର୍ଗରୁ ଆସିଥିବା ବୁଦ୍ଧିଜୀବୀମାନେ ବିଜୁ ବାବୁଙ୍କ ସ୍ୱପ୍ନର ଓଡ଼ିଶା ଓ ବର୍ତ୍ତମାନର ଓଡ଼ିଶାର ସାମାଜିକ, ଅର୍ଥନୈତିକ ଓ




ରାଜନୈତିକ ସ୍ଥିତି ଉପରେ ଆଲୋଚନା ହୋଇଥିଲା । ବିଧାୟକ ସୁର ରାଉତରାୟ, ସାଂସଦ ଶ୍ରୀମତୀ ସୁଲତା ଦେଓ, ଓ ଟି ଡି ସି ର ଅଧକ୍ଷ ଲେନିନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ପଦ୍ମବିଭୂଷଣ ସୁଦର୍ଶନ ସାହୁଙ୍କ ପୃଷ୍ଠପୋଷକତାରେ ଅନୁଷ୍ଠିତ ଉକ୍ତ ସଭାକୁ ଦେବାଶିଷ ଦାସ, ଦିବ୍ୟଜିତ ସାହୁ ପରିଚାଳନା କରିଥିଲେ । ଉକ୍ତ ସଭାରେ ଆଜିର ଓଡ଼ିଶାର ଭିନ୍ନ ଭିନ୍ନ କ୍ଷେତ୍ରରେ ଅଗ୍ରଣୀ ସାଜି ଉନ୍ନତିର ସାରଥୀ ହୋଇଥିବା ବ୍ୟକ୍ତି ମାନଙ୍କୁ ବିଜୁ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା ।

# ଆନ୍ଦୋଳନ ପ୍ରତ୍ୟାହାର କଲା ଜଳେଶ୍ୱର କୃଷକ ସଂଘ

ବାଲେଶ୍ୱର, (ସବ୍ୟୁ) :ପାଞ୍ଚ ଦଫା ଦାବି ନେଇ ଦୁଇ ଦିନ ଧରି ଟାଟା ପାୱାର ଜଳେଶ୍ୱର ଡିଭିଜନ ଅଫିସ ଅଚଳ ହେଲା ପରେ ଗୁରୁବାର ଦିନ ଜଳେଶ୍ୱର କୃଷକ ମଂଚକୁ ଲିଖିତ ଆକାରରେ ତିନୋଟି ଦାବି ମାନିଲା ପରେ କୃଷକ ମଂଚ ତାର ଆନ୍ଦୋଳନକୁ ପ୍ରତ୍ୟାହାର କରିଛି । ୨୦୧୨ ଏପ୍ରିଲ ପୂର୍ବରୁ ଯେଉଁ ଉପଭୋକ୍ତା ମିନି ମାଲିକ ମାନଙ୍କ ଉପରେ କୌଣସି କାରଣରୁ ଯଦି ଅଧିକ ବିଲ ଲାଗିଥିବା ତାକୁ ଛାଡ଼ କରାଯିବ । ଚଳିତ ରବି ଋତୁରେ ମିଟର ବିଲ ଅନୁସାରେ ଟଙ୍କା ନଦେଇ ପୂର୍ବରୁ ଯେଉଁ ରେଟରେ ଉଠା ଜଳସେଚନ ପଏଣ୍ଟ ମାଲିକ ମାନେ ବିଲ ଦେଉଥିଲେ, ସେହି ଆକାରରେ ସେମାନେ ତାଙ୍କର ବିଲ ଦେବେ । ଉଠା ଜଳସେଚନ ପଏଣ୍ଟ ଗୁଡ଼ିକୁ କେବୁଲ ସଂଯୋଗ ଟାଟା ପାୱାର ପକ୍ଷରୁ ମାଗଣାରେ କରାଯିବ । ଏହି ତିନୋଟି ଦାବି ସଂକ୍ରାନ୍ତରେ ଲିଖିତ ଆକାରରେ ଚାଷୀ ନେତା ମାନଙ୍କୁ ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା ।

ଗତ ବୁଧବାର ଠାରୁ ଶତାଧିକ ଚାଷୀ ଟାଟଂ ପାୱାର ଅଫିସକୁ ଘେରାଉ କରି ରଖିଥିଲେ । ଏପରିକି ରାତିରେ ମଧ୍ୟ ଚାଷୀ ମାନେ ଅଫିସକୁ ଘେରି ରହି ସେହି ଠାରେ ଶୋଇଥିଲେ । ଗୁରୁବାର ସକାଳେ ଟାଟା ପାୱାର ନିର୍ବାହୀ ଯନ୍ତ୍ରୀ ସୌମ୍ୟ ରଂଜନ ନାଏକ, ଏସଡିଓ ଭୁବନ ସାହୁ, ଜଳେଶ୍ୱର ଥାନା ଅଧିକାରୀ ରଂଜନ କୁମାର ସେଠୀ ଆନ୍ଦୋଳନକାରୀ ମାନଙ୍କ ସହିତ ଦୁଇଟି ପର୍ଯ୍ୟାୟରେ ଆଲୋଚନା ପରେ ସମାଧାନର ସୂତ୍ର ବାହାରିଥିଲା । ଏହି ଆନ୍ଦୋଳନରେ କଂଗ୍ରେସ ନେତା ସୁଦର୍ଶନ ଦାସ, ପଦ୍ମଲୋଚନ ବେହେରା, କମ୍ୟୁନିଷ୍ଟ ନେତା ଦିଲ୍ଲୀପ ଗିରି, ଦୀପ୍ତିମାନ ଆଚାର୍ଯ୍ୟ, କୃଷକ ନେତା ସୁଦାମ ପାତ୍ର, ବିଜୟ ଜେନା, ତ୍ରିଲୋଚନ ଦାସ, ବିଭୂଦେନ୍ଦ୍ର ଦେ, ରବୀନ୍ଦ୍ର ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ଜାଗର ଲାଗି ଶଙ୍ଖଡେଶ୍ୱର ଉତ୍ସବମୁଖର

ତିହିଡି, (ସବ୍ୟୁ): ରାତି ପାହିଲେ ଜାଗରଯାତ୍ରା । ଜିଲ୍ଲାର ବିଭିନ୍ନ ପ୍ରସିଦ୍ଧ ଶୈବ ପୀଠ ଗୁଡିକ ଭଳି ତିହିଡି ବ୍ଲକ ଅନ୍ତର୍ଗତ ଭାଟପଡା ପଞ୍ଚାୟତର ଶଙ୍ଖିଡା ଗାଁରେ ଥିବା ପ୍ରାଚୀନ ଶୈବ ପୀଠ ଶଙ୍ଖଡେଶ୍ୱର ପୀଠ ଉତ୍ସବ ମୁଖରିତ ହୋଇ ହୋଇଉଠିଛି । ପ୍ରତିବର୍ଷ ଏହି ପୀଠରେ ଜାଗରଯାତ୍ରା ବହୁ ଆଡମ୍ବର ସହକାରେ ପାଳିତ ହୋଇଥାଏ । ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଏଠାରେ ଉପସ୍ଥିତ ହୋଇ ପାତାଳଭେଦୀ ଶିବ ଲିଙ୍ଗର ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଥାନ୍ତି । ବହୁ ଭକ୍ତ ଦୀପ ଜାଳି ରାତିସାରା ଉଜାଗର ରହିବା ସହ ରାତିର ଶେଷ ପ୍ରହରରେ ମନ୍ଦିର ଉପରକୁ ମହାଦୀପ ଉଠିବାର ଦୃଶ୍ୟକୁ ମନଭରି ଉପଭୋଗ କରିଥାନ୍ତି । ଏହି ଅବସରରେ ଏଠାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷଣ କରାଯାଇଥାଏ । ଏଠାରେ ସୂଚନାଥାଉକି ଏହି ଶୈବ ପୀଠଟି ମରହଟ୍ଟା ଶାସନ ସମୟର ବୋଲି ଅନୁମାନ କରାଯାଏ । ପ୍ରଥମେ ଏଠାରେ ଏକ ପାତାଳଭେଦୀ ଶିବ ଲିଙ୍ଗର ସନ୍ଧାନ ମିଳିବା ପରେ ତତ୍କାଳୀନ ଜମିଦାରଙ୍କ ଉଦ୍ୟମରେ ଏକ ମନ୍ଦିର ନିର୍ମାଣ କରାଯାଇଥିଲା । ସେହିଦିନ ଠାରୁ ଆଜିଯାଏଁ ଏଠାରେ ଏହି ଶିବ ଲିଙ୍ଗ ପୂଜା ପାଇ ଆସୁଛି । ପ୍ରତିଦିନ ବିଭିନ୍ନ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଶିବ ଲିଙ୍ଗର ଦର୍ଶନ ପାଇଁ ଏଠାକୁ ଆଗମନ କରୁଥିବା ବେଳେ ପ୍ରାୟ ପୂଜାର୍ଚ୍ଚନା କରିଥାନ୍ତି । ସେହିପରି ମାନସିକ ରଖିଥିବା ଭକ୍ତ ମାନେ ମାନସିକ ପୂରଣ ପରେ ଏଠାରେ ଚଣ୍ଡୀପାଠ, ଅଭିଷେକ ଉତ୍ସବ ଓ ଅନ୍ୟାନ୍ୟ ପୂଜାପାଠ ଆଦି କରାଇ ଦେବ ଦେବ ମହାଦେବଙ୍କୁ ସନ୍ତୁଷ୍ଟ କରାଇବାକୁ ପ୍ରୟାସ କରିଥାନ୍ତି।

# ଜଳକ୍ଲିଷ୍ଟ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

କେନ୍ଦୁଝର, (ସ୍ୱପ୍ର) : ଚଳିତବର୍ଷ ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍ ଠାରେ ଜିଲ୍ଲାପାଳ ବିଶାଳ ସିଂହଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ବୁଧବାର ଦିନ ଦିନ ଅନୁଷ୍ଠିତ ହୋଇଯାଇଛି । ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିବା ସହିତ ଜଳକ୍ଲିଷ୍ଟ ଅଂଚଳରେ ପାନୀୟ ଜଳର ବ୍ୟବସ୍ଥା କରିବା ପାଇଁ ଜିଲ୍ଲାପାଳ ଶ୍ରୀ ସିଂହ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗ୍ରୀଷ୍ମପ୍ରବାହ ସମୟରେ ସତର୍କତା ଅବଲମ୍ବନ ନିମନ୍ତେପୋଷ୍ଟର, ଲିଫ୍‌ଲେଟ୍ ଆଦି ପ୍ରଚାରପତ୍ର ଗାଆଁ ଗହଳରେ ବଂଟନ ନିମନ୍ତେ ପଦକ୍ଷେପ ନେବାକୁପରାମର୍ଶ ଦେଇଥିଲେ ।




ଗ୍ରୀଷ୍ମଋତୁରେ ଯେମିତି ପାନୀୟ ଜଳର ସମସ୍ୟା ରହିବ ନାହିଁ, ଅଚଳନଳକୂପଗୁଡିକର ତୁରନ୍ତ ମରାମତି ଏବଂ ହାଟବଜାର, ବସ୍ ଷ୍ଟାଣ୍ଡ ତଥା ଜନଗହଳି ସ୍ଥାନମାନଙ୍କରେ ଜଳଛତ୍ର ଖୋଲି ପିଇବା ଉପଯୋଗୀ ପାନୀୟ ଜଳର ବ୍ୟବସ୍ଥା ଉପରେ ଜିଲ୍ଲାପାଳ ଶ୍ରୀ ସିଂହ ଗୁରୁତ୍ୱାରୋପ କରି ସଂପୃକ୍ତ ଅଧିକାରୀମାନଙ୍କୁ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ପାନୀୟଜଳ ସମସ୍ୟା ଥିବା ଶିକ୍ଷାନୁଷ୍ଠାନ / ହଷ୍ଟେଲ୍‌ମାନଙ୍କରେ ପାନୀୟ ଜଳ ଯୋଗାଣ ନିମନ୍ତେ ତୁରନ୍ତପଦକ୍ଷେପ ନେବାକୁ ସଂପୃକ୍ତ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଗ୍ରୀଷ୍ମ ପ୍ରବାହଜନିତ ଯେପରି କୌଣସି ଜୀବନ ହାନି ନଘଟିବ ସେଥିପାଇଁ ସମସ୍ତେ ଦୃଢ ମାନସିକତା ରଖି କାର୍ଯ୍ୟ କରିବାକୁ କହିଥିଲେ । ଶ୍ରମିକମାନେ କାର୍ଯ୍ୟ କରୁଥିବାସ୍ଥାନରେପାନୀୟଜଳ ଓ ଆଶ୍ରୟସ୍ଥଳର ବନ୍ଦୋବସ୍ତ କରାଯିବା ସହ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ ଘଟିକାମଧରେ ଟାଣ ଖରାରେ କାମ ନକରାଇବାକୁ ଏବଂ କାର୍ଯ୍ୟସ୍ଥଳରେ ପାନୀୟ ଜଳର ବ୍ୟବସ୍ଥା, ଆଶ୍ରୟସ୍ଥଳ ଓ ଓଆର୍‌ଏସ୍ ପ୍ୟାକେଟ୍ ମହଜୁଦ ରଖିବା ନିମନ୍ତେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ପର୍ଯ୍ୟାପ୍ତ ପରିମାଣରେ ଓଆର୍‌ଏସ୍ ପାଉଡର, ବରଫ, ଅଂଶୁଘାତର ପ୍ରତିକାର ପାଇଁ ଔଷଧପତ୍ର, ଜୀବନ ରକ୍ଷାକାରୀ ଔଷଧ ମହଜୁଦ୍ ରଖିବା, ଆମ୍ବୁଲାନ୍‌ସ୍ ବ୍ୟବସ୍ଥା ସହ କଂଟ୍ରୋଲ୍ ରୁମ୍ କାର୍ଯ୍ୟକ୍ଷମ କରିବା ତଥା ସମସ୍ତ ଚିକିତ୍ସାଳୟରେ ଅଂଶୁଘାତ ଆକ୍ରାନ୍ତମାନଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସା ନିମନ୍ତେ ବେଡ୍ ପ୍ରସ୍ତୁତ ରଖିବା ପାଇଁ ପଦକ୍ଷେପ ନେବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ଜିଲ୍ଲାସ୍ତରରେ ବ୍ଲକ, ତହସିଲ୍ ଓ ସବ୍‌ଡିଭିଜନ୍‌ସ୍ତରରେ ୨୪ ଘଂଟିଆ କଂଟ୍ରୋଲ୍ ରୁମ୍ କାର୍ଯ୍ୟକ୍ଷମ କରିବା, ୱାଟ୍‌କୋ, ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଏବଂ ଟିପିଏନ୍‌ଓଡିଏଲ୍ ବିଭାଗର କାର୍ଯ୍ୟାଳୟରେ ୨୪ ଘଂଟିଆ କଂଟ୍ରୋଲ୍ ରୁମ୍ ଖୋଲିବା ନିମନ୍ତେ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜଳକ୍ଲିଷ୍ଟ ଅଂଚଳରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା, ଜଳଛତ୍ର ବ୍ୟବସ୍ଥା କରିବା ଓ ଅଚଳ ନଳକୂପଗୁଡିକୁ ଯୁଦ୍ଧକାଳୀନ ଭିତିରେ ମରାମତି କରିବା ପାଇଁ ସଂପୃକ୍ତ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରୀଷ୍ମ ପ୍ରବାହ ସମୟରେ ବିଦ୍ୟୁତ୍ କାଟ ନକରିବା ସହିତ ଶିକ୍ଷାନୁଷ୍ଠାନ ଏବଂ ହଷ୍ଟେଲ୍‌ମାନଙ୍କରେ ବିଦ୍ୟୁତ୍ କାଟ ନକରିବାପାଇଁ ଟି.ପି.ଏନ୍.ଓ.ଡି.ଏଲ୍.ର କର୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଅଂଶୁଘାତଜନିତ ମୃତ୍ୟୁଘଟଣାର ଯୁଗ୍ମ ତଦନ୍ତ କରି ୨୪ ଘଂଟା ମଧ୍ୟରେ ଜିଲ୍ଲା ଆପତକାଳୀନ କାର୍ଯ୍ୟାଳୟକୁ ପଠାଇବା ପାଇଁ ତହସିଲଦାର ଓ ମେଡିକାଲ୍ ଅଫିସରମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

ଏହିବୈଠକରେ ପ୍ରାରମ୍ଭରେ ଆସିଷ୍ଟାଂଟ୍ କଲେକ୍ଟର ଏମର୍‌ଜେନ୍‌ସି ପ୍ରତ୍ୟୁଷା ପ୍ରିୟଦର୍ଶିନୀ ସ୍ୱାଗତ ଭାଷଣ ଦେବା ସହ ପ୍ରସ୍ତୁତି ବୈଠକର ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଆଲୋଚନା ଆରମ୍ଭ କରିଥିଲେ । ଏହି ବୈଠକରେ ଡ଼ି.ଏଫ୍.ଓ ଏଚ୍.ଡ଼ି ଧନରାଜ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯଦୁମଣି ମହଲା, ଜିଲ୍ଲା ପରିଷଦ କେନ୍ଦୁଝରର ମୁଖ୍ୟ ଉନ୍ନୟନ ଅଧିକାରୀ ତଥାନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାମଚନ୍ଦ୍ର କିସ୍କୁ, କେନ୍ଦୁଝର ଉପଜିଲ୍ଲାପାଳ ତ୍ରିଲୋଚନ ମହାନ୍ତି, ଆନନ୍ଦପୁର ଉପଜିଲ୍ଲାପାଳ ଚିତରଞ୍ଜନ ମହାନ୍ତ, ଚମ୍ପୁଆ ଉପଜିଲ୍ଲାପାଳ ସୁକାନ୍ତ ମାଝୀ ସମେତ ଜିଲ୍ଲାରବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଦ୍ୱିତୀୟ ଦିନରେ ଖଇରା ସ୍ୱାଭିମାନ ମଞ୍ଚର ଧାରଣା




ଖଇରା, (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଖଇରାକୁ ଏନଏସି ଘୋଷଣାରୁ ବାଦ ଦିଆଯିବା ପ୍ରତିବାଦରେ ବୁଧବାର ଠାରୁ ଖଇରା ସ୍ୱାଭିମାନ ମଞ୍ଚ ଦ୍ୱାରା ଆରମ୍ଭ ହୋଇଥିବା ଧାରଣା ଦ୍ୱିତୀୟ ଦିନରେ ପହଞ୍ଚିଛି । ଏଥିରେ ଖଇରା ସଂଲଗ୍ନ ବିଭିନ୍ନ ଗ୍ରାମର ବାସିନ୍ଦା ସାମିଲ ହୋଇଥିବା ଦେଖିବାକୁ ମିଳିଛି ।

ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଚାଲିବାକୁ ଥିବା ଧାରଣାରେ ଜନ୍ମେଜୟ ଶତପଥି,ଅଭିରାମ ମହାପାତ୍ର, ସନ୍ତୋଷ ଶତପଥି, ଜଗଦାନନ୍ଦ ମହାପାତ୍ର, ସନ୍ତୋଷ କୁମାର ସାହୁ, ଉପେନ୍ଦ୍ର ପ୍ରସାଦ ଭୂୟାଁ, ଶରତ କୁମାର ବିଶ୍ୱାଳ, ଧରଣୀଧର ପଣ୍ଡା, ଉଦୟ ନାଥ ପଣ୍ଡା, ଚିନ୍ତାମଣି ସାହାଣୀ, ପ୍ରଶାନ୍ତ ବାରିକ, ନରେନ୍ଦ୍ର ବେହେରା, ନିରଞ୍ଜନ ପରିଡା, ନିରଞ୍ଜନ ବେହେରା, ସତ୍ୟବ୍ରତ ନାରାୟଣ ବେହେରା ,ପରିକ୍ଷୀତ ମହାପାତ୍ର ପ୍ରମୁଖ ସାମିଲ ଥିଲେ

# ଆନ୍ତର୍ଜାତିକ ମହିଳା ଦିବସରେ ୩ ଜଣଙ୍କ ସଫଳ ଯାତ୍ରା

କେନ୍ଦୁଝର/ଯୋଡା, (ସ୍ୱପ୍ର/ସବ୍ୟୁ) : ଗୁରୁବାର ସାରା ବିଶ୍ୱ ଆନ୍ତର୍ଜାତିକ ମହିଳା ଦିବସ ପାଳନ କରୁଥିବା ବେଳେ ଯୋଡାର ତିନି ଜଣ ଗ୍ରାମୀଣ ମହିଳା ପାରମ୍ପରିକ ଚିନ୍ତାଧାରା କୁ ଭାଙ୍ଗି ସଫଳତା ସାଉଁଟୁଛନ୍ତି । ଉଦୀୟମାନ ଫୁଟ୍‌ବଲ ଖେଳାଳି ରୂପଶ୍ରୀ ମୁଣ୍ଡା ଓ ଅମ୍ଲିନ ପୂର୍ତିଙ୍କ ସହ ଭାରୀ ଯାନ ଚାଳିକା ନିର୍ମଳା ଲାଗୁରି ମଧ୍ୟ ସ୍ଥାନୀୟ ମହିଳାଙ୍କ ପାଇଁ ଉଦାହରଣ ସାଜିଛନ୍ତି ।ଉଦୀୟମାନ ଫୁଟବଲ ଖେଳାଳି ରୂପଶ୍ରୀ ମୁଣ୍ଡା ନିଜ କ୍ରୀଡ଼ା ସଫଳତା ପାଇଁ ନିଜ ଅଞ୍ଚଳରେ ବେଶ୍ ପରିଚିତ । ରୋଇଡା ପଂଚାୟତର କ୍ୟାମ୍ପ ହଟିଂର ବାସିନ୍ଦା ରୂପଶ୍ରୀ ୨୦୧୯ ରେ ଯୋଡାସ୍ଥିତ ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସଏଫ)ର ତୃଣମୂଳ ସ୍ତରୀୟ ଫୁଟବଲ ଏକାଡେମୀରେ ଯୋଗ ଦେବା ପରେ ଫୁଟବଲ ପ୍ରତି ତାଙ୍କର ଭଲପାଇବା ଜାଣିବାକୁ ପାଇଥିଲେ । ସେ କଟକରେ ୧୭ ବର୍ଷରୁ କମ୍ ଜାତୀୟ ଟ୍ରାଏଲ ଟୁର୍ଣ୍ଣାମେଂଟ୍ରେ ଅଂଶଗ୍ରହଣ କରିଥିଲେ । ସେ ବର୍ତ୍ତମାନ ନେପାଳରେ ଚାଲି ଥିବା ସାଫ୍ କ୍ରୀଡ଼ାରେ ୧୬ ବର୍ଷରୁ କମ୍ ଜାତୀୟ ଦଳରେ ସ୍ଥାନ ପାଇ କ୍ରୀଡ଼ାରେ ତାଙ୍କର ନିଷ୍ଠାପରତା ଏବଂ ଦକ୍ଷତା ପ୍ରଦର୍ଶନ କରିଛନ୍ତି ।



ରୂପଶ୍ରୀ ଙ୍କ ଭଳି ସେହି ଗାଁର ଅମ୍ଲିନ ପୂର୍ତି ମଧ୍ୟ ଜଣେ ଉଦୀୟମାନ ଫୁଟବଲ ଖେଳାଳି । ଅମ୍ଲିନ ୨୦୧୯ ରେ ଯୋଡାସ୍ଥିତ ଟିଏସ୍‌ଏଫ୍ର ତୃଣମୂଳ ସ୍ତରୀୟ ଫୁଟବଲ ଏକାଡେମୀରେ ଯୋଗ ଦେବା ପରେ ଫୁଟବଲରେ ତାଙ୍କର ପରିଚୟ ହାସଲ କରିଥିଲେ । ଟିଏସ୍‌ଏଫ୍ ସହାୟତାରେ ସେ ଇଣ୍ଡିଆ ଖେଲୋ ଫୁଟବଲ ର ନୂଆମୁଣ୍ଡି ଟୁର୍ଣ୍ଣାମେଂଟରେ ଅଂଶଗ୍ରହଣ କରି କଟକରେ ୧୭ ବର୍ଷରୁ କମ୍ ଜାତୀୟ ଟ୍ରାଏଲ ଟୁର୍ଣ୍ଣାମେଂଟ୍ରେ ସ୍ଥାନ ଅର୍ଜନ କରିଥିଲେ ।

ତେବେ ନିର୍ମଳା ଲାଗୁରୀଙ୍କ କାହାଣୀ ଭିନ୍ନ। ପୂର୍ବରୁ କୌଣସି ମହିଳା ପ୍ରବେଶ କରିନଥିବା କ୍ଷେତ୍ରରେ ଲିଙ୍ଗଗତ ପାରମ୍ପରିକ ଚିନ୍ତାଧାରାକୁ ଭାଙ୍ଗି ଏକ ପୁରୁଷ ପ୍ରାଧାନ୍ୟ କ୍ଷେତ୍ରରେ ନିର୍ମଳା ପ୍ରବେଶ କରି ଭାରି ଯାନ ଚଳାଇ ନିଜର ଯାତ୍ରା ଆରମ୍ଭ କରିଥିଲେ । ଜୀବନରେ ସ୍ୱାସ୍ଥ୍ୟ ଗତ ସମସ୍ୟାର ସମ୍ମୁଖୀନ ହେବା ଏବଂ ଅସ୍ତ୍ରୋପଚାର ପରେ ସେ ଟିଏସ୍‌ଏଫ୍ ଦ୍ୱାରା ସମର୍ଥିତ ଏଚ୍‌ଏମ୍ଭି ପ୍ରଶିକ୍ଷଣରେ ନାମ ଲେଖାଇଥିଲେ । ଏହା ତାଙ୍କ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ ଆଣିଥିଲା । ସରକାରୀ ଯୋଜନାରେ ଚାକିରି କରି ନିର୍ମଳା ଏବେ କେନ୍ଦୁଝରରୁ ଯୋଡ଼ା ପୌରପାଳିକାକୁ ବସ୍ ଚଳାଉଛନ୍ତି ଏବଂ ରୋଜଗାର କରି ପିଲାଙ୍କ ପାଠପା ପାଇଁ ସଂଚୟ ମଧ୍ୟ କରୁଛନ୍ତି। ମାର୍ଚ୍ଚ ୮ରେ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସ୍‌ଏଫ୍) ନିଜ ନିଜ କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ କରିଥିବା ତିନି ଜଣ ମହିଳାଙ୍କ ସଫଳତାକୁ ମାନ୍ୟତା ପ୍ରଦାନ କରିଛି ।

# ତୋଟାପଡ଼ା ଆଶ୍ରମ ସ୍କୁଲ ବାର୍ଷିକ ଉତ୍ସବ

ବେତନଟୀ, (ସବ୍ୟୁ) : ତୋଟାପଡା ସ୍ଥିତ ଆଶ୍ରମ ବିଦ୍ୟାଳୟରେ ଗତ ବୁଧବାର ସନ୍ଧ୍ୟାରେ ବାର୍ଷିକ ଉତ୍ସବ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ତୋଟାପଡ଼ା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବେନ୍ଦ୍ର କୁମାର ପଣ୍ଡାଙ୍କ ଆହୂତ କ୍ରମେ ମଙ୍ଗଳ ବିଭାଗର ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ନିରୀକ୍ଷକ ମାନସ ରଞ୍ଜନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦାଶ ମୂଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ।ମୁଖ୍ୟବକ୍ତା ଭାବେ ଅବସର ପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ସନ୍ତୋଷ କୁମାର ନାୟକ ଯୋଗ ଦେଇଥିଲା ବେଳେ ସମ୍ମାନୀତ ଅତିଥି ଭାବେ ରାସଗୋବିନ୍ଦପୁର ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦୀପକ କୁମାର ମାର୍ଣ୍ଡି , ବାସିପୀଠା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୀପ୍ତିକାନ୍ତ ଜେନା , କଲ୍ୟାଣ ଶିକ୍ଷକ ସଂଘ ସଭାପତି ଚିତ୍ତରଞ୍ଜନ ପ୍ରତିହାରୀ , ଦେବଳା ଆଶ୍ରମ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ଦୀପକ କୁମାର ଦଣ୍ଡପାଟ, ବାଗୁଲି ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁ , ଉତ୍ତରପାଳ ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗିରିଶ୍ଚନ୍ଦ୍ର ପଣ୍ଡା , ଚନ୍ଦନପୁର ଆଶ୍ରମ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ପ୍ରଦୀପ ଭୂୟାଁ , ବ୍ରାହ୍ମଣଗାଁ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ନାୟକ ତଥା ତୋଟାପଡା ଆଶ୍ରମ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଅଜୟ କୁମାର ପତି ପ୍ରମୁଖ ଯୋଗ ଦେଇ ଶିକ୍ଷା ପ୍ରତି ଅନୁରୋକ୍ତି ରଖିବାକୁ ଅଭିଭାବକ ମାନଙ୍କୁ ପରାମର୍ଶ ଦେଇଥିଲେ ।ଏହି ଉତ୍ସବ ମଞ୍ଚ ପରିଚାଳନାକୁ ବଙ୍କିମ ଚରଣ ବାରିକ ସୁଚାରୁ ରୂପେ ପରିଚାଳନା କରିଥିଲେ । ଛାତ୍ରୀ ନିବାସର ଅନ୍ତେବାସିନୀଙ୍କ ଦ୍ୱାରା ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପରିଶେଷରେ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଦାଦନ ଖଟିବାକୁ ଯାଇ ଫେରିଲେନି ୩ ବ୍ୟକ୍ତି



ଖଇରା, (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଖଇରା ଥାନା ଅଧୀନ ହରିପୁର ଗ୍ରାମ୧ର ସପନ ଖୁଣ୍ଟିଆଙ୍କ ପୁଅ ଗଣେଷ ଖୁଣ୍ଟିଆ(୫୯), ସୁରେନ୍ଦ୍ର ଖୁଣ୍ଟିଆଙ୍କ ପୁଅ ଆନନ୍ଦ ଖୁଣ୍ଟିଆ(୫୧) ଓ ବିନୋଦ ଖୁଣ୍ଟିଆ(୪୮) ଦୀର୍ଘ ୨୫ବର୍ଷ ରୁ ଉର୍ଦ୍ଧ ସମୟ ହେଲା ଦାଦନ ଖଟିବାକୁ ବହାର ରାଜ୍ୟକୁ ଯାଇ ଆଉ ଫେରି ନାହାଁନ୍ତି । ଯେଉଁଥିପାଇଁ ସେମାନଙ୍କ ସ୍ତ୍ରୀ ଓ ପରିବାର ଲୋକେ ମନସ୍ତାପରେ ଦିନକାଟୁଛନ୍ତି । ସେପଟେ ଫେରୁନଥିବା ବ୍ୟକ୍ତିମାନଙ୍କ ବିଷୟରେ କିଛି ସୂଚନା ମିଳୁନଥିବାରୁ ଜମିବାଡି ଭାଗବଣ୍ଟା ହୋଇପାରୁନାହିଁ କି ପରିବାର ଲୋକଙ୍କୁ ସରକାରୀ ସହାୟତା ମଧ୍ୟ ମିଳିପାରୁନାହିଁ ।

ନିଜର ଅଭାବ ଅନଟନ ସମ୍ପର୍କରେ ଏହି ନିଖୋଜ ବ୍ୟକ୍ତିମାନଙ୍କ ସ୍ତ୍ରୀ ମାନେ ସ୍ଥାନୀୟ ସରପଞ୍ଚ ପ୍ରଦୀପ ପର୍ଶୁରାମ ବେହେରାଙ୍କୁ ଅବଗତ କରାଇବା ସହ ସେମାନଙ୍କ ପାଇଁ ସରକାରୀ ସହାୟତା ପ୍ରଦାନ ପାଇଁ ଲିଖିତ ଭାବେ ଜଣାଇଛନ୍ତି ।

## ବିଶାଳ ଜନସଭା

ଭୋଗରାଇ, (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଥାନା ଛକସ୍ଥିତ ହେଲିପେଡ ପଡ଼ିଆରେ ଏକ ବିଶାଳ ଜନସଭା ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି।ବିଜେଡ଼ି ସଭାପତି ରମାକାନ୍ତ କରଣଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ଯୋଜନାବୋର୍ଡ ଅଧକ୍ଷ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ, ପଞ୍ଚାୟତ ସମିତି ଅଧକ୍ଷ ପ୍ରବୀର କୁମାର ଗିରି, ଉପାଧକ୍ଷ ମୀନାରାଣୀ ସାସମଲ, ଯୁବ ନେତା ଅଭିଜିତ ଦାସଙ୍କ ସମେତ ତପନ କୁମାର ପଣ୍ଡା, ନିବେଦିତା ମହାନ୍ତି, ନଳିନୀ ସେଠୀ ପ୍ରମୁଖ ବିଜୁବାବୁଙ୍କ ଦାୟାଦଭାବେ ବିଜେଡ଼ିର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୂଆ ଓଡ଼ିଶା ଗଠନରେ ଏକ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଥିବା ବେଳେ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ କରି ସଶକ୍ତ ସମୃଦ୍ଧ ଓଡ଼ିଶା ଗଠନ ନିମନ୍ତେ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ । ଅପରପକ୍ଷରେ ଚନ୍ଦନେଶ୍ୱରର ପ୍ରବାଦ ପୁରୁଷ ବିଜୁପଟ୍ଟନାୟକଙ୍କ ସହିତ ଉତ୍କଳ ଗୌରବ ମଧୁସୂଦନ ଦାସ, ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ରକ୍ତଦାନ ଶିବିର, ବ୍ଲକ ପରିସରରେ ପଞ୍ଚାୟତ ରାଜ ଦିବସ, କମର୍ଦ୍ଦା ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ ଫଳ ବଂଟନ କରାଯାଇଥିଲା ।

# ଘସିପୁରା ବ୍ଲକରେ ବିଏସକେୱାଇ ନବୀନ କାର୍ଡ ବିତରଣ



ଆନନ୍ଦପୁର , (ସବ୍ୟୁ) : ଗୁରୁବାର ଘସିପୁରା ବ୍ଲକ ରେ ବିଏସକେୱାଇ ନବୀନ କାର୍ଡ ବିତରଣ ହୋଇଯାଇଛି । ଆନନ୍ଦପୁର ବିଡ଼ିଓ ଯୋଗରଞ୍ଜନ ନାୟକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଘସିପୁରା ବିଧାୟକ ପ୍ରଫେସର ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ଯୋଗଦେଇ ନବୀନ କାର୍ଡ ବଣ୍ଟନର ଶୁଭାରମ୍ଭ କରିଥିଲେ । ଏଥିରେ ଘସିପୁରା ବ୍ଲକର ୨୫ଗୋଟି ପଞ୍ଚାୟତର ୩୧୪ ଜଣ , ଆନନ୍ଦପୁର ବ୍ଲକ ୧୫୧ ଜଣ ଯୋଗ୍ୟ ହିତାଧିକାରୀ ମାନଙ୍କୁ ନବୀନ କାର୍ଡ ପ୍ରଦାନ କରାଯାଇଥିଲା ।

ବିଏସକେୱାଇ କାର୍ଡ ଯେଉଁମାନେ ପାଇ ନଥିଲେ ସେମାନେ ଏହି ନବୀନ କାର୍ଡ ଦ୍ୱାରା ଉପକୃତ ହେବେଛ ଏହି କାର୍ଡ ଦେଶର ୮୦୦ରୁ ଉର୍ଦ୍ଧ୍ୱ ଚିକିତ୍ସାଳୟରେ ହିତାଧିକାରୀ ମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବ । ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବରେ ଘସିପୁରା ବ୍ଲକ ଉପାଧକ୍ଷ ପଞ୍ଚାନନ ବେହେରା, ଆନନ୍ଦପୁର ବ୍ଲକ ଅଧକ୍ଷା ଅଞ୍ଜନା ବାରିକ, ସିଡିପିଓ ବିନୋଦିନୀ ତ୍ରିପାଠୀ କନିଷ୍ଠଯନ୍ତ୍ରୀ ଲକ୍ଷ୍ମୀପ୍ରିୟା ଜେନା ପ୍ରମୁଖ ଉପସ୍ଥିତ ଥିଲେ । ପିଇଓ ପଙ୍କଜ ସାହୁ ମଞ୍ଚ ପରିଚାଳନା କରିଥିଲେ ।ନବୀନ ସରକାରଙ୍କ ଲୋକାଭିମୁଖୀ ଯୋଜନା ମଧ୍ୟରେ ଏହି ନବୀନ ସ୍ୱାସ୍ଥ୍ୟକାର୍ଡ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଗରୀବ ଲୋକ ଉପକୃତ ହୋଇପାରିବେ । ପ୍ରତି ଗ୍ରାମ ପଞ୍ଚାୟତ ଅନୁଯାୟୀ ହିତାଧିକାରୀ ମାନଙ୍କୁ ଅତିଥି ବୃନ୍ଦ ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରିଥିଲେ ।

# ବାରାଯୋଡି ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀଙ୍କ ଶିକ୍ଷା ପୁରସ୍କାର

ଖଇରା, (ସବ୍ୟୁ) :ବ ାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଗଡପୋଖରୀ ପଞ୍ଚାୟତର ବାରାଯୋଡି ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ନିକଟରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଲାଭ କରି ଖଇରାର ଗୌରବ ବଢାଇଛନ୍ତି । ଏହାକୁ ନେଇ ବାରାଯୋଡି ଗ୍ରାମବାସୀ, ଅବିଭାବକ, ଛାତ୍ରଛାତ୍ରୀ ଆନନ୍ଦରେ ଉତଫୁଲ୍ଲିତ ହୋଇ ପଡିଥିବା ବେଳେ ଏହାର ମୁଖ୍ୟ ଶ୍ରେୟ ବର୍ତ୍ତମାନର ପ୍ରଧାନଶିକ୍ଷକ ଜଗନ୍ନାଥ ମହାପାତ୍ରଙ୍କୁ ପ୍ରଦାନ କରିଛନ୍ତି । ସେପଟେ ପ୍ରଧାନଶିକ୍ଷକ ତାଙ୍କ ବକ୍ତବ୍ୟରେ ଗୋଷ୍ଠୀଶିକ୍ଷାଧିକାରୀ ତଥା ତାଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ, ଅଭିଭାବକ, ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସାମଗ୍ରିକ ସଫଳତା ପାଇଁ ଖଇରା ବ୍ଲକ ର ଏକମାତ୍ର ପ୍ରାଥମିକ ବିଦ୍ୟାଳୟ ଭାବେ ବାରାଯୋଡିକୁ ଏହି ସମ୍ମାନ ମିଳିଥିବା ପ୍ରଧାନଶିକ୍ଷକ କହିଛନ୍ତି । ବିଦ୍ୟାଳୟର ଶୈଖିକ ପରିବେଶ, ଶୌଚାଳୟ, ସୌନ୍ଦର୍ଯ୍ୟକରଣ ସର୍ବୋପରି ବିଦ୍ୟାଳୟର ସାମଗ୍ରୀକ ଉନ୍ନତି ଆଧାରରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା।

# ସୁବାସ ଜିଲ୍ଲା କଂଗ୍ରେସ ଓବିସି ସେଲର ସୋସିଆଲ ମିଡିଆ ସଂଯୋଜକ

ତିହିଡି, (ସବ୍ୟୁ): ଭଦ୍ରକ ଜିଲ୍ଲା କଂଗ୍ରେସ ଓବିସି ସେଲର ସୋସିଆଲ ମିଡିଆ ସଂଯୋଜକ ଭାବେ ସୁବାସ ଚନ୍ଦ୍ର ନାୟକଙ୍କୁ ନିଯୁକ୍ତି ଦିଆଯାଇଛି । ଗତ ୫ ତାରିଖ ଦିନ ଓଡିଶା ପ୍ରଦେଶ କଂଗ୍ରେସ କମିଟିର ଓବିସି ସେଲ ସୋସିଆଲ ମିଡିଆ ଅଧକ୍ଷ ତାଙ୍କୁ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି । ପୂର୍ବରୁ ସୁବାସ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ପ୍ରସାଦ ହରିଚନ୍ଦନଙ୍କ ସମୟରେ ଚାନ୍ଦବାଲି ବିଧାନସଭା କ୍ଷେତ୍ରର ସୋସିଆଲ ମିଡିଆ ସଂଯୋଜକ ଭାବେ ସୁଚାରୁ ରୂପେ ଦାୟିତ୍ୱ ନିର୍ବାହ କରିଥିଲେ । ତାଙ୍କର ସୋସିଆଲ ମିଡିଆ ମାଧ୍ୟମରେ କଂଗ୍ରେସ ଦଳକୁ ଆଗକୁ ନେବା ପାଇଁ ଦଳର ପ୍ରତ୍ୟେକ କାର୍ଯ୍ୟକ୍ରମ ଓ ଦଳର କଥାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ପାଇଁ ସେ ଯେଉଁ ପ୍ରୟାସ ଜାରି ରଖିଛନ୍ତି ସେଥିପ୍ରତି ଆକୃଷ୍ଟ ହୋଇ ଦଳ ତାଙ୍କୁ ଏହି ଦାୟିତ୍ୱ ଦେଇଥିବା ସୁବାସ କହିଛନ୍ତି । ଏଥିପାଇଁ ସେ ରାଜ୍ୟ ଓବିସି ସେଲର ସୋସିଆଲ ମିଡିଆ ଅଧକ୍ଷ, ରାଜ୍ୟର ସମସ୍ତ ନେତୃତ୍ୱ, ଜିଲ୍ଲା ତଥା ଚାନ୍ଦବାଲି ବିଧାନସଭା କ୍ଷେତ୍ରର ନେତୃମଣ୍ଡଳୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ବିଜେପିର ନାରୀ ଶକ୍ତି ବନ୍ଦନ କାର୍ଯ୍ୟକ୍ରମ

କରଞ୍ଜିଆ, (ସବ୍ୟୁ): ଆସନ୍ତା ୮ ତାରିଖ ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଭାରତୀୟ ଜନତା ପାର୍ଟି (ବିଜେପି) ପକ୍ଷରୁ ଏକ ବିରାଟ ମହିଳା ସମାବେଶ ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ମହିଳା ମାନଙ୍କୁ ସଚେତନ କରି ନାରୀ ଶକ୍ତି ଓ ପ୍ରତିଭାଙ୍କୁ ଏକ ନୂତନ ଭାରତୀୟ ରାଷ୍ଟ୍ର ଗଠନରେ ପ୍ରୟୋଗ କରିବା ଉଦ୍ଦେଶ୍ୟରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ବ୍ଲକ ଓ ପଞ୍ଚାୟତରେ ଶୋଭାଯାତ୍ରା ଅନୁଷ୍ଠିତ ହେଉଛି । କରଞ୍ଜିଆ ଠାରେ ମଧ ଜିଲ୍ଲା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦକ ତଥା କରଞ୍ଜିଆ ମୁନିସିପାଲଟି ୨ ନମ୍ବର ୱଡ କାଉନସିଲର କଳ୍ପନା ପାତ୍ରଙ୍କ ନେତୃତ୍ୱରେ ନାରୀ ଶକ୍ତି ବନ୍ଦନା ସଂଯୋଜକ ପାଳିଆର ପାଳିଆ, ପୁଷ୍ପାଞ୍ଜଳି ସିଦ୍ଧୁ, ୧ ନମ୍ବର ୱଡ କାଉନସିଲର ଇଏନଏସ ପ୍ରିୟଙ୍କା, ଜିଲ୍ଲା ସାଧାରଣ ସମ୍ପାଦକ ଆଶିଷ କୁମାର ମହାନ୍ତ, ମୟୂରଭଞ୍ଜ ଜିଲ୍ଲା ପଶ୍ଚିମ ଓଡ଼ିଶା ସଭାପତି କୃପାସିନ୍ଧୁ ମହାନ୍ତ, ଦେବେନ୍ଦ୍ର ମହାନ୍ତ, ଦିଲ୍ଲୀପ ମହାନ୍ତ, ଜନାର୍ଦ୍ଦନ ବେହେରାଙ୍କ ଉପସ୍ଥିତିରେ ବହୁ ସଂଖ୍ୟାରେ ମହିଳା ମାନେ ଶୋଭାଯାତ୍ରାରେ ଯୋଗଦାନ କରିଥିଲେ ।



# କେଶବ କବି କୃଷ୍ଣପ୍ରସାଦଙ୍କ ଜୟନ୍ତୀ

ସୋର (ସବ୍ୟୁ) : ସୋର ପୌରପାଳିକା ଅନ୍ତର୍ଗତ ଅବସରପ୍ରାପ୍ତ କର୍ମଚାରୀ ସଂଘ ବିଶ୍ରାମ ଗୃହରେ କେଶବ କବି କୃଷ୍ଣ ପ୍ରସାଦଙ୍କ ୧୦୯ତମ ଜୟନ୍ତୀ ସଭାପତି ମିହିର କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । କେଶବ କବି କୃଷ୍ଣ ପ୍ରସାଦ ସ୍ମୃତି ପରିଷଦ ଆନୁକୂଲ୍ୟରେ ପ୍ରତିବର୍ଷ ଭଳି ଚଳିତବର୍ଷ ଅତିଥିମାନେ କବିଙ୍କ ନାଟକ ଏବଂ କବିତା ସମୂହ ଉପରେ ଆଲୋକପାତ କରିଥିଲେ । ସଭାକାର୍ଯ୍ୟ ଆରମ୍ଭରେ ସଭ୍ୟସଭ୍ୟାମାନେ କବିଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ।

ସମ୍ମାନୀତ ଅତିଥିଭାବେ ଚେମେଇ ଦାସ, ମୁଖ୍ୟବକ୍ତାଭାବେ ପଦ୍ମଲୋଚନ ଦ୍ୱିବେଦୀ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ନାଗରିକ ମଂଚ ସଭାପତି ନେତ୍ରାନନ୍ଦ ରାଉତ, ନାଟ୍ୟକାର କୃଷ୍ଣ ପ୍ରସାଦଙ୍କ ସୋର ସଂଯୋଜନା ଯାହା ସାଧାରଣ ଜନତାଙ୍କୁ ମନ୍ତ୍ରମୁଗ୍ଧ କରି ବିନିଦ୍ର କରିଦେଉଥିଲା ବୋଲି ବକ୍ତବ୍ୟରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୁରୁଷୋତ୍ତମ ପଣ୍ଡା, ଦାମୋଦର ଦାସମହାପାତ୍ର, କାର୍ତ୍ତିକ ଚନ୍ଦ୍ର ବିଶ୍ୱାଳ, ଶ୍ରୀଧର ପତ୍ରୀ, ଗଙ୍ଗାଧର ଓତା, ପୁଷ୍ପରାଣୀ ନାୟକ, ଉଦ୍ଧବ ଚରଣ ବିଶ୍ୱାଳ, ସୁଧାକର ନାୟକ, ମହେଶ୍ୱର ପଣ୍ଡା, ପଦ୍ମଲୋଚନ ସାହୁ, କଟଚନ୍ଦ୍ର ବେହେରା, ଶ୍ୟାମସୁନ୍ଦର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଶରତ ଚନ୍ଦ୍ର ନାୟକ, ଖଗେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ ।

(ଶ୍ରୀମଭଗବଦ୍ ଗୀତା ୪/୨୦)

–ଜ୍ଞାନଯୋଗଃ–

(ଶ୍ରୀଭଗବାନୁବାଚ)

**ତ୍ୟକ୍ତ୍ୱା କର୍ମ୍ମଫଳସଙ୍ଗଂ ନିତ୍ୟତୃପ୍ତୋ ନିରାଶ୍ରୟଃ**
**କର୍ମ୍ମଣ୍ୟଭିପ୍ରବୃତ୍ତୋପି ନୈବ କିଞ୍ଚିତ୍ କରୋତି ସଃ ।।୨୦।।**

ସେହି ବ୍ରହ୍ମବିତ୍ କର୍ମ ଓ ତତ୍‌ଫଳରେ ଆସକ୍ତି ତ୍ୟାଗକରି, ନିତ୍ୟାନନ୍ଦରେ ପରିତୃପ୍ ଓ ଯୋଗକ୍ଷମାର୍ଥରେ ଅବଲମ୍ବନରହିତ ହୋଇ (ସ୍ୱାଭାବିକ ବା ବିହିତ) କର୍ମରେ ସର୍ବଦା ପ୍ରବୃତ୍ତ ଥିଲେ ମଧ୍ୟ କିଛି କରନ୍ତି ନାହିଁ, ଅର୍ଥାତ୍ ତାହାଙ୍କର କର୍ମ ସବୁ ଅକର୍ମଭାବ ପ୍ରାପ୍ତ ହୁଏ ।।୨୦।।

# ନିର୍ବାଚନୀ ପାଣିପାଗ

**ସମ୍ପାଦକୀୟ**

ନିର୍ବାଚନକୁ ନେଇ ରାଜନୈତିକ ଉଷ୍ମତା ବଢୁଛି । ଦଳ ଛାଡିବା, ଅନ୍ୟ ଦଳରେ ମିଶିବା, ଦଳଗୁଡିକ ମଧ୍ୟରେ ଆସନ ବୁଝାମଣା ହେବା, ନିର୍ବାଚନ ରାଜନୀତିର ଗୋଟିଏ ମୁଖ୍ୟ ଅଂଶ । କେବଳ ଯେ' ଏହି ନିର୍ବାଚନରେ ଏହା ଘଟୁଛି ତା ନୁହେଁ, ପ୍ରତ୍ୟେକ ନିର୍ବାଚନ ପୂର୍ବରୁ ଏହା ଘଟିଥାଏ । କାଲି ଅନ୍ୟ ଦଳକୁ ଗାଳି ଦେଉଥିବା ନେତା, ହଠାତ ସ୍ୱର ପରିବର୍ତ୍ତନ କରି, ନିଜକୁ ସେହି ଦଳରେ ସାମିଲ କରିଦିଏ ଏବଂ ନିଜର ପୂର୍ବ ଦଳ ବିରୋଧରେ ସ୍ୱର ଉତ୍ତୋଳନ କରେ । ଏହା ସ୍ପଷ୍ଟ କରେ, ରାଜନୀତିରେ ମତାନ୍ତର ବା ମନାନ୍ତର ନାହିଁ । କେବଳ ଦଳର ନୀତି ଓ ଆଦର୍ଶ ପାଇଁ ଜଣେ ଅନ୍ୟ ଜଣକୁ ଆକ୍ଷେପ କରେ । କିନ୍ତୁ ପ୍ରଶ୍ନ ଉଠେ, ଆଦର୍ଶକୁ ନେଇ କଣ ରାଜନୀତି ହେଉଛି ? ସବୁ ଦଳର କିଛି ନା କିଛି ଆଦର୍ଶ ଓ ନୀତି ଅଛି, କିନ୍ତୁ ସେ ସବୁ ଅପେକ୍ଷା ଦଳର ଜିତିବା ବା ହାରିବା ଦଳ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଚିନ୍ତା କଲେ, ଏହା ମଧ୍ୟ ଠିକ୍ ବୋଲି ମନେହୁଏ । କାରଣ କ୍ଷମତାରେ ନ ରହିଲେ, ଗୋଟିଏ ଦଳ ବା ନେତା, କଣ ବା କରିପାରିବ ? ତା'ର ଆଦର୍ଶ, ନୀତିକୁ ସେ' କାର୍ଯ୍ୟକାରୀ କରିପାରିବ ନାହିଁ । ତେଣୁ ଦଳ ବଦଳ ଓ ଆସନ ବୁଝାମଣା ଏବଂ ମିଶ୍ରଣ ଯେ' ଖରାପ, ଏହା କହି ହେବ ନାହିଁ । ଦଳ ବା ନେତା ଯଦି ଜନତାଙ୍କ ସେବା ପାଇଁ ବା ବିକାଶ ପାଇଁ ବା କିଛି ଭଲ କାମ କରିବା ଉଦ୍ଦେଶ୍ୟ ନେଇ ଅନ୍ୟ ଦଳକୁ ଆପଣେଇବ, ତା ହେଲେ ଏହା ସ୍ୱାଗତଯୋଗ୍ୟ, କିନ୍ତୁ ନିଜର ଫାଇଦା , ପଇସା ଓ ପ୍ରତିପତ୍ତି ପାଇଁ ଯଦି ଦଳ ପରିବର୍ତ୍ତନ ହୁଏ, ତାହା ସ୍ୱୀକାରଯୋଗ୍ୟ ନ ହେବା ଉଚିତ । ତେବେ ଦୁଃଖର ବିଷୟ, ଦଳ ବଦଳ, ମିଶ୍ରଣ ଘଟଣା ଦିନ ପରେ ଦିନ ବଢ଼ିବାରେ ଲାଗିଛି । ଏଥର ସଂଖ୍ୟା ଟିକେ ଅଧିକ ବୋଲି ଜଣାପଡୁଛି । ଅନ୍ୟପକ୍ଷରେ ସମଭାବାପନ୍ନ ଦଳଗୁଡିକ ମଧ୍ୟରେ ମଞ୍ଚ ଗଠନ ଏବଂ ଆସନ ବୁଝାମଣା ହେବା ମଧ୍ୟ ରାଜନୀତିର ଏକ ଅଙ୍ଗ । ଜାତୀୟ ଦଳ ବିଜେପି ନେତୃତ୍ୱାଧୀନ ଏନଡିଏରେ ଆସନ ବୁଝାମଣା ନେଇ କଥାବାର୍ତ୍ତା ଚାଲିଛି, କିନ୍ତୁ ଅଧିକାଂଶ ରାଜ୍ୟରେ ଏଥିନେଇ ଅସନ୍ତୋଷ ନାହିଁ କହିଲେ ଚଳେ । କାରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ଆଗରେ ସମସ୍ତେ ଶରଣାଗତ ଏବଂ ତାଙ୍କରି ନା ନେଇ ନିର୍ବାଚନ ବୈତରଣୀ ପାର ହେବାକୁ ବସିଛନ୍ତି ସମସ୍ତେ । ତେବେ ବି ବିଜେପି କାହାରିକୁ ଅସନ୍ତୁଷ୍ଟ କରିବାକୁ ଚାହୁଁ ନାହିଁ । ଏହି ନିର୍ବାଚନରେ ବିଜେପି ଓ ଏହାର ସହଯୋଗୀ ଦଳ ୪୦୦ ଆସନରେ ବିଜୟୀ ହେବା ପାଇଁ ଲକ୍ଷ୍ୟ ରଖିଛନ୍ତି ଏବଂ ସେହି ଅନୁସାରେ ନିଜର ରଣନୀତି ପ୍ରସ୍ତୁତ କରୁଛନ୍ତି । କାରଣ ଦେଶର ଅନେକ ରାଜ୍ୟରେ ଆଞ୍ଚଳିକ ଦଳ ରାଜ କରୁଛନ୍ତି । ସେ ସବୁ ରାଜ୍ୟରେ ବିଜେପି ନିଜର ଆସନ ସଂଖ୍ୟା ବଢାଇବା ପାଇଁ କସରତ କରୁଛି ଏବଂ କେତେକ ରାଜ୍ୟରେ ଏହା କେତେଦୂର ସମ୍ଭବ ହେବ, ତାହା ଗୋଟିଏ ବଡ ପ୍ରଶ୍ନ । ତେଣୁ ଦଳ ସବୁମତେ ଚେଷ୍ଟା କରୁଛି ସେ ସବୁ ରାଜ୍ୟରେ ଆଞ୍ଚଳିକ ଦଳ ସହ ବୁଝାମଣା କରି, ଲୋକସଭାରେ ନିଜର ଆସନ ସଂଖ୍ୟା ବଢାଇବା ପାଇଁ । ମୋଟାମୋଟି ଭାବରେ ଏହା ବିରୋଧୀଙ୍କ ଭୂମିକାକୁ ହାଲକା ଭାବରେ ଗ୍ରହଣ କରୁନାହିଁ । ବିରୋଧୀ ମଧ୍ୟ ନିର୍ବାଚନର ବେଶ୍ ପୂର୍ବରୁ ଅଣ୍ଟା ଭିଡିଛନ୍ତି, ବିଜେପି ନେତୃତ୍ୱାଧୀନ ଏନଡିଏ ସହ ଭଲ ଲଢେଇ କରିବା ପାଇଁ । ବିରୋଧୀ ମେଣ୍ଟ 'ଇ-ଣ୍ଡି-ଆ' ଗଠନ ହେବାପରେ ଆଶା କରାଯାଉଥିଲା, ସବୁ ବିରୋଧୀଦଳ ଏକାଠି ହେଇ, ସବୁ ମତଭେଦ ଭୁଲି ନିର୍ବାଚନ ଲଢ଼ିବେ । ତାହା ଏବେବି ଅସ୍ପଷ୍ଟ । ବେଶ କିଛି ଦିନ ଧରି ଇ-ଣ୍ଡି-ଆ ମେଣ୍ଟର ପ୍ରମୁଖ ଦଳଗୁଡିକ ମଧ୍ୟରେ ଆକ୍ଷେପ-ପ୍ରତ୍ୟାକ୍ଷେପ ଚାଲିଲା । ମେଣ୍ଟ ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଇଥିଲା । ପରବର୍ତ୍ତୀ ଅବସ୍ଥାରେ, ମେଣ୍ଟ ଛାଡି ଏନଡିଏରେ ଯୋଗ ଦେଲେ, ବିରୋଧୀ ମେଣ୍ଟର ପ୍ରବକ୍ତା ତଥା ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର । ସେହିପରି, କେତେକ ନେତା ମେଣ୍ଟ ଛାଡି ଅନ୍ୟ ଦଳରେ ମିଶିଲେ । ଏବେ ମେଣ୍ଟରେ ଥିବା ଦଳଗୁଡିକ ମଧ୍ୟରେ ଆସନ ବୁଝାମଣାର ସମୟ । ସେଥିରେ ମଧ୍ୟ ମେଣ୍ଟ ଏ ପର୍ଯ୍ୟନ୍ତ ସଫଳ ହେଇନାହିଁ କହିଲେ ଚଳେ । ଅନ୍ୟପକ୍ଷରେ, ଇ-ଣ୍ଡି-ଆ ମେଣ୍ଟର ଲକ୍ଷ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ସ୍ଥିର ନ ଥିବା ପରି ଜଣାପଡୁଛି । ମେଣ୍ଟରେ ଥିବା ଦଳଗୁଡିକ ମଧ୍ୟରେ ତୁ ତୁ ମେ ମେ ଲାଗିରହିଛି । ଏହା ହେବା ମଧ୍ୟ ସ୍ୱାଭାବିକ । କାରଣ ମେଣ୍ଟରେ ଅଧିକାଂଶ ଆଞ୍ଚଳିକ ଦଳ ରହିଛନ୍ତି ଏବଂ ନିଜ ନିଜ ରାଜ୍ୟରେ ସେମାନଙ୍କର ପ୍ରଭାବ ବେଶ୍ ଭଲ ରହିଛି ଏବଂ ନିଜ ନିଜ ଦଳ ରାଜ୍ୟରେ ଭଲ କରିବା ପାଇଁ ସେମାନେ ଆଶା ରଖୁଛନ୍ତି ଯାହାଦ୍ୱାରା ସେମାନେ ଅଧିକ ସଂଖ୍ୟକ ଆସନରେ ଜିତି କେନ୍ଦ୍ରରେ ଗୋଟିଏ ଶକ୍ତି ଭାବରେ ଉଭା ହେଇପାରିବେ । ମେଣ୍ଟରେ ଥିବା ଜାତୀୟ ଦଳଗୁଡିକ ମଧ୍ୟ ନିଜ ନିଜ ପତିଆରା ପାଇଁ ଅଧିକରୁ ଅଧିକ ଆସନ ଦାବି କରୁଛନ୍ତି । ମେଣ୍ଟର ନେତୃତ୍ୱ ନେବା ନେଇ, ଦଳଗୁଡିକ ମଧ୍ୟରେ ସହମତିର ଅଭାବ ହିଁ ମେଣ୍ଟରେ ମୁଖ୍ୟ ସମସ୍ୟା । କଂଗ୍ରେସ ଦେଶର ଦ୍ୱିତୀୟ ବୃହତ୍ତମ ଦଳ, କିନ୍ତୁ ଏହାର ନେତୃତ୍ୱକୁ ଅନ୍ୟମାନେ ଗ୍ରହଣ କରିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି । ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀ, ଏନସିପି ନେତା ଶରଦ ପାୱାର, ଆପ୍ ନେତା ଅରବିନ୍ଦ କେଜ୍ରିୱାଲ, ସମାଜବାଦୀ ପାର୍ଟି ନେତା ଅଖିଲେଶ ସିଂ ଯାଦବ ପରି ନେତା କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କୁ ମେଣ୍ଟ ନେତା ଭାବରେ ଗ୍ରହଣ କରୁନାହାନ୍ତି ଯାହା ମେଣ୍ଟକୁ ଦୁର୍ବଳ କରୁଛି । ତେବେ ଏବେ ମେଣ୍ଟ ରାଜନୀତିରେ ପରିବର୍ତ୍ତନ ଆସିଛି । ବିଳମ୍ବରେ ହେଉ ପଛେ ଉତ୍ତରପ୍ରଦେଶ ପରି ରାଜ୍ୟରେ ବୁଝାମଣା ହେଇପାରିଛି, ତାହା ନିଶ୍ଚୟ ଭାବରେ ମେଣ୍ଟ ପାଇଁ ଭଲ ଖବର । ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶଙ୍କ ଅନୁସାରେ ଅଧିକାଂଶ ରାଜ୍ୟରେ ଆସନ ବୁଝାମଣା ସମାପ୍ତ ହେଇଛି । ଯଦି ଏହା ବାସ୍ତବରେ ହେଇଥାଏ ଏବଂ ବିଜେପି ବିରୋଧରେ ଏକ ହେଇ ସବୁ ବିରୋଧୀ ଦଳ ଲଢ଼ନ୍ତି, ତା' ହେଲେ ନିର୍ବାଚନ ଅଙ୍କରେ ପରିବର୍ତ୍ତନ ଆସିବ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ସଙ୍କଳ୍ପ**

**ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ**
**ବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।**
**ଗୋପବନ୍ଧୁ ଦାସ**

# ଶିବମହିମା ଓ ମହାଶିବରାତ୍ରି

## ଡକ୍ଟର ମନୋରଞ୍ଜନ ବିଷୋୟୀ



ଶିବ ଉପାସନା ଆମ ସଂସ୍କୃତିର ଏକ ଉଦାର କଳ୍ପନା । ଶିବ ନିତ୍ୟ ମଙ୍ଗଳକାରୀ । ଶିବ ଯେଉଁ ଭାବଧାରାର ପ୍ରତୀକ, ସେଥିରେ ବିଶ୍ୱମଙ୍ଗଳ ହିଁ ନିହିତ । ସମଗ୍ର ବିଶ୍ୱର କଲ୍ୟାଣକାରୀ, ରକ୍ଷକ ଓ ବିଧାୟକ ଭାବେ ଶିବଙ୍କ ରୂପରେ ବ୍ରହ୍ମା ଓ ବିଷ୍ଣୁଙ୍କ ସମନ୍ୱୟ ଘଟିଛି । ତେଣୁ ସେ ସ୍ୱୟଂ ପରମେଶ୍ୱର । ଏହି ପରମେଶ୍ୱର ଜଗତ୍‌ପିତାଙ୍କ ଉପାସନା ବହୁ ପ୍ରାଚୀନ କାଳରୁ ପ୍ରତୀକାତ୍ମକ ଲିଙ୍ଗ ରୂପରେ ପ୍ରଚଳିତ । ବସ୍ତୁତଃ ଲିଙ୍ଗ ହେଉଛି ମୁଖ ହସ୍ତାଦି ଅଙ୍ଗ ବିହୀନ ଲମ୍ୱ ପ୍ରସ୍ତର ବା ଧାତୁଖଣ୍ଡ ଏବଂ ଏହା ଶକ୍ତି ମଧ୍ୟସ୍ଥ ଗର୍ଭରେ ପ୍ରୋଥିତ । ଶିବଙ୍କ ମୂର୍ତ୍ତି ଲିଙ୍ଗ (ଉପସ୍ଥ) ଏବଂ ପାର୍ବତୀଙ୍କ ପ୍ରତୀକ ଶକ୍ତି (ଯୋନି) ରୂପରେ ପ୍ରତିଷ୍ଠିତ । ଏହି ଉଭୟ ଶକ୍ତିର ମିଳନରୁ ହିଁ ବ୍ରହ୍ମାଣ୍ଡର ସୃଷ୍ଟି ସମ୍ଭବ ହୋଇଥିଲା । ଲିଙ୍ଗ ହିଁ ସୃଷ୍ଟିର ପ୍ରତୀକ । ଏହାକୁ କିନ୍ତୁ ସର୍ପ ଆଚ୍ଛାଦିତ କରି ରଖିଥାଏ । ତେଣୁ ପ୍ରତ୍ୟେକ ଶିବଲିଙ୍ଗ ନାଗ ବେଷ୍ଟିତ । ଯାହା ସୃଷ୍ଟିକୁ କାଳ ଆଚ୍ଛାଦନ କରିରଖିବାର ପ୍ରତୀକ । ପ୍ରକୃତପକ୍ଷେ କହିବାକୁ ଗଲେ ଶକ୍ତି ଓ ଶିବଙ୍କୁ ଲିଙ୍ଗ ସ୍ୱରୂପ ପ୍ରତୀକାତ୍ମକ ଉପାସନା ହିଁ ଶିବ ଉପାସନା ପରମ୍ପରା । ଅତଏବ ପ୍ରକୃତି ଓ ପୁରୁଷଙ୍କର ମିଳନାତ୍ମକ ଉପାସନା ହିଁ ଶିବ ଉପାସନା ।

ଏ ପରିପ୍ରେକ୍ଷୀରେ କହିରଖେ ପ୍ରାଗ୍ ବୈଦିକ ଯୁଗରେ ପ୍ରଜନନ ଓ ଶସ୍ୟ ଉତ୍ପାଦନର ଶକ୍ତିଶାଳୀ ଦେବତା ରୂପେ ଲିଙ୍ଗ ଅନାର୍ଯ୍ୟ ବା ଅଷ୍ଟ୍ରିକ ଗୋଷ୍ଠୀ ଦ୍ୱାରା ପୂଜା ପାଉଥିଲେ । ପରେ ପରେ ଦ୍ରାବିଡ଼ ଗୋଷ୍ଠୀ ଦ୍ୱାରା କୃଷିକ୍ଷେତ୍ର ଓ ପଶୁପାଳନର ଅଧୀଶ୍ୱର ରୂପେ ପୂଜିତ ହେଲେ । ପରବର୍ତ୍ତୀ ସମୟରେ ଆର୍ଯ୍ୟମାନେ ମଧ୍ୟ ଏହି ଉଭୟ ସଂସ୍କୃତିର ଲିଙ୍ଗ ଉପାସନାକୁ ଗ୍ରହଣ କରିନେବା ସହ ଏହି ଉପାସନା ପରମ୍ପରାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିଥିଲେ । ଋଗ୍ ବେଦରେ ଶିବ ନାମରେ ଉଲ୍ଲେଖ ନଥିଲେ ହେଁ ଶିବଙ୍କୁ ରୁଦ୍ର ରୂପରେ ବର୍ଣ୍ଣନା କରାଯାଇଛି । ପ୍ରକୃତପକ୍ଷେ କହିବାକୁ ଗଲେ ଆର୍ଯ୍ୟ ଏବଂ ଅନାର୍ଯ୍ୟ ଏହି ଦୁଇ ସଂସ୍କୃତିର ମିଶ୍ରଣରେ ଶୈବ ଉପାସନା ପରମ୍ପରାର ସୃଷ୍ଟି ।

ଏହି ଉପାସନା ପରମ୍ପରାକୁ ପରବର୍ତ୍ତୀ ସମୟରେ ଅନେକ ପ୍ରଚେତା ପ୍ରଚାର ଓ ପ୍ରସାର ଘଟାଇବା ସହ ଭାରତବର୍ଷର ବାରଗୋଟି ପ୍ରସିଦ୍ଧ ଶିବଲିଙ୍ଗ ଯଥା- ୧) ସୋମନାଥ, ୨) ଶ୍ରୀମଲ୍ଲିକାର୍ଜ୍ଜୁନ, ୩) ଶ୍ରୀମହାକାଳେଶ୍ୱର, ୪) ଓଁକାରେଶ୍ୱର, ୫) ଶ୍ରୀକେଦାରନାଥ, ୬) ଶ୍ରୀଭୀମଶଙ୍କର, ୭) ଶ୍ରୀବିଶ୍ୱେଶ୍ୱର, ୮) ତ୍ରୈମ୍ବକେଶ୍ୱର, ୯) ବୈଦ୍ୟନାଥ, ୧୦) ନାଗେଶ୍ୱର, ୧୧) ସେତୁବନ୍ଧ-ରାମେଶ୍ୱର, ୧୨) ଘୁଷ୍ମେଶ୍ୱର ଦ୍ୱାଦଶ ଜ୍ୟୋତିର୍ଲିଙ୍ଗର ମର୍ଯ୍ୟାଦା ଲାଭ କଲେ ।

ବିଶେଷକରି ଗୁପ୍ତଯୁଗରେ ସଂଖ୍ୟାଧିକ ଶିବ ମନ୍ଦିର ନିର୍ମାଣ ଓ ଶିବ ଉପାସନା ଏହି ଶୈବ ପରମ୍ପରାକୁ ସାର୍ବଜନୀନ କରିପାରିଥିଲା । ଏପରିକି ଅନେକ ଶିବମନ୍ଦିରରେ ଲିଙ୍ଗ ଉପାସନା ସହ ଶିବଙ୍କ ମଙ୍ଗଳମୟ ମୂର୍ତ୍ତିକୁ ମଧ୍ୟ ଆରାଧନା କରାଯାଇଥାଏ । ଶିବଙ୍କ ମସ୍ତକରେ ଜଟା ଓ ତହିଁ ଉପରେ ସର୍ପର କିରୀଟ ସହ କୁଣ୍ଡଳ ଓ କଙ୍କଣ ସ୍ଥାନରେ ମଧ୍ୟ ସର୍ପ ଆଭୂଷଣ ଏବଂ ସର୍ବାଙ୍ଗରେ ଭସ୍ମ ତଥା ବ୍ୟାଘ୍ର ଛାଲରେ ବସ୍ତ୍ର ପରିହିତ । ଏହାସହ ଶିର ଉପରେ ପତିତପାବନୀ ଗଙ୍ଗା ଓ ଲଲାଟରେ ଅର୍ଦ୍ଧଚନ୍ଦ୍ର ଏବଂ ତ୍ରିନେତ୍ର ସୁଶୋଭିତ । ଏହାସହ କଣ୍ଠରେ ରୁଦ୍ରାକ୍ଷ, ହସ୍ତରେ ଡମ୍ବରୁ ଓ ତ୍ରିଶୂଳ । ଏ ପରିପ୍ରେକ୍ଷୀରେ କହିରଖେ ସର୍ପକୁ ଆଭୂଷଣ, କାମନାଶୂନ୍ୟ ଚିତାଭସ୍ମକୁ ବିଭୂତି ଆଖ୍ୟା ପ୍ରଦାନ କରି ସର୍ବାଙ୍ଗରେ ଲେପନ କରିଥିବା ଶିବ ହେଉଛନ୍ତି ଯଥାର୍ଥରେ ତ୍ୟାଗର ପ୍ରତୀକ । ଏପରିକି ତ୍ରିଶୂଳ ଓ ଡମ୍ବରୁ ହେଉଛି ଶସ୍ତ୍ର ଓ ଶାସ୍ତ୍ରର ପରିଚାୟକ । ଏହା ଶିବଙ୍କ ଅନୁଶାସନର ପ୍ରତୀକ । ଭାଲପଟରେ ଶୋଭା ପାଉଥିବା ଦ୍ୱିତୀୟା ଚନ୍ଦ୍ର ପୂର୍ଣ୍ଣତାର ପରିଚାୟକ ।

ଯଥାର୍ଥରେ ଶିବ ଶବ୍ଦର ଅର୍ଥ କଲ୍ୟାଣ । ଜୀବ ଅହର୍ନିଶ ସଭିଙ୍କ କଲ୍ୟାଣ କଲେ ହିଁ ଶିବ ପଦବାଚ୍ୟ ହୋଇଥାଏ । ଫଳତଃ ଶିବ ମହିମାରେ ଆତ୍ମବିଭୋର ହୋଇ ନିତ୍ୟ ମଙ୍ଗଳକାରୀ ଶିବଙ୍କର ନାନାଦି ଉପଚାର ଯୁକ୍ତ ଆରାଧନା ପ୍ରଚଳିତ ହୋଇ ଆସୁଛି । ଏହି ଧାରାରେ ମହାଶିବରାତ୍ରି ହେଉଛି ଆମ ସଂସ୍କୃତିର ଏକ ସମନ୍ୱୟାତ୍ମକ ମହୋତ୍ସବ ।

ପ୍ରାଚୀନ କାଳରୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଅଗଣିତ ନରନାରୀ ଏହି ଉପାସନା ପାଳନ କରି ଆସୁଛନ୍ତି । ଏପରିକି ବୈଷ୍ଣବୀୟ ଭାବଧାରାର ସ୍ପର୍ଶରେ ହରି ଓ ହର ଉଭୟ ଏକ ଓ ଅଭିନ୍ନ ପାଲଟିଯିବା ସହ ମହାଶିବରାତ୍ରି ସ୍ୱକୀୟ ବୈଶିଷ୍ଟ୍ୟ ପ୍ରତିପାଦନ ପୂର୍ବକ ଏକ ଜୟନ୍ତୀ ରୂପ ସ୍ୱୀକୃତ ଲାଭ କରିଅଛି । ଈଶାନ ସଂହିତା ବର୍ଣ୍ଣନାନୁସାରେ ମହାଶିବରାତ୍ରିର ପୁଣ୍ୟ ରଜନୀରେ ହିଁ ଶିବ ଲିଙ୍ଗର ଆବିର୍ଭାବ ହୋଇଥିଲା । ଏପରିକି ଶିବଲିଙ୍ଗର ଆର୍ବିଭାବକୁ ନେଇ ପୁରାଣଶାସ୍ତ୍ରରେ ବହୁ ଆଖ୍ୟାୟିକା ପ୍ରଚଳିତ ଥିଲେ ମଧ୍ୟ ପ୍ରତ୍ୟେକ ଏହି ପୁଣ୍ୟ ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀର ତାମସୀ ରାତ୍ରିକୁ ମହାଶିବରାତ୍ରି ଅର୍ଥାତ୍ ଶିବଲିଙ୍ଗର ଆବିର୍ଭାବ ମୁହୂର୍ତ୍ତ ଭାବେ ସ୍ୱୀକାର କରିଆସୁଛନ୍ତି । ଏହିଦିନ ପ୍ରତ୍ୟେକ ଶୈବପୀଠରେ ସାମୂହିକ ଭାବରେ ଏହି ପର୍ବ ପାଳନ କରାଯାଏ । ଏହି ଦିନ ବ୍ରତ ପାଳନ କରୁଥିବା ପ୍ରତ୍ୟେକ ନରନାରୀ ଶିବ ମନ୍ଦିରରେ ଅଖଣ୍ଡ ଦୀପ ପ୍ରଜ୍ୱଳନ କରିବା ସହ ଉଜାଗର ରହି ଉପବାସ କରିଥାନ୍ତି । ଏହାସହ ବିଶ୍ୱକଲ୍ୟାଣ ଲାଗି ଶିବଲିଙ୍ଗରେ ଶାସ୍ତ୍ରମତେ ବିଶେଷ ପୂଜାର୍ଚ୍ଚନା କରାଯାଇଥାଏ । ରାତ୍ରିର ପ୍ରଥମ ପ୍ରହରରେ ଦୁଗ୍ଧ, ଦ୍ୱିତୀୟ ପ୍ରହରରେ ଦଧି, ତୃତୀୟ ପ୍ରହରରେ ଘୃତ ସହ ଚତୁର୍ଥ ପ୍ରହରରେ ମଧୁ ଦ୍ୱାରା ଶିବ ଲିଙ୍ଗକୁ ସ୍ନାନ କରାଯାଇଥାଏ । ଏପରିକି ସାରା ରାତି ଉଜାଗର ରହି ଦୀପ ଜାଳି ଶିବନାମ ଜପ ଓ ସ୍ମରଣ କରାଯାଏ । ତେଣୁ ଏହି ପର୍ବକୁ ଜାଗର ମଧ୍ୟ କୁହାଯାଏ ।

ବସ୍ତୁତଃ ମହାଶିବରାତ୍ରିର ବିଶେଷ ଆକର୍ଷଣ ହେଉଛି ରାତ୍ରିର ଶେଷ ପ୍ରହରରେ ମନ୍ଦିର ଶିଖରକୁ ଉଠୁଥିବା ଦିବ୍ୟ ଜ୍ୟୋତି ସ୍ୱରୂପ ମହାଦୀପ । ଏ ପରିପ୍ରେକ୍ଷୀରେ କହିରଖେ ଦୀପଜ୍ୟୋତିକୁ ପରଂବ୍ରହ୍ମ ତଥା ପାପନାଶକ ଶକ୍ତି ରୂପେ ମାନ୍ୟତା ପ୍ରଦାନ କରାଯାଇଛି । ତେଣୁ ଲକ୍ଷ ଲକ୍ଷ ଭକ୍ତ ଶିବରାତ୍ରି ଉପବାସ କରି ମହାଦୀପ ଉଠିବାର ଶୁଭ ମୁହୂର୍ତ୍ତକୁ ପ୍ରତୀକ୍ଷା କରିଥାଆନ୍ତି । ଏହି ମହାଦୀପ ଦର୍ଶନ ପରେ ମହାଦୀପକୁ ପ୍ରଣିପାତ କରି ଶିବଭକ୍ତିରେ ବିଭୋର ହେବା ସହ ବ୍ରତ ଉଦ୍‌ଯାପନ କରିଥାନ୍ତି ।

ଦାମୋଦରପୁର, ଗଞ୍ଜାମ
ମୋ- ୮୮୯୫୧୪୧୭୭୭

# ଅନ୍ତର୍ଜାତୀୟ ମହିଳା ଦିବସର ଅନୁଚିନ୍ତା

## ଚିତ୍ତରଞ୍ଜନ ପୃଷ୍ଟି

ନାରୀ ହେଉଛି ଈଶ୍ୱରଙ୍କର ଏକ ଅନନ୍ୟ ସୃଷ୍ଟି । ଶକ୍ତିର ଅନନ୍ୟ ଉଦାହରଣ ହେଉଛି ନାରୀ । ନାରୀଟିଏ କେତେବେଳେ କନ୍ୟା, ଜାୟା, ଭଗିନୀ ରୂପରେ ପୁଣି କେତେବେଳେ ଜନନୀ ରୂପରେ ଏ ସମାଜରେ ଅବତୀର୍ଣ୍ଣ ହୋଇଥାଏ । ଉଭୟ ପୁରୁଷ ଓ ମହିଳା ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ଭଳି । ନାରୀ ଓ ପୁରୁଷ ସମାଜର ଦୁଇଟି ଅଭିନ୍ନ ଅଙ୍ଗ । ଗୋଟିଏ ବିନା ଅନ୍ୟଟିର ପରିକଳ୍ପନା ଅସମ୍ଭବ । ପୂର୍ବେ ନାରୀମାନଙ୍କୁ ଅବଳା ଦୁର୍ବଳା ବୋଲି କୁହାଯାଉଥିଲା । କିନ୍ତୁ ଆଜି ନାରୀଟିଏ ଆଉ ଘର କଣରେ ବସି ରହିନାହିଁ । ପୁରୁଷଙ୍କ ସହିତ ସମତାଳରେ ଗତି କରୁଛି । ସମାଜ ଗଠନରେ ନାରୀ ଓ ପୁରୁଷଙ୍କର ସମାନ ଭୂମିକା ରହିଛି । ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବାଣିଜ୍ୟ, ରାଜନୀତି ସବୁ କ୍ଷେତ୍ରରେ ମହିଳାମାନେ ନିଜର ପାରଦର୍ଶିତା ଦେଖାଇପାରିଛନ୍ତି । ମହିଳାମାନେ ଆଜି ପରିବାର ପାଇଁ ବୋଝ ହୋଇ ନାହାଁନ୍ତି । ମହିଳାମାନେ ଆଜି ସ୍ୱାବଲମ୍ବୀ ହୋଇପାରିଛନ୍ତି ।

ପରିବାରର ବୋଝ ଉଠାଇବା ସହିତ ଦେଶ ତଥା ବିଶ୍ୱର ବିକାଶରେ ନିଜକୁ ସାମିଲ କରିପାରିଛନ୍ତି । ମହିଳାମାନେ ଆଜି ହାଣ୍ଡିଶାଳରୁ ମହାକାଶ ପର୍ଯ୍ୟନ୍ତ ନିଜର ସଫଳତା ପ୍ରତିପାଦିତ କରିପାରିଛନ୍ତି । ପ୍ରତିଟି କ୍ଷେତ୍ରରେ ମହିଳାମାନେ ନିଜର ପାରଦର୍ଶିତାର ପ୍ରମାଣ ଦେଇ ପୁରୁଷ ସହ କାନ୍ଧକୁ କାନ୍ଧ ମିଳାଇ ଆଗେଇ ଚାଲିଛନ୍ତି । ସମାଜର ପ୍ରତିଟି କ୍ଷେତ୍ରରେ ମହିଳାମାନଙ୍କର ସହଭାଗୀତା ରହିଛି । ମହିଳାମାନେ ନିଜ ନିଜର ପ୍ରତିଭା ଓ ଦକ୍ଷତା ଦ୍ୱାରା ସମାଜରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି । ସେମାନେ ପ୍ରମାଣିତ କରିପାରିଛନ୍ତି ଝିଅ ଆଜି ପରିବାର ପାଇଁ ବୋଝ ନୁହେଁ, ବରଂ ପରିବାରର ପାଇଁ ବରଦାନ ।

ମହିଳାଙ୍କ ପ୍ରତି ସମ୍ମାନ ଜଣାଇବା ପାଇଁ ପ୍ରତିବର୍ଷ ମାର୍ଚ୍ଚ ୮ତାରିଖକୁ 'ଅନ୍ତର୍ଜାତୀୟ ମହିଳା ଦିବସ' ଭାବେ ପାଳନ କରାଯାଏ । ମହିଳାଙ୍କ ଆର୍ଥିକ, ରାଜନୈତିକ, ସାମାଜିକ ତଥା ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ଯୋଗଦାନ ବଢ଼ାଇବା ଓ ତାଙ୍କୁ ନିଜ ଅଧିକାର ପ୍ରତି ସଚେତନ କରିବା, ସମାଜରେ ସମାନତା ପାଇଁ ସଚେତନତା ସୃଷ୍ଟି କରିବା ହିଁ ଏହି ଦିବସର ମୂଳ ଉଦ୍ଦେଶ୍ୟ । ବିଶ୍ୱର ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ପ୍ରତି ସମ୍ମାନ ଓ ପ୍ରଶଂସା ନିମନ୍ତେ ଏହି ଦିବସ ପାଳନ କରାଯାଏ । ଏହା ସହିତ ଯେକୌଣସି କ୍ଷେତ୍ରରେ ମହିଳାଙ୍କ ପ୍ରତି ହେଉଥିବା ଭେଦଭାବକୁ ରୋକିବା ଉଦ୍ଦେଶ୍ୟରେ ଏହି ଦିନ ମଧ୍ୟ ପାଳନ କରାଯାଏ । ଏହି ଦିନ ମହିଳାଙ୍କ ଅଧିକାର ପ୍ରତି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବା ଏବଂ ସେମାନଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଅନେକ କାର୍ଯ୍ୟକ୍ରମ ଏବଂ ଅଭିଯାନ ମଧ୍ୟ ଆୟୋଜିତ କରାଯାଏ । ଏହି ସ୍ୱତନ୍ତ୍ର ଦିନ ସମଗ୍ର ବିଶ୍ୱର ନାରୀ ପାଇଁ କୌଣସି ଉତ୍ସବଠାରୁ କମ୍ ନୁହେଁ ।

ଅନ୍ତର୍ଜାତୀୟ ମହିଳା ଦିବସ ଏକ ଶ୍ରମିକ ଆନ୍ଦୋଳନରୁ ସୃଷ୍ଟି ହୋଇଛି । ୧୯୦୮ ମସିହାରେ ଏହା ପ୍ରଥମେ ଆରମ୍ଭ ହୋଇଥିଲା । ଯେତେବେଳେ ନ୍ୟୁୟର୍କ ସହରରେ ୧୫ ହଜାର ମହିଳା ମାର୍ଚ୍ଚ ମାସରେ ଆନ୍ଦୋଳନ କରି ଚାକିରି କ୍ଷେତ୍ରରେ ସେମାନଙ୍କ ପାଇଁ କମ୍ ସମୟ, ଭଲ ପାରିଶ୍ରମିକ ଦିଆଯାଉ ବୋଲି ଦାବି କଲେ । ଏହା ସହ ଭୋଟ ଦେବାର ଅଧିକାର ମଧ୍ୟ ଦାବି କରିଥିଲେ । ଏଣୁ ଆନ୍ଦୋଳନର ଏକ ବର୍ଷ ପରେ ଆମେରିକାର ସମାଜବାଦୀ ପାର୍ଟି ଏହି ଦିନଟିକୁ ପ୍ରଥମ ଜାତୀୟ ମହିଳା ଦିବସ ଭାବରେ ଘୋଷଣା କରିଥିଲା । ୧୯୧୦ ମସିହାରେ କପିଳେନ୍ଦ୍ରରେ କାର୍ଯ୍ୟରତ ମହିଳାମାନଙ୍କର ଏକ ଅନ୍ତର୍ଜାତୀୟ ସମ୍ମିଳନୀ ଚାଲିଥିଲା । ଏହି ସମୟରେ କ୍ଲାରା ଜେଟ୍‌କିନ ନାମ୍ନୀ ମହିଳା ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରିବାକୁ ପରାମର୍ଶ ଦେଇଥିଲେ । ସେହି ସମୟରେ ଏହି ସମ୍ମିଳନୀରେ ୧୭ଟି ଦେଶର ୧୦୦ ମହିଳା ଉପସ୍ଥିତ ଥିଲେ । ସମସ୍ତେ ଏହି ପରାମର୍ଶକୁ ସମର୍ଥନ କଲେ । ୧୯୧୧ ମସିହାରେ ଅଷ୍ଟ୍ରିଆ, ଡେନ୍ମାର୍କ, ଜର୍ମାନୀ ଏବଂ ସ୍ୱିଜରଲାଣ୍ଡରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଥିଲା । ମାତ୍ର ୧୯୭୫ରେ ଏହା ଆନୁଷ୍ଠାନିକ ମାନ୍ୟତା ପାଇଲା । ସେତେବେଳେ ଏହାକୁ ମିଳିତ ଜାତିସଂଘ ଏକ ଥିମ ସହିତ ପ୍ରତିବର୍ଷ ପାଳନ କରିବା ଆରମ୍ଭ କଲା ।

୧୯୧୭ ମସିହାରେ ଯୁଦ୍ଧ ସମୟରେ ରୁଷର ମହିଳାମାନେ 'ରୁଟି ଏବଂ ଶାନ୍ତି' ପାଇଁ ଧର୍ମଘଟ କରିବାକୁ ନିଷ୍ପତ୍ତି ନେଇଥିଲେ । ମହିଳା ଧର୍ମଘଟ ସମ୍ରାଟ ନିକୋଲାସଙ୍କୁ ଇସ୍ତଫା ଦେବାକୁ ବାଧ୍ୟ କରୁଥିବାରୁ ଏହି ଧର୍ମଘଟ ମଧ୍ୟ ଐତିହାସିକ ଥିଲା । ଏହା ପରେ ମଧ୍ୟବର୍ତ୍ତୀକାଳୀନ ସରକାର ମହିଳାମାନଙ୍କୁ ଭୋଟ୍ ଦେବାର ଅଧିକାର ଦେଇଥିଲେ । ସେହି ସମୟରେ, ଜୁଲିଆନ୍ କ୍ୟାଲେଣ୍ଡର ରୁଷରେ ଏବଂ ଗ୍ରେଗୋରିଆନ୍ କ୍ୟାଲେଣ୍ଡରରେ ବିଶ୍ୱର ଅନ୍ୟାନ୍ୟ ଦେଶରେ ଚାଲୁଥିଲା । ମହିଳାମାନେ ଏହି ଧର୍ମଘଟ ଆରମ୍ଭ କରିବାର ତାରିଖ ଥିଲା ୨୩ ଫେବୃଆରୀ (ରୁଷର ଜୁଲିଆନ୍ କ୍ୟାଲେଣ୍ଡର ଅନୁଯାୟୀ) ଗ୍ରେଗୋରିଆନ୍ କ୍ୟାଲେଣ୍ଡରରେ ଏହି ଦିନ ୮ ମାର୍ଚ୍ଚ ଥିଲା । ସେହି ସମୟରେ, ଗ୍ରେଗୋରିଆନ୍ କ୍ୟାଲେଣ୍ଡର ସାରା ବିଶ୍ୱରେ ଚାଲିଥାଏ । ତେଣୁ ସେହି ଦିନଠାରୁ ଅନ୍ତର୍ଜାତୀୟ ମହିଳା ଦିବସ ୮ ମାର୍ଚ୍ଚରେ ପାଳନ ହେବାକୁ ଲାଗିଲା । ୧୯୭୫ରେ ମିଳିତ ଜାତିସଂଘ ସରକାରୀ ମାନ୍ୟତା ଦେଇଥିଲା । ମିଳିତ ଜାତିସଂଘ ୧୯୭୫ରେ ଆନୁଷ୍ଠାନିକ ଭାବେ ମହିଳା ଦିବସକୁ ସ୍ୱୀକୃତି ଦେଇଥିଲା ।

ମହିଳାମାନେ ଆଜିର ଯୁଗରେ ସବୁ କ୍ଷେତ୍ରରେ ଆଗକୁ ବଢ଼ିଲେଣି । ଅନେକ କ୍ଷେତ୍ରରେ ସେମାନେ ପୁରଷଙ୍କୁ ମଧ୍ୟ ପଛରେ ପକାଇଦେଇଛନ୍ତି । ଚାଷ କାମ ଠାରୁ ଆରମ୍ଭ କରି ମହାକାଶ ଯାତ୍ରା ହେଉ କି କ୍ରୀଡ଼ା, ବିଜ୍ଞାନ ସବୁ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କଲେଣି ମହିଳାମାନେ । ତେବେ ସେମାନେ କିପରି ଆହୁରି ଆଗକୁ ଆଗକୁ ବଢ଼ିପାରିବେ, ସେ ନେଇ ସାରାବିଶ୍ୱ ଆଜି ତତ୍ପର ।

ମିଳିତ ଜାତିସଂଘ ୧୯୭୫ରେ ଏକ ଥିମ୍ ସହିତ ପ୍ରତିବର୍ଷ ମହିଳା ଦିବସ ପାଳନ କରିବା ଆରମ୍ଭ କରିଥିଲା । ପ୍ରତିବର୍ଷ ଏହି ଦିବସର ତାତ୍ପର୍ଯ୍ୟ ହେତୁ ଏକ ଥିମ୍ ଦିଆଯାଇଥାଏ । ଅନ୍ତର୍ଜାତୀୟ ମହିଳା ଦିବସରେ ଚଳିତ ବର୍ଷ ୨୦୨୪ର ଥିମ୍ ରହିଛି Inspire Inclusion । ଏହାର ଅର୍ଥ ହେଉଛି ସମାବେଶକୁ ଅଭିପ୍ରେରିତ କରିବା । ଏହାର ଲକ୍ଷ୍ୟ ହେଉଛି ପରିବେଶ ପରିସ୍ଥିତି ଭିନ୍ନତା ସତ୍ତ୍ୱେ ଏମିତି ଏକ ପରିବେଶ ସୃଷ୍ଟି କରିବା ଯେଉଁଥିରେ ପ୍ରତ୍ୟେକ ମହିଳା ଆଗକୁ ବଢ଼ିପାରିବେ । ଆମେ ଏଭଳି ଏକ ବିଶ୍ୱ ସୃଷ୍ଟି କରିବା ଯେଉଁଠି ପ୍ରତ୍ୟେକଟି ମହିଳା ସଶକ୍ତ ତଥା ସମର୍ଥ ଅନୁଭବ କରିବେ । ସମାଜର ପ୍ରତିଟି କ୍ଷେତ୍ରରେ ନିଜକୁ ସାମିଲ କରିପାରିବେ । ଲିଙ୍ଗଗତ ଭେଦଭାବ ଦୂରକରି ମହିଳାଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସମର୍ଥ କରାଇବା ଏହାର ମୁଖ୍ୟ ଲକ୍ଷ୍ୟ ଅଟେ ।

ଯଦିଓ ଆଜି ବିଶ୍ୱର ସମସ୍ତ ଦେଶ ସଚେତନ, କିନ୍ତୁ ମହିଳାଙ୍କ ଅଧିକାର ପାଇଁ ସଂଗ୍ରାମ ଜାରି ରହିଛି । ଅନେକ କ୍ଷେତ୍ରରେ ମହିଳାମାନେ ଆଜି ମଧ୍ୟ ସମାନ ସମ୍ମାନ ଏବଂ ଅଧିକାର ପାଇ ନାହାଁନ୍ତି । ମହିଳାମାନଙ୍କୁ ସେମାନଙ୍କର ଅଧିକାର ବିଷୟରେ ଅବଗତ କରାଇବା ଏବଂ ସେମାନଙ୍କ ଜୀବନରେ ଉନ୍ନତି ଆଣିବା ଲକ୍ଷ୍ୟରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଏ । ନାରୀକୁ ସମାଜ ବୁଝିବା ଓ ସମ୍ମାନର ସହ ବଞ୍ଚିବାକୁ ଦେବା ନିହାତି ଆବଶ୍ୟକ ।

ଗାନ୍ଧିଜୀ କହିଥିଲେ ଯେଉଁଦିନ ଗୋଟିଏ ନାରୀ ଅର୍ଦ୍ଧ ରାତିରେ ସମ୍ପୂର୍ଣ୍ଣ ନିରାପଦର ସହିତ ଘରକୁ ଫେରିପାରିବ, ସେହିଦିନ ଆମ ଦେଶ ସମ୍ପୂର୍ଣ୍ଣ ସ୍ୱାଧୀନ, ସୁରକ୍ଷିତ ହୋଇଯିବ । ନାରୀ ହିଁ ନାରାୟଣୀ, ଜଗତର ମଙ୍ଗଳକାରିଣୀ । କିନ୍ତୁ ଆଜିର ମଣିଷ ଏ କଥାକୁ ଉପଲବ୍ଧି କରିପାରୁନାହିଁ । ଆମ ସମାଜରେ ସ୍ଥଳବିଶେଷରେ ମହିଳା ଓ ପୁରୁଷଙ୍କ ମଧ୍ୟରେ ଲିଙ୍ଗଗତ ଅସମାନତା ପରିଲକ୍ଷିତ ହେଉଛି ଯାହା ଚିନ୍ତାର ବିଷୟ । ସମାଜରେ ବଢି ଚାଲିଛି ଯୌତୁକ ନିର୍ଯ୍ୟାତନା, ବଧୂହତ୍ୟା, ନାରୀ ନିର୍ଯ୍ୟାତନା, ଦୁଷ୍କର୍ମ ଏବଂ କନ୍ୟାଭ୍ରୁଣ ହତ୍ୟା ଭଳି ଅମାନୁଷିକ କାର୍ଯ୍ୟ । ଯେଉଁଦିନ ସମାଜରୁ ଏଭଳି ଘଟଣା ଦୂରେଇଯିବ ଏବଂ ଯେଉଁଦିନ ସମାଜ ମହିଳାମାନଙ୍କର ମହତ୍ତ୍ୱକୁ ଉପଲବ୍ଧି କରିପାରିବ, ସେଦିନ ସମାଜ ପ୍ରଗତି ପଥରେ ଅଗ୍ରସର ହୋଇପାରିବ । ଯେଉଁଦିନ ନାରୀଟିଏ ସମାଜରେ ସମ୍ମାନର ସହିତ ବଞ୍ଚିବ, ସେହିଦିନ ମହିଳା ଦିବସ ପାଳିବାର ମହତ୍ତ୍ୱକୁ ସାରାବିଶ୍ୱ ଉପଲବ୍ଧି କରିପାରିବ ।

ନିମାପଡା, ପୁରୀ
ମୋ-୯୭୭୮୧୭୭୫୦୧

# ଚିନ୍ତାର ପରିତ୍ୟାଗ...

**ଅମୃତବାଣୀ**

ଚିନ୍ତାକୁ ଅକାରଣ ଚିତାର ସମାନ କୁହାଯାଇନି । ଯଦି ଥରେ ଚିନ୍ତା ମନରେ ସ୍ଥାୟୀ ରୂପରେ ଘର ବନେଇ ଦେଲା, ତା'ହେଲେ ସୁସ୍ଥ ବ୍ୟକ୍ତିକୁ ମଧ୍ୟ ରୋଗୀ ବନେଇ ଦେବ । ଏହା ମଧ୍ୟ ସତ୍ୟ ଯେ କିଛି ନା'କିଛି କଥାରେ ଆମେ ସମସ୍ତେ ଚିନ୍ତା କରିଥାଉ ।

ସେଥିପାଇଁ ଗୋଟିଏ ସୀମା ପର୍ଯ୍ୟନ୍ତ ଚିନ୍ତା ସ୍ୱାଭାବିକ ଅଟେ । କିନ୍ତୁ ନିରନ୍ତର ରୂପରେ ଚିନ୍ତାର ଆବରଣ ରହିବା ଘାତକ ହୋଇପାରେ । ଦୀର୍ଘକାଳ ପ୍ରଭାବରେ ଏହା ଯେକୌଣସି ଲୋକକୁ ମଧ୍ୟ ଫମ୍ପା କରିଦେବ । ଯେମିତି ଉଇ କାଠକୁ କରିଥାଏ । ଋଷି ଦାର୍ଶନିକ ବାଟନ ଟେଂପିଲ୍ ଯଥାର୍ଥରେ କହିଛନ୍ତି, 'ମନୁଷ୍ୟ କାନ୍ଦିକି ଜନ୍ମ ହୋଇଥାଏ, ଅଭିଯୋଗ କରି ଜୀଇଁଥାଏ ଆଉ ନିରାଶ ହୋଇ ମରିଥାଏ' । ବାସ୍ତବରେ ଯେଉଁଲୋକ ବର୍ତ୍ତମାନରେ ଜୀଅଁନ୍ତି, ତାହା ଜୀବନର ପ୍ରକୃତ ସୁଖ ହୋଇଥାଏ । କାହିଁକିନା ଯାହା ବିତିଗଲା ତାହାର ଏବେ ସ୍ମୃତିର ଅତିରିକ୍ତ ବିଶେଷ ମହତ୍ତ୍ୱ ନାହିଁ । ଏହି ସମୟରେ ସମାଜ ବ୍ୟାପକ ରୂପର ବିସ୍ତୃତ ହେବା ଆଉ ଉପୁଜୁ ଥିବା ଚିନ୍ତାର କାରଣ ନାନା ପ୍ରକାର ବିଧିରେ ମନୁଷ୍ୟକୁ ନିଜ ବିପତ୍ତି ଆଡକୁ ନେଇଯାଉଛି ।

ସେଥିପାଇଁ ଆମେ ଚିନ୍ତାରୁ ଯେତେ ଦୂରରେ ରହିବା, ସେତେ ପ୍ରସନ୍ନ ଆଉ ଶାନ୍ତିରେ ରହିବା ।



ଯେତେବେଳେ ଆମ ମନରେ କୌଣସି କାର୍ଯ୍ୟକରିବାର ଇଚ୍ଛା ହୋଇଥାଏ, ତାହାକୁ ପୂରା କରିବା ଚିନ୍ତା ମଧ୍ୟ ଆମକୁ ଘାରିଥାଏ । କିନ୍ତୁ ଆମକୁ ଜଣାଥିବା ଦରକାର ଯେ କେବେ ଚିନ୍ତା କରିକି କୌଣସି କାର୍ଯ୍ୟ ସମ୍ପାଦିତ ହୁଏ ନାହିଁ । ସେଥିପାଇଁ ସୁଖଜୀବନ ଜୀଇଁବା ପାଇଁ ସବୁଠୁ ପ୍ରଥମେ ଆମକୁ ଚିନ୍ତାର ପରିତ୍ୟାଗ କରିବାକୁ ପଡିବ । ଯେଉଁଥି ପାଇଁ ଆମକୁ ଆଗ ଚିନ୍ତାର କାରଣକୁ ଚିହ୍ନଟ କରିବାକୁ ପଡିବ ।

ଚିନ୍ତାର କାରଣ କୌଣସି ବିଶେଷ ଘଟଣା ଅଥବା କୌଣସି ବ୍ୟକ୍ତିବିଶେଷ ହୋଇପାରନ୍ତି । ନିଜର ଝଗଡାର ସମାଧାନ ଖୋଜିବା ପାଇଁ ଆମକୁ ଅଭିନବଢଙ୍ଗ ଆପଣେଇବାକୁ ପଡିବ । କାହିଁକିନା ଏହାର କାରଣ ଖୋଜି ପାଇବାରେ ଯଦି ସଫଳ ହୋଇଯିବା କି ଆମର ଚିନ୍ତାର ମୂଳକାରଣ କ'ଣ ?

ତା'ହେଲେ ଆମେ ନିଜର ଅଭିନବ ପ୍ରୟାସର ସମ୍ବନ୍ଧିତ ସମସ୍ୟାର ସମାଧାନ ବାହାର କରିପାରିବା । ସେତେବେଳେ ସମ୍ଭବ ହେବ କି ଛୋଟ ଛୋଟ ପ୍ରୟାସରୁ ବଡରୁ ବଡ ଚିନ୍ତାରୁ ମୁକ୍ତହେବାରୁ ସହାୟକସିଦ୍ଧ ହୋଇପାରିବ ।

ମନୋଜ କୁମାର ବେହେରା
ବାୟାବାବା ମଠ ଲେନ୍,ଭୁବନେଶ୍ୱର



ବିଜେଡିରେ ଯୋଗଦେଲେ ଅରବିନ୍ଦ ମହାପାତ୍ର



ବିଭିନ ସଂଗଠନର କର୍ମକର୍ତ୍ତା ୫-ଟି ଅଧ୍ୟକ୍ଷ କାର୍ତ୍ତିକ୍ ପାଣ୍ଡିଆନ୍‌ଙ୍କୁ ସାକ୍ଷାତ କରୁଛନ୍ତି

# ୯ରେ ରାଷ୍ଟ୍ରୀୟ ଲୋକ ଅଦାଲତ

କଟକ, (ସବ୍ୟୁ) ଆସନ୍ତା ୯ ତାରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉଚ୍ଚ ନ୍ୟାୟାଳୟ ସମେତ କଟକ ଜିଲ୍ଲାସ୍ତରୀୟ ସିଭିଲ କୋର୍ଟ ଓ ତାଲୁକସ୍ତରୀୟ ବିଭାଗୀୟ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ବହୁ ସଂଖ୍ୟାରେ ଜନସାଧାରଣ ଏହି ଲୋକ ଅଦାଲତର ସୁଯୋଗ ନେବାକୁ ଅନୁରୋଧ କରାଯାଇଛି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ପ୍ରାକ ବିଚାରଧୀନ ମୋକଦ୍ଦମା ଯଥା ଦେୱାନୀ ଓ ଫୌଜଦାରି(ସାଲିସ ଯୋଗ୍ୟ), ମୋଟର ଦୁର୍ଘଟଣା, ଶ୍ରମ ବିବାଦ, ଜମି ଅଧିଗ୍ରହଣ, କ୍ଷତିପୂରଣ, ପାରିବାରିକ ସମସ୍ୟା, ଚେକ ବାଉନ୍ସ ମାମଲା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ । କେବଳ ବିଚାରଧୀନ ମାମଲା ନୁହେଁ ପ୍ରାକ ମୋକଦ୍ଦମାସ୍ତରୀୟ (କଚେରୀରେ ଦାୟର ହୋଇନଥିବା ) ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଚେକ ବାଉନ୍ସ, ପାରିବାରିକ ବିବାଦ ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ । ଯଦି କୌଣସି ବିଚାରଧୀନ ମୋକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ । ଦୀର୍ଘଦିନ ଧରି ଚାଲୁ ରହିଥିବା ମୋକଦ୍ଦମାର ସହଜ ସମାଧାନ ତଥା ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ନିମନ୍ତେ ଜନସାଧାରଣଙ୍କ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ । ଏହି ଲୋକ ଅଦାଲତରେ ମୋକଦ୍ଦମା ତଥା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତ ରାୟ ବୈଧ ଓ ଚୁଡାନ୍ତ ଏବଂ ଅମଳ ଯୋଗ୍ୟ ଅଟେ । ବିସ୍ତୃତ ସୂଚନା ନିମନ୍ତେ ଜନସାଧାରଣ ଜିଲ୍ଲା ବା ତାଲୁକସ୍ତରୀୟ ଆଇନସେବା କାର୍ଯ୍ୟାଳୟ ସହ ଯୋଗସୂତ୍ର ରକ୍ଷା କରିପାରିବେ ।

## ୨୪ ବର୍ଷ ପରେ ବିଜେଡିରେ ବିଜୟଙ୍କ ପରିବାର

# ପୁଅ ଅରବିନ୍ଦ ନବୀନଙ୍କ ଆଶୀର୍ବାଦ ନେଲେ

ଭୁବନେଶ୍ୱର (ସବ୍ୟୁ) : ଏକ ଉଲ୍ଲେଖନୀୟ ରାଜନୈତିକ ଘଟଣାକ୍ରମରେ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ ମହାପାତ୍ର ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛନ୍ତି । ଆଜିକୁ ଦୀର୍ଘ ୨୪ ବର୍ଷ ତଳେ ଅର୍ଥାତ୍ ୨୦୦୦ ମସିହାରେ ବିଜେଡିରୁ ବିଜୟ ମହାପାତ୍ରଙ୍କୁ ବହିଷ୍କାର କରାଯାଇଥିଲା । ବିଜେଡି ଗଠନରେ ବିଜୟ ଥିଲେ ମୁଖ୍ୟ ବିନ୍ଧାଣୀ । ଏହାପରେ ବିଜୟ ଦଳ ଗଠନ କରିବା ସହ ଆଉକେତେକ ଦଳରେ ଯୋଗ ଦେଇଥିଲେ । ଏବେ ସେ ବିଜେପିରେ ଅଛନ୍ତି । ମାତ୍ର ବିଜେପିରେ ତାଙ୍କୁ ସେତେଟା ଗୁରୁତ୍ୱ ମିଳୁନାହିଁ । ତେବେ ଆଜି ନିଜର ହଜାର ହଜାର ସମର୍ଥକଙ୍କ ସହ ଅରବିନ୍ଦ ମହାପାତ୍ର ବିଜେଡିରେ ମିଶିଛନ୍ତି । ସେ ପ୍ରଥମେ ନବୀନ



ନିବାସ ଯାଇଥିଲେ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦ ନେଇଥିଲେ । ମୁଖ୍ୟମନ୍ତ୍ରୀ ମଧ୍ୟ ତାଙ୍କୁ ଆଶୀର୍ବାଦ କରିବା ସହ ବାପାଙ୍କୁ ଜଣାଇଦେବ ବୋଲି କହିଥିଲେ । ଏହାପରେ ଶଙ୍ଖଭବନରେ ତାଙ୍କର ବିଜେଡିରେ ସାମିଲ ହେବାନେଇ ଘୋଷଣା କରାଯାଇଥିଲା ।

ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଆଜି ଅରବିନ୍ଦଙ୍କୁ କହିଥିଲେ ଯେ କେନ୍ଦ୍ରାପଡା ଜିଲ୍ଲା ପାଇଁ କଠିନ ପରିଶ୍ରମ କର । ମୋ ଆଶୀର୍ବାଦ ତୁମ ପଛରେ ରହିଛି । ବିଜେଡିରେ ସେ ଯୋଗଦେବା ସମୟରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବିଧାୟକ ସୁଶାନ୍ତ ରାଉତ, ମନ୍ତ୍ରୀ ପ୍ରତାପ ଦେବ୍, ଅତନୁ ସବ୍ୟସାଚୀ ନାୟକଙ୍କ ସମେତ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲା ପ୍ରମୁଖ ଉପସ୍ଥିତ ଥିଲେ । କିଛିଦିନ ତଳେ ପୂର୍ବତନ ମନ୍ତ୍ରୀ ନଳିନୀ ମହାନ୍ତିଙ୍କ ପୁଅ ଅଂଶୁମାନ ମହାନ୍ତି ବିଜେଡିରେ ମିଶିଥିଲେ। ଉଭୟ ନଳିନୀ ଓ ବିଜୟ ଅଣକଂଗ୍ରେସ ଚିନ୍ତାଧାରାରୁ ସେମାନଙ୍କ ରାଜନୀତି ଆରମ୍ଭ କରିଥିଲେ । ଏକଦା ଏମାନେ ପ୍ରବାଦ ପୁରୁଷ ବିଜୁବାବୁଙ୍କର ଘନିଷ୍ଠ ସହଯୋଗୀ ଥିଲେ । ଏବେ ତାଙ୍କର ପୁଅମାନେ ବିଜେଡିକୁ ଫେରିଛନ୍ତି ।

## ଶ୍ରମିକ କଂଗ୍ରେସ ପକ୍ଷରୁ ମହିଳା ଦିବସ ପାଳିତ

ଜଟଣୀ (ସ.ବ୍ୟୁ): ବିଶ୍ୱବ୍ୟାପୀ ମହିଳାମାନଙ୍କର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ତଥା ରାଜନୀତିକ ସଫଳତା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଓ ମହିଳା କର୍ମଚାରୀଙ୍କୁ ସମ୍ମାନ ଜଣାଇ ସ୍ଥାନୀୟ ରେଲୱେ କଲ୍ୟାଣ ମଣ୍ଡପରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଥିଲା । ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଶୁଭ୍ରଜ୍ୟୋତି ମଣ୍ଡଳ ଓ ଅନ୍ୟ ଶାଖା ଅଧିକାରୀ ଉପସ୍ଥିତ ଥିଲେ । ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା୨୨ ଜଣ ସମର୍ପିତ ମହିଳା କର୍ମଚାରୀଙ୍କୁ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ପୁରସ୍କୃତ କରିଥିଲେ। ଏହି ମହିଳା କର୍ମଚାରୀଙ୍କ ପାଇଁ ଆୟୋଜିତ ପ୍ରବନ୍ଧ ଓ କୁଇଜ୍ ପ୍ରତିଯୋଗିତା ବିଜେତାମାନଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଅବସରରେ କର୍ମଚାରୀଙ୍କ ପିଲାମାନେ ଭାରତ ସ୍କାଉଟ୍ ଓ ଗାଇଡ୍‌ସର ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ଖୋର୍ଦ୍ଧାରୋଡ଼ ବରିଷ୍ଠ କାର୍ମିକ ଅଧିକାରୀ ଆର୍‌ଏନ୍ ପରିଡ଼ା ଏହି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭୁବନେଶ୍ୱରରେ ଜାତୀୟ ଧ୍ୱଜା କ୍ଷେତ୍ରର ଉନ୍ମୋଚନ

ଭୁବନେଶ୍ୱର(ସବ୍ୟୁ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ରାଜଧାନୀର ଜନତା ମୈଦାନ ନିକଟ ମହାତ୍ମା ଗାନ୍ଧୀ ପାର୍କରେ ଜାତୀୟ ଧ୍ୱଜା କ୍ଷେତ୍ର ଉନ୍ମୋଚନ କରିଛନ୍ତି । ୫୬୦୦ ବର୍ଗ ମିଟର ପରିସୀମା ବ୍ୟାପି ଏହି ପ୍ଲାଜାକୁ, ଭାରତର ଜାତୀୟ ପତାକା ପ୍ରତି ଥିବା ସମ୍ମାନ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରିଛନ୍ତି । ଯେଉଁଥିରେ ୧୦୦ଫୁଟ ଉଚ୍ଚରେ ଥିବା ଏକ ମାଷ୍ଟ ଉପରେ ଏହି ପତାକାକୁ ଅବସ୍ଥାପିତ କରାଯାଇଛି । ଏହି ଅବସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ (ମଧ୍ୟ), ଅନନ୍ତ ନାରାୟଣ ଜେନା, ବିଧାୟକ (ଉତ୍ତର), ସୁଶାନ୍ତ କୁମାର ରାଉତ, ବିଏମ୍ ସି କମିଶନର ସୁଲୋଚନା ଦାସ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ବିଡିଏ ଅଧ୍ୟକ୍ଷ ଜି ମାଥିଭାଥାନନ୍, ପୋଲିସ କମିଶନର ସଞ୍ଜୀବ ପଣ୍ଡା, ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂହ ଙ୍କ ସମେତ ଓଏମସିର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।



ଏହି ପ୍ଲାଜା ଜାତୀୟ ପତାକାର ସୃଷ୍ଟି ଠାରୁ ଆରମ୍ଭ କରି ଏହାର ଐତିହାସିକ ସଂଘର୍ଷର ଏକ ସ୍ମରଣକାରୀ ଗାଥା ଭାବରେ ଏହାର କାହାଣୀକୁ ବର୍ଣ୍ଣନା କରିବଛ ଷ୍ଟେନଲେସ୍ ଷ୍ଟିଲ୍ ପ୍ଲେଟରେ ସଜ୍ଜିତ ବାଲୁକା ପଥର (ସ୍ୟାଣ୍ଡ ଷ୍ଟୋନ) ପ୍ୟାନେଲଗୁଡିକ ୧୯୦୭ ରୁ ୧୯୪୭ ମସିହା ପର୍ଯ୍ୟନ୍ତ ରହିଥିବା ପତାକା ଗୁଡିକୁ ୟୁଭି- ମୁଦ୍ରିତ କରି ଏହାର ପ୍ରଦର୍ଶନ କରିବ । ଏହି ପ୍ୟାନେଲଗୁଡିକୁ ରେ ସ୍ୱାଧୀନତା ଆନ୍ଦୋଳନର ଜାତୀୟ ତଥା ସ୍ଥାନୀୟ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଚିତ୍ର ରହିବଛ ଏହା ସହିତ, ଭାରତୀୟ ସମ୍ବିଧାନର ସ୍ୱୀକୃତିପ୍ରାପ୍ତ ୨୨ ଟି ସରକାରୀ ଭାଷାରେ ଜୟ ହିନ୍ଦ୍ ର ଲେଖା ରହିବା ସହିତ ହିନ୍ଦୀ ଏବଂ ଓଡିଆ ବର୍ଣ୍ଣରେ ଜାତୀୟ ସଂଗୀତ ଏହି ପ୍ୟାନେଲ ର ଶୋଭାବର୍ଦ୍ଧନ କରିବ । ଏହି ଫ୍ଲାଗ ପ୍ଲାଜା ର ପରିକଳ୍ପନା ଭୁବନେଶ୍ୱର ମହାନଗର ନିଗମ (ବିଏମସି)ରୁ ଆରମ୍ଭ ହୋଇଥିଲା । ପରେ, ଓଡିଶା ଖଣି ନିଗମ (ଓଏମସି) ଏବଂ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ର ଇଶ୍ୱରଇ ମିଳିତ ଉଦ୍ୟମ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିଲାଛ ଫ୍ଲାଗ ପ୍ଲାଜାର ରକ୍ଷଣାବେକ୍ଷଣ ଓ ପରିଚାଳନା ଦାୟିତ୍ୱ ବିଡିଏ ଉପରେ ରହିବ । ୧୦୦ ଫୁଟ ଉଚ୍ଚତା ବିଶିଷ୍ଟ ଏହି ପତାକା ଜନସାଧାରଣଙ୍କୁ ଏହାର ଉପସ୍ଥିତିର ସିଧାସଳଖ ଦୃଶ୍ୟ ସଂଯୋଗ ପ୍ରଦାନ କରିଥାଏ ।

# ଅଗ୍ନିବୀର ପକ୍ଷରୁ କନ୍ୟାଙ୍କ ପାଇଁ ସଚେତନତା କର୍ମଶାଳା

ଖୋର୍ଦ୍ଧା (ସବ୍ୟୁ): କନ୍ୟାମାନଙ୍କ ପାଇଁ ଏକ ସ୍ୱତନ୍ତ୍ର କର୍ମଶାଳା ଶିବିର ଅଗ୍ନିବିର ପକ୍ଷରୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ତରଫରୁ ସ୍ଥାନୀୟ ମହିଳା ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି କର୍ମଶାଳାରେ ସ୍ଥଳ ସେନାର ମୁଖ୍ୟ ଏନ୍.ଏମ୍.ମୟଙ୍କ, ନୌସେନାର ଲେଫ୍ଟନାଣ୍ଟ ଅଂଶୁ , ବାୟୁ ସେନାରୁ କମାଣ୍ଡର ରାଜଲକ୍ଷ୍ମୀ ପୃଥିରାଜ ଯୋଗଦେଇଥିଲେ। କର୍ମଶାଳରେ ଅଧିକରୁ ଅଧିକ ଝିଅମାନେ କିପରି ଯୋଗଦାନ କରିବେ ଦେଶପାଇଁ ସେବା ଯୋଗାଇ ଦେବେ ଏହା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ଉକ୍ତ କର୍ମଶାଳା ଶିବୀରରେ ଦୁଇଶହରୁ ଉର୍ଦ୍ଧ ମହିଳା




ଏବଂ ଛାତ୍ରୀ ଯୋଗଦେଇଥିଲେ। ଆମ୍ଭ ପାଇଁ ଏହା ଏକ ସୁନ୍ଦର ସୁଯୋଗ ଥିଲା ବୋଲି ପିଲାମାନେ କହିଛନ୍ତି । ଭାଗନେଇଥିବା ମହିଳା ଏବଂ ଛାତ୍ରୀମାନେ ସିଧା ସଳଖ ପ୍ରଶ୍ନ କରି ଉଭୟ ତିନି ସେନାର ଅଧିକାରୀମାନଙ୍କ ଠାରୁ ଉତ୍ତର ପାଇଥିଲେ । ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଏବଂ ଅଧ୍ୟାପିକା କର୍ମଶାଳାରେ ଉପସ୍ଥିତ ଥିବାବେଳେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ବାଣିଶ୍ରୀ ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଲାଭା ଇଂଟରନ୍ୟାଶନାଲ ପକ୍ଷରୁ ବ୍ଲେଜ୍ କର୍ଭ ୫ଜି ଉନ୍ମୋଚିତ

ଭୁବନେଶ୍ୱର (ସବ୍ୟୁ) : ଅଗ୍ରଣୀ ଭାରତୀୟ ସ୍ମାର୍ଟଫୋନ୍ ବ୍ରାଣ୍ଡ ଲାଭା ଇଂଟରନ୍ୟାଶନାଲ ପକ୍ଷରୁ ନୂଆ ସ୍ମାର୍ଟଫୋନ୍ ବ୍ଲେଜ୍ କର୍ଭ ୫ଜିର ଶୁଭାରମ୍ଭ ଘୋଷଣା କରାଯାଇଛି। ଏହି ସ୍ମାର୍ଟଫୋନ ବାଧାହୀନ ମଲ୍ଟିଟାସ୍କିଙ୍ଗ୍ ପାଇଁ ସେଗ୍‌ମେଂଟ୍‌ର ସର୍ବୋତମ ୮ଜିବି ଏଲ୍‌ପିଡିଡିଆର୍‌୫ ରାମ୍ ଏବଂ ସେଗ୍‌ମେଂଟ୍‌ର ପ୍ରଥମ ୟୁଏଫ୍‌ଏସ୍ ୩.୧ ୧୨୮ଜିବି / ୨୫୬ଜିବିର ଇଂଟରନାଲ ଷ୍ଟୋରେଜ୍ ସହ ମିଡ୍‌ରେ ସ୍ମାର୍ଟଫୋନ୍ ବର୍ଗକୁ ପୁନଃବ୍ୟାଖ୍ୟା କରିବା ପାଇଁ ପ୍ରସ୍ତୁତ ରହିଛି। ଏହି ସ୍ମାର୍ଟଫୋନ୍ ଲାଇଟ୍‌ନିଂ-ଫାଷ୍ଟ ମିଡିଆଟେକ୍ ଡାଇମେନ୍‌ସିଟି ୭୦୫୦ ପ୍ରୋସେସର ଦ୍ୱାରା ପରିଚାଳିତ ଯାହା ଅତୁଳନୀୟ ବେଗ ଓ ଦକ୍ଷତା ପ୍ରଦାନ କରୁଛି। ଏହି ଡିଭାଇସ୍‌ରେ ୫୭୦କେର ସେଗ୍‌ମେଂଟ୍‌ର ସର୍ବୋତମ ଆନ୍‌ଟୁଟୁ ସ୍କୋର ରହିଛି ଯାହା ନିଜ ମୂଲ୍ୟ ବର୍ଗରେ ଗେମିଂ ଓ ଆପ୍ ଅନୁଭୂତି ପାଇଁ ନୂଆ ମାନକ ଧାର୍ଯ୍ୟ କରୁଛି। ଲାଭା ବ୍ଲେଜ୍ କର୍ଭ ୫ଜି ସ୍ମାର୍ଟଫୋନ୍‌ର ୮ ଜିବି/ ୧୨୮ଜିବି ଭାରିଆଂଟ୍‌ର ମୂଲ୍ୟ ୧୭,୯୯୯ ଟଙ୍କା ଓ ୮ ଜିବି/ ୨୫୬ଜିବି ଭାରିଆଂଟ୍‌ର ମୂଲ୍ୟ ୧୮୯୯୯ ଟଙ୍କା ରହିଛି।

# ଅର୍ଯ୍ୟା ସମ୍ମାନ ପ୍ରଦାନ ଉତ୍ସବ

ଭୁବନେଶ୍ୱର (ସବ୍ୟୁ): ପରିଚୟ ଫାଉଣ୍ଡେସନର ଦ୍ୱାଦଶତମ ସଂସ୍କରଣ ର ଅର୍ଯ୍ୟା ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପରିଚୟ ର ଏହି ସଂସ୍କରଣ ରେ ବିଭିନ୍ନ ବର୍ଗରେ ଥିବା ୨୨ ଟି କ୍ଷେତ୍ରରେ ସମସ୍ତ ଆୱାର୍ଡି ଙ୍କୁ ସମ୍ମାନିତ କରାଯାଇଛି । ମହିଳା ଦିବସ ର ଅବ୍ୟବହିତ ପୂର୍ବରୁ ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ମହିଳା ଉଦ୍ୟୋଗୀ ଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ




ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସାଂସଦ ଶ୍ରୀମତୀ ସୁଲତା ଦେଓ ଯୋଗ ଦେଇଥିଲେ । ପଦ୍ମଶ୍ରୀ ଗୁଲଫାମ ଅହମ୍ମଦ, ବିଶ୍ୱସ୍ତରୀୟ ଖେଳାଳୀ ଶରୋଦ, ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ, ଶାଶ୍ୱତ ଯୋଶୀ, ପ୍ରିୟଦର୍ଶୀ ମିଶ୍ର , ରଶ୍ମିତା ସାହୁ, ନିର୍ଦ୍ଦେଶକ ରୁଚି, ପରିଚୟ ଫାଉଣ୍ଡେସନ ର ମୁଖ୍ୟ ରୋଜାଲିନ ପାଟଶାଣୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ସଭା ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ଶେଷରେ ଲାସ୍ୟକଳା ଅନୁଷ୍ଠାନ ଦ୍ୱାରା ଶିବ ତାଣ୍ଡବ ପରିବେଷଣ କରାଯାଇଥିଲା ।

## ସଖୀ ୱାନ୍ ଷ୍ଟପ୍ ସେଣ୍ଟରର ବାର୍ଷିକ ପୁସ୍ତକ ଉନ୍ମୋଚିତ

କଟକ (ସବ୍ୟୁ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନଷ୍ଟିଚ୍ୟୁଟ ଫର ସୋସିଆଲ ଡେଭଲପମେଂଟ (ଆଇଏସଡି) ଦ୍ୱାରା ପରିଚାଳିତ ସଖୀ ୱାନ ଷ୍ଟପ୍ ସେଂଟର କଟକ ଶାଖାର ବାର୍ଷିକ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଅନ୍ତର୍ଜାତୀୟ ମହିଳା ଦିବସର ଅବ୍ୟବହିତ ପୂର୍ବରୁ କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଉତ୍ସବରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ବାର୍ଷିକ ପୁସ୍ତିକାକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ କଟକ ଜିଲ୍ଲା ପରିଷଦର ସଭାପତି କିଶୋର ଚନ୍ଦ୍ର ମିଶ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ଉପମା ଗନ୍ତାୟତ, ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡକ୍ଟର ସୁନୀଲ ଅଗ୍ରୱାଲ, ଡେପୁଟି କଲେକ୍ଟର ଶ୍ରୀମତୀ ଜ୍ୟୋସ୍ନା ନାୟକ, ଇନଷ୍ଟିଚ୍ୟୁଟ ଫର ସୋସିଆଲ ଡେଭଲପମେଂଟର ନର୍ଦ୍ଦେଶିକା ଶ୍ରୀମତୀ ଶୁଭଶ୍ରୀ ଦାସ୍, ବସୁନ୍ଧରାର ପ୍ରତିଷ୍ଠାତା ଶ୍ରୀମତୀ ଶୈଳ ବେହେରା, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ପ୍ରମୋଦ ଆଚାର୍ଯ୍ୟ, ସଖୀ ୱାନ୍ ଷ୍ଟପ୍ ସେଂଟରର କେନ୍ଦ୍ର ପରିଚାଳିକା ସୌମ୍ୟା ସୁଚରିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ୱାନ ଷ୍ଟପ୍ ସେଂଟର- ସଖୀ, କଟକ କେନ୍ଦ୍ର ଏହାର ୫ ବର୍ଷ ପୂରଣ କରିଛି। ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ହସ୍ପିଟାଲ ପରିସରରେ କାର୍ଯ୍ୟରତ ସଖୀ କେନ୍ଦ୍ର ଗତ ୫ ବର୍ଷ ମଧ୍ୟରେ ମହିଳାମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ କରିବା ସହ ମନସ୍ତାତ୍ୱିକ ଏବଂ ସାମାଜିକ ପରାମର୍ଶ ଯୋଗାଇ ଦେଇଆସିଛି।

## କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ସମାରୋହ

# ସଂସ୍କୃତ ଆମର ଅସ୍ମିତା, ସଭ୍ୟତା ଏବଂ ସଂସ୍କୃତିର ମୂଳ ଆଧାର : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ସଂସ୍କୃତ ଆମର ଅସ୍ମିତା, ସଭ୍ୟତା ଓ ସଂସ୍କୃତିର ମୂଳ ଆଧାର ବୋଲି ଗୁରୁବାର ନୂଆଦିଲ୍ଲୀ ଠାରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ସମାରୋହରେ ରାଷ୍ଟ୍ରପତିଙ୍କ ସହ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ସଂସ୍କୃତ ଭାଷା ବହୁ ଭାଷାର ଜନନୀ ଅଟେ । ସଂସ୍କୃତ ଭାଷା ଆମର ପ୍ରଗତିର ପରିଚୟ । ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂସ୍କୃତ ଭାଷା ଏବଂ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ସ୍ପଷ୍ଟ ରୋଡମ୍ୟାପ୍ ପ୍ରସ୍ତୁତ କରିଛନ୍ତି । ଭାରତର ଛାତ୍ରଛାତ୍ରୀ ସମଗ୍ର



ଶିକ୍ଷା ପ୍ରାପ୍ତ କରି ଆତ୍ମନିର୍ଭର ହେବା ସହ ସମର୍ପଣ ଭାବନାର ସହିତ ରାଷ୍ଟ୍ର ନିର୍ମାଣରେ ଯୋଗଦାନ ରଖିବା ପାଇଁ ଜାତୀୟ ଶିକ୍ଷା ନୀତି ଗୁରୁତ୍ୱ ଦେଉଛି । ମୋଦୀ ସରକାରରେ ଜାତୀୟ ଶିକ୍ଷା ନୀତି ମାଧ୍ୟମରେ ସଂସ୍କୃତ, ବେଦ ଏବଂ ଭାରତୀୟ ଜ୍ଞାନ ପରମ୍ପରାକୁ ଏକବିଂଶ ଶତାବ୍ଦୀର ଆଧୁନିକ ଶିକ୍ଷା ବ୍ୟବସ୍ଥା ସହ ଯୋଡାଯାଉଛି । ସଂସ୍କୃତ ଗବେଷଣାକୁ ପ୍ରୋତ୍ସାହନ, ସ୍କୁଲ ଓ କଲେଜରେ ସଂସ୍କୃତ ଛାତ୍ରବୃତ୍ତି ସହ ବିଭିନ୍ନ ପ୍ରତିଷ୍ଠିତ ଅନୁଷ୍ଠାନରେ ସଂସ୍କୃତ ସେଣ୍ଟର ପ୍ରତିଷ୍ଠା କରାଯାଉଛି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ସଂସ୍କୃତ ଓ ଅନ୍ୟ ଭାଷା ସହିତ ଯୋଡିବା ପାଇଁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଭାରତ ସରକାରଙ୍କ ସହଯୋଗରେ ବିଶେଷତଃ ପାଞ୍ଚଟି ପରିଯୋଜନା ଯଥା ଆୟୁର୍ବେଦ ଗୁରୁକୁଳମ, ଭାରତୀୟ ଜ୍ଞାନ ପ୍ରଣାଳି, ହିନ୍ଦୁ ଅଧ୍ୟୟନ କେନ୍ଦ୍ର, ଇଣ୍ଡିଆନ୍ ନଲେଜ୍ ସିଷ୍ଟମ ପ୍ରଶିକ୍ଷଣ କେନ୍ଦ୍ର ପରିଚାଳିତ କରୁଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଦେଶରେ ବୌଦ୍ଧିକ ଶିକ୍ଷା ପ୍ରଦାନ କରିବା ପାଇଁ ୨୦୨୨ରେ ମହର୍ଷି ସନ୍ଦିପାନୀ ରାଷ୍ଟ୍ରୀୟ ବେଦ ବିଦ୍ୟା ପ୍ରତିଷ୍ଠାନ ଓ ସଂସ୍କୃତ ଶିକ୍ଷା ବୋର୍ଡର ସ୍ଥାପନା କରିଛନ୍ତି । ଏହି ଅବସରରେ ଡିଗ୍ରୀ ଓ ସ୍ୱର୍ଣ୍ଣ ପଦକ ପାଇଥିବା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# କିଟରେ ଆନ୍ତର୍ଜାତୀୟ ମହିଳା ଦିବସ




ଭୁବନେଶ୍ୱର (ସବ୍ୟୁ): କିଟ ଓ କିସ୍ ପକ୍ଷରୁ ଗୁରୁବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଏଥିରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଟ୍ ଶିକ୍ଷାନୁଷ୍ଠାନ ସମୂହ ଓ କିସ୍ର ମହିଳା କର୍ମଚାରୀମାନଙ୍କୁ ସମ୍ବୋଧିତ କରିଥିଲେ । ଶ୍ରୀ ସାମନ୍ତ କହିଲେ ମହିଳାମାନେ ସବୁ କ୍ଷେତ୍ରରେ ପୁରୁଷଙ୍କ ଭଳି ଦକ୍ଷ ଓ କର୍ମଠ । ମହିଳାମାନେ ଆଜି ପ୍ରତିରକ୍ଷା କ୍ଷେତ୍ରଠାରୁ ଆରମ୍ଭ କରି ମହାକାଶ ଗବେଷଣା କ୍ଷେତ୍ର ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ସେମାନଙ୍କ ଦକ୍ଷତା ଓ ନିଷ୍ଠା ବଳରେ ସଫଳତା ହାସଲ କରିପାରୁଛନ୍ତି । କିଟ୍ ଓ କିସ୍ ସର୍ବଦା ଲିଙ୍ଗଗତ ସମାନତା ଓ ମହିଳା ସଶକ୍ତିକରଣକୁ ଗୁରୁତ୍ୱ ଦେଇଆସୁଛି । କିଟ୍ ଶିକ୍ଷାନୁଷ୍ଠାନ ସମୂହ ଓ କିସ୍ର ୫୦% ପ୍ରତିଶତ କର୍ମଚାରୀ ହେଉଛନ୍ତି ମହିଳା । କିଟ୍ ଓ କିସ୍ରେ କାର୍ଯ୍ୟ କରିବାର ଏଭଳି ବାତାବରଣ ରହିଛି ଯେଉଁଠି ପାରସ୍ପରିକ ସମ୍ମାନ ଓ ଆନନ୍ଦ ରହିଥାଏ । ସାମାଜିକ ବିକାଶ, ସୁଖ ଓ ସମୃଦ୍ଧିରେ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କାରଣ ମହିଳାମାନେ ହେଉଛନ୍ତି ସମସ୍ତ ଶକ୍ତିର ଉତ୍ସ ବୋଲି ଶ୍ରୀ ସାମନ୍ତ କହିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରଣଜିତ୍ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ମହିଳା କର୍ମଚାରୀଙ୍କ ଦ୍ୱାରା ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

## ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନଚକ୍ର

କଟକ (ସବ୍ୟୁ): ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ପରିସରରେ ସ୍ନାତକୋତ୍ତର ପରିଷଦ ପକ୍ଷରୁ ନବ ଭାରତର ନିର୍ମାତା ଡ଼ଃ ବି.ଆର ଆମ୍ବେଦକର ଶୀର୍ଷକ ଏକ ଅଧ୍ୟୟନଚକ୍ର ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର କମଲଜିତ୍ ସିଂ ଅଧ୍ୟକ୍ଷତା କରି ଏହି ଅଧ୍ୟୟନଚକ୍ରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ଆମ୍ବେଦକରଙ୍କ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ବିଶ୍ୱବିଦ୍ୟାଳୟରେ ଭବିଷ୍ୟତରେ ଆମ୍ବେଦକରଙ୍କ ନାମରେ ଏକ ଚେୟାର ଓ ଶିକ୍ଷାକେନ୍ଦ୍ର ସ୍ଥାପନ ହେବ ବୋଲି ଘୋଷଣା କରିଥିଲେ । ଅଧ୍ୟୟନଚକ୍ରର ମୁଖ୍ୟ ଅତିଥି ତଥା ମୁଖ୍ୟବ୍ୟକ୍ତା ଭାବରେ ଯୋଗଦେଇ ଓଡ଼ିଶା ଉଚ୍ଚନ୍ୟାୟାଳୟର ନ୍ୟାୟିକ ଅଭିଲେଖାଗାର କେନ୍ଦ୍ରର ଇତିହାସ ବିଭାଗର ପରାମର୍ଶଦାତା ପ୍ରଫେସର ଡ଼ଃ ବସନ୍ତ କୁମାର ମଲ୍ଲିକ ଆମ୍ବେଦକରଙ୍କ ଜୀବନୀ ଓ ନବ ଭାରତର ଗଠନ ଦିଗରେ ତାଙ୍କର ଭୂମିକା ସମ୍ପର୍କରେ ବିଶେଷ ଭାବେ ଆଲୋଚନା କରିଥିଲେ । ତାଙ୍କର ଜ୍ଞାନ, ଦିଗ୍ଦର୍ଶନ, ଦୁରଦୃଷ୍ଟି ଏବଂ ଭାରତୀୟ ସମ୍ବିଧାନ ପ୍ରସ୍ତୁତିରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ସେ ମତ ପୋଷଣ କରିଥିଲେ । ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ଼ଃ ସୌମିତ୍ର କୁମାର ଚାଟାର୍ଜୀ ଅତିଥିଙ୍କୁ ସମ୍ମାନୀତ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ । ଛାତ୍ର କଲ୍ୟାଣ ବିଭାଗର ଅଧ୍ୟକ୍ଷା ଡ଼ଃ ନିଧି ଚୌହ୍ୱାନ ଧନ୍ୟବାଦ ଅର୍ପଣ କରିଥିବା ବେଳେ ତିନିବର୍ଷୀୟା ଆଇନ ପାଠ୍ୟକ୍ରମର ମୁଖ୍ୟ ଅଧ୍ୟାପିକା ହରିଣ୍ମୟୀ ମିଶ୍ର ଓ ଅଧ୍ୟାପକ ଭାନୁ ପ୍ରତାପ ସିଂ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ । ଅଧ୍ୟାପିକା ଆଦ୍ୟାଶା ବେହେରା କାର୍ଯ୍ୟକ୍ରମର ଉପସ୍ଥାପନା କରିଥିଲେ ।



ଆଗ୍ରା ଠାରେ ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ଦ୍ୱାରା ଆୟୋଜିତ ବିଶାଳ ମହାସମାବେଶକୁ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ ପି ନଡ୍ଡା ସମ୍ବୋଧନ କରିଛନ୍ତି । ଏହି ଅବସରରେ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଅନୁସୂଚିତ ଜାତି ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଲାଲ ସିଂହ ଆର୍ଯ୍ୟଙ୍କ ସମେତ ଉତ୍ତର ପ୍ରଦେଶର ବରିଷ୍ଠ ନେତୃବନ୍ଦ ଉପସ୍ଥିତ ଅଛନ୍ତି ।

## ବିଜେପି ନେତାଙ୍କୁ ଗୁଳି କରି ହତ୍ୟା

**ଲକ୍ଷ୍ନୌ:** ଉତ୍ତରପ୍ରଦେଶର ଜୌନପୁରରେ ଘଟିଛି ଏଭଳି କିଛି ଘଟଣା । ନିମନ୍ତ୍ରଣ ଦେବା ବାହାନାରେ ବିଚ୍ ରାସ୍ତାରେ କିଛି ଦୁର୍ବୃତ୍ତ ତାଙ୍କୁ ଗଳି କରି ହତ୍ୟା କରିଥିବା ଅଭିଯୋଗ ହୋଇଛି । ସୂଚନା ମୁତାବକ, ମୃତ ବିଜେପି ନେତା ଜଣକ ହେଲେ ପ୍ରମୋଦ କୁମାର ଯାଦବ । ଜୌନପୁରର ବକ୍ସି ଥାନା ସ୍ଥିତ ବୋଧାପୁର ଛକରେ ଦୁର୍ବୃତ୍ତମାନେ ପ୍ରମୋଦ ଯାଦବଙ୍କ ଉବରକୁ ଗୁଳିମାଡ କରିଥିଲେ । ସେ କେଉଁଆଡେ ଯିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ନିମନ୍ତ୍ରଣ ଦେବା ବାହାନାରେ ଅଟକାଇ ଥିଲେ । ପରେ ତାଙ୍କ ଉପରକୁ ଆଖିବୁଜା ଗୁଳିମାଡ କରି ସେଠାରୁ ଫେରାର ହୋଇଯାଇଥିଲେ । ଫଳରେ ଘଟଣାସ୍ଥଳରେ ହିଁ ପଡିଯାଇଥିଲେ ପ୍ରମୋଦ । ଏହାପରେ ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଛି । ସେପଟେ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି । ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ତନାଘନା ଆରମ୍ଭ କରିଛି । ପ୍ରମୋଦ ଯାଦବ ୨୦୧୨ର ବିଧାନସଭା ନିର୍ବାଚନରେ ଜୌନପୁରର ମାଲହନି ଆସନରୁ ବାହୁବଳୀ ନେତା ଧନଞ୍ଜୟ ସିଂହଙ୍କ ପତ୍ନୀ ଜାଗ୍ରତି ସିଂହଙ୍କ ବିରୋଧରେ ନିର୍ବାଚନ ଲଢ଼ିଥିଲେ । ଏହି ନିର୍ବାଚନରେ ସମାଜବାଦୀ ପାର୍ଟିର ପାରସ ନାଥ ଯାଦବ ବିଜୟୀ ହୋଇଥିବାବେଳେ ଜାଗ୍ରତି ସିଂହ ଦ୍ୱିତୀୟ ସ୍ଥାନରେ ଥିଲେ । ତେବେ ଧନଞ୍ଜୟ ଏବଂ ଜାଗ୍ରତିଙ୍କ ୨୦୧୭ରେ ଛାଡପତ୍ର ହୋଇଥିଲେ । ଏହା ପରେ ଧନଞ୍ଜୟ ତୃତୀୟ ଥର ପାଇଁ ଜୌନପୁର ଜିଲ୍ଲା ପଞ୍ଚାୟତ ସଭାପତି ଶ୍ରୀକାଲା ରେଡ୍ଡୀଙ୍କୁ ବିବାହ କରିଥିଲେ । କହିରଖୁ ଯେ, ଗତ ବୁଧବାର ପୂର୍ବତନ ସାଂସଦ ତଥା ବାହୁବଳୀ ନେତା ଧନଞ୍ଜୟ ସିଂହଙ୍କୁ ଅପହରଣ ଓ ତୋରା ଚାଲାଣ ମାମଲାରେ ସାତ ବର୍ଷ କାରାଦଣ୍ଡରେ ଦଣ୍ଡିତ କରାଯାଇଛି । ଏହା ସହିତ ଏମ୍ପି-ଏମ୍ଏଲ୍ଏ କୋର୍ଟ ତାଙ୍କ ଉପରେ ୫୦ହଜାର ଟଙ୍କା ଜରିମାନା କରିଛନ୍ତି । ଏହି ମାମଲାରେ ମଙ୍ଗଳବାର ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା ।

# ଏବେ କେଜରିୱାଲଙ୍କୁ ଡକାଇଲେ କୋର୍ଟ

**ନୂଆଦିଲ୍ଲୀ:** ବଢ଼ିଲା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଅଡୁଆ । ପୁଣି ଥରେ ତାଙ୍କୁ ଡକାଇଲେ କୋର୍ଟ । ତଥାକଥିତ ଦିଲ୍ଲୀର ମଦ ଦୁର୍ନୀତି ମାମଲାରେ କେଜରିୱାଲଙ୍କୁ ରାଉଜ ଆଭେନ୍ୟୁ କୋର୍ଟ ସମନ ପଠାଇଛନ୍ତି । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଅଭିଯୋଗ ପରେ କୋର୍ଟ ଏହି ସମନ ଜାରି କରିଛନ୍ତି । କେଜରିୱାଲଙ୍କୁ ଆସନ୍ତା ମାର୍ଚ୍ଚ ୧୬ ତାରିଖରେ ହାଜର ହେବାକୁ କହିଛନ୍ତି କୋର୍ଟ ।



ମଦ ଦୁର୍ନୀତି ମାମଲାରେ ଇଡି କେଜରିୱାଲଙ୍କୁ ଆଠଟି ସମନ ପଠାଇ ସାରିଛି । ତେବେ ସେ ଥରେ ବି ଇଡିରେ ହାଜର ହୋଇନାହାନ୍ତି । ଜାଣିଶୁଣି କେଜରିୱାଲ ସମନକୁ ଏଡାଇ ଦେଉଥିବା ଅଭିଯୋଗ କରି ଇଡି କୋର୍ଟର ଦ୍ୱାରସ୍ଥ ହୋଇଛି । କେଜରିୱାଲଙ୍କ ବିରୋଧ ମକଦ୍ଦମ ଚଳାଇବା ପାଇଁ କୋର୍ଟକୁ ଅନୁରୋଧ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । କହିରଖୁ ଯେ, କେଜରିୱାଲଙ୍କୁ ଇଡି ବାରମ୍ବାର ସମନା ପଠାଇବା ସତ୍ତ୍ୱେ ସେ ହାଜର ହୋଇନାହାନ୍ତି । ଏହି ସମନକୁ କେଜରିୱାଲ ଏଡାଇଦେବା ସହ ଏହାକୁ ବେଆଇନ ବୋଲି କହିଛନ୍ତି । ଏହି ସମନ ବେଆଇନ ତଥାପି ସେ ଇଡି ପ୍ରଶ୍ନର ଉତ୍ତର ଦେବାକୁ ପ୍ରସ୍ତୁତ । ମାର୍ଚ୍ଚ ୧୨ ପରେ ସେ ଇଡିକୁ ତାରିଖ ମାଗିଥିଲେ । ଭିଡିଓ କନଫରେନ୍ସିଂ ମାଧ୍ୟମରେ ସେ ପ୍ରଶ୍ନର ଉତ୍ତର ଦେବେ ବୋଲି କେଜରିୱାଲ କହିଥିଲେ । କିନ୍ତୁ ଭିଡିଓ କନ୍ଫରେନ୍ସିଂରେ ପଚରାଉଚରା କରାଯାଇପାରିବ ନାହିଁ ବୋଲି କହିଥିଲା ଇଡି । ତଥା କଥିତ ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଟଙ୍କା ହେରଫେର ଅଭିଯୋଗରେ ବର୍ତ୍ତମାନ ସୁଦ୍ଧା ଇଡି ୧୪ ଜଣଙ୍କୁ ଗିରଫ କରିସାରିଛି । ଏଥିରେ ଅମ୍ ଆଦମୀ ପାର୍ଟିର ଅନେକ ନେତା ଗିରଫ ହୋଇ ଜେଲରେ ଅଛନ୍ତି । ଗିରଫ ନେତାଙ୍କ ମଧ୍ୟରେ କେଜରିୱାଲ ସରକାରଙ୍କ ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ, ସତ୍ୟେନ୍ଦ୍ର ଜୈନ୍, ସଞ୍ଜୟ ସିଂହ ଓ ବିଜୟ ନାୟର ପ୍ରମୁଖ ଅଛନ୍ତି ।

## ରାଷ୍ଟ୍ରପତି ରେସରୁ ବାହାର ହେଲେ ନିକ୍କି ହାଲି

**ୱାଶିଂଟନ:** ଆମେରିକାରେ ପୁଣି ଥରେ ଡୋନାଲ୍ଡ ଟ୍ରମ୍ପ ଓ ଜୋ ବାଇଡେନ୍ଙ୍କ ମଧ୍ୟରେ ଦେଖିବାକୁ ମିଳିବ ଜୋରଦାର ଲଢ଼େଇ । କାରଣ ରାଷ୍ଟ୍ରପତି ରେସରୁ ରିପବ୍ଲିକାନ୍ ପାର୍ଟିରୁ ପ୍ରତିଦ୍ୱନ୍ଦ୍ୱି ନିକ୍କି ହାଲି ବାହାର ହୋଇଛନ୍ତି । ତାଙ୍କୁ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିର୍ବାଚନୀ ଦୌଡରୁ ବାହାର କରିଛନ୍ତି । ଫଳରେ ବର୍ତ୍ତମାନ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରିପବ୍ଲିକାନ ପାର୍ଟିର ଏକମାତ୍ର ପ୍ରାର୍ଥୀ ହୋଇଛନ୍ତି । ନଭେମ୍ବର ମାସରେ ଆମେରିକାର ରାଷ୍ଟ୍ରପତି ନିର୍ବାଚନ ହେବ । ଏହି ନିର୍ବାଚନର ପ୍ରାର୍ଥୀ ହେବା ଡେମୋକ୍ରେଟିକ୍ ପାର୍ଟି ଓ ରିପବ୍ଲିକାନ ପାର୍ଟି ମଧ୍ୟରେ ଜୋରଦାର ଲଢେଇ ଜାରି ରହିଛି । ଏହାରି ଭିତରେ ସୁପର ମଙ୍ଗଳବାର ପ୍ରତିଯୋଗିତାରେ ବର୍ମୋଣ୍ଟ ବ୍ୟତୀତ ଅନ୍ୟ ସମସ୍ତ ରାଜ୍ୟରୁ ମିଳିଥିବା ହାର୍ ପରେ ନିକ୍କି ହାଲି ଆମେରିକାର ରାଷ୍ଟ୍ରପତି ନିର୍ବାଚନ ଦୌଡ଼କୁ ବାଦ ଦେବାକୁ ନିଷ୍ପତ୍ତି ନେଇଛନ୍ତି । ସେ ଏହି ରେସରୁ ବାହାରିବା ପରେ ଡୋନାଲ୍ଡ ଟ୍ରମ୍ପ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ପୁଣି ଥରେ ଜୋ ବାଇଡେନ୍ଙ୍କୁ ସିଧା ସଳଖ ଟକ୍କର ଦେବେ ବୋଲି ସୂଚନା ମିଳିଛି । ସେପଟେ କିନ୍ତୁ ନିକ୍କି ଡୋନାଲ୍ଡ



ଟ୍ରମ୍ପଙ୍କୁ ସମର୍ଥନ କରିବାରେ ସିଧାସଳଖ ମନା କରିଦେଇଛନ୍ତି । କହିରଖୁ ଯେ, ରିପବ୍ଲିକାନ୍ ପାର୍ଟିର ରାଷ୍ଟ୍ରପତି ପଦର ନାମାଙ୍କନ ହାସଲ କରିବା ପାଇଁ ଉଭୟ ପ୍ରାର୍ଥୀଙ୍କ ମଧ୍ୟରୁ କୌଣସି ଜଣେଙ୍କୁ ୧୨୧୫ ପ୍ରତିନିଧୀଙ୍କ ସମର୍ଥନ ଲୋଡାଛ ସୁପର ଟିୟୁଜ୍ ଡେ' ପରେ ଟ୍ରମ୍ପଙ୍କ ପାଖରେ ୨୪୪ ପ୍ରତିନିଧି ଥିବା ବେଳେ ହାଲିଙ୍କ ପାଖରେ ମାତ୍ର ୮୬ ପତିନିଧିଙ୍କ ସମର୍ଥନ ଥିଲା । ୨୦୧୭ ରୁ ୨୦୧୮ ପର୍ଯ୍ୟନ୍ତ ଟ୍ରମ୍ପଙ୍କ କ୍ୟାବିନେଟରେ କାର୍ଯ୍ୟ କରୁଥିବା ନିକ୍କି ହାଲି ପ୍ରଥମ ରିପବ୍ଲିକାନ୍ ଭାବରେ ଫେବୃଆରୀ ୨୦୨୩ରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଚ୍ୟାଲେଞ୍ଜ କରିଥିଲେ ।

# ୟୁକୋ ବ୍ୟାଙ୍କରେ ୮୨୦ କୋଟିର ସ୍କାମ୍

## ୬୭ ଠିକଣାରେ ସିବିଆଇ ରେଡ

**ନୂଆଦିଲ୍ଲୀ:** ରାଜସ୍ଥାନ ଓ ମହାରାଷ୍ଟ୍ରର ୭ଟି ସହରରେ ଥିବା ଏତେ ସଂଖ୍ୟକ ଠିକଣାରେ ସିବିଆଇ ଟିମ ଏକକାଳୀନ ଯାଞ୍ଚ କରିଛି । ରେଡ ବେଳେ ସିବିଆଇ ଅନେକ ପ୍ରକାରର ଦସ୍ତାବିଜ ଓ ଡିଜିଟାଲ ଯନ୍ତ୍ରାଂଶ ଜବତ କରିଛି । ୟୁକୋ ବ୍ୟାଙ୍କକୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି । ୟୁକୋ ବ୍ୟାଙ୍କରେ ତୁରନ୍ତ ପେମେଣ୍ଟ ବ୍ୟବସ୍ଥାରେ ୮୨୦ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ଏହା ସାମ୍ନାକୁ ଆସିବା ପରେ ବ୍ୟାଙ୍କ ସହ ଜଡ଼ିତ ୬୭ଟି ସ୍ଥାନରେ ସିବିଆଇ ରେଡ କରିଛି । ରାଜସ୍ଥାନ ଓ ମହାରାଷ୍ଟ୍ରର ୭ଟି ସହରରେ ଥିବା ଏତେ ସଂଖ୍ୟକ ଠିକଣାରେ ସିବିଆଇ ଟିମ ଏକକାଳୀନ ଯାଞ୍ଚ କରିଛି । ରେଡ ବେଳେ ସିବିଆଇ ଅନେକ ପ୍ରକାରର ଦସ୍ତାବିଜ ଓ ଡିଜିଟାଲ ଯନ୍ତ୍ରାଂଶ ଜବତ କରିଛି । ଗତବର୍ଷ ୮,୫୩,୦୪୯




ଆଇଏମପିଏସ୍ ଟ୍ରାଞ୍ଜାକସନ ହୋଇଥିଲା । ନଭେମ୍ବର ୧୦ରୁ ୧୩ ମଧ୍ୟରେ ହୋଇଥିବା ନେଣଦେଣ ସମୟରେ ଭୁଲ ବଶତଃ ୮୨୦ କୋଟି ଟଙ୍କା ୟୁକୋ ବ୍ୟାଙ୍କର ୪୧ ହଜାର ଆକାଉଣ୍ଟକୁ ଚାଲି ଆସିଥିଲା । ଏନେଇ ଅଭିଯୋଗ ହେବା ପରେ ସିବିଆଇ ମାମଲା କରିଥିଲା । ମିଳିଥିବା ସୂଚନା ଅନୁସାରେ, ରାଜସ୍ଥାନ ଓ ମହାରାଷ୍ଟ୍ରରେ ବୁଧବାର ଠାରୁ ଏହି ରେଡ କରାଯାଇଛି । ୮୨୦ କୋଟି ଟଙ୍କାର ଆଇଏମପିଏସ୍ ଟ୍ରାଞ୍ଜାକସନ ଘଟଣାରେ ୟୁକୋ ବ୍ୟାଙ୍କ ଓ ଆଇଡିଏଫସି ସହ ଜଡ଼ିତ ୧୩୦ଟି ଦସ୍ତାବିଜ ଏବଂ ୪୩ଟି ଡିଜିଟାଲ ଡିଭାଇସ ଜବତ ହୋଇଛି । ଏଥିରେ ୪୦ଟି ମୋବାଇଲ ଫୋନ, ୨ଟି ହାର୍ଡ ଡିସ୍କ ଓ ଗୋଟିଏ ଇଣ୍ଟରନେଟ ଡଙ୍ଗଲ ସମେତ ଆଉ କିଛି ଉପକରଣ ରହିଛି । ୭ଟି ଘରୋଇ ବ୍ୟାଙ୍କର ୧୪,୬୦୦ ଆକାଉଣ୍ଟରୁ ତ୍ରୁଟିଯୁକ୍ତ ଭାବେ ୟୁକୋ ବ୍ୟାଙ୍କର ୪୧ ହଜାର ଆକାଉଣ୍ଟଧାରୀଙ୍କ ଖାତାରେ ଆଇଏମପିଏସ୍ ଟ୍ରାଞ୍ଜାକସନ କରାଯାଇଥିଲା । ସେସବୁ ଆକାଉଣ୍ଟରୁ ଟଙ୍କା କଟି ନଥିଲେ ମଧ୍ୟ ୟୁକୋ ବ୍ୟାଙ୍କ ଆକାଉଣ୍ଟଧାରୀଙ୍କ ଖାତାରେ ଟଙ୍କା ଜମା ହୋଇଥିଲା । ଟଙ୍କା ଭୁଲବଶତଃ ପାଇଥିଲେ ମଧ୍ୟ ଆକାଉଣ୍ଟଧାରୀମାନେ ଏହାକୁ ବ୍ୟାଙ୍କକୁ ଫେରାଇ ନଥିଲେ । ବରଂ ନିଜ ଆକାଉଣ୍ଟକୁ ଅଜଣା ସୂତ୍ରରୁ ଆସିଥିବା ଟଙ୍କାକୁ ଉଠାଇ ନେଇଥିଲେ । ସେଭଳି ଲୋକଙ୍କ ଠିକଣାରେ ସିବିଆଇ ରେଡ କରିଛି । ଏହାପୂର୍ବରୁ ୨୦୨୩ ମସିହା ଡିସେମ୍ବର ମାସରେ ସମାନ ଘଟଣାରେ ସିବିଆଇ କୋଲକାତା ଓ ମାଙ୍ଗାଲୋରର ୧୩ଟି ଠିକଣାରେ ରେଡ କରିଥିଲେ । କିଛି ସାଧାରଣ ଲୋକ ଓ ୟୁକୋ ବ୍ୟାଙ୍କ କର୍ମଚାରୀଙ୍କ ଘରେ ରେଡ ହୋଇଥିଲା ।

## ତଥ୍ୟ ଚୋରି କରି ବନ୍ଧା ହେଲେ ଚୀନ ଇଞ୍ଜିନିୟର

**କାର୍ଲିଫର୍ଣ୍ଣିଆ:** ଆମେରିକା ପୁଲିସ ଚୀନର ଜଣେ ସଫ୍ଟୱେର ଇଞ୍ଜିନିୟରଙ୍କୁ ଗିରଫ କରିଛି । ତାଙ୍କ ବିରୋଧରେ ଗୁଗୁଲ୍ ଏଆଇ ଟେକ୍ନୋଲୋଜି ଚୋରି କରୁଥିବା ଅଭିଯୋଗ ହୋଇଛି । ରିପୋର୍ଟ ଅନୁସାରେ ଆମେରିକାର ଆଟର୍ନି ଜେନେରାଲ ମେରିକ ଗାରଲ୍ୟାଣ୍ଡ କହିଛନ୍ତି ଅଭିଯୁକ୍ତ ଇଞ୍ଜିନିୟର ଚୀନର ଦୁଇଟି କମ୍ପାନୀ ପାଇଁ ଗୁପ୍ତଭାବେ କାର୍ଯ୍ୟ କରୁଥିଲେ । ଅଭିଯୁକ୍ତଙ୍କୁ ଲିନୱେ ଡିଙ୍ଗ୍ ଭାବେ ଚିହ୍ନଟ କରାଯାଇଛି । ତାଙ୍କ ବିରୋଧରେ ଟ୍ରେଡ୍ ସିକ୍ରେଟ ଚୋରି କରୁଥିବାର ୪ ଅଭିଯୋଗ ଅଣାଯାଇଛି । କାଲିଫର୍ନିଆର ନେୱାର୍କଠାରୁ ତାଙ୍କୁ ଗିରଫ କରାଯାଇଛି । ସେ ଗୁଗୁଲ୍ ନେଟୱାର୍କର କନଫିଡେନ୍ସିଆଲ ତଥ୍ୟ ନିଜ ଆକାଉଣ୍ଟକୁ ଟ୍ରାନ୍ସଫର କରୁଥିଲେ । ଆଟର୍ନି ଜେନେରାଲ କହିଛନ୍ତି ଜଷ୍ଟିସ ଡିପାର୍ଟମେଣ୍ଟ ଏଆଇ ଏବଂ ଅନ୍ୟ ଆଡଭାନ୍ସଡ ଟେକ୍ନୋଲୋଜିର ଚୋରିକୁ ସହ୍ୟ କରିବ ନାହିଁ । ଏହା ଦେଶର ସୁରକ୍ଷା ପ୍ରତି ବିପଦ ଆଣିବାର ଆଶଙ୍କା ରହିଛି । ବିକଶିତ ହୋଇଥିବା ସମ୍ବେଦନଶୀଳ ଜ୍ଞାନକୌଶଳକୁ ଆମେରିକା ସବୁବେଳେ ସୁରକ୍ଷା ଦେବାକୁ ପ୍ରୟାସ କରିବ । କାରଣ ଏସବୁର ଦୁରୋପଯୋଗ କରାଯିବାର ଆଶଙ୍କା ରହିଥାଏ । ଏହି ମାମଲାରେ ଏଫବିଆଇର ନିର୍ଦ୍ଦେଶକ କ୍ରିଷ୍ଟୋଫରରେ ଚୀନର ସମ୍ପୃକ୍ତି ଥିବା କହିଛନ୍ତି । ଚୀନର କମ୍ପାନୀ ଆମେରିକା ଇନୋଭେସନ ଚୋରି କରୁଛନ୍ତି । ଏହା ଦ୍ୱାରା ଆମେରିକାର ଆର୍ଥିକ ଏବଂ ରାଷ୍ଟ୍ରୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେବାର ଆଶଙ୍କା ରହିଛି । ସୂଚନାଯୋଗ୍ୟ,ଏହି ଅଭିଯୋଗରେ ଡିଙ୍ଗ୍ ଦୋଷୀ ସାବ୍ୟସ୍ତ ହେଲେ ତାଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ସହିତ ଅଢେଇ ଲକ୍ଷ ଡଲାର ଜରିମାନା ଦେବାକୁ ପଡ଼ିବ । ୨୦୧୯ରେ ଗୁଗୁଲ୍ ଡିଙ୍ଗଙ୍କୁ ନିଯୁକ୍ତି ପ୍ରଦାନ କରିଥିଲା । ସେ ଗୁଗୁଲ୍ର ସୁପରକମ୍ପ୍ୟୁଟିଂ ଡାଟା ସେଣ୍ଟରରେ ବ୍ୟବହାର କରାଯାଉଥିବା ସଫ୍ଟୱେର ଡେଭଲପ କରିବା କାର୍ଯ୍ୟରେ ନିଯୁକ୍ତ ଥିଲେ ।

## କଶ୍ମୀର ପ୍ରସଙ୍ଗରେ ପଛକୁ ହଟିଲା ଆମେରିକା

**ୱାଶିଂଟନ:** ଆମେରିକା କଶ୍ମୀର ପ୍ରସଙ୍ଗରେ ପଛକୁ ହଟିଛି । ଏହା ଦ୍ୱାରା ପାକିସ୍ତାନକୁ ବଡ଼ ଝଟକା ମିଳିଛି । ଆମେରିକା କଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥି ହେବାକୁ ମନା କରିଛି । ଆମେରିକା ବିଦେଶ ବିଭାଗ ପ୍ରବକ୍ତା ମ୍ୟାଥ୍ୟୁ ମିଲର କହିଛନ୍ତି ଭାରତ ପାକିସ୍ତାନ ମଧ୍ୟରେ ଏହି ପ୍ରସଙ୍ଗରେ ଆଲୋଚନାକୁ ଆମେରିକା ସ୍ୱାଗତ କରୁଛି । ଏହି ପ୍ରସଙ୍ଗରେ ଆଲୋଚନାର ଗତି କ'ଣ ହେବ ତଥା ଏହାର ଅଧାର କିଭଳି ହେବ ତାହା ଉଭୟ ଦେଶ ନିଶ୍ଚିତ କରିବେ । ଏଥିରେ ଆମେରିକା ହସ୍ତକ୍ଷେପ କରିବ ନାହିଁ । ଏହି ପ୍ରସଙ୍ଗ ଭାରତ ଏବଂ ପାକିସ୍ତାନର ବୋଲି ମିଲର କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପାକିସ୍ତାନର ନବନିର୍ବାଚିତ ପ୍ରତିପକ୍ଷ ଶାହବାଜ ସରିଫ ଦ୍ୱିତୀୟ କାର୍ଯ୍ୟକାଳ ପାଇଁ ଶପଥ ଗ୍ରହଣ ଅବସରରେ ତାଙ୍କୁ ଅଭିନନ୍ଦନ



ଜଣାଇଥିବା ନେଇ ସାମ୍ବାଦିକଙ୍କ ପକ୍ଷରୁ ପଚରା ଯାଇଥିବା ପ୍ରଶ୍ନର ଉତ୍ତର ଦେଇ ସେ ଏଭଳି କହିଛନ୍ତି । ମିଲରଙ୍କ ଏଭଳି ମନ୍ତବ୍ୟ ପାକିସ୍ତାନର ଉଦ୍ୟମକୁ ଭଣ୍ଡୁର କରିଥିବା କୁହାଯାଉଛି । ପାକିସ୍ତାନ ଲଗାତାର କଶ୍ମୀର ପ୍ରସଙ୍ଗ ନେଇ ବିଭିନ୍ନ ବୈଠକରେ ସ୍ୱର ଉତ୍ତୋଳନ କରୁଥିଲା । ଏପରିକି ଜାତିସଂଘର ସୁରକ୍ଷା ପରିଷଦ ବୈଠକରେ ମଧ୍ୟ ପାକିସ୍ତାନ ବାରମ୍ବାର କଶ୍ମୀର ପ୍ରସଙ୍ଗ ଉଠାଇଥିଲା । ଆମେରିକା ଏହି ପ୍ରସଙ୍ଗରେ ମଧ୍ୟସ୍ଥି ଭୂମିକା ଗ୍ରହଣ କରୁ ବୋଲି ପାକିସ୍ତାନ ଚାହୁଁଥିଲା । ମାତ୍ର ମିଲର ମନ୍ତବ୍ୟ ଦ୍ୱାରା ପାକିସ୍ତାନର ଆଶାରେ ବାଧା ସୃଷ୍ଟି ହୋଇଛି । ଭାରତ କଶ୍ମୀର ପ୍ରସଙ୍ଗରେ କୌଣସି ତୃତୀୟ ପକ୍ଷର ମଧ୍ୟସ୍ଥି ତଥା ଅନ୍ୟ କାହାର ହସ୍ତକ୍ଷେପକୁ ସ୍ୱୀକାର ନ କରିବାକୁ କହି ଆସୁଥିଲା ।

## ଜମ୍ମୁ-କାଶ୍ମୀରରେ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

**ଶ୍ରୀନଗର:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ବିକଶିତ ଭାରତ, ବିକଶିତ ଜମ୍ମୁ-କଶ୍ମୀର କାର୍ଯ୍ୟକ୍ରମ ଅଧୀନରେ ସେ ୬,୪୦୦ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ ବି କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ଗୋଟିଏ ସାଧାରଣ ସଭାକୁ ସମ୍ବୋଧନ କରି ଜମ୍ମୁ-କଶ୍ମୀରର ଲୋକଙ୍କୁ ପ୍ରଶଂସା କରିଛନ୍ତି । ଏଥିସହ ସେ ହୃଦୟ ଜିତିବାକୁ ଆସିଥିବା କହିଛନ୍ତି । ଆଜି ଶୁଭାରମ୍ଭ ହୋଇଥିବା ବିକାଶମୂଳକ ପ୍ରକଳ୍ପ ଜମ୍ମୁ-କଶ୍ମୀରର ବିକାଶକୁ ଆହୁରି ଆଗକୁ ନେବ । ବିକଶିତ ଭାରତ ପାଇଁ ଜମ୍ମୁ-କଶ୍ମୀରର ବିକାଶ ନିତ୍ୟାନ୍ତ ଆବଶ୍ୟକ ବୋଲି ସେ କହିଛନ୍ତି । ମୋଦି କହିଛନ୍ତି, ମୁଁ ଆପଣମାନଙ୍କ ହୃଦୟ ଜିତିବା ପାଇଁ କଠିନ ପରିଶ୍ରମ କରୁଛି । ମୋର ବିଶ୍ୱାସ ଯେ ମୁଁ ଠିକ ଦିଗରେ ଯାଉଛି । ଆପଣମାନଙ୍କ ହୃଦୟ ଜିତିବାକୁ ସକ୍ଷମ ହୋଇଛି । ଆହୁରି ଅଧିକ ମାତ୍ରାରେ ହୃଦୟ ଜିତିବାକୁ ମୋର ଉଦ୍ୟମ ଜାରି ରହିଛି । ଏଠାକୁ ମୁଁ ଆପଣମାନଙ୍କ ହୃଦୟ ଜିତିବାକୁ ଆସିଛି । ଏମିତି ଏକ ଯୁଗ ଥିଲା ଯେଉଁ ସମୟରେ ଜମ୍ମୁ-କଶ୍ମୀରର ଲୋକମାନେ ବିଭିନ୍ନ ପ୍ରକାରର ଫାଇଦାରୁ ବଞ୍ଚିତ ହେଉଥିଲେ । ଏମିତି ସମୟ ଥିଲା ଯେତେବେଳେ ଭାରତର ଅନ୍ୟ ପ୍ରାନ୍ତରେ ବିଭିନ୍ନ ଆଇନ କାର୍ଯ୍ୟକାରୀ ହେଉଥିବା ବେଳେ



ଜମ୍ମୁ-କଶ୍ମୀରରେ ଏହା ଲାଗୁ ହୋଇପାରୁନଥିଲା । ଯେତେବେଳେ ପୂରା ଦେଶରେ ବିଭିନ୍ନ ଜନକଲ୍ୟାଣ ଯୋଜନା ଲାଗୁ ହେଉଥିଲା ସେତେବେଳେ ଜମ୍ମୁ-କଶ୍ମୀରବାସୀ ଏହାକୁ ପାଇ ପାରୁ ନଥିଲେ । ଏବେ ଦେଖନ୍ତୁ ସମୟ କେମିତି ବଦଳି ଗଲା । ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଗୁଡ଼ିକୁ ସମାଲୋଚନା କରିବାକୁ ମଧ୍ୟ ଭୁଲି ନାହାନ୍ତି । ସେ କହିଛନ୍ତି, ଧାରା ୩୭୦କୁ ନେଇ କଂଗ୍ରେସ କେବଳ ଜମ୍ମୁ-କଶ୍ମୀରବାସୀଙ୍କୁ ନୁହେଁ, ପୂରା ଦେଶକୁ ବିଭ୍ରାନ୍ତ କରିଥିଲା । ଆଜି ମୁଁ ପର୍ଯ୍ୟଟନ ସହ ଜଡ଼ିତ ବିଭିନ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିବାର ସୁଯୋଗ ପାଇଛି । ଜମ୍ମୁ-କଶ୍ମୀର କେବଳ ଗୋଟିଏ ଅଞ୍ଚଳ ନୁହେଁ, ଏହା ଭାରତର କପାଳ । ବିକଶିତ ଭାରତର ସବୁଠାରୁ ମୁଖ୍ୟ ଲକ୍ଷ୍ୟ ହେଲା ବକଶିତ ଜମ୍ମୁ-କଶ୍ମୀର । ଆଜି ଏଠାରେ ଧାରା ୩୭୦ ନାହିଁଛ ତେଣୁ ଜମ୍ମୁ-କଶ୍ମୀରର ଯୁବଗୋଷ୍ଠୀଙ୍କ ଦକ୍ଷତାକୁ ଉପଯୁକ୍ତ ସମ୍ମାନ ମିଳୁଛି । ସେମାନେ ନୂଆ ସୁଯୋଗ ସବୁ ପାଉଛନ୍ତି । ଆଜି ଜମ୍ମୁ-କଶ୍ମୀର ବିକାଶର ନୂଆ ଶୃଙ୍ଗ ଛୁଇଁଛି । ଜମ୍ମୁ-କଶ୍ମୀର ମୁକ୍ତ ଭାବେ ନିଃଶ୍ୱାସ ନେଇ ପାରୁଛି । ଧାରା ୩୭୦ ଉଚ୍ଛେଦ ପରେ କଟକଣାରୁ ସ୍ୱାଧୀନତା ମିଳିଛି ।

ଦୀର୍ଘ ଦଶନ୍ଧି ଧରି ରାଜନୀତିକ ଫାଇଦା ପାଇଁ କଂଗ୍ରେସ ଓ ଏହାର ସହଯୋଗୀ ଦଳମାନେ ଧାରା ୩୭୦ ନାଁରେ ଲୋକଙ୍କୁ ବିଭ୍ରାନ୍ତ କରୁଥିଲେ । କିନ୍ତୁ ଆଜି ଏଠାରେ ସମସ୍ତଙ୍କର ସମାନ ଅଧିକାର ଓ ସମସ୍ତଙ୍କୁ ସମାନ ସୁଯୋଗ ମିଳୁଛି । ଲୋକମାନେ ସତ ଜାଣିବାକୁ ପାଇଛନ୍ତି । ସେମାନଙ୍କୁ ପୂର୍ବରୁ ବିଭ୍ରାନ୍ତ କରାଯାଉଥିଲା ।

ଏହା ନୂଆ ଜମ୍ମୁ-କଶ୍ମୀର । ଯେଉଁଥି ପାଇଁ ଆମେ ସମସ୍ତେ ଦୀର୍ଘ ଦଶନ୍ଧି ଧରି ଅପେକ୍ଷା କରିଥିଲୁ । ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀ ଏହି ନୂଆ ଜମ୍ମୁ-କଶ୍ମୀର ପାଇଁ ନିଜ ଜୀବନର ବଳିଦାନ ଦେଇଥିଲେ । ମୋତେ କୁହାଯାଇଛି ଯେ ୨୮୫ ବ୍ଲକର ୧ ଲକ୍ଷ ଲୋକ ଆମ ସହ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଯୋଡ଼ି ହୋଇଛନ୍ତି । ମୁଁ ଜମ୍ମୁ-କଶ୍ମୀର ଲୋକଙ୍କୁ ଧନ୍ୟବାଦ ଦେବାକୁ ଚାହେଁ । ଏହି ନୂଆ ଜମ୍ମୁ-କଶ୍ମୀରର ଉଜ୍ଜ୍ୱଳ ଭବିଷ୍ୟତ ରହିଛି । ସବୁ ପ୍ରକାରର ଚ୍ୟାଲେଞ୍ଜ ମାତ ଦେବାକୁ ଏବେକାର ଜମ୍ମୁ-କଶ୍ମୀର ସକ୍ଷମ ।

# ଚାଷୀଙ୍କ ଉପରେ ବର୍ଷିଲେ ହାଇକୋର୍ଟ

**ନୂଆଦିଲ୍ଲୀ:** ପଞ୍ଜାବ ଓ ହରିୟାଣାରେ ଜାରି ରହିଛି ଚାଷୀ ଆନ୍ଦୋଳନ । ଏହି ଆନ୍ଦୋଳନକୁ ନେଇ ଚାଷୀଙ୍କ ଉପରେ ବର୍ଷିଛନ୍ତି ହାଇକୋର୍ଟ । ଆନ୍ଦୋଳନରେ ଛୋଟ ପିଲାଙ୍କୁ ଢ଼ାଲ ରୂପେ ବ୍ୟବହାର କରାଯାଉଥିବାକୁ ନେଇ ପଞ୍ଜାବ ଓ ହରିୟାଣା ହାଇକୋର୍ଟ କୃଷକ ନେତାଙ୍କ ଉପରେ ବର୍ଷିଛନ୍ତି । କୋର୍ଟ କଡା ଭାଷାରେ କହିଛନ୍ତି, ପିଲାଙ୍କୁ ଆନ୍ଦୋଳନରେ ଢ଼ାଲ ରୂପେ ବ୍ୟବହାର କରାଯାଉଛି । ଏହା ବେଶ ଲଜ୍ଜାଜନକ । ଆପଣ ଦିଲ୍ଲୀରେ ଯୁଦ୍ଧ କରିବାକୁ ଯାଉଛନ୍ତି କି ବୋଲି ଜଷ୍ଟିସ ସନ୍ଧୱାଲିଆ ଓ ଜଷ୍ଟିସ ଲୋପିତା ବାନାର୍ଜୀଙ୍କ ବେଞ୍ଚ ପ୍ରଶ୍ନ କରିଛନ୍ତି । କୋର୍ଟ କହିଛନ୍ତି, 'ଯେ ଆପଣଙ୍କର ନେତାମାନଙ୍କୁ ଜେଲ ପଠାଯିବା ଉଚିତ । ପିଲାଙ୍କ ନାମରେ ପ୍ରଦର୍ଶନ କରିବା ଲଜ୍ଜାଜନକ । ଆପଣ ଯାହା କରୁଛନ୍ତି ତାହା ପଞ୍ଜାବର ସଂସ୍କୃତି ନୁହେଁ । ହାତରେ ଖଣ୍ଡା ଧରି କିଏ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରେ? ନିର୍ଦ୍ଦୋଷ ଲୋକଙ୍କୁ ଆଗକୁ ଠେଲିବା ବେଶ୍ ଲଜ୍ଜାଜନକ । ଶୁଣାଣି ବେଳେ ହରିୟାଣା ସରକାରଙ୍କ ତରଫରୁ ପ୍ରତିନିଧିତ୍ୱ କରୁଥିବା ଓକିଲଙ୍କ ଦ୍ୱାରା




ବିରୋଧ ପ୍ରଦର୍ଶନ କରୁଥିବା କୃଷକଙ୍କ ଫଟୋ ଦେଖାଇବା ପରେ ହାଇକୋର୍ଟ ଏଭଳି କିଛି ବର୍ଷିଛନ୍ତି । ଚାଷୀ ଆନ୍ଦୋଳନକୁ ନେଇ ଶୁଣାଣି ବେଳେ ପଞ୍ଜାବ ଓ ହରିୟାଣା ସରକାରଙ୍କ ଉପରେ ମଧ୍ୟ ବର୍ଷିଛନ୍ତି ହାଇକୋର୍ଟ । ଏହି ପୂରା ମାମଲାରେ ଉଭୟ ରାଜ୍ୟ ନିଜ ଦାୟିତ୍ୱକୁ ଠିକ୍ ଭାବେ ତୁଲାଇବାରେ ଅସଫଳ ଅଛନ୍ତି । ଫେବୃଆରୀ ୨୧ ତାରିଖରେ ଆନ୍ଦୋଳନକାରୀଙ୍କ ଉପରେ କାହିଁକି ଗୁଳିମାଡ କରାଯାଇଥିବା ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି । ଏଥିସହ ଆନ୍ଦୋଳନ ବେଳେ ମୃତ୍ୟୁ ବରଣ କରିଥିବା ଚାଷୀ ଶୁଭକରଣ ମାମଲାର ତଦନ୍ତ ହାଇକୋର୍ଟଙ୍କ ଅବସରପ୍ରାପ୍ତ ବିଚାରପତିଙ୍କ ଦେଖାରେଖାରେ ହେବ । ଏଥିପାଇଁ ୩ ସଦସ୍ୟ ବିଶିଷ୍ଟ କମିଟି ଗଠନ କରାଯିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । କହିରଖୁ ଯେ, ବିଭିନ ଦାବି ନେଇ ଦିଲ୍ଲୀ ଚଲୋ ଡାକରା ଦେଇଛନ୍ତି କୃଷକ ସଂଗଠନ । ଏଥିପାଇଁ ଦିଲ୍ଲୀ ଅଭିମୁଖେ ଟ୍ରାକ୍ଟର ରାଲି କରୁଛନ୍ତି କୃଷକ । ପଞ୍ଜାବ ଓ ହରିୟାଣାର ବିଭିନ୍ନ ଚାଷୀ ସଙ୍ଗଠନ ଏଥିରେ ଯୋଗ ଦେଇଛନ୍ତି । ତେବେ ଫେବୃଆରୀ ୨୧ ତାରିଖରେ ଚାଷୀଙ୍କ ଆନ୍ଦୋଳନ ବେଶ ହିଂସାତ୍ମକ ହୋଇପଡିଥିଲା । ପୁଲିସ ଆନ୍ଦୋଳନ କାରୀଙ୍କ ଉପରେ ଲାଠିଚାର୍ଜ କିରବା ସହ ପାଣିମାଡ କରିଥିଲା । କେବଳ ସେତିକି ନୁହେଁ ରବର ଗୁଳିମାଡ ମଧ୍ୟ ହୋଇଥିଲା । ଏଥିରେ ଭଟିଣ୍ଡାର ୨୨ ବର୍ଷୀୟ କୃଷକ ଶୁଭକରଣ ସିଂହ ମୃତ୍ୟୁ ହୋଇଥିଲା । ୧୫ ଜଣ ପୁଲିସକର୍ମୀ ଆହତ ହୋଇଥିଲେ ।

## ବସ୍ଷ୍ଟପରେ ୮ ଛାତ୍ରଙ୍କୁ ଗୁଳି ମାଡ଼

**ୱାଶିଂଟନ:** ଆମେରିକାରେ ପୁଣି ଥରେ ବିଚ୍ ବଜାରରେ ହୋଇଛି ଆଖି ବୁଜା ଗୁଳିମାଡ଼ । ଦୁର୍ବୃତ୍ତଙ୍କ ଗୁଳି ମାଡ଼ରେ ଗୁରୁତର ହୋଇଛନ୍ତି ୮ ସ୍କୁଲ ଛାତ୍ର । ସେମାନଙ୍କ ମଧ୍ୟରୁ ଜଣଙ୍କ ଶରୀରରେ ୯ଟି ଗୁଳି ବାଜିଥିବା ଜଣାଯାଇଛି । ଏପରି ଏକ ହୃଦୟ ବିଦାରକ ଘଟଣା ଯୁକ୍ତରାଷ୍ଟ୍ର ଆମେରିକାର ଫିଲାଡେଲ୍ଫିଆରେ ଘଟିଛି । ସ୍କୁଲ ଛୁଟି ପରେ ଫିଲାଡେଲ୍ଫିଆର ଏକ ସ୍କୁଲର ପ୍ରାୟ ୮ ଜଣ ଛାତ୍ର ନିକଟସ୍ଥ ବସ୍ଷ୍ଟପରେ ଛିଡ଼ା ହୋଇଥିଲେ । ଘରକୁ ଫେରିବାକୁ ସେମାନେ ବସକୁ ଅପେକ୍ଷା କରିଥିଲେ । ସମସ୍ତଙ୍କ ବୟସ ୧୫ରୁ ୧୭ ଛଉକ୍ତ ସମୟରେ ହଠାତ ଏକ ଗାଡ଼ି ସେଠାରେ ଅଟକିଲା । ତାହା ମଧ୍ୟରେ କିଛି ଦୁର୍ବୃତ୍ତ ବାହାରି ସମ୍ପୃକ୍ତ ଛାତ୍ରଙ୍କ ଉପରକୁ ଆଖିବୁଜା ଗୁଳିମାଡ଼ କଲେଜ ଏହି ଫାୟାରିଂରେ ୮ ଛାତ୍ର ଆହତ ହୋଇଛନ୍ତି । ଦୁର୍ବୃତ୍ତମାନେ ୩୦ ରାଉଣ୍ଡ ଗୁଳି ଚଳାଇଥିବା ଜଣାପଡ଼ିଛି । ସେଥିମଧ୍ୟରେ ଜଣଙ୍କ ଶରୀରରେ ୯ଟି ଗୁଳି ବାଜିଛି । ତୁରନ୍ତ ସମସ୍ତ ଛାତ୍ରଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସେଠାରେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା



ସ୍ଥିର ଥିବା ବେଳେ ୯ଟି ଗୁଳି ବାଜିଥିବା ଛାତ୍ରଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ଉକ୍ତ ସମୟରେ ସେଠାରେ ଉପସ୍ଥିତ ଥିବା ଦୁଇଟି ବସରେ ବି ଗୁଳି ବାଜିଥିବା ଜଣାଯାଇଛି । ତେବେ ବସରେ ଥିବା ଯାତ୍ରୀ ତଥା ଡ୍ରାଇଭର ଓ କର୍ମଚାରୀ ଏଥିରୁ ବର୍ତ୍ତି ଯାଇଥିବା ଜଣାଯାଇଛି । ଯୁକ୍ତରାଷ୍ଟ୍ର ଆମେରିକାରେ ମାସ୍ ଫାୟାରିଂ ଘଟଣା ସବୁଠୁ ଅଧିକ ଚିନ୍ତାଜନକ ହୋଇଥିବା ବେଳେ ଏହାକୁ ରୋକିବା କାଠିକର ପାଠ ହୋଇପଡୁଛି । ଏଥିନିମନ୍ତେ ଅକାଳରେ ବହୁ ନିରିହ ଜୀବନ ଚାଲି ଯାଉଛି ।

# କଳିଙ୍ଗ କ୍ରିକେଟ କପ୍: ଫାଇନାଲରେ ମଞ୍ଚେଶ୍ୱର



ଖୋର୍ଦ୍ଧା,୭।୩(ସବୁ୍ୟ): ଖୋର୍ଦ୍ଧା ଉପକଣ୍ଠ ପାନବରଜ ଖେଳ ପଡିଆଠାରେ ଆଜି କଳିଙ୍ଗ କ୍ରିକେଟ କପ୍ ୨୦୨୪ ର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ପ୍ରଥମେ ଟସ୍ ଜିତି କଳିଙ୍ଗ ଟାଇଗର ଖୋର୍ଦ୍ଧା ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ରେ ୧୦ଟି ୱିକେଟ ହରାଇ ୮୦ ରନ କରିଥିଲେ । ଦଳ ତରଫରୁ ସ୍ୱାଧୀନ ପାଇକରାୟ ୨୬ରନ ଓ ଏମ ଡି ତବ୍ରେଜ ୨୪ ସଂଗ୍ରହ କରିଥିଲେ । ମଞ୍ଚେଶ୍ୱର୍ ଦଳର ଶ୍ରେୟନ୍ସ ସାହୁ ୩ ଟି, ସି ଏସ କେ କାନୁନଗୋ ୨ଟି ୱିକେଟ ସଂଗ୍ରହ କରିଥିଲେ । ଜବାବରେ ମଞ୍ଚେଶ୍ୱର ଦଳ ସୂର୍ଯ୍ୟକାନ୍ତ ବଡ଼ଜେନାଙ୍କ ବିସ୍ଫୋରକ ୫୨ ରନ ସହାୟତାରେ ୯.୩ ଓଭରରେ ନିର୍ଦ୍ଧାରିତ ୮୧ ରନ ୨ ୱିକେଟ ହରାଇ ସଂଗ୍ରହ କରିବା ସହ ଏହି ମ୍ୟାଚ୍‌କୁ ୮ ୱିକେଟ ରେ ଜିତି ନେଇଥିଲା । ମଞ୍ଚେଶ୍ୱର୍ ଦଳର ସୂର୍ଯ୍ୟକାନ୍ତ ବଡ଼ଜେନା ଆଜିର ଶ୍ରେଷ୍ଠ ଖେଳାଳି ଭାବେ ରାଜ୍ୟ ଯୁବ ବିଜେଡ଼ି ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡଙ୍ଗାଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ । ଏହି ମ୍ୟାଚ୍‌କୁ ସୌମ୍ୟରଞ୍ଜନ ସାମନ୍ତ ସିଂହାର ଓ ପ୍ରକାଶ କୁମାର ପଟ୍ଟନାୟକ ପରିଚାଳନା କରିଥିବାବେଳେ ଅଭିନାଶ ପ୍ରସାଦ ବେହେରା, ସଜୀବ ପାଇକରାୟ, ସୁନିଲ କୁମାର ରାଉତରାୟ, ଶ୍ରୀକାନ୍ତ କୁମାର ସାହୁ, ପ୍ରଶାନ୍ତ ବେହେରା, ରାଜେନ୍ଦ୍ର ବେହେରା, ଜୟଦୀପ ପଟ୍ଟନାୟକ ଓ ବାଲୁଙ୍କେଶ୍ୱର କ୍ରିକେଟ କ୍ଲବ୍ ପାନବରଜର ସମସ୍ତ କର୍ମକର୍ତ୍ତା ଆୟୋଜନରେ ସହାୟତା କରିଥିଲେ । ୯ ତାରିଖରେ କୁମାରବସ୍ତ ବନାମ ଅଟ୍ରି ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ହେବ ବୋଲି ସଭାପତି ସୁନିଲ କୁମାର ରାଉତରାୟ ଜଣାଇଛନ୍ତି ।

## ଧର୍ମଶାଳା ଟେଷ୍ଟ

# ୨୧୮ ରନ୍‌ରେ ଇଂଲଣ୍ଡ ଅଲ୍‌ଆଉଟ୍

ଧର୍ମଶାଳା,୭।୩(ସବୁ୍ୟ): ଧର୍ମଶାଳାରେ ଗୁରୁବାର ଆରମ୍ଭ ହୋଇଥିବା ୪ର୍ଥ ଟେଷ୍ଟର ପ୍ରଥମ ଦିନରେ ହିଁ ଭାରତ ନିଜର ଦବଦବା ଜାହିର କରିଛି । ପ୍ରଥମେ ଇଂଲଣ୍ଡକୁ ମାତ୍ର ୨୧୮ ରନରେ ଅଲଆଉଟ କରିବା ପରେ ଏବେ ଭାରତର ଦୁଇ ଓପନର ଅର୍ଦ୍ଧଶତକ ହାସଲ କରି ଦଳକୁ ଏକ ଭଲ ଆରମ୍ଭ ଦେଇଛନ୍ତି । ଯଶସ୍ୱୀ ଜୟସ୍ୱାଲ ୫୭ ରନ କରି ଆଉଟ ହୋଇଥିବାବେଳେ ରୋହିତ ଶର୍ମା ୫୨ ରନ କରି ଖେଳୁଛନ୍ତି । ପ୍ରଥମ ଦିନ ଷ୍ଟମ୍ପ ଅପସାରଣ ବେଳକୁ ଭାରତ ୧ ୱିକେଟ ହରାଇ ୧୩୫ ରନ କରିଛି ଓ ଇଂଲଣ୍ଡଠାରୁ ୮୩ ରନରେ ପଛୁଆ ରହିଛି । ଏହା ପୂର୍ବରୁ ଇଂଲଣ୍ଡ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଦଳର ଦୁଇ ଓପନର ଜାକ୍ କ୍ରାଉଲି ଓ ବେନ ଡକେଟ୍ ଦଳକୁ ଭଲ ଆରମ୍ଭ ଦେଇଥିଲେ । କ୍ରାଉଲି ୭୯ ରନ କରିଥିବାବେଳେ ଡକେଟ୍ ୨୭ ରନ କରିଥିଲେ । ସେହିପରି ଜୋ ରୁଟ୍ ୨୬ ଓ ଜନି ବେୟାରଷ୍ଟୋ ୨୯ ରନ କରିଥିଲେ । ତେବେ ଇଂଲଣ୍ଡର ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ବଡ଼ ସ୍କୋର କରିବାକୁ ବିଫଳ ହୋଇଥିଲେ । ଭାରତୀୟ ସ୍ପିନ ଆକ୍ରମଣ ଆଗରେ ଇଂରେଜ ବ୍ୟାଟ୍ସମ୍ୟାନମାନେ ବେଶୀସମୟ ତିଷ୍ଠି ପାରିନଥିଲେ । ଦଳ ମାତ୍ର ୨୧୮ ରନ କରି ଅଲଆଉଟ ହୋଇଯାଇଥିଲା ।



ଭାରତ ପକ୍ଷରୁ କୁଳଦୀପ ଯାଦବ ୫ ୱିକେଟ ନେଇଥିବାବେଳେ ରବିଚନ୍ଦ୍ରନ ଅଶ୍ୱୀନ ୪ଟି ୱିକେଟ ନେଇଥିଲେ ।

ଏହାପରେ ଭ୍ରମଣକାରୀ ଦଳକୁ କୁଲଦୀପ ଯାଦବ ଓ ଅଶ୍ୱିନ ଘାଣ୍ଟିଥିଲେ । ଜ୍ୟାକ କ୍ରାଉଲୀ(୭୯)ଙ୍କୁ ଛାଡ଼ି ଭାରତୀୟ ସ୍ପିନ ଆଟାକକୁ କୌଣସି ଇଲିଂଶ ବ୍ୟାଟର ସମ୍ଭାଳି ପାରି ନଥିଲେ । କୁଲଦୀପ ୫, ଅଶ୍ୱିନ ୪ ଓ ରବୀନ୍ଦ୍ର ଜାଡେଜା ଗୋଟିଏ ୱିକେଟ ନେଇ ଇଂଲଣ୍ଡର ପ୍ରଥମ ଇନିଂସକୁ ୨୧୮ ରନରେ ଶେଷ କରି ଦେଇଥିଲେ । ଚା' ପାନ ବିରତି ପରେ ପରେ ଇଂଲଣ୍ଡ ଅଲଆଉଟ ହୋଇଯାଇଥିଲା । ଫଳରେ ଭାରତ ମଧ୍ୟାହ୍ନ ୩ଟାରୁ ତା'ର ପ୍ରଥମ ଇନିଂସ ଆରମ୍ଭ କରିଥିଲା । ଭାରତର ଦୁଇ ଓପନର ଯଶସ୍ୱୀ ଓ ରୋହିତ ଶର୍ମା ଆରମ୍ଭରୁ ଦମଦାର ବ୍ୟାଟିଂ କରିଥିଲେ । ଉଭୟ ଇଂଲଣ୍ଡ ବୋଲରଙ୍କୁ କୌଣସି ବିପର୍ଯ୍ୟୟ ଘଟାଇବାକୁ ଦେଇ ନଥିଲେ । ବିଶେଷ କରି ରୋହିତ ଶର୍ମା ଆଟାକିଂ କ୍ରିକେଟ ଖେଳିଥିଲେ । ଯଶସ୍ୱୀ ସେଟ ହେବା ପରେ ଇଂଲଣ୍ଡର ଦୁଇ ସ୍ପିନର ଟମ ହାର୍ଟଲୀ ଓ ଶୋଏବ ବଶିରଙ୍କୁ ବଡ଼ବଡ଼ ଶଟ ମାରିଥିଲେ । ଏଥିସହ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଆଉ ଏକ ଅର୍ଦ୍ଧଶତକ ହାସଲ କରିଥିଲେ । ଅର୍ଦ୍ଧଶତକ ହାସଲ କରିବା ପରେ ସେ ଆହୁରି ଗୋଟିଏ ଚୌକା ମାରିଥିଲେ । ଚୌକା ମାରି ସେ ୫୦ ରନ ମଧ୍ୟ ପୂରଣ କରିଥିଲେ ।

କିନ୍ତୁ ବଡ଼ ଶଟ ଖେଳିବା ଲୋଭରେ ସେ ବଶିରଙ୍କ ବଲରେ ଷ୍ଟମ୍ପିଂ ହୋଇ ଯାଇଥିଲେ । ୫୮ ବଲରେ ୫୭ ରନ କରିଥିବା ଯଶସ୍ୱୀ ୫ଟି ଚୌକା ଓ ୩ଟି ଛକା ମାରିଛନ୍ତି । ଆଉଟ ହେବା ପୂର୍ବରୁ ସେ ରୋହିତଙ୍କ ସହ ମିଶି ପ୍ରଥମ ୱିକେଟ ପାଇଁ ୧୦୪ ରନର ଭାଗିଦାରୀ କରିଥିଲେ । ଯଶସ୍ୱୀଙ୍କ ପରେ ବ୍ୟାଟିଂ କରିବାକୁ ଆସିଥିବା ଶୁବମନ ଗିଲ ମଧ୍ୟ କିଛି ବଡ଼ ଶଟ ମାରିଥିଲେ । ରୋହିତ ତାଙ୍କୁ ସାଥ ଦେବା ସହ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ । ଉଭୟ ଇଂଲଣ୍ଡ ବୋଲରଙ୍କୁ କାଉଣ୍ଟର କରିବା ସହ ଷ୍ଟମ୍ପ ଅପସାରଣ ଯାଏ ଆଉ କୌଣସି ବିପର୍ଯ୍ୟୟ ଘଟାଇବାକୁ ଦେଇ ନାହାନ୍ତି । ରୋହିତ ୬ଟି ଚୌକା ଓ ୨ଟି ଛକା ବଳରେ ୫୨ ଓ ଗିଲ ୨ଟି ଛକା ଓ ସମାନ ସଂଖ୍ୟକ ଚୌକା ବଳରେ ୨୬ ରନ କରି ଅପରାଜିତ ରହିଛନ୍ତି ।

# ରାଜ୍ୟସ୍ତରୀୟ ଡିଫାକପ ଫୁଟବଲ: କଟକ ସେମିରେ



ଧର୍ମଶାଳା,୭।୩ (ସବୁ୍ୟ): ଧର୍ମଶାଳା ଫୁଟବଲ ଆସୋସିଏସନ ଓ ରଞ୍ଜିତ ସ୍ୱାଇଁ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଚାଲିଥିବା ୨୬ତମ ରାଜ୍ୟସ୍ତରୀୟ ଡିଫା କପ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଗୁରୁବାର ଯାଜପୁରକୁ ୨/୦ ଗୋଲରେ ପରାସ୍ତ କରି କଟକ ସେମିଫାଇନାଲରେ ପ୍ରବେଶ କରିଛି । ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ ମ୍ୟାଚର ପ୍ରଥମାର୍ଦ୍ଧ ଓ ଦୀତିୟାର୍ଦ୍ଧରେ ଫ୍ରେଣ୍ଡସ କ୍ଲବ କଟକର ବାପୁନୀ ବିନ୍ଧାଣି ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ । ଯାଜପୁର ମା ମଙ୍ଗଳା କ୍ଲବର ନାଗା ମାଝିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ବିଜୟୀ ଫ୍ରେଣ୍ଡସ କ୍ଲବର ବାପୁନୀ ବିନ୍ଧାଣୀଙ୍କୁ ବେଷ୍ଟ ସ୍କୋରର ଭାବେ ପୁରସ୍କୃତ କରାଯାଇଥିଲା । ମ୍ୟାଚରେ ପ୍ରଧାନ ଶିକ୍ଷକ ରଶ୍ମୀରଞ୍ଜନ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଶିକ୍ଷକ ସୁଶାନ୍ତ କୁମାର ସାହୁ ଅତିଥି ଭାବେ ଯୋଗଦେଇଥିଲେ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଆଜିର ଖେଳକୁ ସେକ ସଲିମ ଅହମ୍ମଦ ପରିଚାଳନା କରିଥିବା ବେଳେ ପ୍ରଶାନ୍ତ ସେଠୀ ଓ ଦେବେନ୍ଦ୍ର ଜେନା ଲାଇନରେ ସହାୟତା କରିଥିଲେ। ଶୁକ୍ରବାର ୟୁନାଇଟେଡ କ୍ଲବ ଭଦ୍ରକ ଓ ଫେଜ ଏଫସି କଳିଙ୍ଗନଗର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ ଡିଫାର ସାଧାରଣ ସମ୍ପାଦକ ପ୍ରବୋଧ କୁମାର ପାତ୍ର ସୂଚନା ଦେଇଛନ୍ତି ।

# କୋହଲିଙ୍କୁ ପଛରେ ପକାଇ ଦେଲେ ଯଶସ୍ୱୀ

ଧର୍ମଶାଳା,୭।୩(ଏଜେନ୍ସି): ଟିମ ଇଣ୍ଡିଆର ଯୁବ ଓପନର ଯଶସ୍ୱୀ ଜୈସୱାଲ ପୁଣି ଏକ ସଫଳତା ହାସଲ କରିଛନ୍ତି । ସେ ଭାରତର ରନ ମେସିନ ବିରାଟ କୋହଲି ଓ ଅନ୍ୟ ଷ୍ଟାର ବ୍ୟାଟରମାନଙ୍କୁ ପଛରେ ପକାଇ ଦେଇଛନ୍ତି । ବର୍ତ୍ତମାନ ସେ ଇଂଲଣ୍ଡ ବିପକ୍ଷ କୌଣସି ଗୋଟିଏ ଟେଷ୍ଟ ସିରିଜରେ ସର୍ବାଧିକ ରନ ହାସଲକାରୀ କ୍ରିକେଟର ବନି ଯାଇଛନ୍ତି । ଧର୍ମଶାଳାରେ ଖେଳା ଯାଉଥିବା ଇଂଲଣ୍ଡ ବିପକ୍ଷ ୫ମ ଟେଷ୍ଟର ପ୍ରଥମ ଇନିଂସରେ ଯଶସ୍ୱୀଙ୍କୁ ଏପରି ସଫଳତା ମିଳିଛି । ପ୍ରଥମ ଦିନର ଶେଷ ସେସନ୍ସରେ ଯଶସ୍ୱୀ ଦମଦାର ଢଙ୍ଗରେ ବିରାଟ କୋହଲିଙ୍କ ରେକର୍ଡକୁ ଭାଙ୍ଗି ଦେଇଛନ୍ତି । ବିରାଟ ୨୦୧୬ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ୬୫୫ ରନ କରିଥିଲେ । କିନ୍ତୁ ଯଶସ୍ୱୀ ଆଜି ୫୭ ରନ କରି ଆଉଟ ହେବା ପୂର୍ବରୁ ବିରାଟଙ୍କ ଏହି ରେକର୍ଡକୁ ଭାଙ୍ଗି ଦେଇଛନ୍ତି । ଏଥିସହ ସେ ଗୋଟିଏ ସିରିଜରେ ୭୦୦ରୁ ଅଧିକ ରନ କରିବାର ମାଇଲ ଖୁଣ୍ଟକୁ ମଧ୍ୟ ଅତିକ୍ରମ କରିଛନ୍ତି । ଇଂଲଣ୍ଡ ବିପକ୍ଷ ପ୍ରଥମ ୪ଟି ଟେଷ୍ଟରେ ଯଶସ୍ୱୀ ୯୩.୫୭ ହାରରେ ୬୫୫ ରନ କରିଥିଲେ । ଏଥିରେ ୨ଟି ଅର୍ଦ୍ଧଶତକ ଓ ୨ଟି ଡବଲ ଟନ ରହିଥିଲା ।

# ପୂର୍ବାଞ୍ଚଳ ଦିବ୍ୟାଙ୍ଗ କ୍ରିକେଟ ଦଳରେ ରମ୍ଭା ଅଞ୍ଚଳର ପ୍ରଫୁଲ୍ଲ ତରେଇ



ରମ୍ଭା,୭।୩(ସବୁ୍ୟ): ଚଳିତ ମାସ ପୂର୍ ଘୋଷିତ ପ୍ରକାରେ ରାଞ୍ଚି ଠାରେ ପୂର୍ବାଞ୍ଚଳ ଦିବ୍ୟାଙ୍ଗ କ୍ରିକେଟ ପ୍ରତିଯୋଗିତା ଚଳିତ ମାସ ୬ରିଖ ଠାରୁ ୮ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏଥିରେ ୬ଟି ରାଜ୍ୟ ଓଡିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର, ଆସାମ ଓ ତ୍ରିପୁରା ରାଜ୍ୟ ଦଳ ଅଂଶ ଗ୍ରହଣ କରିବା ପାଇଁ ସ୍ଥିରୀକୃତ ହୋଇଛି । ପୂର୍ବାଞ୍ଚଳ ଦିବ୍ୟାଙ୍ଗ କ୍ରିକେଟ ଦଳ ରେ ରମ୍ଭା ଅଞ୍ଚଳର ପ୍ରଫୁଲ ତରେଇ ସାମିଲ ହୋଇଛନ୍ତି । ଓଡ଼ିଶା କ୍ରିକେଟ ଆସୋସିଏସନ ଫର ଫିଜିକାଲି ଚ୍ୟାଲେଞ୍ଜର ସମ୍ପାଦକ ବେଲା ଜୈସଶୱାଲ ପାରାମାଉଣ୍ଟ କ୍ଲବର ସମ୍ପାଦକ ପ୍ରତାପ ଜେନା, କୋଷାଧକ୍ଷ ଚିତରଞ୍ଜନ ମିଶ୍ର, ରୋଟାରି କ୍ଲବର ସଭାପତି ସୁବ୍ରତ କୁମାର ଦାସ ଏବଂ ସଂଗଠନର ଅନ୍ୟାନ୍ୟ ସଦସ୍ୟ ମାନେ ଉପସ୍ଥିତ ରହି ଆଗନ୍ତୁକ ଖେଳାଳି ଦଳକୁ ଉତ୍ସାହିତ କରିଥିଲେ । ଓଡିଶା ଦଳ ରାଖାଲ କୁମାର ସେଠୀ (ଅଧିନାୟକ), ଭାରତ ଚେତନ ପଣ୍ଡା (ଉପ-ଅଧିନାୟକ), ବଳରାମ ବସ୍ତିଆ, ଉଦିତ ହରପାଲ, ପ୍ରଫୁଲ ତରେଇ, ଜଗଜିତ ମହାନ୍ତି, ଲଳିତ ସେନାପତି, ସୋମନାଥ ଦାସ, ମହମଦ ସୋହେଲ ଖାନ, ଧୀରେନ ମେହେର, ବିକାଶ ହାତୀ, ମୁନା ମହାପାତ୍ର, ବାଦଲ ବାରିକ, ରାଜେଶ ପ୍ରଧାନ, କୋଚ ମହମଦ ଅରିଫ ହୁସେନଙ୍କୁ ବିଦାୟ ଶୁଭେଚ୍ଛା ଜଣାଇଥିଲେ ।

SALE SALE SALE
Flex Printing Machine (10 feet)
As on Where Basis.
Company Name:
"MONOTECH"
Systems PVT.LTD.
For Contact : 8917518606

## ବାଂଲାଦେଶ ବିପକ୍ଷ ଟି-୨୦ ସିରିଜ୍

# ଅମ୍ପାୟରଙ୍କୁ ଘେରିଲେ ଶ୍ରୀଲଙ୍କା ଟିମ୍

ସେଲହେଟ,୭।୩(ଏଜେନ୍ସି): ବାଂଲାଦେଶ ଏବଂ ଶ୍ରୀଲଙ୍କା ଟିମ୍ ମଧ୍ୟରେ ବିଶ୍ୱକପ ୨୦୨୩ରେ ବିବାଦ ଦେଖିବାକୁ ମିଳିଥିଲା । ଏବେ ପୁଣି ସମାନ ଘଟଣା ଘଟିଛି । ବିବାଦକୁ ନେଇ ଶ୍ରୀଲଙ୍କା ଟିମ୍ ଫିଲ୍ଡ ଅମ୍ପାୟରଙ୍କ ଆଡ଼କୁ ମାଡ଼ି ଆସିଥିଲେ । ଏହାର ଭିଡ଼ିଓ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି । ଶ୍ରୀଲଙ୍କା ଏବଂ ବାଂଲାଦେଶ ମଧ୍ୟରେ ଟି-୨୦ ସିରିଜ ଖେଳାଯାଉଛି । ସିରିଜର ଦ୍ୱିତୀୟ ମ୍ୟାଚ୍ ବୁଧବାର ଖେଳାଯାଇଥିଲା । ବାଂଲାଦେଶ ବ୍ୟାଟିଂ କରୁଥିଲା । ଦଳର ବ୍ୟାଟ୍ସମ୍ୟାନ ସେମ୍ୟା ସରକାର କ୍ରିଜ୍ ରେ ଥିଲେ । ବୋଲିଂ କରୁଥିବା ଶ୍ରୀଲଙ୍କାର ବୋଲର ବେନୁରା ଫର୍ନାଡୋ ଆଉଟ୍ ଅପିଲ କରିଥିଲେ । ଏହା ପରେ ଫିଲ୍ଡ ଅମ୍ପାୟର ସେମ୍ୟାଙ୍କୁ ଆଉଟ କରିଥିଲେ । ସାମି ଏହାର ରିଭ୍ୟୁ ଅନୁରୋଧ କରିଥିଲେ । ଟିଭି ଅମ୍ପାୟର ମସୁଦୁର ରହେମାନ ଫିଲ୍ଡ ଅମ୍ପାୟରଙ୍କ ଆଉଟ ନିଷ୍ପତ୍ତିକୁ ଭୁଲ






ସାବ୍ୟସ୍ତ କରିଥିଲେ । ଫଳରେ ସାମି ନଟ୍ ଆଉଟ ହୋଇଥିଲେ । ଏହା ପରେ ଶ୍ରୀଲଙ୍କା ଟିମ୍ ଥାର୍ଡ ଅମ୍ପାୟରଙ୍କ ଏହି ନିଷ୍ପତ୍ତିକୁ ନେଇ ବିବାଦ ଆରମ୍ଭ କରିଥିଲା । ଥାର୍ଡ ଅମ୍ପାୟରଙ୍କ ନିଷ୍ପତ୍ତି ନେଇ ଟିମ୍ ଶ୍ରୀଲଙ୍କା ଅସନ୍ତୋଷ ପ୍ରକାଶ କରିଥିଲା । ଶ୍ରୀଲଙ୍କା ଅଧିନାୟକ ଚରିଥ ଅସରଙ୍କ ଏବଂ ମୁଖ୍ୟ କୋଚ୍ କ୍ରିସ୍ ସିଲଭରଉଡ୍ ଏହାକୁ ନେଇ କ୍ରୋଧ ପ୍ରକାଶ କରିଥିଲେ । ଶ୍ରୀଲଙ୍କା ଟିମ୍ ସହାୟକ କୋଚ୍ ନବୀଦ ନୱାଜ ମଧ୍ୟ ଟିଭି ଅମ୍ପାୟରଙ୍କ ନିଷ୍ପତ୍ତି ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଦେଖାଯାଇଥିବା ଫୁଟେଜ ପର୍ଯ୍ୟାପ୍ତ ନୁହେଁ ବୋଲି ସେ କହିଥିଲେ । ଶ୍ରୀଲଙ୍କା ୫ ୱିକେଟରେ ୧୬୫ ରନ କରିଥିଲା । ବାଂଲାଦେଶ ପାଇଁ ବିଜୟ ଲକ୍ଷ୍ୟ ୧୬୬ ଥିଲା । ବାଂଲାଦେଶ ୨ ୱିକେଟ ହରାଇ ୧୭୦ ରନ କରି ମ୍ୟାଚକୁ ୮ ୱିକେଟରେ ଜିତିଥିଲା । ଫଳରେ ୩ ଟିକିଆ ଟି-୨୦ ସିରିଜରେ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତିଥିବାବେଳେ ଏବେ ତୃତୀୟ ମ୍ୟାଚ୍ ଉପରେ ଦୁଇ ଦଳର ନଜର ରହିଛି ।






# ଫୁଟବଲ୍ ପଡ଼ିଆରେ ରିତୁଙ୍କ ଲମ୍ବା ଲମ୍ଫ

ଭୁବନେଶ୍ୱର,୭।୩(ସବୁ୍ୟ): ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଓଡ଼ିଆ ମହିଳା ଫୁଟବଲ୍ ଖେଳାଳିଙ୍କର ବେଶ୍ ସୁନାମ ରହିଛି । ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ସସ୍ମିତା ମଲ୍ଲିକ, ପିଙ୍କି ବୋମ୍ପଲ ମଗର, ଜବାମଣି ଟୁଡୁ, ମନୀଷା ପନ୍ନାଙ୍କ ଭଳି ଖେଳାଳି କେବଳ ଓଡ଼ିଶା ଫୁଟବଲକୁ ସମୃଦ୍ଧ କରି ନାହାନ୍ତି, ବରଂ ନିଜ ପ୍ରଦର୍ଶନ ବଳରେ ସମଗ୍ର ଭାରତ ବର୍ଷକୁ ଗର୍ବିତ କରିଛନ୍ତି । ଅନ୍ତର୍ଜାତୀୟସ୍ତରରେ ଏକାଧିକ ପ୍ରତିଯୋଗିତା ଜିତିବା ସହ ଜାତୀୟସ୍ତରରେ ଓଡ଼ିଶାକୁ ମହିଳା ଫୁଟବଲ ଅନ୍ୟତମ ମହାଶକ୍ତି ଭାବେ ଗି ତୋଳିବାରେ ବଳିଷ୍ଠ ଯୋଗଦାନ ଦେଇଛନ୍ତି । ଏବେ ଏହି ଧାରାରେ ସାମିଲ ହୋଇଛନ୍ତି ସୁନ୍ଦରଗଡ଼ ଜିଲ୍ଲା କୁଆରମୁଣ୍ଡାର କୁନି ଫୁଟବଲ୍ ତାରକା ରିତୁ ବଡ଼ାଇକ । ସପ୍ତମ ଶ୍ରେଣୀରେ ପୃଥିବା ରିତୁ ଏବେ କୁଆରମୁଣ୍ଡାରୁ ବାହାରି କାଠମାଣ୍ଡୁରେ ନିଜ ଯାଦୁ ଦେଖାଉଛନ୍ତି ।

ରିତୁ ଭାରତୀୟ ୧୬ ବର୍ଷରୁ କମ୍ ଦଳରେ ସ୍ଥାନ ପାଇ ସଂପ୍ରତି ନେପାଳର କାଠମାଣ୍ଡୁଠାରେ ସାଫ୍ ଚାମ୍ପିଅନସିପ୍ ଖେଳୁଛନ୍ତି । ଆଗକୁ ଭାରତୀୟ ବରିଷ୍ଠ ମହିଳା ଦଳରେ ସାମିଲ ହେବାର ସ୍ୱପ୍ନ ଦେଖୁଛନ୍ତି । ଜାତୀୟ ଓ ଅନ୍ତର୍ଜାତୀୟ ଫୁଟବଲର ନିଜ ବାସ୍ନାକୁ ବିଛୁରିତ କରିବାକୁ କଠିନ ପରିଶ୍ରମ ବି କରୁଛନ୍ତି । ରକ୍ଷଣଭାଗରେ ଖେଳି ଓଡ଼ିଶାର ପରବର୍ତ୍ତୀ ଫୁଟବଲ୍ ସୁପରଷ୍ଟାର ହେବାର ପ୍ରତିଶ୍ରୁତି ରଖୁଥିବା ୧୩ ବର୍ଷୀୟା ରିତୁ ନିଷ୍ଠାର ସହ ଲକ୍ଷ୍ୟ ପଥରେ ଅଗ୍ରସର ହେଲେ ନିଶ୍ଚିତ ଭାବେ ଏହି ସ୍ୱପ୍ନ ପୂରଣ କରିପାରିବେ ବୋଲି ରିତୁ ପ୍ରଶିକ୍ଷଣ ନେଉଥିବା ନୀତା ଫୁଟବଲ୍ ଏକାଡେମୀର ମୁଖ୍ୟ ପରାମର୍ଶଦାତା ମହମ୍ମଦ ସାହିଦ ଜବାର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ରିତୁଙ୍କ ପିଲାଦିନର ପ୍ରଶିକ୍ଷକ ସିଥୋ ମହାକୁଡ଼ ତାଙ୍କ ଭବିଷ୍ୟତକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି । ରିତୁଙ୍କ ଆଦ୍ୟଗୁରୁ ହେଉଛନ୍ତି ବାପା ବିଜୟ ବଡ଼ାଇକ । ସୁନ୍ଦରଗଡ଼ ଜିଲ୍ଲା ବାନିଗୁନୀ ଗ୍ରାମର ମୂଳବାସିନ୍ଦା ବିଜୟଙ୍କର ପିଲାଟି ବେଳୁ ଫୁଟ୍‌ବଲ୍ ପ୍ରତି ଥିଲା ଅହେତୁକ ଦୁର୍ବଳତା । କହିବାକୁ ଗଲେ ଫୁଟବଲ୍ ପାଇଁ ପୂରା ପାଗଳ ଥିଲେ ସେ । ହେଲେ ଅଭାବୀ ପରିବାର ପାଇଁ ବାଲୁତ ବୟସରୁ ଖେଳିବା ଛାଡ଼ି କାମଧନ୍ଦା ଆରମ୍ଭ କରିବାକୁ ବାଧ ହୋଇଥିଲେ । ଏଣୁ ୨୦୧୧ ମସିହା ମେ ମାସରେ ରିତୁଙ୍କ ଜନ୍ମପରେ ତାଙ୍କୁ ଜଣେ ଫୁଟବଲର୍ ଭାବେ ଗଢ଼ି ତୋଳିବାକୁ ସଂକଳ୍ପ କରିଥିଲେ । ସ୍ୱାଭାବିକ ଭାବେ ରିତୁ ମଧ୍ୟ ଫୁଟବଲ୍ ଖେଳ ଆଡ଼କୁ ଢଳିବା ଆରମ୍ଭ କରିଥିଲେ । ଏଣୁ ତାଙ୍କୁ ବଡ଼ ପିଲାଙ୍କ ସହ ଖେଳିବାର ସୁଯୋଗ ଦେବା ଲାଗି ଗାଁଠାରୁ ୧୫ କିଲୋମିଟର ଦୂର ପଡ଼ିଆକୁ ପ୍ରତିଦିନ ନେଉଥିଲେ ଦିନ ମୁଜରିଆ ଭାବେ କାମ କରୁଥିବା ବିଜୟ ଝିଅକୁ ଅଧିକରୁ ଅଧିକ ଅଭ୍ୟାସ କରିବାର ସୁଯୋଗ ଦେବା ଲାଗି ତିନିଟି ସ୍କୁଲ୍ ମଧ୍ୟ ବଦଳାଇଥିଲେ । ରିତୁ ପରେ କୁଆରମୁଣ୍ଡାର ୟଙ୍ଗ ଆସୋସିଏସନ୍ ମହିଳା ଫୁଟବଲ୍ କ୍ଲବରେ ଯୋଗ ଦେଇ ପ୍ରଶିକ୍ଷକ ସିଥୋ ମହାକୁଳଙ୍କ ମାର୍ଗଦର୍ଶନରେ ନିଜ ପ୍ରତିଭାକୁ ଆହୁରି ଶାଣିତ କରିଥିଲେ । ପରେ ପ୍ରଶିକ୍ଷକ ଓ ବାପା ବିଜୟଙ୍କ ପ୍ରେରଣାରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନୀତା ଫୁଟବଲ୍ ଏକାଡେମି (ଖୁଣ୍ଟୁଣୀ)ରେ ଯୋଗ ଦେଇଥିଲେ । ରାଜ୍ୟ ଉପକନିଷ୍ଠ ଦଳରେ ସ୍ଥାନ ପାଇ ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଥିଲେ । ଉପକନିଷ୍ଠସ୍ତରରେ ଓଡ଼ିଶାର ପ୍ରତିନିଧିତ୍ୱ କରି ୭ଟି ଗୋଲ୍ ଦେଇଥିଲେ । ସେଥିମଧ୍ୟରେ ଚଣ୍ଡିଗଡ଼ ବିପକ୍ଷରେ ଏକାକୀ ଚାରିଟି ଗୋଲ୍ ଦେଇ ନିଜ ଅନନ୍ୟ ପ୍ରତିଭାର ପରିଚୟ ଦେଇଥିଲେ । ସେଥିପାଇଁ ଭାରତୀୟ ଦଳର ପ୍ରଶିକ୍ଷଣ ଶିବିର ଲାଗି ଡାକରା ପାଇଲେ । ଗୋଆରେ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ଚମତ୍କାର ଖେଳ ଖେଳି ଭାରତୀୟ ୨୩ଜଣିଆ ଦଳରେ ସ୍ଥାନ ପାଇଥିଲେ । ରିତୁଙ୍କ ଭବିଷ୍ୟତ ନେଇ ବେଶ୍ ଆଶାବାଦୀ ଥିବା ବିଜୟ 'ସମ୍ବାଦ'କୁ କହିଛନ୍ତି, ଝିଅର ପ୍ରତିଭା ଥିବାରୁ ତା'ର ସୁବିଧା ପାଇଁ ନିଜ ଘର ଛାଡ଼ି ଭଡ଼ା ଘରେ ରହୁଛି । ଆଶା ଅଛି ରିତୁ ବରିଷ୍ଠ ଭାରତୀୟ ଦଳରେ ସ୍ଥାନ ପାଇ ମୋ ସ୍ୱପ୍ନ ପୂରଣ କରିବ । ସେ ଆଗକୁ ବିଲେ ଆମର ସବୁ ସଂଘର୍ଷ ଓ ତ୍ୟାଗର ମୂଲ୍ୟ ରହିଲା ବୋଲି ଭାବିବି । ଏବେ ମୋର ଆଉ ଗୋଟିଏ ଛୁଆ ହେବାକୁ ଯାଉଛି । ଏଥିପାଇଁ ଚଳିବା କଷ୍ଟକର ହେଉଛି ।

ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Patitapaban Mohapatra for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665,
TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718,

# ଜିଲ୍ଲାପାଳଙ୍କୁ ଭେଟିଲେ ସରପଞ୍ଚ ସଂଘ



କଣ୍ଟାପଡା ,(ସବ୍ୟୁ) : କଟକ ଜିଲ୍ଲା କଣ୍ଟାପଡା ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ବଦଳି ପ୍ରତ୍ୟାହାର ଦାବିରେ ଗୁରବାର ଦିନ କଣ୍ଟପଡା ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ଏକ ଦାବି ପତ୍ର ଜିଲ୍ଲାପାଳଙ୍କ ସମେତ ଅନ୍ୟ ଉଚ୍ଚ ଅଧିକାରୀ ମାନଙ୍କୁ ପ୍ରଦାନକାରାଯାଇଛି। ସୂଚନା ମୁତାବକ ସହକାରୀ ନିର୍ବାହୀ ଯନ୍ତ୍ରୀ ଧନଞ୍ଜୟ ସାମଲଙ୍କର ବଦଳିଆଦେଶ ଆସିବା ପରେ ନିର୍ବାଚିତ ପ୍ରତିନିଧି ମାନଙ୍କ ମଧ୍ୟରେ ତିବ୍ରପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବ୍ଲକରେ ବହୁ କର୍ମଚାରୀ ପଦବୀ ଖାଲିପଡିଥିବା ବେଳେ ବିଡିଓଙ୍କର ମଧ ବଦଳି ହୋଇଛି। ଯାହା ଫଳରେ ଉନ୍ନୟନମୂଳକକାର୍ଯ୍ୟ ଠପ୍ ହୋଇପଡିଛି। ଏଭଳି ପରିସ୍ଥିତିରେ ସହକାରୀ ନିର୍ବାହୀଯନ୍ତ୍ରୀଙ୍କ ବଦଳି ହେଲେ କାର୍ଯ୍ୟରେ ବାଧାପ୍ରାପ୍ତ ନେଇ ସରପଞ୍ଚ ସଂଘର ସଭାପତି ସଞ୍ଜୟକୁମାର ରାଉତରାୟଙ୍କ ନେତୃତ୍ୱରେ ସରପଞ୍ଚ ତପନ କୁମାର ଦାସ, ସୁମିତ୍ରା ପାଢୀ,ନିରୁପମା ଜେନା, ସୁପ୍ରିୟା ଭୋଇ, କୁନି ଜେନା, ନିର୍ମଳ କୁମାର ସାହୁଙ୍କସମେତ ଜିଲ୍ଲାପରିଷଦ ସଭ୍ୟ କିଷ୍ଣାରାଣୀ ବେହେରା, ଯୁବ ସଂଗଠକ ସିତାକାନ୍ତପ୍ରଧାନ, ପ୍ରଶାନ୍ତ କୁମାର ମଲ୍ଲିକ ପ୍ରମୁଖ କଟକ ଜିଲ୍ଲାପାଳ ବିନିତ୍ଭରଦ୍ୱାଜ ଓ ପ୍ରକଳ୍ପ ନିର୍ଦ୍ଦେଶ କଟକଙ୍କୁ ଭେଟି ଯନ୍ତ୍ରୀ ଶ୍ରୀ ସାମଲଙ୍କ ବଦଳି ଆଦେଶପ୍ରତ୍ୟାହାର ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ନିର୍ବାଚିତ ପ୍ରତିନିଧିମାନଙ୍କୁ ବଦଳି ଅଦେଶ ସମ୍ପର୍କରେ ସକରାତ୍ମକ ନିସ୍ପତି ଗ୍ରହଣ କରାଯିବ ବୋଲିପ୍ରଶାସନିକ ଅଧିକାରୀଦ୍ୱୟ ପ୍ରତିଶୃତି ଦେଇଥିବା ସଂଘ ସଭାପତି ଶ୍ରୀରାଉତରାୟ ସୂଚନା ଦେଇଛନ୍ତି।

# ସଡକ ଦୁର୍ଘଟଣା : ବାପା ମୃତ, ଝିଅ ଗୁରୁତର

ଡେଲାଙ୍ଗ,(ସବ୍ୟୁ): ଡେଲାଙ୍ଗ ଥାନା ଅଧିନ ପଞ୍ଚୁପଲ୍ଲା ଗ୍ରାମର ବାପ ଶ୍ରୀଧର ସାହୁ(୫୮) ଓ ଝିଅ ଅଭିଲିପ୍ସା (୨୨)ଙ୍କ ଚନ୍ଦନପୁର ଠାରେ ଦୁର୍ଘଟଣା ଘଟିଯାଇଛି । ଏହି ଦୁର୍ଘଟଣାରେ ବାପା ଶ୍ରୀଧରଙ୍କ ମୃତ୍ୟୁ ଘଟିଥିବା ବେଳେ ଝିଅ ଗୁରୁତର ଅବସ୍ଥାରେ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ୍ୱାଥିବା ଜଣାପଡିଛି। ଘଟଣା ମୁତାବକ ବାପ ଓ ଝିଅ ପୁରୀରୁ ଘରକୁ ଫେରୁଥିବା ବେଳେ ପୁରୀ-ଭୂବନେଶ୍ୱର ଜାତୀୟ ରାଜପଥର ଚନ୍ଦନପୁର ଠାରେ ଟ୍ରାଫିକ୍ ଛକ ନିକଟରେ ଏକ ଯାତ୍ରୀବାହୀ ବସ ତାଙ୍କୁ ଧକ୍କା ଦେଇଥିଲା । ପରେ ସ୍ଥାନୀୟ ଲୋକେ ଦୁହିଙ୍କୁ ଚନ୍ଦନପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିବା ସହିତ ପୋଲିସ ଓ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ପରିବାର ଲୋକେ ସେଠାରେ ପହଂଚି ଦୁହିଙ୍କୁ ପୁରୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲେ। ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ଡାକ୍ତର ତାଙ୍କୁ ଭୂବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ । ସେଠାରେ ପିତାଙ୍କର ମୃତ୍ୟୁ ଘଟିଥିବା ବେଳେ ଝିଅ ଗୁରୁତର ଅବସ୍ଥାରେ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧିନ ରହିଥିବା ସୂଚନା ମିଳିଛି ।

# ବିଜୁବାବୁଙ୍କ ଜୟନ୍ତୀରେ ଟାବ୍ଲେଟ ଫୋନ୍ ବିତରଣ

ଡେଲାଙ୍ଗ, (ସବ୍ୟୁ) : ଡେଲାଙ୍ଗ ହାଟବଜାରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବିଜୁବାବୁଙ୍କ ଜନ୍ମଜୟନ୍ତୀ ତଥା ପଂଚାୟତ ରାଜ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରାକ୍ତନ ଶିଶୁ ସୁରକ୍ଷା ଆୟୋଗର ଅଧକ୍ଷା ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ୨୦ ଜଣ ଛାତ୍ରୀଙ୍କୁ ଟାବ୍ଲେଟ ଫୋନ୍ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାବେଶରେ ବରିଷ୍ଠ ଖବରଦାତା ପ୍ରସନ୍ନ ତ୍ରିପାଠୀ, ଶିକ୍ଷୟିତ୍ରୀ ସ୍ୱେତା ମିଶ୍ର, ଝରଣା ଦାଶ, ଲିନାରାଣୀ ସ୍ୱାଇଁ, ବିଜୟଲକ୍ଷ୍ମୀ ଛାଟୋଇ, ମିନା ମଙ୍ଗରାଜ, ସଂଯୁକ୍ତା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପଂଚାୟତରାଜ ଦିବସ ଓ ବିଜୁବାବୁଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ବିଜୁବାବୁଙ୍କ ଜୀବନୀ ସମ୍ପର୍କରେ ଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା ।

# ଶିବ ସନ୍ଦେଶ ରଥ ପରିକ୍ରମା କାର୍ଯ୍ୟକ୍ରମ ଉଦ୍‌ଯାପନ ଉତ୍ସବ



ନିରାକାରପୁର,(ସବ୍ୟୁ): ମହାଶିବରାତ୍ରୀ ଉପଲକ୍ଷେ ୮୮ତମ ଶିବ ଜୟନ୍ତୀ ଅବସରରେ ଶିବ ସନ୍ଦେଶ ରଥ ପରିକ୍ରମା କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବଡ଼ପୋଖରିଆ ପଞ୍ଚାୟତ ବୋଡଙ୍ଗରାପାଟଣା ପ୍ରଜପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବରଦାନୀ ଭବନ ପରିସରରେ ବି. କେ ଅଭିମନ୍ୟୁଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିବାବେଳେ ସମାଜସେବୀ ବି.କେ ସଚିନ ବଳିଆରସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠିତ ଉଦଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ ପ୍ରତିଭା ମହାରଥୀ, ମୁଖ୍ୟ ବକ୍ତା ଭାବେ ଓମ ନିବାସ ଭୁବନେଶ୍ୱରର ମୁଖ୍ୟ ସଂଚାଳକ ବି.କେ ଗୀତ ଦିଦିଜୀ ,ସମ୍ମାନୀତ ଅତିଥି ଭାବେ ରାଜ୍ୟ ବିଜୁ ଜନତା ଦଳର ବରିଷ୍ଠ ଉପସଭନେତ୍ରୀ ବାସନ୍ତୀ ମହାପାତ୍ର, ଅର୍ଜୁନ ଭାଇ, ପୂର୍ବତନ ସରପଂଚ ସାଗର ବଳିଆରସିଂହ,ଅଲେଖ ଭାଇ ଓ ସଙ୍ଗୀତା ଭଉଣୀ , ଯଜ୍ଞସୀନ ଭଉଣୀ, ପ୍ରତିମା ଭଉଣୀ ପ୍ରମୁଖ ଉପସ୍ଥିତ ରହି । ପରମେଶ୍ୱର ପରମ ଆତ୍ମା ସମସ୍ତଙ୍କର ପିତା ବୋଲି ମତବ୍ୟକ୍ତ କରିଥିଲେ। ପ୍ରକାଶ ଥାଉ କି ସୁନ୍ଦର ଶିବ ସନ୍ଦେଶ ସହ ଘରେ ଘରେ ଆଧାତ୍ମିକ ଜାଗରଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଗତ ୩ ତାରିଖରୁ ଶିବ ସନ୍ଦେଶ ରଥ ହରିପୁର ଠାରୁ ବାହାରି ଉଜଳା ଗୋପିନାଥପୁର, ଉଦୟଗିରି, ବଡପାରୀ, ଝରିଆ ଓ ଗମ୍ଭାରୀମୁଣ୍ଡା, କୁହୁଡି, ରତନପୁର ପ୍ରମୁଖ ଗ୍ରାମ ରେ ପରିକ୍ରମା କରି ଶେଷରେ ଆଜି ବଡ ଆଡ଼ମ୍ବରରେ ବଡପୋଖରିଆ ବୋଡଙ୍ଗରା ପାଟଣା ପରିକ୍ରମା ଶେଷ କରି ବରଦାନୀ ଭବନରେ ଉଦଯାପନୀ ସମାରୋହରେ ସାମିଲ ହୋଇଥିଲା। ଏହି ଅବସରରେ ବହୁ ସଂଖ୍ୟାରେ ବାବା ଙ୍କ ଭକ୍ତ ଭାଇ ଭଉଣୀ ମାନେ ଉପସ୍ଥିତ ରହି ଶିବ ବାବା ଙ୍କ ଆଶିଷ ଲାଭ କରିଥିଲେ।

# ମଙ୍ଗଳା ମହାବିଦ୍ୟାଳୟରେ ଛାତ୍ରବୃତ୍ତି ପ୍ରଦାନ ଉତ୍ସବ



କାକଟପୁର, (ସବ୍ୟୁ) : ରାଜ୍ୟରେ ଅଠର ବର୍ଷରୁ ଉର୍ଦ୍ଧ ଛାତ୍ରଛାତ୍ରୀ ମାନେ ଉଚ୍ଚଶିକ୍ଷା ପାଇଁ ଆଉ ଅର୍ଥ ବାଧକ ସାଜିବନି ବୋଲି ଚଳିତ ବର୍ଷ ଠାରୁ ପ୍ରତ୍ୟେକ (୩) ଓ ପିଜି ଛାତ୍ରଛାତ୍ରୀ ମାନଙ୍କୁ ନୂଆ ଓ ଛାତ୍ର ବୃତ୍ତି ଯୋଜନାରେ ରାଜ୍ୟ ସରକାର ବାର୍ଷିକ ଛାତ୍ର ମାନଙ୍କୁ (୯) ହଜାର ଓ ଛାତ୍ରୀ ମାନଙ୍କୁ ଦଶ ହଜାର ଟଙ୍କା ଛାତ୍ରବୃତ୍ତି ପ୍ରଦାନ କରିବେ ୯ ଏହି ଛାତ୍ରବୃତ୍ତି ସିଧାସଳଖ ଭାବରେ ଛାତ୍ରଛାତ୍ରୀ ମାନଙ୍କ ବ୍ୟାଙ୍କ ଖାତାକୁ ଯିବ ୯ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏହି ବର୍ଣ୍ଣାଢ୍ୟ ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡ଼ଃ ଅଶୋକ କୁମାର ତ୍ରିପାଠୀ ଙ୍କ ଅଧକ୍ଷତା ରେ ମୁଖ୍ୟ ଅତିଥି ଭାବେ କାକଟପୁର ପଞ୍ଚାୟତ ସମିତି ଅଧକ୍ଷ ଶ୍ରୀଧର ନାୟକ, ସମ୍ମାନୀତ ଅତିଥି ଭାବେ ଜୋନ (୭ନଂ) ଜିଲ୍ଲାପରିଷଦ ସଭ୍ୟା ସଂଯୁକ୍ତା ଦୀକ୍ଷିତ,କାକଟପୁର ସରପଞ୍ଚ ଅଭୟ କୁମାର ସେଠୀ,ସମାଜସେବୀ ତଥା ବରିଷ୍ଠ ଶିକ୍ଷାବିତ ସ୍ୱପ୍ନେଶ୍ୱର ସାହୁ,ପୂର୍ବତନ ପୁରୀ ଜିଲ୍ଲାପରିଷଦ ଅଧକ୍ଷ ଜୋର୍ତିମୟ ଦଳାଇ, ଜଗତସିଂହପୁର ଏମପି ପ୍ରତିନିଧି ଜ୍ଞାନରଞ୍ଜନ ସାହୁ, ପ୍ରମୁଖ ଯୋଗଦେଇଥିଲେ ୯ ଅତିଥି ମାନେ (୮୯୪) ଜଣ ଛାତ୍ରଛାତ୍ରୀ ମାନଙ୍କୁ ଉକ୍ତ ଉତ୍ସବରେ ସାର୍ଟିଫିକେଟ ପ୍ରଦାନ କରିଥିଲେ ୯ ଅନୁସୂଚିତ ଜାତି ଛାତ୍ରଛାତ୍ରୀ ମାନଙ୍କୁ (୧୧) ହଜାର ଓ ନିର୍ମାଣ ଶ୍ରମିକଙ୍କ ପିଲାମାନଙ୍କୁ (୧୨) ହଜାର ଟଙ୍କା ଲେଖାଏଁ ଛାତ୍ର ବୃତ୍ତି କରାଯାଇଥିଲା ୯ ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପିକା ବେଞ୍ଜୁଲତା ସ୍ୱାଇଁ ମଞ୍ଚ ପରିଚାଳନା କରିଥିବାବେଳେ ଅଧ୍ୟାପକ ଜଗନ୍ନାଥ ଦୀକ୍ଷିତ, ବିନୋଦ ବେଉରା, ଡ଼ଃ ସଂଗ୍ରାମ ଛାଟୋଇ, ଅଧ୍ୟାପକ ଲଲାଟେନ୍ଦୁ ସ୍ୱାଇଁ,ନୃସିଂହ ଚରଣ ବିଶ୍ୱାଳ, ଅଧ୍ୟାପିକା ସୁଶ୍ରୀ ସଂଗୀତା ପ୍ରିୟଦର୍ଶିନୀ ପ୍ରମୁଖ ସହଯୋଗ କରିଥିଲେ

# ସବୁ ଶୈବ ପୀଠ ଚଳଚଞ୍ଚଳ

ବାଲିପାଟଣା , (ସବ୍ୟୁ) : ଆଗାମୀ ମାର୍ଚ୍ଚ ମାସ ୮ ତାରିଖ ପବିତ୍ର ମହାଶିବରାତ୍ରି ଉପଲକ୍ଷେ ପ୍ରସ୍ତୁତି ପର୍ବ ଜୋର୍ ଦାର ଚାଲୁରହିଛି।ବାଲିପାଟଣାର ପ୍ରସିଦ୍ଧ ଶୈବ୍ୟ ପୀଠ ଶ୍ରୀ ବୁଦ୍ଧନାଥ ଦେବଙ୍କ ମୂଖ୍ୟ ପୂଜକ ଚନ୍ଦ୍ର ଶେଖର ପଣ୍ଡା କୁହନ୍ତି, ମନ୍ଦିର କମିଟି ପକ୍ଷରୁ କୁହାଯାଇଛି ଯେ,ଲିଙ୍ଗରାଜ ମନ୍ଦିର ଓ ପ୍ରଭୁ ଲୋକନାଥ ମନ୍ଦିର ଅନୁଯାୟୀ ବୁଦ୍ଧନାଥ ଦେବଙ୍କ ପୀଠରେ ରାତି ୧୦ ଘଟିକାରେ ମହାଦୀପ ଉଠିବ। ସେହି ଦିନ ସକାଳୁ ସକାଳୁ ମନ୍ଦିରରେ ବାଳ ଭୋଗ, ମଧ୍ୟାହ୍ନରେ ଖେଚେଡ଼ି ଡାଲମା, କାକରା ଓ ଏଣ୍ଡୁରୀ ପିଠା ଭୋଗ ଲାଗୁ ହେବଛ ସେହିପରି ସଂଧାରେ ପୁର କାକରା, ଡାଲମା, ସଂଧାରେ ସନ୍ଧ୍ୟା ଆଳତୀ, ରାତିରେ ମହାଦୀପ ଉଠିବା ପରେ ରାତି କାକରା ଭୋଗ ଓ ରାତି ଧୂପ କରାଯାଇ ପହଡ ପଡିବ। ସରାଟର ନୀଳକଣ୍ଠଶ୍ୱର୍ ଦେ, ଗାରେଡ଼ିପାଞ୍ଚଣର ବୁଦ୍ଧ ନାଥ ଦେବ,ଅଠାନ୍ତରର ବେଲେଶ୍ୱର ଦେବ, ଆଳିଶିର ସ୍ୱପନେଶ୍ୱର ଦେ, ରାଜସର ଶଙ୍କରେଶ୍ୱର ଦେ, ଆଳୋଇର ସୋମନାଥ ଦେ, ନୀଳକଣ୍ଠଶ୍ୱର ଦେ, ମକୁନ୍ଦାସପୁରର ବାଲୁଙ୍କେଶ୍ୱର ଦେ, ଦେଉଳଧରପୁରର ବୁଧେକେଶ୍ୱର ଓ ମଧୁକେଶ୍ୱର ଦେ, ଧାନହରାର ପଶ୍ଚିମଶମ୍ଭୁ, ଓ ତରବୋଇର ସିଧେଶ୍ୱର ଦେ ବିଶ୍ୱନାଥ ପୁର ବାବା ବାଲୁଙ୍କେଶ୍ୱର କିଆଯୋରୀ ର ନିଳକଣ୍ଠଶ୍ୱର ଙ୍କ ପୀଠରେ ମନ୍ଦିର ଚୂନ ଓ ରଙ୍ଗ କାମ ଜୋର୍ ଦାର୍ ଚାଲିଛି। ପ୍ରକାଶ ଥାଉକି ଭୁବନେଶ୍ୱର ଠାରୁ ମାତ୍ର ଅଠର କିଲୋମିଟର ଦୂର ଉତ୍ତରା ବାଲିପାଟଣା ରାସ୍ତାରେ ଆସିଲେ ବାଟରେ ପଡିବ ଗାରେଡ଼ିପାଞ୍ଚଣ ଗ୍ରାମ। ଜୟଦେବ ନିର୍ବାଚନ ମଣ୍ଡଳୀର ବାଲିପାଟଣା ବ୍ଲକ ଅଧୀନସ୍ଥ ଗାରେଡ଼ିପାଞ୍ଚଣ ଗ୍ରାମରେ ରହିଛି ଐତିହାସିକ ଶୈବପୀଠ ଶ୍ରୀ ବୁଦ୍ଧନାଥ ଦେବଙ୍କ ପ୍ରାଚୀନ ମନଲୋଭା ମନ୍ଦିର। ଜାଗର ଯାତ୍ରା ରେ ଏହି ମନ୍ଦିର ରେ ପ୍ରବଳ ଶ୍ରଦ୍ଧାଳୁଙ୍କ ସମାଗମ କୁ ଦୃଷ୍ଟିରେ ରଖି ସ୍ଥାନୀୟ ପୋଲିସ ତରଫରୁ ବ୍ୟାପକ ଆଇନ ଶୃଙ୍ଖଳାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ସହାୟତ ଯୋଗାଇଦେବା ନିମନ୍ତେ ନୟାଗଡ଼ ବନଖଣ୍ଡ ଅଧିକାରୀ ଓ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ଅଂଚଳର ଚାଷୀମାନେ ଦାବି କରିଛନ୍ତି।

# ଟିପିସିଓଡିଏଲ୍ ପକ୍ଷରୁ ଜେଏନ୍ ଟାଟାଙ୍କ ୧୮୫ତମ ଜୟନ୍ତୀ

ଭୁବନେଶ୍ୱର, (ସବ୍ୟୁ) : ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଂଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ଼(ଟିପିସିଓଡିଏଲ୍) ପକ୍ଷରୁ ଏହାର ପ୍ରତିଷ୍ଠାତା ଜାମସେଦଜୀ ନସେରୱାନଜୀ ଟାଟାଙ୍କ ୧୮୫ତମ ଜୟନ୍ତୀ ସହିତ ନୈତିକତା ସପ୍ତାହରଉଦଯାପନୀ ସମାରୋହକୁ ୨୦୨୪ ମାର୍ଚ୍ଚ ୩ ତାରିଖରେ ଭୁବନେଶ୍ୱର ସ୍ଥିତ ମ୍ୟାନେଜମେଂଟ୍ ଡେଭେଲପ୍ମେଂଟ୍ ସେଂଟର ଓଟିପିସିଓଡିଏଲ୍ର ସମସ୍ତ ସର୍କଲ୍, ଡିଭିଜନ ଓ ତତ୍ ସଂକ୍ରାନ୍ତୀୟ କାର୍ଯ୍ୟାଳୟଗୁଡ଼ିକରେ ପାଳନ କରାଯାଇଛି।ଜେ ଏନ୍ ଟାଟାଙ୍କ ପରମ୍ପରାକୁ ସମ୍ମାନ ଜଣାଇ ଫେବ୍ରୁଆରି ୨୬ରୁ ମାର୍ଚ୍ଚ ୩ ପର୍ଯ୍ୟନ୍ତ ନୈତିକତା ସପ୍ତାହ ପାଳନ କରାଯାଉଛି। ଶ୍ରୀଜାମସେଦଜୀ ନସେରୱାନଜୀ ଟାଟାଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରି ଏହି ସମାରୋହର ଶୁଭାରମ୍ଭ କରାଯାଇଥିଲା ଏବଂ ସିଇଓ ପ୍ରଦୀପପ୍ରଜ୍ୱଳନ କରିଥିବା ବେଳେ ଏହି ଅବସରରେ ବରିଷ୍ଠ ନେତୃତ୍ୱ ଟିମ୍, କର୍ମଚାରୀ ଓ କର୍ମଚାରୀ ୱାର୍ଡମାନେ ଉପସ୍ଥିତ ଥିଲେ।ଏହି ଅବସରରେ ନୈତିକତାର ଶପଥ ପାଠ କରାଯାଇଥିଲା ଯେଉଁଥିରେ ଅଂଶଗ୍ରହଣକାରୀମାନେ ବ୍ୟବସାୟରେ ଟାଟାର ମୂଲ୍ୟବୋଧକୁବଜାୟ ରଖିବା ଲାଗି ସଂକଳ୍ପ ନେଇଥିଲେ। ଏହି ଅବସରରେ ଏକ ଭିଡିଓ ପ୍ରଦର୍ଶିତ କରାଯାଇଥିଲା ଯେଉଁଥିରେ ନୈତିକ ବ୍ୟବହାରକୁବଜାୟ ରଖିବାର ଘଟଣାକୁ ପ୍ରଦର୍ଶନ କରାଯାଇଥିଲା ଯାହା ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି।ନୈତିକତା ଓ ସ୍ଥାୟିତ୍ୱ ଉପରେ ଗୁରୁତ୍ୱାରୋପ କରି ଟାଟା ପାୱାର ପକ୍ଷରୁ ଦୁନିଆ ଅପ୍ନେ ହାୱାଲେ ନାମକ ଭିଡିଓ ପ୍ରଦର୍ଶନକରାଯାଇଥିଲା ଏବଂ ତା' ପରେ ସଷ୍ଟେନେବଲ ଇଜ୍ ଆଟେନେବଲ୍' ବାର୍ତାର ପ୍ରଚାର କରିବା ଲକ୍ଷ୍ୟ ନେଇ ଟାଟା ପାୱାରରସଷ୍ଟେନେବିଲିଟି ଚମ୍ପିଆନ୍ ଗ୍ଲୋବି କୁ ଉପସ୍ଥାପନ କରାଯାଇଥିଲା।ଟିପିସିଓଡିଏଲ୍ର ସିଇଓ ଓ ପ୍ରିନ୍ସିପାଲ୍ ଏଥିକ୍ସ ଅଫିସର ଶ୍ରୀ ଅରବିନ୍ଦ ସିଂହ କହିଛନ୍ତି ଯେ, ଜାମସେଦଜୀ ନସେରୱାନଜୀ ଟାଟାଙ୍କଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ଟାଟା ଗ୍ରୁପ୍କୁ ଅନ୍ୟତମ ସର୍ବବୃହତ ବିଶ୍ୱସ୍ତରୀୟ ବ୍ୟବସାୟ ସାମ୍ରାଜ୍ୟରେ ପରିଣତ କରିବାର ଭିତି ସ୍ଥାପନକରିଥିଲା। ଉଭୟ ବ୍ୟକ୍ତିଗତ ଓ ସାର୍ବଜନୀନ ଜୀବନରେ ନୈତିକ ବ୍ୟବହାରକୁ ବଜାୟ ରଖିବା ପାଇଁ ଟାଟାର ନୈତିକ ମୂଲ୍ୟବୋଧବ୍ୟବସ୍ଥା ସହ ନିଜକୁ ଯୋଡ଼ିବା ଟାଟା କର୍ମଚାରୀ ଓ ବ୍ୟକ୍ତିବିଶେଷଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ।''କମ୍ପାନିର ବରିଷ୍ଠ ନେତୃତ୍ୱ ମଣ୍ଡଳୀ ପକ୍ଷରୁ ବ୍ୟବସାୟରେ ନୈତିକତାର ଗୁରୁତ୍ୱ ଉପରେ ଦୃଷ୍ଟିପାତ କରାଯିବା ସହ ଜେ ଏନ୍ ଟାଟାଙ୍କଦ୍ୱାରା ସ୍ଥାପିତ ପରମ୍ପରାକୁ ଓ ମୂଲ୍ୟବୋଧ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଚିଫ୍ ଏଥିକ୍ସ କାଉନ୍ସେଲର ଓ ବିଜନେସ୍ଏକ୍ସଲେନ୍ସ ମୁଖ୍ୟ ଶ୍ରୀ ଅଜିତ ମାଲେବାର ଏଥିକ୍ସ ସପ୍ତାହ ଓ ପ୍ରତିଷ୍ଠାତା ଦିବସ ର ଗୁରୁତ୍ୱ ବୁଝାଇବା ସହିତ ଟାଟାର ମୂଲ୍ୟବୋଧ ବ୍ୟବସ୍ଥାଓ ଟାଟା ଆଚରଣ ସଂହିତା ଉପରେ ସଚେତନତା ସୃଷ୍ଟି କରିବା ପାଇଁ ଦ୍ୱିଧା ଉପରେ ଚର୍ଚ୍ଚା ଅଭିଯାନର ଶୁଭାରମ୍ଭ କରିଥିଲେ।ଏହି ଅବସରରେ ଟିପିସିଓଡିଏଲ୍ରେ ନୈତିକତା, ସଂହତି ଓ ଦାୟିତ୍ୱବୋଧର ପ୍ରସାର କରଥିବା ୩୦ ଜଣଙ୍କୁ ସମ୍ମାନିତ କରାଯାଇଥିଲା।ପୁନଶ୍ଚ, ଡେଲଏଟ୍ ପକ୍ଷରୁ ହ୍ୱିସିଲ୍ ବ୍ଲୋୟର ନୀତି ଓ ଏଥିକ୍ସ ହେଲ୍ପଲାଇନ୍ ସଂକ୍ରାନ୍ତରେ ଏକ ତାଲିମ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା।

# ଜରିପଡାରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ

ତେଲେଙ୍ଗାପେଣ୍ଠ, (ସବ୍ୟୁ) : ଉରାଳୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜରିପଡା ଖେଳ ପଡିଆରେ ଓମ ମା ବାସେଳୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ସମରଜିତ ସାହୁଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛିଛ ଚଳିତ ମାସ ୨୨ ତାରିଖ ଠାରୁ ଆରମ୍ଭ ହୋଇ ୨୫ ତାରିଖରେ ଟୁର୍ଣ୍ଣାମେଣ୍ଟ ଶେଷ ହେବଛ ଏହି ଟୁର୍ଣ୍ଣାମେଣ୍ଟରେ ନୋ ଏଣ୍ଟ୍ରି ଫି ରେ ୬୪ଟି କ୍ରିକେଟ ଟିମ୍ ଭାଗ ନେବେଛ ଏବଂ ଜରିପଡା ପ୍ରିମିୟମ ଲିଗ୍ ଚଳିତ ମାସ ୨୦ ରୁ ୨୧ ଦୁଇ ଦିନ ଧରି ଅନୁଷ୍ଠିତ ହେବାପାଇଁ ସ୍ଥିର କରାଯାଇଛିଛଏହି ବୈଠକରେ ପ୍ରତାପ ମହାନ୍ତି, ବିନୋଦ ପ୍ରଧାନ,ପୂର୍ଣ୍ଣ ଚନ୍ଦ୍ର ବେହେରା, ରମାକାନ୍ତ ଖଟୁଆ, ଜଗନ୍ନାଥ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଥିବା ବେଳେ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ

# ବାରହାଙ୍କ ଯୋଗୁଁ ଉଜୁଡୁଛି ପନିପରିବା ଚାଷ

ଖଣ୍ଡପଡା, (ସବ୍ୟୁ) : ଖଣ୍ଡପଡା ଅଂଚଳରେ ବାରହାଙ୍କ ଉପଦ୍ରବ ବେଳକୁ ବେଳ ବୃଦ୍ଧିପାଇବାରେ ଲାଗିଛି। ସଂରକ୍ଷିତ ଜଙ୍ଗଲ ସଂଲଗ୍ନ ଚାଷଜମି ଗୁଡ଼ିକରେ କିବା ଦିନ ଓରାତିରେ ପଲପଲ ବାରହା ଉପଦ୍ରବ କରୁଥିବାରୁ ସେ ଅଂଚଳର ଚାଷୀମାନେ ନାହିଁ ନଥିବାଅସୁବିଧାର ସମ୍ମୁଖିନ ହେଉଥିବା ଜଣାପଡ଼ିଛି। ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରୁସଂଜ ନଇଁଲେ ବାରହା ପଲ ଜନବସତି ଅଂଚଳକୁ ଚାଲିଆସି ଫସଲପାତି ନଷ୍ଟ କରୁଥିବାବେଳେ ନଦୀ ପଠାରେ ପନିପରିବା ଚାଷ ମଧ ବାରହାଙ୍କ ଯୋଗୁଁ ଉଜୁଡ଼ିଯିବାରେ ଲାଗିଛି। ବାରହା ପଲକୁ ଘଉଡ଼ାଇବା ପାଇଁ ଚାଷୀମାନେ ରାତି ତମାମ ଜମିମୁଣ୍ଡରେ କୁଡ଼ିଆ ଘର କରି ଜଗି ରହୁଥିବା ନଜରକୁ ଆସୁଛି। ସଂରକ୍ଷିତ ଜଙ୍ଗଲରେବାର୍ହାଙ୍କ ସଂଖ୍ୟା ଏବେ ଆଶାତିତ ଭାବେ ବୃଦ୍ଧି ପାଇଥିବା ଖଣ୍ଡପଡ଼ା ବନାଂଚଳଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ବାରହାଙ୍କ ଉପଦ୍ରବ ଯୋଗୁଁବାରମ୍ବାର କ୍ଷତିଗ୍ରସ୍ତ ହେଉଥିବା ଚାଷୀ ପରିବାର ଗୁଡ଼ିକୁ ଆର୍ଥିକ ସହାୟତା ରାଶିପ୍ରଦାନ କରିବାରେ ବନବିଭାଗ କର୍ତ୍ତୃପକ୍ଷ ଅବହେଳା ପ୍ରଦର୍ଶନ କରି ଆସୁଥିବାରୁକ୍ଷତିଗ୍ରସ୍ତ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବାର୍ହାଙ୍କ ଯୋଗୁଁ କ୍ଷତିଗ୍ରସ୍ତହୋଇଥିବା ଚାଷୀ ପରିବାର ଗୁଡ଼ିକୁ ଆନୁସଂଗିକ ସରକାରୀ

# ଶିଳାନ୍ୟାସ

ସାକ୍ଷୀଗୋପାଳ ,(ସବ୍ୟୁ) : ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ନୂଆ ସୋମେଶ୍ୱର ପୁର ପଞ୍ଚାୟତର ବନ ପୁର ପହଣ୍ଡା ସାହିରେ ମା ମଙ୍ଗଳା ମନ୍ଦିର ନିର୍ମାଣ ନିମନ୍ତେ ଗୁରୁବାର ଅପରାହ୍ଣରେ ଶିଳାନ୍ୟାସ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଏହାରଶିଳାନ୍ୟାସ କରିଥିଲେ । ଏହି ମନ୍ଦିର ନିର୍ମାଣ ନିମନ୍ତେ ୪ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିବା ନିମନ୍ତେ ଘୋଷଣା କରିଥିଲେ ।ସତ୍ୟବାଦୀ ପଞ୍ଚାୟତ ସମିତି ଅଧକ୍ଷ ସୁନୀଲ କୁମାର ପଣ୍ଡା, ସମିତି ସଭ୍ୟା ଜ୍ୟୋର୍ତିମୟୀ ପଣ୍ଡା, ବ୍ଲକ ବିଜେଡି ସଭାପତି ପ୍ରମୋଦ କୁମାର ରାଉତରାୟ, ଯୁବ ସଭାପତି ରତିକାନ୍ତ ପଟ୍ଟନାୟକ, ବେନୁ ବାରିକ, ସୁରେନ୍ଦ୍ର ଭୋଇ ଓ ବଳରାମ ବେହେରାଙ୍କ ସମେତ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ ।

# ବିଜୁବାବୁଙ୍କ ୧୦୮ତମ ଜୟନ୍ତୀ ପାଳିତ

ନିମାପଡା, (ସବ୍ୟୁ) : ମଙ୍ଗଳବାର ନିମାପଡା ବିଜେଡି କାର୍ଯ୍ୟାଳୟ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଗୁଡକିରେ ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜନ୍ମ ଜୟନ୍ତୀ ଦିବସ ପାଳନ କରାଯାଇଛି । ବ୍ଲକଛକ ନିକଟରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତୀ ସମେତ ବିଭିନ୍ନ ଜନ ନାୟକଙ୍କପ୍ରତିମୂର୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯିବା ପରେ ବିଜୁ ଯୁବ ଜନତା ଦଳ ପକ୍ଷରୁ ଏକସାଇକେଲ ଶୋଭାଯାତ୍ରା ବାହାରି ନିମାପଡା ବଜାର ପରିକ୍ରମା କରି ଶ୍ରୀମୁଖଛକ ନିକଟରେ ପହଂଚିଥିଲା । ଏହି ସାଇକେଲ ଶୋଭାଯାତ୍ରାରେ ସ୍ଥାନୀୟ ବିଧାୟକ ସମୀର ରଂଜନ ଦାଶଙ୍କ ସମେତ ଶତାଧିକ ଯୁବ ବିଜେଡି ନେତା ଓ କର୍ମୀ ସାମିଲହୋଇଥିଲେ ।ଏହି ଅବସରରେ ନିକଟରେ ଥିବା କଲ୍ୟାଣ ମଣ୍ଡପରେ ଏକ ସଭାର ଆୟୋଜନ କରାଯାଇଥିଲା । ଓଡିଶା ଜାତିର ସ୍ୱାଭିମାନର ପ୍ରତିକ ଥିଲେ ବିଜୁପଟ୍ଟନାୟକ,ତାଙ୍କ ନିତୀ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଯୁବ ପିଢୀ ଚାଲିବାକୁବିଧାୟକ ଶ୍ରୀ ଦାଶ ପରାମର୍ଶ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେବ୍ଲକ ବିଜେଡି ସଭାପତି ଅଶୋକ ସାହୁ,ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ,ନଗରବିଜେଡି ସଭାପତି ଜୀବନା ନନ୍ଦ ମହାପାତ୍ର, ସଂପାଦକ ସନ୍ତୋଷ ଓଝା,ବରିଷ୍ଠ କାଉନସିଲରଧନୁର୍ଦ୍ଧର ଦାଶ,ନାରୀନେତ୍ରୀ କୌଶଲ୍ୟା ସାହୁ,ଉପ-ନଗରପାଳ ସନ୍ତୋଷ ଦାଶ,ସାଂସଦ ପ୍ରତିନିଧି ସୁଧିର ରଂଜନ ଦାଶ,ପୁର୍ବତନ ସମିତିସଭ୍ୟ ବିଜୟ କୁମାର ପଟ୍ଟନାୟକ,ପୁର୍ବତନ ନଗରପାଳ ସନାତନ ପ୍ରଧାନ,ପୂର୍ବତନ କାଉନସିଲର ବଜେନ୍ଦ୍ର ପ୍ରଧାନ,ବ୍ଲକ ଯୁବ ସଭାପତି ରାକେଶ ବେହେରା,ନଗର ଯୁବ ସଭାପତି ସତ୍ୟଜିତ ଆଚାର୍ଯ୍ୟଙ୍କ ସମେତ ବହୁ ଯୁବକର୍ମୀ ଯୋଗ ଦେଇଥିଲେ । ସେହିପରି ନିମାପଡାଏନଏସି ଅନ୍ତର୍ଗତ ପ୍ରାକ୍ଟିସିଂ ବିଦ୍ୟାଳୟରେ ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜନ୍ମବାର୍ଷିକୀ ଉତ୍ସବ,ପଞ୍ଚାୟତ ରାଜ ଦିବସ ଓ ମୋ ସ୍କୁଲ ଅଭିଯାନ ଉତ୍ସବ ପାଳିତ ହୋଇଯାଇଛି । ଆୟୋଜିତ ଉତ୍ସବରେ ବ୍ଲକ ଅଧକ୍ଷ ଶଙ୍କର ଭୋଇ,ଉପନଗରପାଳସନ୍ତୋଷ ଦାଶ, ବିଦ୍ୟାଳୟ ପରିଚାଳନା କମିଟୀ ଅଧକ୍ଷା ଶୁଭଶ୍ରୀ ବରାଳ, ବିଦ୍ୟାଳୟ ଅଲୁମିନୀ କମିଟୀର ମୁଖ୍ୟ ନାରାୟଣ ମିଶ୍ର,କାଉନସିଲର ମାଧବବେହେରା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିର୍ମଳ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଲୋକସେବା ଦିବସ ପାଳିତ




ଭାପୁର, (ସବ୍ୟୁ) : ନୟାଗଡ ଜିଲ୍ଲା ଭାପୁର ବ୍ଲକ ପ୍ରଶାସନ ତରଫରୁ ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଦିନ ଲୋକ ସେବା ଦିବସ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଞ୍ଜିତ କୁମାର ମଲ୍ଲିକଙ୍କ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭବେ ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଏବଂ ବ୍ଲକ ବିଜେଡି କର୍ମକର୍ତ୍ତା। ଯୋଗ ବିଜେଡି ସଂଗଠନକୁ ବ୍ଲକ ସ୍ତରରେ ଦୃଢ଼ ଭାବରେ ରଖି ପୁଣି ଥରେ ଆଗାମୀ ନିର୍ବାଚନରେ ଦଳର ବିଧାୟକ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ । ଉପସ୍ଥିତ ସମସ୍ତ ବିଜୁପ୍ରେମୀ, ନବୀନ ପ୍ରେମୀ, ଦଳୀୟ କର୍ମକର୍ତ୍ତା ଓ ଜନପ୍ରତିନିଧି ମାନଙ୍କୁ ଭାପୁର ବ୍ଲକ ପାଇଁ କାର୍ଯ୍ୟ କରିବା , ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ସଂଗଠନ ଜାରି ରଖିବାକୁ ଏହି ମହାନ୍ ଦିବସରେ ଶ୍ରୀ ପ୍ରଧାନ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ ଯାହା ବିଜୁ ବାବୁଙ୍କ ଆତ୍ମା ଶାନ୍ତି ପାଇବ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ ।

# ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର



ଡେଲାଙ୍ଗ, (ସବ୍ୟୁ) : ବିଧାୟକ ରୁଦ୍ରପ୍ରତାପ ମହାରଥିଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଲୋକାର୍ପଣ ଓ ଉପସ୍ୱାସ୍ଥ୍ୟ କେନ୍ଦ୍ରପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବୁଧବାର ବିଧାୟକ ଶ୍ରୀ ମହାରଥି ମୁନିନ୍ଦା ପଂଚାୟତର ବରକେରା ଗ୍ରାମରେ ଉପସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ଶିଳାନ୍ୟାସ କରିଥିବା ବେଳେ ଅଭୟମୁଖି ପଂଚାୟତରେ କଲ୍ୟାଣମଣ୍ଡପ ଓ ମିଶନ ଶକ୍ତି ଗୃହର ଲୋକାର୍ପଣ କରିଛନ୍ତି । ବରକେରାରେ ଏହି ଉପସ୍ୱାସ୍ଥ୍ୟ କେନ୍ଦ୍ର ହେବା ପାଇଁ ଅନକେ ଦିନ ହେଲା ଦାବୀ ହୋଇଆସୁଥିଲା । ଏହାର ଭୂମିପୂଜା ପରେ ଗ୍ରାମବାସୀମାନେ ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହି କେନ୍ଦ୍ର ହେବା ଦ୍ୱାରା ଗ୍ରାମବାସୀମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇ ପାରିବେ ବୋଲି ଗ୍ରାମ କମିଟି ସଭାପତି ଗୋବିନ୍ଦ ମାହୁନ୍ତ ମତବ୍ୟକ୍ତ କରିଛନ୍ତି ।

ସେହିପରି ଅଭୟମୁଖି ପଂଚାୟତରେ କୌଣସି କଲ୍ୟାଣ ମଣ୍ଡପ ନଥିବା ବେଳେ ବିବାହ ବ୍ରତ କରିବା ପାଇଁ ସ୍ଥାନୀୟ ଲୋକେ ସାକ୍ଷିଗୋପାଳ ଓ ପିପିଲି ଯାଉଥିଲେ । ସ୍ଥାନୀୟ ପଂଚାୟତବାସୀଙ୍କ ଏହି ସମସ୍ୟାର ସମାଧାନକୁ ଦୃଷ୍ଟିରେ ରଖି ଏହି କଲ୍ୟାଣ ମଣ୍ଡପଟି ନିର୍ମାଣ କରାଯାଇଥିବା ସ୍ଥଳେ ଆଜି ଲୋକାର୍ପିତ ହୋଇଛି । ସେହିପରି ଇନ୍ଦିପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସନ୍ନିକଟରେ ମିଶନ ଶକ୍ତି ଗୃହର ମଧ ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ଏହି ସମାବେଶରେ ପଂଚାୟତ ସମିତି ଅଧକ୍ଷା ବାସନ୍ତୀ ସାହୁ, ଉପାଧକ୍ଷ ଦୁର୍ବାଶା ନିଶଙ୍କ, ବିଜେଡି ବ୍ଲକ ସଭାପତି ବୈରାଗୀ ଜେନା, ଯୁବନେତା ପ୍ରଭାସ ପରିଡା, ଶିକ୍ଷାବିତ୍ ମୁଟୁ କିଶୋର ପ୍ରଧାନ, ବରକେରା ଗ୍ରାମ୍ୟକମିଟି ସମ୍ପାଦକ ବିମ୍ବାଧର ପ୍ରଧାନ, ସୁବାସଚନ୍ଦ୍ର ପ୍ରଧାନ, ଆମ୍ବାର ଅଧକ୍ଷା ମୀନତି ସେନାପତି, ପୂର୍ବତନ ସରପଂଚ ପ୍ରସନ୍ନ କୁମାର ପରିଡା, ସମିତିସଭ୍ୟା ଭାଗ୍ୟଲକ୍ଷ୍ମୀ ବେହେରା, ବୁଟୁ ସେନାପତି ପ୍ରମୁଖଙ୍କ ସମେତ ଶତାଧିକ ମହିଳାପୁରୁଷ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ୧୦୮ତମ ବିଜୁ ଜୟନ୍ତୀ : ୧୦୮ୟୁନିଟ ରକ୍ତ ସଂଗ୍ରହ

ପିପିଲି, (ସବ୍ୟୁ) : ପିପିଲିସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ୧୦୮ତମ ଜନ୍ମ ଜୟନ୍ତୀ ପାଳନ କରାଯାଇଛି । ଏହି ଅବସରରେ ବିଜୁବାବୁ ଓ ସ୍ୱର୍ଗତଃ ପ୍ରଦୀପ ମହାରଥୀଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଏହି ଶିବିରରୁ ୧୦୮ୟୁନିଟ ରକ୍ତ ସଂଗ୍ରହ କରାଯାଇଛି ।

ଓଡିଶା ମୋ ପରିବାର ଅଧକ୍ଷ ଅରୁପ ପଟ୍ଟନାୟକ,ରାଜ୍ୟ ସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ପିପିଲି ନିର୍ବାଚନ ମଣ୍ଡଳି ବିଜେଡି ପର୍ଯ୍ୟବେକ୍ଷକ ପ୍ରତାପ ମଲ୍ଲିକଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଉଦଘାଟନ କରାଯିବା ସହିତ ଉପସ୍ଥିତ ରକ୍ତଦାତାଙ୍କୁ ଅତିଥିମାନେ ଉତ୍ସାହିତ କରିଥିଲେ । ଏହି ରକ୍ତଦାନ ଶିବିରରେ ବିଧାୟକ ରୁଦ୍ରପ୍ରତାପମହାରଥୀଙ୍କ ସମେତ ତାଙ୍କ ଧର୍ମପତ୍ନୀ ଜାଗୃତୀ ପଣ୍ଡା ମହାରଥୀ ରକ୍ତଦାନ କରି ମହତ ପଣିଆଦେଖାଇଛନ୍ତି ।

ଅନ୍ୟମାନଙ୍କ ମଧ୍ୟରେ ପୁରୀ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତିକିଶୋର ଛୋଟରାୟ ବ୍ଲକ ଅଧକ୍ଷା ଦେବସ୍ମିନି ନନ୍ଦ, ଉପାଧକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ସାଂସଦପ୍ରତିନିଧୀ ନାରାୟଣ ସ୍ୱାଇଁ, ଜିଲ୍ଲାପରିଷଦ ଧରଣୀଧର ସାହୁ, ବିଧାୟକଙ୍କ ପ୍ରତିନିଧୀଆର୍ତବନ୍ଧୁ ସାମନ୍ତରାୟ, ଆମ୍ବା ଅଧକ୍ଷ ପ୍ରକାଶ ଧଳ, ଜିଲ୍ଲା ବିଜେଡି ସମ୍ପାଦକସତ୍ୟଜିତ୍ ରାୟ ଚୌଧୁରୀ, ପିପିଲି ଏନଏସି ଅଧକ୍ଷ ସେକ ବାବୁ, ଡେଲାଙ୍ଗ ବ୍ଲକବିଜେଡି ସଭାପତି ତଥା ପୁର୍ବତନ ଅଧକ୍ଷ ବୈରାଗୀ ଜେନା, ପୁର୍ବତନଜିଲ୍ଲାପରିଷଦ ଦେବାଶିଷ ନନ୍ଦ, ଡେଲାଙ୍ଗ ବ୍ଲକ ଅଧକ୍ଷା ବାସନ୍ତୀ ସାହୁ, ଉପାଧକ୍ଷ ଦୃର୍ବାସାନିସଙ୍କ, ମହିଳା ସଭାନେତ୍ରୀ ଜୋସ୍ନାରାଣୀ ପୁଷ୍ଟି, ବିଶ୍ୱଜିତ୍ ଦାଶ, ପିଙ୍କୁପ୍ରଧାନ, ସୁଦିପ୍ତ ନାୟକ, ଜ୍ୟୋତି ରଞ୍ଜନ ପୁଷ୍ଟି, ଆଦିତ୍ୟ ଭୋଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିବା ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଦେଶ ଓ ରାଜ୍ୟପ୍ରତି ଥିବା ତ୍ୟାଗ ଓ ସାହସିକତା ସମ୍ପର୍କରେ ଆଲୋକପାତ କରିଥିଲେ । ପୁରୀ ବ୍ଲଡବ୍ୟାଙ୍କ ପକ୍ଷରୁ ଏହି ରକ୍ତଦାନ ଶିବିରରୁ ରକ୍ତ ସଂଗ୍ରହ କରାଯାଇଛି । ଏହି ଅବସରରେ ପିପିଲି ଏନଏସି ପରିସରରେ ଥିବା ବୃଦ୍ଧାଶ୍ରମରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଫଳବଣ୍ଟନ କରିଥିଲେ ।

## ପୋଖରୀରେ ବୁଡି ଆଦିବାସୀ ନାବାଳିକାର ମୃତ୍ୟୁ

ପାଣିକୋଇଲି, ୭।୩: ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ଗ୍ରାମରେ ଆଜି ଜଣେ ଆଦିବାସୀ ନାବାଳିକା ପୋଖରୀରେ ବୁଡି ମୃତ୍ୟୁବରଣ କରିଛି । ଘଟଣାସ୍ଥଳେ ପାଣିକୋଇଲି ପୁଲିସ ପହଂଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ପ୍ରକାଶଯେ କେଉଁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ ସଇଲଂଗ ଅଂଚଳର ବାଇନ ଅମାତ ତାଙ୍କ ସପରିବାର ଜହ୍ନା ଗ୍ରାମର ରାସ୍ତା କଡରେ ଘରକରି ରହୁଥିଲେ । ଆଜି ତାଙ୍କ ଝିଅ ଲକ୍ଷ୍ମୀ ଅମାତ(୯) ଅନ୍ୟ ଦୁଇ ଜଣ ଝିଅଙ୍କ ସହିତ ଖେଳପଡିଆ ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ହେଲେ ଗାଧୋଉଥିବା ବେଳେ ଲକ୍ଷ୍ମୀ ବୁଡି ଯାଇଥିଲା । ଏହା ଦେଖି ଅନ୍ୟ ଦୁଇ ଜଣ ଘରକୁ ଆସି ଖବର ଦେଇଥିଲେ । ସେଠାରେ ବାଇନ ପରିବାର ପହଂଚି ଲକ୍ଷ୍ମୀକୁ ଉଦ୍ଧାର କରି ଯାଜପୁରରୋଡ କ୍ଷେତ୍ରୀୟ ଚିକିତ୍ସାଳୟକୁ ପଠାଇଥିଲେ । ହେଲେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲା । ଖବରପାଇ ପାଣିକୋଇଲି ଥାନା ଏସଆଇ ପ୍ରକାଶ ଚନ୍ଦ୍ର ପ୍ରଧାନ ଘଟଣାସ୍ଥଳେ ପହଂଚି ଏକ ଅପମୃତ୍ୟୁ ମାମଲା ୫/୨୪ ରୁଜୁ କରି ପଂଚନାମା କରାଇ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି ।

## ବିଚ୍ ବଜାରରେ ଲୁଟେରାଙ୍କ ଆତଙ୍କ

କେନ୍ଦ୍ରାପଡ଼ା,(ସବ୍ୟୁ):କିଛିଦିନ ହେଲା କେନ୍ଦ୍ରାପଡା ସହରରେ କଳା ପଲସର ଆତଙ୍କ ବୃଦ୍ଧ ପାଇଛି । କଳା ପଲସର ରେ ହେଲମେଟ୍ ପିନ୍ଧି ଆସୁଥିବା ଏହି ଲୁଟେରା ମାନେ ବାଟୋଇଙ୍କ ବେକରୁ ଚେନ୍, ବ୍ୟାଗ୍, ମୋବାଇଲ ପ୍ରଭୃତି ଦାମିକିଆ ସାମଗ୍ରୀ ଛଡାଇ ନେଇ ଆଖି ପିଛୁଳାକେ ଉଭାନ ହୋଇ ଯାଉଥିବା ଦେଖିବାକୁ ମିଳୁଛି । ଗୁରୁବାର ମଧାହ୍ନ ରେ ସହରର ଗୁରୁତ୍ୱପୂର୍ଣ୍ଣ ଜନ ଗହଳି ସ୍ଥାନ ପୁରୁଣା ବସଷ୍ଟାଣ୍ଡ ଫାଣ୍ଡି ନିକଟରେ ଲୁଟେରା ମାନେ ଠିକାଦାର ବାବୁ ସିଂହ ଓରଫ କିଶୋର କୁମାର ସିଂହଙ୍କ ବେକରୁ ଚେନ ଛିଡାଇ ନେବା ଉଦ୍ୟମ କରୁଥିବା ବେଳେ ଲୁଟେରାଙ୍କ ସହ ତାଙ୍କର ଟଣାଓଟରା ହୋଇଥିଲା । ତେବେ ଚେନ୍‌ଟି ତଳେ ପଡିଯିବାରୁ ଅନ୍ୟମାନେ ଆସିବା ପୂର୍ବରୁ ଲୁଟେରା ୨ ଜଣ ଦୃତଗତି ରେ ମଟର ସାଇକେଲ ରେ ପଳାଇ ଯାଇଥିବା ଜଣାପଡିଛି । ତେବେ ଖବର ପାଇ ଟାଉନ ଥାନା ଅଧିକାରୀ ଦିଲିପ କୁମାର ସାହୁ ଘଟଣା ସ୍ଥଳକୁ ଆସି ଆଖପାଖ ରେ ଥିବା ସିସିଟିଭି ଯାଂଚ କରିଥିବା ଜଣାପଡିଛି ।

## ସୌର ଶକ୍ତି ଚାଳିତ ବିଦ୍ୟୁତ୍ ବ୍ୟବସ୍ଥା ଉଦ୍‌ଘାଟିତ

କେନ୍ଦ୍ରାପଡ଼ା,(ସବ୍ୟୁ):କେନ୍ଦ୍ରାପଡା ବ୍ଲକ କାର୍ଯ୍ୟାଳୟ ଓ କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ ଅଧିନ ୩୯ଟି ପଂଚାୟତର କାର୍ଯ୍ୟାଳୟ ଗୁଡିକୁ ସୌର ଶକ୍ତି ଚାଳିତ ବିଦ୍ୟୁତ୍‌କରଣ ବ୍ୟବସ୍ଥା ଆଜି ଉଦ୍ଘାଟିତ ହୋଇ ଯାଇଛି । ବିଧାୟକ ଶଶି ଭୂଷଣ ବେହେରାଙ୍କ ବିଧାୟକ ଅନୁଦାନ ପାଣ୍ଠିରୁ ପ୍ରାୟ ୧ କୋଟି ଟଙ୍କା ବ୍ୟୟ ଅଟ୍ଟକଳ ରେ ଏହି ସିଷ୍ଟମ୍ ଖାଯାଇ ଥିବା ସୂଚନା ମିଳିଛି । ଏଣିକି ସମସ୍ତ ବ୍ଲକ କାର୍ଯ୍ୟାଳୟ ଓ ପଚାୟତ କାର୍ଯ୍ୟାଳୟ ର ବିଦ୍ୟୁତ୍ ଉପଯୋଗ ପାଇଁ ଖର୍ଚ୍ଚ ହେଉଥିବା ମାସିକ ଲକ୍ଷ ଲକ୍ଷ ଟଙ୍କା ସଂଚୟ ହୋଇ ପାରିବ ବୋଲି ଜଣାପଡିଛି । ଆଜିର ଉଦ୍ଘାଟନ କାର୍ଯ୍ୟକ୍ରମ ରେ ବିଧାୟକ ଶ୍ରୀ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ବ୍ଲକ ଅଧ୍ୟକ୍ଷା ରଶ୍ମିତା ସେଠୀ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ପଣ୍ଡା, ବିଡିଓ ବନ୍ଦନା ଖଟୁଆ, ବିଜେଡି ଜିଲ୍ଲା ସଭାପତି ଧିରେନ କୁମାର ସାହୁ, ମୋ ଓଡିଶା ଜିଲ୍ଲା ସଂଯୋଜକ ହିରଣ୍ୟ କୁମାର ପଣ୍ଡା, ବ୍ଲକ ସଭାପତି ଆଲୋକ କୁମାର ସାହୁ, ଓସ୍ତପୁର ସରପଂଚ ପ୍ରସନ୍ନ କୁମାର ରାଉତ, ଗାଙ୍ଗପଡା ସରପଂଚ ଅଶ୍ୱିନୀ କୁମାର ପାତ୍ର, ଯାଦବ ସଂଘ ସଭାପତି ପ୍ରଭାକର ପଲାଇ, ରଂଜନ କୁମାର କର, ରଶ୍ମି ରଂଜନ ଜେନା, ସେହ୍ନମୟୀ ସେନାପତି, ବିଜୟ କୁମାର ମଣ୍ଡଳ, ସରୋଜକା' ପଣ୍ଡା, ପୂର୍ବତନ କାଉନସିଲର ଦୁର୍ଗା ପ୍ରସାଦ ପତି, ବ୍ଲକ ମହିଳା ସଭାନେତ୍ରୀ ସୁମିତ୍ରା ପାତ୍ରୀ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

## ୧୨ ବର୍ଷ ହେଲା ସାମାଜିକ ବାସନ୍ଦ ପରିବାରର ଧାରଣା



କେନ୍ଦ୍ରାପଡ଼ା,(ସବ୍ୟୁ):କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଅ'ର୍ଗତ ପାଳପୁର ଗ୍ରାମର ପାର୍ବତୀ ମାଝି ଜଣେ ଆଶାକର୍ମୀ ଭାବେ କାର୍ଯ୍ୟକରି ଆସୁଛନ୍ତି । ଦୁର୍ଭାଗ୍ୟ ପରିତାପ ର ବିଷୟ ଯେ, ଦୀର୍ଘ ୧୨ ବର୍ଷ ହେଲା ଏହି ଆଶାକର୍ମୀଙ୍କ ପରିବାରକୁ ଗ୍ରାମରେ ବାସନ୍ଦ କରାଯିବା ସହିତ ନାନା ପ୍ରକାର ହଇରାଣ ହରକତ କରୁଥିବା ନେଇ ପାର୍ବତୀ ସହ ପରିବାର ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣା ରେ ବସି ରହିଥିଲେ । ପାର୍ବତୀଙ୍କ ସ୍ୱାମୀ ୨୦୧୨ ମସିହା ଠାରୁ ସ୍କୁଲ ପରିଚାଳନା କମିଟିର ସଭାପତି ଭାବେ ମନୋନିତ ହୋଇ ବିଭିନ୍ନ ସମସ୍ୟା ବୁଝାସୁଝା କରି ଆସୁଥିଲେ । ଗ୍ରାମର କିଛି ଅସାମାଜିକ ବ୍ୟକ୍ତି ପ୍ରଧାନ ଶିକ୍ଷକଙ୍କୁ ହାତ କରି ସ୍କୁଲ ଭିତରେ ପୁରାଇ ତାଙ୍କୁ ମାଡମାରି ରକ୍ତାକ୍ତ କରିଥିବା ପାର୍ବତୀ ମାଝି ଅଭିଯୋଗ କରିଛନ୍ତି । ଏଥି ସହିତ ତାଙ୍କୁ ବିଭିନ୍ନ ମିଥ୍ୟା ମକଦ୍ଦମାରେ କେତେକ ଗ୍ରାମବାସୀ ଫସାଇ ଜେଲକୁ ପଠାଇଥିବା ଓ ଗ୍ରାମରେ ହେଉଥିବା ବିଭିନ୍ନ ଧାର୍ମିକ ସାଂସ୍କୃତିକ କାର୍ଯ୍ୟରେ ସାମିଲ ନକରିବହା, ଗ୍ରାମରେ ନିଆଁପାଣି ବାସନ୍ଦ କରିବା ସଙ୍ଗେ ସଙ୍ଗେ ଅଙ୍ଗନୱାଡି କେନ୍ଦ୍ରରେ ମୋ ପିଲାଙ୍କୁ ପାଠ ପଢିବାକୁ ଦେଉ ନଥିବା ଆଦି ଅଭିଯୋଗ କରିଛନ୍ତି । ଶ୍ରୀମତୀ ମାଝି ଏ ବିଷୟରେ ବାରମ୍ବାର ରାଜନଗର ଥାନା, ପଟ୍ଟାମୁଣ୍ଡାଇ ଏସଡିପିଓ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଜଣାଇ ଥିଲେ ମଧ କୌଣସି ନ୍ୟାୟ ନ ମିଳିବାରୁ ସେ ବାଧହୋଇ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣାରେ ବସି ରହିଛନ୍ତି । ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର ଏହି ଧାରଣାକାରୀଙ୍କୁ ଡକାଇ ଘଟଣାର ତଦ' କରାଯାଇ ବିଚବାର କରାଯିବାର ପ୍ରତିଶୃତି ଦେବା ପରେ ଏମାନେ ଧାରଣାରୁ ଉଠିଥିବା ଜଣାପଡିଛି ।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ



କୁଆଁପାଳ,(ସବ୍ୟୁ):ମାହାଙ୍ଗା ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ଦ୍ୱାରା ଶୁଭ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୧୨ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁଥିବା ରାସ୍ତା ପ୍ରକଳ୍ପ ଜଳେଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ ମଲ୍ଲୀପୁରା ସ୍ୱାଇଁ ରାସ୍ତା,ଉଷ୍ଟୁମା ପଞ୍ଚାୟତ ଅନ୍ତର୍ଗତ ରଘୁନାଥ ନଗର, ଛତ୍ରତୋଟା ଭାୟା କଏରପୁର, ଧାରପୁର, ଉଷ୍ଟୁମା, ସଲରା, ପାଟକୁଳ ନୂତନ ରାସ୍ତାର ଶିଳାନ୍ୟାସ ସହିତ ମାହାଙ୍ଗା ପଞ୍ଚାୟତ ସ୍ଥିତ ସାଇ ମନ୍ଦର ଠାରୁ ଯଶୁଆପୁର ସଡକ ପ୍ରକଳ୍ପର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରତାପ ଜେନା ଯୋଗ ଦେଇ ମୁଖ୍ୟମନ୍ତ୍ରୀଙ୍କ ବିକାଶ ଧାରାରେ ସମସ୍ତେ ସାମିଲ ହେବା ପାଇଁ ଆହ୍ୱାନ ଦେବା ସହ ମାହାଙ୍ଗା ଅଞ୍ଚଳର ଗମନାଗମନ ସମେତ ସବୁପ୍ରକାର ବିକାଶ ମୂଳକ କାର୍ଯ୍ୟ ବିଜେଡି ସରକାରଙ୍କ ଅମଳରେ ସମ୍ଭବ ହୋଇ ପାରିଛି ବୋଲି ବକ୍ତବ୍ୟ ରଖିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ଦୀପା ମଲ୍ଲିକ, ଉପଧକ୍ଷ ସତ୍ୟନାରାୟଣ ମହାନ୍ତି, ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ବିଧାୟକଙ୍କ ବ୍ୟକ୍ତିଗତ ସହାୟକ ଉମାଶଙ୍କର ବିଶ୍ୱାଳ,ବ୍ଲକ ଯୁବ ବିଜେଡି ସଭାପତି ଶରତ ମହାପାତ୍ର,ଜିଲ୍ଲା ପରିଷଦ ସଭ୍ୟା ସୁସ୍ମିତା ଦାସ ଓ ଜଗବନ୍ଧୁ ସେଠୀ,ଜଳେଶ୍ୱରପୁର ସରପଞ୍ଚ ସୁଜାତା ମଲ୍ଲିକ,ସମିତି ସଭ୍ୟା ରେବତୀ ସେଠ.ଉଷ୍ଟୁମା ସରପଞ୍ଚ ମମତାମୟୀ ସୁତାର,ସମିତି ସଭ୍ୟ ଦୁର୍ଗାପ୍ରସାଦ ବାରିକ,ମାହାଙ୍ଗା ସରପଞ୍ଚ ବେବୀନା ଜେନା,ପ୍ରାକ୍ତନ ଜିଲ୍ଲାପରିଷଦ ସଭ୍ୟ ହୃଷିକେଶ ସ୍ୱାଇଁ।

## ଅଜଣା ବୃଦ୍ଧଙ୍କ ଶବ ଉଦ୍ଧାର

ମହାକାଳପଡ଼ା ,(ସବ୍ୟୁ):ମହାକାଳପଡ଼ା ବ୍ଲକ ତଣ୍ଡିଆପାଳ ସାମୁଦ୍ରିକ ଥାନା ଅଂଚଳରୁ ଅଜଣା ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରାଯାଇଛି । ପୋଲିସ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଦକ୍ଷେପ ନେଇଛି । ଘଟଣାରୁ ପ୍ରକାଶ ଆଜି ଜଗତଜୋର ଓ ତଣ୍ଡିଆପାଳ ସାମୁଦ୍ରିକ ଥାନା ରାସ୍ତାର ୱାର୍ଲ୍ଡ ବ୍ୟାଙ୍କ ପ୍ରକଳ୍ପ ପାଖ ଅଂଚଳରେ ରାସ୍ତା ଉପରେ ଜଣେ ବୃଦ୍ଧଙ୍କ ମୃତଦେହ ପଡିରହିଥିବା ନଜରକୁ ଆସିଥିଲା । ଏହାପରେ ତୁରନ୍ତ ଏ ସମ୍ପର୍କରେ ତଣ୍ଡିଆପାଳ ସାମୁଦ୍ରିକ ଥାନାକୁ ଖବର ଦିଆଯାଇଥିଲା । ପୋଲିସ୍ ଘଟଣାସ୍ଥଳରେ ପହଂଚି ଶବର ବ୍ୟବଚ୍ଛେଦ ପାଇଁ ପଦକ୍ଷେପ ନେଇଥିବା ବେଳେ ଶୁଣିବାକୁ ମିଳୁଛି ବୃଦ୍ଧ ଜଣକ କୁଆଡ଼େ ଅଣଓଡ଼ିଆ । ମହାକାଳପଡ଼ା, ରାଜନଗର ବ୍ଲକ ଅଂଚଳରେ ଏହି ବୃଦ୍ଧ ଜଣକ କିଛିଦିନ ହେଲା ଘୁରିବୁଲୁଥିବା ଲୋକମାନେ କୁହାକୁହି ହେଉଛନ୍ତି । ତେବେ କିଭଳି ଓ କେଉଁ ପରିପ୍ରେକ୍ଷିରେ ରାସ୍ତା ଉପରେ ବୃଦ୍ଧ ଜଣକ ମରିପଡ଼ିଲେ ଯାହାକି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ସେ ମାନସିକ ସୁସ୍ଥ ଥିଲେ ନା ଶାରିରୀକ ଦୃଷ୍ଟିକୋଣରୁ ଅସୁସ୍ଥ ଥିଲେ ଯାହାକି ଏବେ ତଣ୍ଡିଆପାଳ ସାମୁଦ୍ରିକ ପୋଲିସ୍ ତଦନ୍ତ ଆରମ୍ଭ କରିଛି ।

## ଲୁଣା ନଦୀରେ ସେତୁର ଶିଳାନ୍ୟାସ କଲେ ବିଧାୟିକା

ଡେରାବିଶ,(ସବ୍ୟୁ):ଡେରାବିଶ ବ୍ଲକ ଅନ୍ତର୍ଗତ ଦାନପୁର ପଂଚାୟତର ଗହଗା ଠାରେ ଆଜି ଲୁଣାନଦୀ ଉପରେ ନିର୍ମାଣ ହେବାକୁ ଥିବା ସେତୁର ଭିତିପ୍ରସ୍ତର ସ୍ଥାପନ ବିଧାୟିକା ସାବିତ୍ରୀ ଅଗ୍ରୱାଲଙ୍କ ଦ୍ୱାରା ଅନୁଷ୍ଠିତ ହୋଇଛି । ଗହଗା ଠାରୁ ନରସିଂହପୁର ରାସ୍ତାର ଲୁଣାନଦୀ ଉପରେ ନିର୍ମାଣ ହେବାକୁ ଥିବା ଏହି ସେତୁ ଦ୍ୱାରା ନଦୀର ଅପରପାର୍ଶ୍ୱରେ ଥିବା ସଠିଲୋ ସହ ସଂଯୋଗ ହେବା ସହିତ ଦ୍ୱୀପାଂଚଳବାସୀଙ୍କ ଗମନାଗମନ ସୁଗମ ହୋଇପାରିବ । ଏହି ଉପଲକ୍ଷେ ଆଜି ଅପରାହ୍ନରେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ଗହଗା ଠାରେ ପହଁଚି ବିଜୁସେତୁ ଯୋଜନାରେ ହେବାକୁ ଥିବା ଏହି ପୋଲର ଶିଳାନ୍ୟାସ କରିଥିଲେ । ଗ୍ରାମ୍ୟ ଉନ୍ନୟନ ବିଭାଗ ତତ୍ୱାବଧାନରେ ହେବାକୁ ଥିବା ଏହି ସେତୁ ନିର୍ମାଣରେ ୩୨୧୩.୩୩ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ ଏହା ଦୁଇବର୍ଷ ଅର୍ଥାତ ୦୩.୦୯.୨୦୨୫ ମସିହାରେ ପୂର୍ଣ୍ଣାଙ୍ଗ ହେବ ବୋଲି ଉପସ୍ଥିତ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ସଂଜୟ କୁମାର ସାହୁ ପ୍ରକାଶ କରିଥିଲେ । ବିରଜା କଂଷ୍ଟ୍ରକସନ ଦ୍ୱାରା ଏହି କାର୍ଯ୍ୟ ସମ୍ପାଦିତ ହେଉଥିବା ବେଳେ ଯଥାଶିଘ୍ର ଏହା ପୂର୍ଣ୍ଣାଙ୍ଗ ହୋଇ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ହେବ ବୋଲି ଶିଳାନ୍ୟାସ ଉତ୍ସବରେ ଯୋଗଦେଇ ବିଧାୟିକା ଶ୍ରୀମତୀ ଅଗ୍ରୱାଲ କହିଥିଲେ । ଏହି ଶିଳାନ୍ୟାସ ଉତ୍ସବରେ ବିଭାଗୀୟ ସହକାରୀ ଯନ୍ତ୍ରୀ ଇଂ. ଶୈଳେନ୍ଦ୍ର ବିଶ୍ୱାଳ ଓ କନିଷ୍ଠ ଯନ୍ତ୍ରୀ ଇଂ. ଜଗନ୍ନାଥ ସାହୁ ଉପସ୍ଥିତ ଥିବା ବେଳେ ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ମଳିକ, ପ୍ରମୋଦ କୁମାର ରଥ, ପୂର୍ବତନ ସରପଂଚ ଯୋଗାନନ୍ଦ ମହାନ୍ତି, ପ୍ରମୋଦ ଭଦ୍ର, ସମିତିସଭ୍ୟ ନିତ୍ୟାନନ୍ଦ ଭଦ୍ର, ପୂର୍ବତନ ସରପଂଚ ଶୈଳେନ୍ଦ୍ର ଜେନା, ଅଶ୍ୱିନୀ ମହାନ୍ତି ଓ ଇନ୍ଦାଲୋ ସରପଂଚ ଜ୍ୟୋସ୍ନାମୟୀ ବେହେରାଙ୍କ ସମେତ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ ।

## ଓଲାଭର ମହାବିଦ୍ୟାଳୟରେ ନୂଆ –ଓ ଛାତ୍ର ବୃତ୍ତି ବଣ୍ଟନ

**ରାଜକନିକା,**(ସବ୍ୟୁ):ଓଲାଭର ମହାବିଦ୍ୟାଳୟ ରେ ଅଧକ୍ଷ ହଳଧର ବେହେରା ଙ୍କ ସଭାପତିତ୍ୱ ଓ ଇଂରାଜୀ ବିଭାଗୀୟ ମୁଖ୍ୟ ଉଷାରାଣୀ ରଥ ଙ୍କ ସଂଯୋଜନା ରେ ନୂଆ –ଓ ଛାତ୍ର ବୃତ୍ତି ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଇତିହାସ ବିଭାଗ ର ମୁଖ୍ୟ ଅଧାପକ ମୁରଲୀ ଧର କର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧାପିକା ରଥ ସରକାରଙ୍କ ଦ୍ୱାରା ନୂଆ –ଓ ଛାତ୍ରଛାତ୍ରୀ ଙ୍କୁ ବୃତ୍ତି ବଣ୍ଟନ ର ଉଦ୍ଦେଶ୍ୟ ସମ୍ପର୍କରେ ନିଜର ମତ ଛାତ୍ରଛାତ୍ରୀ ଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ । ମହାବିଦ୍ୟାଳୟ ଅଧକ୍ଷ ଶ୍ରୀ ବେହେରା ମହା ବିଦ୍ୟାଳୟ ର ପାଇଥିବା ୫୨୦ ଛାତ୍ରଛାତ୍ରୀଙ୍କ ନୂଆ –ଓ ବୃତ୍ତି କିପରି ସେମାନଙ୍କ ଉଚ୍ଚଶିକ୍ଷା ରେ ସହାୟକ ହେବ ସେ ସମ୍ପର୍କ ରେ ନିଜର ପୂର୍ଣ୍ଣାଙ୍ଗ ଅଭିଭାଷଣ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ମିନତୀ ରାଉତ, ମୁଖ୍ୟବକ୍ତା ଭାବେ ସରପଞ୍ଚ ନହୁଷ ନାୟକ ଓ ସ୍ୱର୍ଣ୍ଣଲତା ବେହୁରା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ଙ୍କୁ ନୂଆ ଓ ବୃତ୍ତି କିପରି ଛାତ୍ରଛାତ୍ରୀ ଙ୍କୁ ପ୍ରୋତ୍ସାହନ ଯୋଗାଇବ ସେ ସମ୍ପର୍କ ରେ ନିଜର ଅଭିଭାଷଣ ରଖିଥିଲେ । କାର୍ଯ୍ୟକ୍ରମ ରେ ଅଧାପକ ଡ଼ଃ ସୁଧୀର କୁମାର ବାରିକ, ସ୍ଥାନୀୟ ଜନନେତା ଉଦୟ ନାଥ ବେହୁରା ନିଜର ଅଭିଭାଷଣ ରଖିଥିବାବେଳେ ନୂଆ ଓ ର ନୋଡାଲ ଅଫିସର ଅଧାପକ ପ୍ରତାପ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ଅତିଥି ମାନେ ଛାତ୍ରଛାତ୍ରୀ ଙ୍କୁ ଅନୁଦାନ ପତ୍ର ପ୍ରଦାନ କରିଥିଲେ ।

## ବିଏସକେୱାଇ ନବୀନ କାର୍ଡ ବାଣ୍ଟିଲେ ବିଧାୟକ

ସାଲେପୁର ,(ସବ୍ୟୁ):ଆଜି ସାଲେପୁର ମଧୁସୂଦନ ମଣ୍ଡପରେ ବି.ଏସ.କେ. ୱ ।ଇ ନବୀନ କାର୍ଡ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆମ୍ବ ସଭାପତି ଦିଲ୍ଲୀପ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ସାଲେପୁର ବ୍ଲକର ୩୫ଗୋଟି ପଞ୍ଚାୟତର ପାଖାପାଖି ୬୦୦ ଜଣଙ୍କୁ ନୂତନ ଭାବେ ପାଇଥିବା ବି .ଏସ.କେ.ୱାଇ ନବୀନ କାର୍ଡ ପ୍ରଦାନ କରିଥିଲେ ।ଏହି କାର୍ଡ ୩୫ଟି ପଞ୍ଚାୟତର ୪ହଜାରରୁ ଉର୍ଦ୍ଧ ନୂତନ ଭାବେ ପାଇବାକୁ ଯୋଗ୍ୟ ହୋଇଥିବା ଜଣା ଯାଇଛି । ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହି କାର୍ଡରେ ଜଣେ ମହିଳା ଦଶ ଲକ୍ଷ ଓ ଜଣେ ପୁରୁଷ ପାଞ୍ଚ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସେବା ପାଇପାରିବେ ।ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ ବ୍ଲକ ଅଧକ୍ଷ ରାମଚନ୍ଦ୍ର ଭୋଇ, ବି. ଡି.ଓ ଖଗେଶ୍ୱର ପାତ୍ର, ଜିଲ୍ଲା ପରିଷଦ ସଭ୍ୟା ନମିତା ସେଠୀ, ରଞ୍ଜିତା ସେଠୀ, ହରପ୍ରସନ୍ନ ବେହେରା, ସରପଞ୍ଚ ସଞ୍ଜୟ ବେହୁରା, ଜ୍ଞାନରଞ୍ଜନ ପଟ୍ଟନାୟକ, ଅଶୋକ ଭୂୟାଁ,ଉପାଧାକ୍ଷାଙ୍କ ପ୍ରତିନିଧି ବିଶ୍ୱଜିତ ବିଶ୍ୱାଳ, ଯୁବ ନେତା ବିରଞ୍ଚି ନାରାୟଣ କର, ଗୁଲରେଜ ଅଲ୍ଲୀ, ରାଜେଶ ମହାନ୍ତି,ସମିତିସଭ୍ୟା ପୁଷ୍ପିତା ଭୂୟାଁ, ଗୌତମୀ ମଲ୍ଲିକ,ତ୍ରିପୁରା ବେହେରାଙ୍କ ସମେତ ବହୁ ପଞ୍ଚାୟତର ଜନପ୍ରତିନିଧି, ଜି.ଆର.ଏସ ଓ ଅଙ୍ଗନବାଡି କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ

## ଗୁଆଳିପୁର: ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ରଘୁନାଥପୁର,(ସବ୍ୟୁ) ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗୁଆଳିପୁର ପଂଚାୟତର ପାଟେଣୀ ଗାଁ ସ୍ଥିତ ଶାଳମୁଖୀ ମନ୍ଦିର ନିକଟରୁ ଆଜି ବରିଷ୍ଠ ବିଜେଡି ନେତା ଯୁଧୀଷ୍ଠିର ସେଠୀଙ୍କ ନେତୃତ୍ୱରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଦଳିୟ ପର୍ଯ୍ୟବେକ୍ଷକ ସୁରେନ୍ଦ୍ର ନାଥ ରାଉତ, ସହ ପର୍ଯ୍ୟବେକ୍ଷକ ରାଜେନ୍ଦ୍ର ମିଶ୍ର, ଜିଲ୍ଲା ପରିଷଦ ସଭ୍ୟା ରୀନାରାଣୀ ମଲ୍ଲିକ, ସରପଂଚ ମନୋଜିନୀ ସାହୁ, ସମିତି ସଭ୍ୟ କମଳାକାନ୍ତ ପରିଡା, ବିଜେଡି ନେତା ନିହାର ରଂଜନ ସାହୁ, ବିଜେଡି ନେତା ଅଭିମନ୍ୟୁ ସାହୁ ଓ ଶତାଧିକ ମହିଳାକର୍ମି, ବିଜେଡି କର୍ମୀମାନେ ଯୋଗଦେଇ ଘର ଘର ବୁଲି ଲୋକମାନଙ୍କୁ ବିଜେଡି ସରକାରଙ୍କ ଜନ ହିତକର ଯୋଜନା ଗୁଡିକ ସଂମ୍ପର୍କରେ ବିଝାଇଥିଲେ ।

## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ କାର୍ଡ ବଣ୍ଟନ

ରାଜନଗର ,(ସବ୍ୟୁ): ରାଜନଗର ବ୍ଲକ ମହିଁସାସୁର ପଡ଼ିଆରେ ଗୁରୁବାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି । ବିଡିଓ ନିଶାନମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀମାନଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ବଣ୍ଟନ କରିଥିଲେ ।

## ଜନ ଶିକ୍ଷଣ ସଂସ୍ଥାନ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ



ଜଗତସିଂହପୁର,(ସବ୍ୟୁ):ଜନ ଶିକ୍ଷଣ ସଂସ୍ଥାନ, ଜଗତସିଂହପୁର ଦ୍ୱାରା ଆନ୍ତର୍ଜାତୀୟ ମହିଳା ଦିବସ ଜନ ଶିକ୍ଷଣ ସଂସ୍ଥାନ ପରିସରରେ ଅନୁଷ୍ଠିତ ହୋଇଯାଇଅଛି ।ଏହି ଅବସରରେ ସଂସ୍ଥାନ ତରଫରୁ ବିଭିନ୍ନ ଧନ୍ଦାମୂଳକ ତାଲିମ୍‌ର ପୁରାତନ ପ୍ରଶିକ୍ଷାର୍ଥୀ ମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ ଗୁଡିକୁ ପ୍ରଦର୍ଶୀତ କରାଯାଇଥିକଲା ।ସଂସ୍ଥାନର ଅଧକ୍ଷ କ୍ଷୀରୋଦ ଚନ୍ଦ୍ର ମହାପାତ୍ର ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥୀ ଭାବେ ଜଗତସିଂହପୁର ବ୍ଲକ ଅଧକ୍ଷା କନକପ୍ରଭା ଲେଙ୍କା, ସମ୍ମାନନୀତ ଅତିଥି ଭାବେ ସରକାରୀ ନପଲିଟେକନିକର ଅଧକ୍ଷା କଳ୍ପନା ପାଣିଗ୍ରାହୀ,ଜିଲ୍ଲା ନିୟୋଜନ ଅଧିକାରୀ ଗତିକୃଷ୍ଣ ବେହେରା ପ୍ରମୁଖ ଯୋଗ ଦେଇ ଜନ ଶିକ୍ଷଣ ସଂସ୍ଥାନର ମହିଳା ମାନଙ୍କୁ ସ୍ୱାବଲମ୍ବୀ କରାଇବାର ପ୍ରୟାସକୁ ଭୁୟସୀ ପ୍ରଶଂସା କରିବା ସହ ମହିଳା ମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ ।ସଂସ୍ଥାନର ନିର୍ଦ୍ଦେଶକ କିଶୋର କୁମାର ସାମଲ ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିବା ବେଳେ ଶଶୀ ଭୂଷଣ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ତରରୁ ୦୩ ଜଣ ଉତ୍ତମ ପ୍ରଶିକ୍ଷିକାଙ୍କୁ ଓ ଜିଲ୍ଲା ସ୍ତରରେ ୦୩ ଗୋଟି କାର୍ଯ୍ୟରତ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ୪୦ ରୁ ଉର୍ଦ୍ଧ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ସହ ସମ୍ମାନୀତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ଜିଲ୍ଲାର ସମସ୍ତ ବ୍ଲକରୁ ୨୫୦ ତାଲିମାର୍ଥୀ ଓ ସଂସ୍ଥାନର ସମସ୍ତ ତାଲିମ୍ଦାତା ଯୋଗ ଦେଇଥିଲାବେଳେ ସଂସ୍ଥାନର ସହ କର୍ମଚାରୀ ବିନୋଦ ବିହାରୀ ସାମଲ, ରମେଶ ଚନ୍ଦ୍ର ଖୁଂଟିଆ, ଲିପିକା କାନୁନଗୋ, ପ୍ରଜ୍ଞାପାରମିତା ସ୍ୱାଇଁ, ଆଶିଷ୍ ରଂଜନ ସେନାପତି,ସୁରେନ୍ଦ୍ର ପରିଡା ଓ ମାନସ କୁମାର ସେଠୀ ସଭାକୁ ଆୟୋଜନ କରିଥିଲେ ।ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ହିସାବ ରଖିଲେ ସାଂସଦ



ବ୍ୟାସନଗର,(ଜିପ୍ର): ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ ନିଜର ପାଞ୍ଚବର୍ଷ କାର୍ଯ୍ୟକାଳ ସଂପର୍କରେ ଏକ ସାମ୍ବାଦିକ ସମ୍ମିଳନୀରେ ହିସାବ ରଖିଛନ୍ତି । ଶ୍ରୀମତୀ ସେଠୀଙ୍କ ସୂଚନା ଅନୁଯାୟୀ ସାଂସଦ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୧୦ଗୋଟି ବ୍ଲକକୁ ଅନୁଦାନ ଦେବା ସହ ପ୍ରତ୍ୟେକ ବ୍ଲକରେ ବିଭିନ୍ନ ବାବଦରେ ଦେଇଥିବା ଅର୍ଥର ମଧ ହିସାବ ଦେଇଛନ୍ତି । ଶିକ୍ଷା କ୍ଷେତ୍ରରେ ସର୍ବାଧିକ ୪୨ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଥିବା ବେଳେ ଗୋଷ୍ଠି କେନ୍ଦ୍ର ପାଇଁ ୧୪ ପ୍ରତିଶତ, ଆଲୋକିକରଣରେ ୧୧ ପ୍ରତିଶତ, ରାସ୍ତା ନିର୍ମାଣରେ ୯ପ୍ରତିଶତ, ବିଶ୍ରାମଗାର ପାଇଁ ୮ ପ୍ରତିଶତ ଓ ଅନ୍ୟାନ୍ୟ ବାବଦରେ ୧୬ ପ୍ରତିଶତ ଅର୍ଥରାଶି ଖର୍ଚ୍ଚ କରିଛନ୍ତି ବୋଲି ସେ ସୂଚନା ଦେଇଥିଲେ । ଶ୍ରୀମତୀ ସେଠୀତାଙ୍କ ପାଞ୍ଚବର୍ଷ କାର୍ଯ୍ୟକାଳ ମଧ୍ୟରେ ସଂସଦରେ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ । ଯାଜପୁର ଜିଲାବାସୀଙ୍କ ସହଯୋଗରେ ସାଂସଦ ପାଣ୍ଠିର ସଠିକ ବିନିଯୋଗ ହୋଇପାରିଥିବାରୁ ଶ୍ରୀମତୀ ସେଠୀ ଜିଲାବାସୀଙ୍କ ପାଖରେ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ୩୦ରେ ଓକିଲ ସଂଘ ନିର୍ବାଚନ

ଜଗତସିଂହପୁର,(ସବ୍ୟୁ):ଓଡିଶା ରାଜ୍ୟ ଆଇନଜିବୀ ପରିଷଦ ନିର୍ଦ୍ଦେଶନାମା ଅନୁସାରେ ସାରା ରାଜ୍ୟର ସମସ୍ତ ଓକିଲ ସଂଘ ନିର୍ବାଚନ ଆସନ୍ତା ୩୦ ତାରିଖରେ ଅନୁଷ୍ଠିତ ହେବ ।ଏହି ଅବସରରେ ଜିଲ୍ଲା ଓକିଲ ସଂଘ,ଜଗତସିଂହପୁର ର ବାର୍ଷୀକ ସାଧାରଣ ନିର୍ବାଚନ ପାଇଁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି ।ଏହି ନିର୍ବାଚନ ପାଇଁ ଆସନ୍ତା ମାର୍ଚ୍ଚ ୧୧ ତାରିଖ ଓ ୧୨ ତାରିଖରେ ନାମାଙ୍କନ ପତ୍ର ଦାଖଲ ହେବାକୁ ଥିବା ବେଳେ ୧୩ ତାରିଖରେ ପଦବୀ ଅନୁସାରେ ପ୍ରାର୍ଥୀମାନଙ୍କର ତାଲିକା ପ୍ରକାଶ ପାଇବ ।୧୪ ତାରିଖରେ ଯାଞ୍ଚ ପରେ ୧୫ ତାରିଖରେ ଯୋଗ୍ୟ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇବ ।୧୬ ତାରିଖରେ ନାମାଙ୍କନ ପତ୍ର ପତ୍ର ପ୍ରତ୍ୟାହାର ପରେ ୧୮ ତାରିଖରେ ଚୁଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ।ଆସନ୍ତା ୩୦ତାରିଖରେ ଭୋଟ ଗ୍ରହଣ କରାଯିବ ।ଏହି ନିର୍ବାଚନରେ ସଭାପତି, ଉପସଭାପତି,ସଂପାଦକ,ଯୁଗ୍ମ ସଂପାଦକ,କୋଷାଧକ୍ଷ ଓ ଗୋଟିଏ ମହିଳା ପରିଚାଳନା କମିଟି ପଦବୀ ସହିତ ୭ଟି ପରିଚାଳନା କମିଟି ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ ।ଜିଲ୍ଲା ଓକିଲ ସଂଘର ନିର୍ବାଚନ ଅଧିକାରୀ ଭାବରେ ବରିଷ୍ଠ ଆଇନଜିବୀ ଶ୍ରୀକାନ୍ତ ନନ୍ଦ ଏହି ନିର୍ବାଚନ ପରିଚାଳନା କରୁଛନ୍ତି ।

## ଡେରାବିଶ ଡିଗ୍ରୀ ମହିଳାରେ ନୂଆ-ଓ ଛାତ୍ରବୃତି ପ୍ରଦାନ

ଡେରାବିଶ ,(ସବ୍ୟୁ): ଡେରାବିଶ ଡିଗ୍ରୀ ମହିଳା ମହାବିଦ୍ୟାଳୟର ଛାତ୍ରୀମାନଙ୍କୁ ନୂଆ-ଓ ଛାତ୍ରୀବୃତି ପ୍ରଦାନ କରାଯାଇଛି । ଏହି ଉପଲକ୍ଷେ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଇଂ ଭକ୍ତକବି ଦାଶ ସଭାପତିତ୍ୱ କରିଥିଲେ । ଏଥିରେ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରଭାକର ସାମଲ , ଶିକ୍ଷାବିତ ଗୋଲଖ ଚନ୍ଦ୍ର ମହାଭୋଇ ଓ ପ୍ରାକ୍ତନ ସଦସ୍ୟ ରଜନୀକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇ ଏହି ବୃତି ପ୍ରଦାନର ଲକ୍ଷ ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ମହାବିଦ୍ୟାଳୟର ୧୦୮ଜଣ ଛାତ୍ରୀଙ୍କୁ ବୃତି ଅନୁଦାନପତ୍ର ପ୍ରଦାନ କରାଯାଇଥିଲା । ଏହି ଉତ୍ସବକୁ ଅଧାପିକା ସୁଶ୍ରୀ ସଂଗୀତା ସାମଲ, ଜ୍ୟୋତିର୍ମୟୀ ସାହୁ, ଅଧାପକ ରାଜେନ୍ଦ୍ର ବେହେରା, ବିଜୟ କୁମାର ଘଡେଇ, ଶୁଭପ୍ରକାଶ ସାମଲ, ଦୀପ୍ତିମୟୀ ମହାନ୍ତି, କିଶୋର ଶତପଥି ଓ କଲ୍ୟାଣୀ ମଳିକ ପରିଚାଳନା କରିଥିଲେ ।

## ଶିଶୁମାନେ ହିଁ ଅମୃତସମ୍ଭାବନାର ବିନ୍ଦୁମାନ

ମାହାଙ୍ଗା: ମାହାଙ୍ଗା ବ୍ଲକର ହଳଦିଆ ପଂଚାୟତ ଅନ୍ତର୍ଗତ ଇଟାମୁଣ୍ଡୁଳୀ ପ୍ରାଥମିକ ବିଦ୍ୟାଳୟ ଓ ବୁଢୀଜାଗୁଳାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିକ୍ଷାବିତ୍ ସୁରେନ୍ଦ୍ରନାଥ ଶତପଥିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ବକ୍ତା ଭାବେ ପଣ୍ଡିତ ଡ. କରୁଣାକର ମିଶ୍ର ଯୋଗଦେଇ ଚଳିତ ବର୍ଷ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ କୃତୀତ୍ୱ ହାସଲ କରିଥିବା ଚାରି ଜଣ ଛାତ୍ର ଛାତ୍ରୀଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହିତ ଭଲ ପାଠ ପଢିବା ଓ ସଂସ୍କାରୀ ହେବା ଉପରେ ଗୁରୁତ୍ୱାରୋପ କରି ଛାତ୍ର ଛାତ୍ରୀମାନେ ଗୁରୁଗୁରୁଜନ ଓ ପିତାମାତାଙ୍କୁ ପ୍ରତିଦିନ ବିଦ୍ୟାଳୟକୁ ଆସିବା ପୂର୍ବରୁ ନମସ୍କାର କରିବାକୁ ପରାମର୍ଶ ଦେଇଥିଲେ । ଏହା ସହିତ ଶିଶୁମାନେ ହିଁ ଅମୃତସମ୍ଭାବନାର ବିନ୍ଦୁମାନ ବୋଲି ପ୍ରକାଶ କରିଥିଲେ । ସମ୍ମାନୀତ ଅତିଥି ଭାବେ ସରପଂଚଙ୍କ ପ୍ରତିନିଧି ଜ୍ଞାନେନ୍ଦ୍ର କୁମାର ସାହୁ, ବିଦ୍ୟାଳୟର ପ୍ରଧାନଶିକ୍ଷକ ତ୍ରିଲୋଚନ ଜେନା, ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ଶତପଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତାରା ପ୍ରସନ୍ନ ମହାପାତ୍ର, ଚୌଧୁରୀ ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଶରତ ଚନ୍ଦ୍ର ମିଶ୍ର, ସିଆରସିସି ସେକ୍ ସନୱର ଅଲୀ, ସହକାରୀ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ରାଉତ, ନିରଞ୍ଜନ ଯୁବକ ସଂଘର ମୁଖ୍ୟ ଭର୍ତ୍ତୃହରି ମିଶ୍ର ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ନାମକୁ ଟେକ ରଖିବା ପାଇଁ ଅଭିଭାବକମାନେ ପିଲାମାନଙ୍କର ଶିକ୍ଷାପ୍ରତି ଧ୍ୟାନ ଦେବା ସହ ପିଲାମାନଙ୍କୁ ସଂସ୍କାରୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଅତିଥିମାନେ ଚଳିତ ବର୍ଷ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ରୋଜାଲିନ୍ ବେହେରା, ତନ୍ମୟୀ ସାହୁ, ଚିନ୍ମୟ ବେହେରା, ଆକାଂକ୍ଷା ବେହେରାଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଅର୍ଥରାଶି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ସହକାରୀ ଶିକ୍ଷକ ଦିବାକର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଭ୍ୟସଭ୍ୟା, ଅଭିଭାବକ, ଛାତ୍ର ଛାତ୍ରୀ ନିରଞ୍ଜନ ଯୁବକ ସଂଘର ସଭ୍ୟସଭ୍ୟାମାନେ ଉପସ୍ଥିତ ରହିଥିଲେ ।

## ବେଲେଶ୍ୱର ସଂସ୍କୃତ କଲେଜରେ ନୂଆ–ଓ ଛାତ୍ରବୃତ୍ତି ବିତରଣ



ନେମାଳ,(ସବ୍ୟୁ):ନେମାଳ ଥାନା ଅନ୍ତର୍ଗତ ବେଲେଶ୍ୱର ମହାଦେବ ସଂସ୍କୃତ ମହାବିଦ୍ୟାଳୟ ପୁରୁଣାପାରି ଆନୁକୂଲ୍ୟରେ ନୂଆ–ଓ ଛାତ୍ରବୃତ୍ତି ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷା ଲକ୍ଷ୍ମୀପ୍ରୀୟା ବଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ବିଜେଡି କାଯ୍ୟକାରୀ ସଭାପତି ପ୍ରମୋଦ ନାୟକ ଯୋଗଦେଇ ଉଚ୍ଚ ଶିକ୍ଷାରେ ନୂଆ–ଓ ଛାତ୍ରବୃତ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଏକ ଅଭିନବ ପ୍ରୟାସ ଯାହାକି ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତ ଗଢିବାରେ ସହାୟକ ହେବ ବୋଲି ସୁଚନା ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସମାଜସେବୀ ବିଶ୍ୱଜିତ ପରିଡା,ଅଧାପିକା ଗିତାଞ୍ଜଳି ବଳ,ଅଧାପିକା ଶୁଭସ୍ମିତା ନାୟକ,ଅଧାପିକା ମୋନାଲିସା ତ୍ରିପାଠି,ଯାଦବାନନ୍ଦ ପତି,ଚିତ୍ରାଙ୍ଗନା ସାହୁ,ମନୋରଞ୍ଜନ ଲେଙ୍କା,ଉମେଶ ଚନ୍ଦ୍ର ସାମଲ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧାପିକା ତର୍ଟିନି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।